

ମହାନଗରୀରେ ଟାରଜନ୍

Digitized by PPRACHIN, SOA

ଟାରଜନ ସିରଜ୍

ତୃତୀୟ ଖଣ୍ଡ

୧୯୮୪

ମହାନଗରୀରେ ଟାରଜନ୍

ଅକ୍ଷୟ କୁମାର

Digitized by PPRACHIN, SOA

ସାଥୀ ପ୍ରକାଶନ
ଓଡ଼ିଆ ବଜାର, କଟକ

ଚତୁର୍ଥ ସଂସ୍କରଣ
୧୯୮୪

କେତନ ଆର୍ଟ ପ୍ରିଣ୍ଟର୍ସ
ଓଡ଼ିଆ ବଜାର, କଟକ-୧

Digitized by PPRACHIN, SOA

ଏକ

ରାତି ଏଗାରଟାରୁ ଅଧିକ ହେଲାଣି । କୃଷ୍ଣପକ୍ଷ ରାତି । ପୁଣି ବର୍ଷାର ଘନଘଟା ପୂର୍ଣ୍ଣହୋଇ ରହିଛି ଆକାଶରେ । ବହଳ ମେଘର ଛାଇ ରାତି ଅନ୍ଧାରରେ ନିସ୍ତବ୍ଧ । କିନ୍ତୁ ଯେତେବେଳେ ବିଜୁଳି ଚକ୍ ଚକ୍ କରି ଝଲସି ଉଠୁଛି; ସେତିକିବେଳେ ପରସ୍ତ ପରସ୍ତ ମେଘର କୁଣ୍ଡଳୀ ଦିଶିଯାଉଛି ଆକାଶସାରା ।

ଗୋଟିଏ ପଟରେ ମାଇଲ ମାଇଲ ଧରି ଲମ୍ବି ରହିଥିବା ଅନୁଚ୍ଚ ଆବୁଡ଼ା-ଖାବୁଡ଼ା ପାହାଡ଼ଟା, ଆରପାଖରେ ନିବିଡ଼ ଜଙ୍ଗଲ । ମଝିରେ ରାସ୍ତା । ପିଚୁ ଅବଶ୍ୟ ନୁହେଁ, କିନ୍ତୁ ପାହାଡ଼ିଆ ରାସ୍ତା, ଉଚ୍ଚଖାଲ ହେଲେ ବି ଧୂଳିକାଦୁଅ ନୁହେଁ, ପଥୁରିଆ । ରାସ୍ତାର ଧାରଠାରୁ ଆରମ୍ଭ କରି କାହିଁ କେତେଦୂର ଯାଏ ବିସ୍ତୃତ ହୋଇରହିଛି ଶାଳ, ପିଆଶାଳ ଗଛ ଆଉ ବଣୁଆ ଲଟାବୁଦାର ଘୋର ଜଙ୍ଗଲ । ରାସ୍ତାର ଅନ୍ୟ ଧାରଠାରୁ ଆରମ୍ଭ ହୋଇଛି ପାହାଡ଼ କାନ୍ଥି । ସେ ବି ଜଙ୍ଗଲମୁକ୍ତ ନୁହେଁ । ଅବଶ୍ୟ ବଡ଼ ବଡ଼ ଗଛର ଜଙ୍ଗଲ ନୁହେଁ, ବଣୁଆ ଲଟା ଆଉ ଛୋଟ ଛୋଟ ବୁଦା-ଗଛରେ ପୂର୍ଣ୍ଣ । ତଥାପି ମେଘ ଘନଘଟା ପୂର୍ଣ୍ଣ । କୃଷ୍ଣପକ୍ଷ ନିର୍ଜନ ରାତିରେ ବିଜୁଳିର ମୁହୂର୍ତ୍ତି ମାତ୍ର ଝଲସା ଆଲୋକରେ ତାର ଦୃଶ୍ୟ ଯେ କି ବିଭୀଷିକାପୂର୍ଣ୍ଣ, ତାହା ବର୍ଣ୍ଣନାର ଅତୀତ । ଖାଲି ସେତିକି ନୁହେଁ, ହିଂସ୍ର ଜନ୍ତୁଙ୍କର ସମ୍ଭାବନା ଥିଲା ପ୍ରତି ମୁହୂର୍ତ୍ତରେ । ସାଧାରଣତଃ ରାତିରେ ଏଇ ରାସ୍ତା ଅତିକ୍ରମ କରି ପାହାଡ଼ ଉପରକୁ ଯାଇଥାନ୍ତି ସେମାନେ । ଏଇ ରାସ୍ତା ଉପରେ ବହୁ ପଥିକ ଅସମୟରେ ହିଂସ୍ର ଜନ୍ତୁଙ୍କ ଆକ୍ରମଣରେ ପ୍ରାଣ ହରାଇଥିବାର ଶୁଣାଅଛୁ । ସେଥିପାଇଁ ଅପରାହ୍ଣ ଚାରିଟା ବାଜେ ନ ବାଜେ ଏ ରାସ୍ତାଟା ଯାତାୟାତ ପକ୍ଷେ ବନ୍ଦ ହୋଇଯାଏ, ପୁଣି ପରଦିନ ସକାଳ ସାଢ଼େ ସାତଟା ଆଠଟା ବେଳ ପର୍ଯ୍ୟନ୍ତ । ସେ ବି ଖାଲି ପାଦଚଲା ଲୋକ ଜଣେ ଯିବାକୁ ସାହସ କରେ ନାହିଁ । ଜଣକୁ ଦି'ଜଣ କିମ୍ବା ତହିଁର ଅଧିକ ଲୋକ ଏକାଠି ହୋଇ ଖୁବ୍ ସତର୍କଭାବରେ ଏଇ ରାସ୍ତା ଅତିକ୍ରମ କରନ୍ତି । ପଥ

Digitized by PPRACHIN, SOA

ବି ଖୁବ୍ ଦୀର୍ଘ । କୋଡ଼ିଏ ମାଇଲରୁ ଊଣା ନୁହେଁ । ସେଇ ରାସ୍ତାରୁ ବଣୁଆ ରାସ୍ତା ବି ଅନେକ ପଶିଛି ବଣ ଭିତରକୁ ।—ସେସବୁ କାଠ ବ୍ୟବସାୟୀଙ୍କ ପାଇଁ ।

ଜଙ୍ଗଲ ବହୁତ ମାଇଲ ଯାଏ ବିସ୍ତୃତ । କିଛି ବାଜେ ଗଛ ବି ନୁହେଁ— ଖାଲି ଶାଳ, ପିଆଶାଳ ପ୍ରଭୃତି ଉଚ୍ଚ ଜାତିର ଗଛର ପ୍ରାଚୁର୍ଯ୍ୟ ସେଠି । ଜଙ୍ଗଲର ବିଭିନ୍ନ ଅଂଶକୁ ବର୍ଷର ବିଭିନ୍ନ ସମୟରେ କାଠବ୍ୟବସାୟୀମାନେ କାଠ କାଟିବାକୁ ଯାଆନ୍ତି । ଏସବୁ ବାର୍ଷିକ ପଟ୍ଟାଦାର । ପ୍ରତ୍ୟେକ ବ୍ୟବସାୟୀଙ୍କର କେତେ ଦଳ ବୁଲିଥାନ୍ତି । ଏମାନଙ୍କୁ ଜଙ୍ଗଲ ଭିତରେ ଆଶ୍ରୟ ଯୋଗାଇଦେବା ପାଇଁ କାଠ-ବ୍ୟବସାୟୀମାନେ ଛୋଟ ଛୋଟ ଘର ତିଆରି କରି ରଖିଥାନ୍ତି ଜଙ୍ଗଲ ଭିତରେ । ରାତିରେ ବୁଲିଦଳ ଏଇ ଆଶ୍ରୟସ୍ଥଳମାନଙ୍କରେ ଆଶ୍ରୟ ଗ୍ରହଣ କରନ୍ତି ।

ସେଦିନ କି ଦୁର୍ଯୋଗ କେଜାଣି, ଧନକୁବେର କାନ୍ତିଲାଲ ପଟ୍ଟନାୟକ ସେଇ ବିପଦପୂର୍ଣ୍ଣ ରାତିରେ ନିଜ କାର୍‌ରେ ଡ୍ରାଇଭ୍ କରି ଆସୁଥିଲେ ଏକା ଏକା । ଦୁର୍ଯୋଗ ଘଟିବାର ସମୟ ଯେତେବେଳେ ପଡ଼େ, ସେତେବେଳେ ତାର ପଥ ସବୁଦିଗରୁ ପରିଷ୍କାର ହୋଇଯାଏ । ସେଦିନ ସକାଳୁ କାନ୍ତିଲାଲବାବୁ ଯାଇଥିଲେ ବହୁ ଦୂରରେ ଅବସ୍ଥିତ ତାଙ୍କର କୌଣସି କାରଖାନା ପରିଦର୍ଶନରେ । କାରଖାନା ମଫସଲରେ; କିନ୍ତୁ ଘର ସହରରେ । ମଝିରେ ଶତାଧିକ ମାଇଲ ବ୍ୟବଧାନ । ତା'ରି ଭିତରେ ଏଇ ବିପଦସଙ୍କୁଳ ନିବିଡ଼ ଜଙ୍ଗଲ ।

କାରଖାନା ପରିଦର୍ଶନ ପରେ ତାଙ୍କର ରାତି ଯାପନର ବ୍ୟବସ୍ଥା ଥିଲା ସେଇଠି । ପରଦିନ ଦଶଟାରେ ଫେରିବାର କଥା । ଡ୍ରାଇଭର ଥିଲା ସାଙ୍ଗରେ । ତା'ର ଘର ମଧ୍ୟ କାରଖାନାଠାରୁ ଦୁଇ ତିନି ମାଇଲ ଦୂରରେ କେଉଁଠି । ମାଲିକଙ୍କର ରହିବା ପ୍ରସ୍ତାବ ଦେଖି, ସେ ସନ୍ଧ୍ୟାଠାରୁ ରାତିକ ପାଇଁ ଛୁଟି ନେଇ ଚାଲିଗଲା ତା ଘରକୁ । ରାତି ନଅଟା ହେବ; କାନ୍ତିଲାଲବାବୁ ଖାଇସାରି ଶୋଇବାର ଉପକ୍ରମ କରିବାକୁ ଯାଉଛନ୍ତି, ଏତିକିବେଳେ ତାଙ୍କର ସହର ଘରୁ କୌଣସି ଜରୁରୀ ଟେଲିଫୋନ୍ ଡାକରା ପାଇ ସଙ୍ଗେ ସଙ୍ଗେ ବାହାରିପଡ଼ିଲେ । ଡ୍ରାଇଭର ନ ଥିଲେ ବି ଚିନ୍ତା ନାହିଁ । ସେ ଥିଲେ ନିଜେ ଜଣେ ଭଲ ଡ୍ରାଇଭର । କାରଖାନା ମ୍ୟାନେଜର ଏବଂ ପଦସ୍ଥ କର୍ମଚାରୀ କେତେଜଣ ଅବଶ୍ୟ ପ୍ରକାରାନ୍ତରେ କାରଣ ଦେଖାଇ ବାରଣ କରୁଥିଲେ, ଏକାକୀ ଜଙ୍ଗଲ ରାସ୍ତାରେ ଯିବାପାଇଁ । ମାତ୍ର

Digitized by PPRACHIN, SOA

କାନ୍ତଲାଲ୍ ସମସ୍ତଙ୍କ କଥାକୁ ହସରେ ଉଡ଼ାଇଦେଇଥିଲେ । ପାଖରେ ରିଭଲ୍‌ଭର ଅଛି, ଦୁଇନଳିଆ ରାଇଫଲ୍ ଅଛି । ଆଉ ଭୟ କଣ ?

କାନ୍ତଲାଲ ଯୁବକ ନୁହନ୍ତି, ପ୍ରୌଢ଼ । ତଥାପି ଯୁବକର ସ୍ୱାସ୍ଥ୍ୟ, ଯୁବକସୁଲଭ କାର୍ଯ୍ୟକ୍ଷମତା ଏବଂ ଚାଞ୍ଚଲ୍ୟ ପରିପୂର୍ଣ୍ଣ ଥିଲା ତାଙ୍କଠାରେ । ଯେକୌଣସି ଦୁଃସାହସିକ କାର୍ଯ୍ୟରେ ହାତ ଦେବାକୁ ଏ ବୟସରେ ବି ଅଦମ୍ୟ ଆଗ୍ରହ ଥିଲା । ଅତଏବ ଏଇ ସାମାନ୍ୟ କାରଣରେ ଯଦି ଯାତ୍ରା ତାଙ୍କର ବ୍ୟାହତ ହେବ ବା କାହିଁକି ?

ଜଙ୍ଗଲ ରାସ୍ତାର ବିଭିଷିକା ବିଷୟରେ ବହୁ ଘଟଣା ସେ ଆଗରୁ ଶୁଣିଥିଲେ । ଆଜି କାର୍‌ରେ ଷ୍ଟାର୍ଟ ଦେଇ ଯାତ୍ରା ଆରମ୍ଭ କରିବା ସଙ୍ଗେ ସଙ୍ଗେ ବହୁପୂର୍ବରୁ ଶୁଣିଥିବା ଘଟଣାଗୁଡ଼ା ମନେ ପଡ଼ିଗଲା ତାଙ୍କର । ମନଟା କିଛିଏ ନରମିଗଲା ଏଥିରେ ତଥାପି ଦୁର୍ବଳତା କାଳେ ପ୍ରକାଶ ପାଇବ, ସେଥିପାଇଁ ମନର ଭାବ ମନରେ ଗୋପନ ରଖି କାର୍ ଛୁଟାଇଦେଲେ ସେ । କିନ୍ତୁ, ତାଙ୍କ କାନ ପାଖରେ କିଏ ଯେପରି ଘଣ୍ଟା ପିଟି କହିଦେଉଥିଲା ଯେ, ସେ ଠିକ୍ କାମ କରିନାହାନ୍ତି । ଆଗରେ ବିପଦ ।

ଲକ୍ଷ୍ୟସ୍ଥଳ ଶତାଧିକ ମାଇଲ ହେଲେ ବି ଚିନ୍ତା ନ ଥିଲା । ଯାହା କିଛି ଅସୁବିଧା ଏଇ ଜଙ୍ଗଲ ରାସ୍ତାକୁ ନେଇ । ସେଥିକୁ ଝଡ଼ବର୍ଷା ଆସନ୍ନ । ତଥାପି ଘଣ୍ଟାରେ ପଚାଶ ମାଇଲ ସ୍ପିଡ଼୍‌ରେ କାର୍ ଛୁଟାଇଲେ ସେ । ଅନ୍ଧାର ଚିରି କାର୍ ହେଡ୍‌ଲାଇଟ୍‌ର ଉଜ୍ଜ୍ୱଳ ଆଲୋକରେଖା ଲମ୍ବି ହୋଇ ପଡ଼ିଥିଲା ସାମନା ଦିଗରୁ ବହୁଦୂର ପର୍ଯ୍ୟନ୍ତ । ବର୍ଷା ଆରମ୍ଭ ହେଲା ପୂର୍ବରୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯିବାକୁ ନିତାନ୍ତ ନ ହେଲେ ଜଙ୍ଗଲଟା ପାରିହୋଇ ଯିବାକୁ ତାଙ୍କର ଆଶା ଥିଲା ।

ମାତ୍ର ମନୁଷ୍ୟର ଆଶା ସବୁବେଳେ ସଫଳ ହୁଏ ନାହିଁ । ଦୈବ ହିଁ ତାକୁ ଅସଫଳତା ଆଡ଼କୁ ଟାଣିନିଏ । କାନ୍ତଲାଲ ସେଦିନ କି ଦୁର୍ଯ୍ୟୋଗରେ ଯାତ୍ରା ଅନୁକୂଳ କରିଥିଲେ କେଜାଣି, ଜଙ୍ଗଲର ସୀମାରେ ପହଞ୍ଚିଲା ମାତ୍ରେ ବର୍ଷା ଏବଂ ତା ସାଙ୍ଗକୁ ପ୍ରବଳ ତୋଫାନ ଆରମ୍ଭ ହୋଇଗଲା । ମେଘ ବର୍ଷା ଓ ମେଘ ବର୍ଷା ! ଏପରି ପ୍ରବଳ ମେଘ ଆଉ ତୋଫାନ ଅଜ୍ଞାତରେ କେବେ ସେ ଦେଖିଛନ୍ତି

Digitized by PPRACHIN, SOA

ବୋଲି ତାଙ୍କର ସ୍ମରଣ ହେଉନାହିଁ । ପ୍ରକାଣ୍ଡ ପ୍ରକାଣ୍ଡ ଗଛଗୁଡ଼ା ପବନରେ ପ୍ରଚଣ୍ଡ ଆଘାତରେ ତଳେ ନଇଁଗଲା ପରି ହେଉଥାଏ । ତଥାପି କାନ୍ତିଲାଲ୍ ନିରସ୍ତ ନ ଥିଲେ ଖୁବ୍ ସତର୍କତାର ସହିତ ସାମନାକୁ ଧ୍ୟାନରଖି କାର୍ ଚାଳନା କରୁଥାନ୍ତି ।

ବେଳକୁ ବେଳ ବର୍ଷା ଆଉ ତୋଫାନର ବେଗ ବଢ଼ୁଥାଏ ବରଂ । ପ୍ରଚଣ୍ଡ ଶବ୍ଦ କରି ଖଣ୍ଡେ ଖଣ୍ଡେ ଛୋଟ ଛୋଟ ଡ଼ାଳ ବି ବେଳେବେଳେ ପଡ଼ୁଥାଏ ଗାଡ଼ି ଛାତ ଉପରେ । ସାମନା ପଟ କାଚରୁ ବର୍ଷାପାଣି ଆଦୌ ପରିଷ୍କାର ହେଉ ନ ଥାଏ । ରାସ୍ତା ଝାପ୍ସା, ରାସ୍ତା ଉପରେ ବି ଅସଂଖ୍ୟ ଭଙ୍ଗା ଡ଼ାଳ । କଣ୍ଟାର ବୁଦାଗୁଡ଼ା ଲଦି ହୋଇ ଯାଉଥାଏ ରାସ୍ତା ଉପରେ ବେଳେ ବେଳେ । କାନ୍ତିଲାଲବାବୁ ଦେଖିଲେ, ଏପରି ବିପଦ୍‌ଜନକ ପରିସ୍ଥିତିରେ ଗାଡ଼ି ଚଳାଇ ଆଗେଇବା ଅନୁଚିତ । ଗାଡ଼ିକୁ ଅଟକାଇବାର ଉପାୟ ବା କାହିଁ ? ସେପରି ଗୋଟାଏ ନିରାପଦ ସ୍ଥାନ ବା ମିଳୁଛି କେଉଁଠି ? ଝଡ଼ତୋଫାନ ସମୟରେ ଗଛ ତଳେ ଗାଡ଼ି ରଖିବାରେ ଘୋର ବିପଦ । ମନ ତାଙ୍କର ଏହିପରି ଦ୍ୱନ୍ଦ୍ୱରେ ଆନ୍ଦୋଳିତ ହେବା ସଙ୍ଗେ ସଙ୍ଗେ ଧୀର ମନ୍ଥର ଗତିରେ ଗାଡ଼ି ଚଳାଉଥାନ୍ତି ସେ । ହଠାତ୍ ତାଙ୍କ ମନରେ ଆଶାର କ୍ଷୀଣ ଆଲୋକରେଖା ଟିକିଏ ଉଦୟ ହେଲା । ଆଗରେ ଡାହାଣ ପଟରେ ସେ ଦେଖି ପାରିଲେ ଖଣ୍ଡିଏ ଖୁଣ୍ଟି ଉପରେ ଗୋଟିଏ ସାଇନବୋର୍ଡ଼ । ସେଥିରେ ଡାହାଣ ଦିଗକୁ ତୀର ଚିହ୍ନିତ ଇଙ୍ଗିତ ଦିଆଯାଇ ଲେଖାଯାଇଛି, "ଜଙ୍ଗଲ ବିଶ୍ରାମ ସ୍ଥଳ ଆଗରେ ।"

ସାଇନ୍‌ବୋର୍ଡ଼ଟା ଗୋଟାଏ ବିସ୍ମୟ ସୃଷ୍ଟି କଲା ତାଙ୍କ ମନରେ । ଆଜି ସକାଳେ ସେ ଏଇବାଟେ ଯାଇଛନ୍ତି, ଅଥଚ କାହିଁ ଏ ସାଇନବୋର୍ଡ଼ଟାକୁ ତ ଦେଖି ନ ଥିଲେ । କିନ୍ତୁ ବର୍ତ୍ତମାନ ? ହୁଏତ ତାଙ୍କର ଦୃଷ୍ଟିର ବହିର୍ଭୂତ ହୋଇଯାଇଛି କିପରି । ଏଇ ଯନ୍ତ୍ରଣା ମନେ ମନେ ଗ୍ରହଣ କରି ସେ ସେଇ ସାଇନବୋର୍ଡ଼ ପାଖରେ ପହଞ୍ଚିଗଲେ । ଡାହାଣହାତ ରାସ୍ତା ପଡ଼ିଛି । ଅଣଚଉଡ଼ା ହେଲେ ବି କାର୍‌ଟାଏ ଚାଲିଯାଇପାରିବ ।

ଭଲମନ୍ଦ ବିଚାର କରିବା ଭଳି ସମୟ ନ ଥିଲା ସେତେବେଳେ । ଏଇ ରାସ୍ତାରେ ଚାଲିଗଲେ ଆପାତତଃ ଖୁବ୍ ଶୀଘ୍ର ଏବଂ ପାଖରେ ଯେ ଆଶ୍ରୟସ୍ଥଳଟାଏ ମିଳିଯିବ, ସେଠାରେ ନିରାପଦ ବି ମଧ୍ୟ ଥିବେ, ଏଥିରେ ଆଦୌ ସନ୍ଦେହ ନାହିଁ ।

Digitized by PPRACHIN, SOA

ସେଠାରେ ପହଞ୍ଚିଗଲାଠୁ ତେଣିକି ରାତିସାରା ଝଡ଼ବର୍ଷା ଲାଗିରହୁନା କାହିଁକି, ଭୟ ନାହିଁ । ଏସବୁ ଭାବି ସେ ସେଇ ଦିଗରେ ଗାଡ଼ିର ମୋଡ଼ ଘୁରାଇଲେ ।

କାନ୍ତିଲାଲବାବୁ ଖୁବ୍ ପାଖାପାଖିରେ ଗୋଟାଏ ଆଶ୍ରୟସ୍ଥଳ ପାଇଯିବେ ବୋଲି ଆଶା କରୁଥିଲେ । କିନ୍ତୁ ବେଶ୍ ଖଣ୍ଡେ ବାଟ ଆସିଗଲା ପରେ ବି ସେ କୌଣସି ଆଶ୍ରୟସ୍ଥଳରେ ସନ୍ଧାନ ପାଇଲେ ନାହିଁ । କିନ୍ତୁ ରାସ୍ତାଟା ଅଙ୍କାବଙ୍କା ହୋଇ ଗତି କରିଥିଲା ନିବିଡ଼ ଜଙ୍ଗଲ ଭିତରେ । ଅବଶ୍ୟ ସେଥିରୁ ଆଉ କୌଣସି ରାସ୍ତା ବାହାରି ନ ଥିଲା । ଯାହାହେଉ ନା କାହିଁକି, ଗଛଟା ସାମନା ଗଛ ଗୁଣ୍ଡି ଡାହାଣ ପଟେ ଥିବାରୁ ଅଗତ୍ୟା ବର୍ଷା ତୋଫାନରୁ ରକ୍ଷା ମିଳିଯାଉଥିଲା ବହୁ ପରିମାଣରେ । ବିପଦ ବି ଦୁଣା ପଡ଼ିଯାଉଥିଲା ସେତିକି । ମନରେ ଗୋଟାଏ ବିରାଟ ଆଶା ନେଇ କାନ୍ତିଲାଲବାବୁ ଆଗ ଏବଂ ଉଭୟ ଦିଗକୁ ଦୃଷ୍ଟି ଦେଇ ଖୁବ୍ ଧୀରେ ଧୀରେ ଗାଡ଼ି ଚଳାଉଥିଲେ । ବର୍ଷା ତୋଫାନରେ ବେଗ ଥିଲା ଠିକ୍ ଆଗପରି ।

ହଠାତ୍ ତାଙ୍କର ଦୃଷ୍ଟି ପଡ଼ିଲା ଗୋଟାଏ ନୁଆଁଣିଆ ସ୍କୁଲଘର ଉପରେ । ମନେ ମନେ ଈଶ୍ୱରଙ୍କୁ ଅଜସ୍ର ଧନ୍ୟବାଦ ଦେବାକୁ ଲାଗିଲେ ସେ । ଯାହାହେଉ, ଏତେବେଳକେ ଆଶ୍ରୟସ୍ଥଳଟିଏ ମିଳିଛି । ଏଣିକି ରାତିସାରା ବର୍ଷା ତୋଫାନ ହେଉ ପଛେ ଚିନ୍ତା ନାହିଁ । ତୋଫାନ ଫଳରେ ଭଙ୍ଗାଡ଼ାଳ, ଗଛ ପ୍ରଭୃତି ପଡ଼ି ରାସ୍ତା ପ୍ରାୟ ଅବରୁଦ୍ଧ ହୋଇ ଯାଇଥିବ । ତେଣୁ ସକାଳ ହେବା ପର୍ଯ୍ୟନ୍ତ ଆପାତତଃ ଏଠାରେ ବିଶ୍ରାମ ନିରାପଦ । ଘରର କବାଟଟା ଆଉଜା ହେଲାପରି ରହିଛି ଖୁବ୍ ସମ୍ଭବ ତା ଭିତରେ ଚାଠକଟାଳିମାନେ ଥାଇପାରନ୍ତି । ଯଦି ପ୍ରକୃତରେ ସେମାନେ ଅଛନ୍ତି, ତେବେ ରାତିଟା ନିଃସଙ୍ଗରେ କଟିବ ନାହିଁ ତାଙ୍କର ।

ଘରର ଖୁବ୍ ପାଖାପାଖିରେ ଗାଡ଼ି ରଖି ଷ୍ଟାର୍ଟ ବନ୍ଦ କଲେ ସେ । ହାତରେ ଟର୍ଚ୍ଚଟା ଧରି ଏକପ୍ରକାର ଧାଇଁ ଧାଇଁ ଯାଇ ପିଣ୍ଡା ଉପରକୁ ଉଠିଗଲେ । କାରଣ ଗାଡ଼ି ଆଉ ପିଣ୍ଡା ମଧ୍ୟରେ ଯେତିକି ବ୍ୟବଧାନ ଥିଲା ସେତିକିକୁ ଚାଲି ଚାଲି ଅତିକ୍ରମ କରିଥିଲେ ସେ ହୁଏତ ସମ୍ପୂର୍ଣ୍ଣ ତିନ୍ତିଯାଇଥାନ୍ତେ । ପକେଟରେ ଥିଲା ତାଙ୍କର ରିଭଲଭର । ଗାଡ଼ି ଭିତରେ ରହିଲା ରାଇଫଲ ।

କାନ୍ତିଲାଲବାବୁ ଦରଜା ବନ୍ଦ ଥିବା ଦେଖି ଭାବିଲେ—ବୋଧହୁଏ ଲୋକମାନେ ଅଛନ୍ତି ଘର ଭିତରେ । ମେଘ ତୋଫାନ ଯୋଗୁଁ ଦରଜାଟା ବନ୍ଦ

Digitized by PPRACHIN, SOA

କରିଦେଇଛନ୍ତି । ସେ ପ୍ରଥମ ଖୁବ୍ ଧୀରେ ଧୀରେ କଡ଼ା ହଲାଇ ଶବ୍ଦ କଲେ, ତା ପରେ କବାଟରେ ହାତ ବାଡ଼େଇଲେ । ସଜୋରରେ ଆଘାତ କରିବା ଫଳରେ ଦ୍ୱିତୀୟ ବ୍ୟକ୍ତିଠାରୁ ପ୍ରତ୍ୟୁତ୍ତର ସିନା ମିଳିଲା ନାହିଁ, କିନ୍ତୁ ଦରଜାଟା ଖୋଲିଗଲା; ତା ସଙ୍ଗେ ସଙ୍ଗେ ଟର୍ଚ୍ଚର ଉଜ୍ଜ୍ୱଳ ଆଲୋକଶିଖା ପଡ଼ିଗଲା ଘର ଭିତରକୁ ।

ଘର ଭିତରର ଯେତିକି ଅଂଶ ଦେଖାଯାଉଥିଲା, ସେତିକି ଥିଲା ଶୂନ୍ୟ । ଭୁହାକୁ ଭୁହା ପବନ ସାଥିରେ ବର୍ଷା ଧୋଇଦେଉଥିଲା ପିଣ୍ଡା ଉପରକୁ । କାନ୍ତିଲାଲ-ବାବୁ ଅଗତ୍ୟା ଘର ଭିତରକୁ ପଶିଗଲେ । ଘର ଭିତରର ଉଷ୍ଣତା ତାଙ୍କୁ ବେଶ୍ ଆରାମପ୍ରଦ ବୋଧହେଲା । ସେ ଆଶ୍ୱସ୍ତିର ଗୋଟାଏ ନିଃଶ୍ୱାସ ପକାଇ ଟର୍ଚ୍ଚ ଲିଭାଇ-ଦେଲେ । କିନ୍ତୁ ଠିକ୍ ସେଇ ମୁହୂର୍ତ୍ତରେ ଭୀଷଣ ଗୋଟାଏ ଅଟ୍ଟହାସ୍ୟରେ ସେ ଘରଟା ଫାଟିପଡ଼ିଲା ଯେମିତି । ସେ ଶବ୍ଦରେ ଝଡ଼ବର୍ଷାର ତାଣ୍ଡବ ଶବ୍ଦ ବି ବୁଡ଼ିଗଲା କେଇ ମୁହୂର୍ତ୍ତ ପାଇଁ ।

ଶବ୍ଦଟାର ଭୀଷଣତା ସାଂଘାତିକଭାବରେ ଚମକାଇଦେଲା କାନ୍ତିଲାଲବାବୁଙ୍କୁ । ତଥାପି ମନରେ ଯଥେଷ୍ଟ ସାହସ ସଞ୍ଚୟ କରି ସେ ଗୋଟାଏ ହୋସ୍‌ରେ ଟର୍ଚ୍ଚ ଲାଇଟ୍ ଜଳାଇ ଆଗକୁ ପକାଇଲେ ହଠାତ୍ ଯେଉଁ ଭୟଙ୍କର ଦୃଶ୍ୟ ଉପରେ ଆଲୋକର ଉଜ୍ଜ୍ୱଳରେଖା ସ୍ଥିର ହୋଇଗଲା, ସେ ଦୃଶ୍ୟ ଦେଖିଲାମାତ୍ରେ ତାଙ୍କ ହାତରୁ ଠକ୍ କରି ଲାଇଟ୍‌ଟା ଖସିପଡ଼ିଲା । ସେ ବାହାରର ଝଡ଼, ଝଞ୍ଜା, ବର୍ଷା ଏବଂ ନିଜର ଆସନ୍ନ ବିପଦର କଥା ଭୁଲିଗଲେ କିଛି ସମୟ ପାଇଁ । ପରକ୍ଷଣରେ ସେ ପୁଣି ସଂବିତ୍‌କୁ ଫେରିଆସିଲେ । ମାତ୍ର ଏତେଦୂର ଭୀତ ହୋଇପଡ଼ିଥିଲେ ଯେ, ତଳୁ ଟର୍ଚ୍ଚ ଲାଇଟ୍‌ଟି ଉଠାଇବା ପାଇଁ ସୁଦ୍ଧା ତାଙ୍କର ସାହସ ହେଲା ନାହିଁ । ଉଜ୍ଜ୍ୱଳ ଆଲୋକରେ କେତେ ସେକେଣ୍ଡ ପାଇଁ ସେ ଯେଉଁ ବିରାଟକାୟ କୃଷ୍ଣବର୍ଣ୍ଣ ଦୈତ୍ୟା-କାର ମୂର୍ତ୍ତିଟା ଦେଖିଥିଲେ, ସେହି ମୂର୍ତ୍ତିଟା ଆହୁରି ଭୟଙ୍କର ଆକାରରେ ତାଙ୍କ ଆଗରେ ନାଚିବାପରି ସେ ଅନୁଭବ କଲେ । ପକେଟରେ ରିଭଲଭର ଥିଲା; କିନ୍ତୁ ସେଇଟିକୁ ଖୋଲି ବ୍ୟବହାର କରିବାପାଇଁ ସୁଦ୍ଧା ସ୍ମରଣାହେଲା ନାହିଁ ସେତେ-ବେଳେ । ଅତିରିକ୍ତ ଭୀତତ୍ରସ୍ତ ହୋଇପଡ଼ିଲେ ଲୋକର ଅବସ୍ଥା ଯାହା ହୁଏ, ସେଥିରୁ ବାଦ ଯାଇ ନ ଥିଲେ ସେ ।

Digitized by PPRACHIN, SOA

ଏତେ ବିହ୍ୱଳ ଅବସ୍ଥାରେ ବି ତାଙ୍କ ମନରେ ଧୈର୍ଯ୍ୟ ଯେତିକି ଥିଲା, ସେତିକି ଏକାଠି କରି ସେ ଦ୍ୱାରଦେଇ ପଳେଇ ପଳେଇ ଯିବାକୁ ଚେଷ୍ଟା କରୁଥିଲେ । ଦ୍ୱାର ଅବଶ୍ୟ ତାଙ୍କଠାରୁ ଅଧିକ ଦୂରରେ ନ ଥିଲା । ଘର ଭିତରେ ଗାଢ଼ ଅନ୍ଧକାର । କଳା, ବିଶାଳ ରୂପଟା ତାଙ୍କୁ ଆଉ ଦିଶୁ ନ ଥିଲା । କିନ୍ତୁ ଖୁବ୍ ପାଖରେ ସେ ତା'ର ସତ୍ତା ଅନୁଭବ କରିପାରୁଥିଲେ । ଏପରିକି ନିଃଶ୍ୱାସ ପ୍ରଶ୍ୱାସର ଖର ଶବ୍ଦ ମଧ୍ୟ ଶୁଣିପାରୁଥିଲେ ।

ଅବଶିଷ୍ଟ ସାହସ, ବଳ ଖର୍ଚ୍ଚ କରି ଦ୍ୱାରଦେଇ ବିଜୁଳି ବେଗରେ ବାହାରିପଡ଼ିଲେ ବାହାରକୁ । ଏତିକିବେଳେ ଝିକ୍‌ଝିକ୍ କରି ବିଜୁଳି ଝଲସିଉଠିଲା । ସେଇ ଆଲୋକରେ ସେ ଦେଖିପାରିଲେ ସେଇ କଳା ମୂର୍ତ୍ତିଟା ବି ତାଙ୍କ ପଛରେ ବାଘ ପରି କୁଦି କୁଦି ଆସୁଛି । ଆଉ ଦଶପନ୍ଦର ପାହୁଣ୍ଡ ଦୂରେଇଗଲେ ହୁଏ ତ ସେ ଜଙ୍ଗଲରେ କେଉଁଠି ଆତ୍ମଗୋପନ କରିପାରନ୍ତେ । ଏଇ ଆଶାରେ ସେ ବାରଣ୍ଡା ତଳକୁ ଡେଇଁପଡ଼ିବାକୁ ଉଦ୍ୟତ ହେଲେ । କିନ୍ତୁ ଗୋଟାଏ ପାଦସୁଧା ତାଙ୍କର ତଳ ସ୍ପର୍ଶ କରିନାହିଁ, ପଛପଟରୁ କାହାର ଦୃଢ଼ ମୁଷ୍ଟି ଚିପି ଟାଣିଧରିଲା ତାଙ୍କର ବେକକୁ । ସେ ଏକପ୍ରକାର ଝୁଲି ରହିଲାପରି ହୋଇ ରହିଗଲେ । ଅଦୃଶ୍ୟ ଆତତାୟୀର ମୁଠା ଆହୁରି ଦୃଢ଼ଭାବରେ ଚିପି ହୋଇ ଆସୁଥିଲା ତାଙ୍କ ଗଳା ଉପରେ । ଯନ୍ତ୍ରଣାରେ ଚିତ୍କାର କରିଉଠିଲେ ସେ । ଠିକ୍ ସେତିକିବେଳେ ଖୁବ୍ ଜୋରରେ ଗୋଟାଏ ଘଡ଼ଘଡ଼ି ଗର୍ଜିଉଠିଲା । ତା ସଙ୍ଗେ ସଙ୍ଗେ କାନ୍ତିଲାଲବାବୁ ଆହୁରି ବିକଟ ଚିତ୍କାର କରିଉଠିଲେ । ଆସ୍ତେ ଆସ୍ତେ ଚିତ୍କାର ତାଙ୍କର କ୍ଷୀଣ ହୋଇଆସିଲା, ତା'ପରେ ସବୁ ଚୁପ୍‌ଚାପ୍ । ଦେହଟା ତାଙ୍କର ଗଛକାଟିଲାପରି ପଡ଼ିଗଲା ବାରଣ୍ଡା ତଳକୁ ।

ପୁଣି ଥରେ ଝଲସି ଉଠିଲା ବିଜୁଳି । ତା ସଙ୍ଗେ ସଙ୍ଗେ ବିକଟ ହସଟାଏ ଶୁଣାଗଲା ଖୁବ୍ ଜୋରରେ । ପରମୁହୂର୍ତ୍ତରେ କଳା ମୂର୍ତ୍ତିଟା ଅଦୃଶ୍ୟ ହୋଇଗଲା ଜଙ୍ଗଲ ଭିତରେ ।

ଝଡ଼ବର୍ଷାର ବିରାମ ନ ଥିଲା ସେପର୍ଯ୍ୟନ୍ତ । ଗତି ବରଂ ଅଧିକ ହେଉଥିଲା କ୍ରମେ କ୍ରମେ ।

Digitized by PPRACHIN, SOA

ଦୁଇ

କାନ୍ତିଲାଲ ପଟ୍ଟନାୟକ କୋଟିପତି । ଏଇତକ ପରିଚୟ ତାଙ୍କର ଯଥେଷ୍ଟ । ସହରରେ ବିରାଟ ପ୍ରାସାଦ ତାଙ୍କର । ସେ ଅଭ୍ୟନ୍ତରର ସାଜସଜ୍ଜା ପୁଣି ଅପୂର୍ବ ଧରଣର । ପ୍ରାସାଦଟି କାନ୍ତିଲାଲଙ୍କ ଦ୍ୱାରା ନିର୍ମିତ ନୁହେଁ । ସେ'ଟା ତାଙ୍କ ବାପା ଜ୍ୟୋତିପ୍ରସାଦ ପଟ୍ଟନାୟକ ତିଆରି କରାଇଥିଲେ ବହୁ ବ୍ୟୟରେ । ଜ୍ୟୋତିପ୍ରସାଦ ବହୁ ବ୍ୟାଙ୍କ ବାଲାନ୍ସ ଏବଂ ଦୁଇଟି ପୁଅ ଛାଡ଼ିକରି ଯାଇଥିଲେ । ସେମାନଙ୍କ ମଧ୍ୟରୁ କାନ୍ତିଲାଲ ବଡ଼ ଏବଂ ପ୍ରୀତିଲାଲ ସାନ । ଦୁଇ ଭାଇ ଏକମନ, ଏକଆତ୍ମା କହିଲେ ଚଳେ ।

କାନ୍ତିଲାଲ ବିବାହିତ । ସେ ବଡ଼ ବିଷୟୀ । ପିତାଙ୍କ ଅର୍ଜିତ ସମ୍ପତ୍ତିକୁ ବଢ଼ାଇବାପାଇଁ ସେ ଲାଗିପଡ଼ିଛନ୍ତି । କେତେଟା ଲୁହାପଥର ଖଣି ଅଛି ତାଙ୍କର ସହରଠାରୁ ବହୁ ଦୂରରେ । ଏବେ ଗୋଟାଏ କାରଖାନା ବି ତିଆରି ଚାଲିଛି ।

ତାଙ୍କର ସ୍ତ୍ରୀ ସୁଲତା ଦେବୀ ସୁଗୃହିଣୀ । ପତିଭକ୍ତା, ପରିବାର ପରିଚାଳନା ବିଷୟରେ ସେ ଅଦ୍ୱିତୀୟା ।

ସାନଭାଇ ପ୍ରୀତିଲାଲ ଚବିଶ ପଚିଶି ବର୍ଷର ଯୁବକ । ବିଷୟ କର୍ମ, ବ୍ୟବସାୟରେ ସାମୟିକଭାବରେ ସାହାଯ୍ୟ କରନ୍ତି ବଡ଼ଭାଇଙ୍କୁ । ଉଚ୍ଚଶିକ୍ଷିତ ସେ, ବିଲାତରୁ ଇଞ୍ଜିନିୟରିଂ ପାସ୍ କରି ଆସିଛନ୍ତି । ନବନିର୍ମିତ କାରଖାନାଟି ତାଙ୍କରି ତତ୍ତ୍ୱାବଧାନରେ ନିର୍ମିତ ହେଉଛି ।

କାନ୍ତିଲାଲବାବୁଙ୍କର ଛଅବର୍ଷର ପୁଅଟିଏ—ସୁବ୍ରତ । ଯେପରି ଧୀରସ୍ଥିର, ସେପରି ମନସ୍ୱୀ । ତୁଳସୀ ଦୁଇପତରରୁ ବାସିଲା ପରି ତା'ର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଏବେଠୁଁ ମିଳୁଛି ।

କାନ୍ତିଲାଲଙ୍କ ପରିବାର ଭିତରେ ନିକଟତମ ଲୋକ ହେଲା ଗୃହର ହରି ପଧାନ । ସେ କାନ୍ତିଲାଲଙ୍କ ବାପାଙ୍କ ଅମଳରେ । ଏପରିକି କାନ୍ତିଲାଲଙ୍କୁ ବି କାଖକୋଳରେ ଧରି ଲାଳନପାଳନ କରିଛି ସେ । ପରିବାରରେ ତାକୁ ଭୃତ୍ୟର ଆସନ ଦିଅନ୍ତି ନାହିଁ କେହି ସେଥିପାଇଁ । ତଥାପି ଦିନରାତି ସେ କାମ କରୁଥାଏ ।

Digitized by PPRACHIN, SOA

ଏଇ ପରିବାରଟିର ମଙ୍ଗଳ ପାଇଁ । ତାର ସମ୍ପର୍କୀୟ କେହି କେଉଁଠି ଥିବାର ସେ ଜାଣେ ନ ହିଁ ।

ପ୍ରଥମ-ନିଯୁକ୍ତି ସମୟରେ ହରି ପ୍ରଧାନ ଥିଲା ଯୁବକ । ସେତେବେଳେ କାନ୍ତିଲାଲବାବୁଙ୍କ ପିତା ଜ୍ୟୋତିପ୍ରସାଦ ମଧ୍ୟ ଯୁବକ ଥିଲେ । ଅଳ୍ପଦିନ ମଧ୍ୟରେ ହରି ପଧାନ ଜ୍ୟୋତି ପ୍ରସାଦଙ୍କର ଅତ୍ୟନ୍ତ ବିଶ୍ୱସ୍ତ ହୋଇପଡ଼ିଥିଲା ଏବଂ କ୍ରମେ ତାଙ୍କର ଉପଦେଷ୍ଟା ମଧ୍ୟ ହୋଇପାରିଥିଲା । ଆଜି ହରି ପଧାନ ବୃଦ୍ଧ । ବୟସ ପ୍ରାୟ ପଚନ୍ତରିରୁ ଅଧିକ ହେବ । ଜ୍ୟୋତିପ୍ରସାଦ ଇହଧାମରୁ ବିଦାୟ ନେଲେଣି କେବେଠାରୁ । ଅଛି କେବଳ ହରି ପଧାନ ତାଙ୍କ ପରିବାରକୁ ଜଗି । କୌଣସି ଆଭିଜାତ୍ୟରୁ ରକ୍ତରୁ ଜାତ ହୋଇ ନ ଥିଲେ ମଧ୍ୟ ଜ୍ୟୋତିପ୍ରସାଦଙ୍କ ପ୍ରଭାବରୁ ସେ ଚାଲିଚଳଣି ଏବଂ ଚେହେରାରେ ସମ୍ପୂର୍ଣ୍ଣ ଅଭିଜାତବଂଶୀୟ ବୋଲି ଜଣାଯାଏ । ତାକୁ ଦେଖିଲେ ଯେ କେହି ଏ ପରିବାରର ଲୋକ ବୋଲି ଠଉରାଇବ ।

ଏଇକେତେ ଜଣଙ୍କୁ ଛାଡ଼ିଦେଲେ ଆଉ ଚାକର ଚାକରାଣୀ ଯେତେ ଜଣ ଅଛନ୍ତି, ସେମାନେ ଦୂରସମ୍ପର୍କୀୟ । ଏ ପରିବାର ସହିତ ସେମାନଙ୍କର ସମ୍ପର୍କ ବିଶେଷ କିଛି ନ ଥାଏ । ତେବେ ପରିବାରର ପ୍ରତ୍ୟେକଙ୍କଠାରୁ ସବୁବେଳେ ଭଲ ବ୍ୟବହାର ସେମାନେ ପାଆନ୍ତି ଏବଂ ଅନୁରୂପ ଓ ବିଶ୍ୱସ୍ତ ବ୍ୟବହାର ଦେଖାନ୍ତି ।

ମୋଟାମୋଟି କହିବାକୁ ଗଲେ ପରିବାରଟି ସୁଖସମୃଦ୍ଧିର ଚରମ ସୋପାନରେ ଅବସ୍ଥିତ ହୋଇଥାଆନ୍ତି ।

× × × ×

ପ୍ରକୃତିର ଖେଳ ବିଚିତ୍ର ।

କାନ୍ତିଲାଲ ପଟ୍ଟନାୟକଙ୍କ ଖଣି ଅଞ୍ଚଳଠାରୁ ସହର ଶତାଧିକ ମାଇଲ । ମଝିରେ ଜଙ୍ଗଲ । ଖଣିଅଞ୍ଚଳଠାରୁ ପ୍ରାୟ ପଚିଶ ମାଇଲ ଏବଂ ସହରଠାରୁ ପଚସ୍ତରି ମାଇଲ । ଜଙ୍ଗଲର ବିସ୍ତୃତ ପ୍ରାୟ ପାଞ୍ଚ ମାଇଲରୁ ଊଣା ନୁହେଁ, ବରଂ ବେଶି ହେବ ।

ଗତ ଜୁଲାଇର ଝଡ଼ବର୍ଷା ଜଙ୍ଗଲ ଅଞ୍ଚଳର ଆଡ଼ଧାର୍ଦ ସାତ-ଆଠମାଇଲ ପର୍ଯ୍ୟନ୍ତ ଧ୍ୱସ୍ତବିଧ୍ୱସ୍ତ କରିଦେଇଯାଇଥିଲେ ବି ସହର କମ୍ପା ଖଣିଅଞ୍ଚଳକୁ ତାର

Digitized by PPRACHIN, SOA

ସୂଚନା ସୁଦ୍ଧା ଜଣାଯାଇ ନ ଥିଲା । ତେଣୁ ଏ ଉଭୟ ସ୍ଥାନର ଲୋକେ ଏଇ ତାଣ୍ଡବ ଲୀଳାର ସମ୍ବାଦ ଖୁବ୍ ଶୀଘ୍ର ପାଇ ପାରି ନ ଥିଲେ । ସମ୍ବାଦ ନ ପାଇବାର ଆଉ ଗୋଟିଏ କାରଣ ହେଲା, ସମୟ । ଦିନ ହୋଇଥିଲେ ଲୋକ ବା ଯାନବାହନ ଜରିଆରେ ଖବରଟା ଖୁବ୍ ଶୀଘ୍ର କେଉଁଠି ହେଲେ ପହଞ୍ଚିଯାଇଥାନ୍ତା । କିନ୍ତୁ ଏ ହେଲା ରାତି ପୁଣି ଗଭୀର ରାତି । ତେଣୁ ସବୁ ଖବର ରାତିର ଅନ୍ଧକାର ଭିତରେ ଲୁଚିରହିଲା ସକାଳ ହେବାର ବହୁ ସମୟ ପର୍ଯ୍ୟନ୍ତ ।

ପ୍ରାୟ ଆଠଟା ହେବ । ଦୀପ୍ତିଲାଲ ଆପଣାର ବୈଠକଖାନାରେ ବସି କୌଣସି ଗୋଟାଏ ବିଷୟରେ ପରାମର୍ଶ ନେବାପାଇଁ ଟେଲିଫୋନ କଲେ ଖଣି ଅଫିସକୁ କାନ୍ତିଲାଲଙ୍କ ଉଦ୍ଦେଶ୍ୟରେ । କିନ୍ତୁ କାନ୍ତିଲାଲଙ୍କ ବଦଳରେ ଫୋନ୍ ଧରିଲେ ଖଣି ମ୍ୟାନେଜର ମିଷ୍ଟର ସିହ୍ନା । ଅବଶ୍ୟ ପୁରା ନାଁଟା ତାଙ୍କର କାଳିପଦ ସିହ୍ନା ।

କାଳିପଦ ବାବୁ ଯେଉଁ ଖବରଟା ଶୁଣାଇଲେ ଦୀପ୍ତିଲାଲଙ୍କୁ, ସେଥିରେ ଦୀପ୍ତିଲାଲ ବିସ୍ମିତ ଏବଂ ଆତଙ୍କିତ ହୋଇପଡ଼ିଲେ । ଖାଇ ରାତି ନଅ, ଦଶଟା ବେଳଠାରୁ ଆସିଲେଣି ଅଥଚ ତାଙ୍କର ଦେଖାନାହିଁ, ଏଯାକେ ! ଅଳ୍ପ ସମୟ ପାଇଁ କୁଆଡ଼େ ଗଲେ ତ ସେ ଖବରଟା ଅନ୍ତତଃ ଜଣାଇଥାନ୍ତେ ଘରକୁ । ଏ ଘଟଣାଟା ତାଙ୍କୁ ବଡ଼ ଅସ୍ୱାଭାବିକ ବୋଧ ହେଲା । ପରିସ୍ଥିତିଟା କ'ଣ ହୋଇପାରେ, ସେଇକଥା ଚିନ୍ତା କରିବାରେ କିଛି ସମୟ ବିତିଗଲା; କିନ୍ତୁ କିଛି ଗୋଟାଏ କିନାରା କରିପାରିଲେ ନାହିଁ ସେ । ବରଂ ସମୟ ବଢ଼ିବା ସଙ୍ଗେ ସଙ୍ଗେ ନାନାପ୍ରକାର ଆଶଙ୍କା ଜାତ ହେଲା ମନରେ ତାଙ୍କର ।

ସହର ଏବଂ ସହର ବାହାରେ ତାଙ୍କର ଯେତେ ଜାଗାରେ ଶାଖା ଅଫିସ ସବୁ ଥିଲା, ସବୁଠାକୁ ଫୋନ୍ କରି ତାଙ୍କର ଖବର ବୁଝିବାରେ ଲାଗିପଡ଼ିଲେ ସେ । କିନ୍ତୁ ସବୁଠାରେ ତାଙ୍କୁ ନିରାଶ ହୋଇ ଶେଷକୁ ହତାଶ ହେବାକୁ ପଡ଼ିଲା । ସମୟ ବି ଏଣେ ଦଶଟା ବାଜିବାକୁ ହେଲାଣି ଆସି । ପୁଣି ଥରେ ଖଣି ଅଫିସକୁ ଫୋନ୍ କରି କାନ୍ତିଲାଲଙ୍କ ଫେରିବା କିମ୍ବା ତାଙ୍କ ବିଷୟରେ କିଛି ଖବର ମିଳିବା ବିଷୟ ପଚାରିଲେ । କିନ୍ତୁ, ସେଇ ସକାଳ ଉତ୍ତରର ପୁନରାବୃତ୍ତି ଛଡ଼ା ଆଉ କିଛି ନୁହେଁ ।

Digitized by PPRACHIN, SOA

କପାଳ ଉପରେ ଝାଳ କେଇ ବନ୍ଦୁ ଫୁଟିଉଠିଲା ତାଙ୍କର । ତଥାପି ସମ୍ପୂର୍ଣ୍ଣ ହତାଶ ହୋଇ ନ ଥିଲେ ସେ । କାରଣ ତାଙ୍କର ଜ୍ଞାତସାରରେ କାନ୍ତଲାଲଙ୍କର କିଛୁ କ୍ଷତିସାଧନ କଲାପରି କୌଣସି ଶତ୍ରୁ ନ ଥିଲେ । ତେଣୁ ସେ ଦିଗରୁ ସେ ନିଶ୍ଚିନ୍ତ ଥିଲେ । କୌଣସି କାର୍ଯ୍ୟୋପଲକ୍ଷେ କେଉଁଠିକି ଚାଲିଯାଇପାରିଥାନ୍ତି । ହୁଏତ ଘରକୁ ଖବରଟା ଦେବାକୁ ସୁବିଧା ବା ସମୟ ପାଇନାହାନ୍ତି । ହେଲେ ବି, ପରେ ତ ଖବରଟା ଜଣାଇଦୁଅନ୍ତା । ଅଗତ୍ୟା ତାଙ୍କ ପରିବାର ସହ ସମ୍ପୃକ୍ତ ପ୍ରତ୍ୟେକ ପରିବାର ଏବଂ ବ୍ୟକ୍ତିଙ୍କ ନିକଟକୁ ଫୋନ୍ କରି କାନ୍ତଲାଲଙ୍କ ସମ୍ବନ୍ଧରେ କିଛି ଜାଣିବାକୁ ଚାହୁଁଥିଲେ ସେ । କିନ୍ତୁ ସବୁଠାରେ ସେଇ ଏକାଭଳି ଉତ୍ତର । ଶେଷକୁ ନିରାଶ ହେବାଛଡ଼ା ଦ୍ୱିତୀୟ ପନ୍ଥା ନ ଥିଲା ।

ଏତେବେଳେ ଧୀପ୍ତିଲାଲ ଘୋର ଦୁଃଶ୍ଚିନ୍ତାର ସମ୍ମୁଖୀନ ହୋଇ ପଡ଼ିଥିଲେ ସୁଦ୍ଧା ନିତାନ୍ତ ଅଧୈର୍ଯ୍ୟ ହୋଇପଡ଼ିଲେ । କାନ୍ତଲାଲଙ୍କର ଅବସ୍ଥିତି ଯେ ବର୍ତ୍ତମାନ ସଙ୍କଟଜନକ; ଏପରି ଆଶଙ୍କା ସେ କରୁଥିଲେ । ପରିସ୍ଥିତି ଏପରି ଜଟିଳ ପରିସର ଭିତରକୁ ଆସିଯାଇଥିଲେ ସୁଦ୍ଧା ସେ ଖିଉଜ ସୁଲତା ଦେବୀଙ୍କୁ ତା'ର ବିନ୍ଦୁବିସର୍ଗ ସୁଦ୍ଧା ଜାଣିବାକୁ ଦେଇ ନ ଥିଲେ । କାନ୍ତଲାଲଙ୍କର ଏଇ କେତେ ଘଣ୍ଟା ଅନୁପସ୍ଥିତି ପାଇଁ ସୁଲତା ଦେବୀ ଆଦୌ ବ୍ୟସ୍ତ ନ ଥିଲେ । କାରଣ କାନ୍ତଲାଲ ନାନା କାର୍ଯ୍ୟୋପଲକ୍ଷେ ସମୟ ସମୟରେ ଏପରି ଅନୁପସ୍ଥିତ ପ୍ରାୟ ରହନ୍ତି । କେବେ ସେ ତା'ର କାରଣ ସୁଲତା ଦେବୀଙ୍କୁ ଜଣାନ୍ତି, କେବେ ବା ନ ଜାଣନ୍ତି । ତେଣୁ ଆଜିର ଅନୁପସ୍ଥିତି ବିଶେଷ ଗୁରୁତ୍ୱ ପୂର୍ଣ୍ଣ ନ ଥିଲା ତାଙ୍କ ପକ୍ଷରେ । ସୁଲତା ଦେବୀ ଯେ ବିଶେଷ କିଛି ଜାଣିନାହାନ୍ତି, ଏଇଟା ବଡ଼ ଆଶ୍ୱାସନା ବିଷୟ ଥିଲା ଧୀପ୍ତିଲାଲଙ୍କ ପକ୍ଷରେ । କାରଣ ଖିଉଜ ବିବ୍ରତ ହେବାଟାକୁ ସେ ପସନ୍ଦ କରୁ ନ ଥିଲେ ।

ବର୍ତ୍ତମାନ ଉପାୟ କ'ଣ, ତାହାହିଁ ଥିଲା ତାଙ୍କ ନିକଟରେ ଉପସ୍ଥିତ ପ୍ରଧାନ ପ୍ରଶ୍ନ । ପୋଲିସକୁ ଫୋନ୍ କରି ଅନୁସନ୍ଧାନ କରାଇବା ଯେ ସୁତନ୍ତ୍ର କର୍ତ୍ତବ୍ୟ, ତାହା ସେ ଜାଣିଥିଲେ । ତେବେ ପୋଲିସକୁ ଫୋନ୍ କରିବାଠାରୁ ନିଜେ ହେଡ଼୍ କ୍ୱାଟରକୁ ଯାଇ ସବୁ ଖବର ଜଣାଇବା ଭଲ । କାରଣ ଫୋନ୍ କଲେ କେଉଁ ଅନୁସନ୍ଧାନକାରୀ ଅଫିସର ହୁଏତ ଘରକୁ ଆସିବେ ଏବଂ ସୁଲତା ଦେବୀ ସବୁ

Digitized by PPRACHIN, SOA

ଜାଣିପାରିବେ; କିନ୍ତୁ ନିଜେ ବୁଲିଗଲେ ସେଠିକି ଅନ୍ତତଃ ଏତେ ଶୀଘ୍ର ହେବ ନାହିଁ ।

ଶେଷକୁ ସେୟାହିଁ କଲେ । ବାହାରକୁ ଯିବା ପୋଷାକ ପିନ୍ଧି କାର୍ ଖଣ୍ଡିକ ଧରି ବାହାରିପଡ଼ିଲେ ହେଡ୍‌କ୍ୱାର୍ଟର ଅଭିମୁଖେ ।

ହେଡ୍‌କ୍ୱାର୍ଟର ଇନଚାର୍ଜ ଅଫିସର ମିଷ୍ଟର ମହାପାତ୍ର ଖୁବ୍ ବ୍ୟସ୍ତ ଥିଲେ ଗୋଟାଏ କନ୍‌ଫିଡେନ୍‌ସିଆଲ ଫାଇଲ ଦେଖିବାରେ । ଆଗନ୍ତୁକ ପୋଲିସଠାରୁ ସମ୍ବାଦ ପାଇବାମାତ୍ରେ ପ୍ରିନ୍ସିପାଲଙ୍କୁ ସେଠାକୁ ଡକାଇନେଲେ । ଆଗରୁ ପରିଚିତ ଥିଲେ । ତଥାପି ଜଣେ 'କ' ଶ୍ରେଣୀସ୍ଥ ନାଗରିକ ହିସାବରେ ତାଙ୍କର ସୁବିଧା ଅସୁବିଧା ସବୁ ପ୍ରଥମେ ବୁଝିବା ତ ଆବଶ୍ୟକ ପୋଲିସ ପକ୍ଷରେ ।

ପ୍ରିନ୍ସିପାଲଙ୍କର ବ୍ୟସ୍ତବିବ୍ରସ୍ତଭାବ ଦେଖି କିଛି ଗୋଟାଏ ଆଶଙ୍କା କରୁଥିଲେ ମିଷ୍ଟର ମହାପାତ୍ର । ଖୁବ୍ ମନୋଯୋଗ ସହକାରେ ସେ ତାଙ୍କଠାରୁ ସବୁ କଥା ଶୁଣିଥିଲେ । ଉପରେ ଉପରେ ବିଚାର କରି ଦେଖିଲେ କଥାଟା ଜଣାପଡ଼ୁଥିଲା ସେପରି କିଛି ନୁହେଁ । କିନ୍ତୁ ଟିକିଏ ତଳେଇକରି ଦେଖିଲେ, ସେ'ଟା କିଛି କମ ଗୁରୁତ୍ୱପୂର୍ଣ୍ଣ ବୋଧ ହେଉ ନ ଥିଲା । କାରଣ ସ୍ୱୟଂ ପ୍ରିନ୍ସିପାଲ ଶିକ୍ଷିତ ଏବଂ ଯୁବକ । ସେ ଯେତେବେଳେ ତାଙ୍କର ସ୍ତ୍ରୀଙ୍କର ସାମାନ୍ୟ କେଇ ଘଣ୍ଟା ଅନୁପସ୍ଥିତି ପାଇଁ ବ୍ୟସ୍ତ ହୋଇଉଠୁଛନ୍ତି, ସେତେବେଳେ ଧରିନେବାକୁ ହେବ ସେ ପ୍ରକାଶଯୋଗ୍ୟ ହେଉ ବା ନ ହେଉ, ତା ଭିତରେ କିଛି କାରଣ ଅବଶ୍ୟ ଅଛି । ଏତେ ଅଳ୍ପ ସମୟ ଅନୁପସ୍ଥିତିରେ ଏପରି ଆତଙ୍କିତ ହେବା ପଛରେ ଯେଉଁ କାରଣଟି ଥିବ, ତାହା ଏତେ ଗ୍ରେଟ ହୋଇ ନ ଥିବ କେବେହେଲେ ।

ସବୁ ଶୁଣିସାରିଲା ପରେ ମିଷ୍ଟର ମହାପାତ୍ର କହିଲେ, "ଆଚ୍ଛା, ଆପଣ ଅପେକ୍ଷା କରନ୍ତୁ ଟିକେ । ମୁଁ ସେଠିକା ପୋଲିସ ଷ୍ଟେସନ୍ ସହିତ ଟିକେ କଥାବାର୍ତ୍ତା କରିନିଏଁ । ଅନ୍ତତଃ ଆପଣଙ୍କ ଆଶଙ୍କା ଯଦି ସତ୍ୟ ବା ଆଂଶିକ ସତ୍ୟ ହୋଇଥିବ, ତେବେ ସେମାନେ ତ କିଛି ଖବର ପାଇଥିବେ ସେ ବିଷୟରେ !

ସେ ଉଠିଗଲେ ପାଖ କୋଠରୀକୁ ଅଳ୍ପ ସମୟ ପାଇଁ ।

Digitized by PPRACHIN, SOA

ପ୍ରାୟ ତିନ ଚାରି ମିନିଟ୍ ପରେ ସେ ପୁଣି ସେଠାକୁ ଆସି କହିଲେ, "କିଛି ଦୁର୍ଘଟଣାର ସମ୍ବାଦ ନାହିଁ ଅବଶ୍ୟ, ତେବେ ଗୋଟାଏ ଦୁର୍ଯୋଗ ଛଡ଼ା । ସେଟା ହେଉଛି, ଗୋଟାଏ ଖୁବ ପ୍ରଳୟଙ୍କରୀ ତୋଫାନ ଏବଂ ବର୍ଷା ବାଟରେ ଜଙ୍ଗଲ ଏରିଆ ଉପର ଦେଇ ବହିଯାଇଚି । ହୁଏତ ଠିକ୍ ସେଇ ସମୟ ମଧ୍ୟରେ···କଥାଟା କହିବାକୁ ନ ଦେଇ କିଛି ସମୟ ନୀରବ ରହିଗଲେ ମିଷ୍ଟର ମହାପାତ୍ର । ତା ପରେ ପ୍ରକୃତିସ୍ଥ ହୋଇ କହିଲେ, "ଅବଶ୍ୟ ଭଗବାନ ତାହା ନ କରନ୍ତୁ ।"

ମିଷ୍ଟର ମହାପାତ୍ର ନୀରବ ରହିବା ସଙ୍ଗେ ସଙ୍ଗେ ଦୀପ୍ତିଲାଲ ବ୍ୟସ୍ତଭାବରେ କହିଉଠିଲେ, "ଉପାୟ କଣ ତେବେ ବର୍ତ୍ତମାନ ?"

"ଉପାୟ ଆଉ କ'ଣ ? ଆପାତତଃ ମୁଁ ଯାହା ଅନୁମାନ କରୁଚି, ଆପଣଙ୍କ କହିବା ଅନୁସାରେ କାନ୍ତିଲାଲବାବୁ ଖୁବ୍ ଶୀଘ୍ରରେ ଯଦି ଆସିଥିବେ, ତେବେ ଜଙ୍ଗଲ ଏରିଆ ଭିତରେହିଁ, ତୋଫାନର ସମ୍ମୁଖୀନ ହୋଇଥିବେ । ତାର ଅର୍ଥ । ସେ ନିଜେ ମଧ୍ୟ ବୁଦ୍ଧିମନ୍ତ ଲୋକ । ନିରାପଦ ସ୍ଥାନରେ ରହିଯାଇଥିବା ସମ୍ଭବ ।"

"ତେବେ ଫେରି ଆସିବାର କଥା ତ ! ଫେରୁ ନାହାନ୍ତି କାହିଁକି ?"

ଦୀପ୍ତିଲାଲଙ୍କର ବ୍ୟସ୍ତତା ଲକ୍ଷ୍ୟ କରି ମିଷ୍ଟର ମହାପାତ୍ର ଚିନ୍ତା କଲା ପରି କିଛି ସମୟ ରହି କହିଲେ, "ଏହା ବି ହୋଇପାରେ ଯେ, ତୋଫାନ ଯୋଗୁଁ ରାସ୍ତା ଅବରୁଦ୍ଧ, ତେଣୁ ସେ ଆସିପାରୁନାହାନ୍ତି । ଆଉ ଏହା ବି ହୋଇପାରେ ଯେ, କାରଟା କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇଯାଇଚି, ଯାହାକୁ କି ପୁଣି ଅର୍ଡ଼ରକୁ ଆଣିବାପାଇଁ ସମୟ ଲାଗୁଚି ।"

ମିଷ୍ଟର ମହାପାତ୍ର ଏଇ ଯେଉଁ ଆଶ୍ୱାସନା ବାଣୀ ଶୁଣାଇଲେ, ଏଥିରେ ଦୀପ୍ତିଲାଲ ଆଶ୍ୱସ୍ତ ହେଲେ କି ନା ଠିକ୍ କହିହେବନି; କିନ୍ତୁ ସେ ଚୁପ୍ ରହିଲେ ।

ମାତ୍ର ମିଷ୍ଟର ମହାପାତ୍ର କାନ୍ତିଲାଲଙ୍କ ବିଷୟରେ ନିଜକୁ ଆଶ୍ୱାସନା ଦେଇପାରିଲେ ନାହିଁ । ସନ୍ଦେହ କ୍ରମେ କ୍ରମେ ଅଧିକରୁ ଅଧିକ ହୋଇ କୁହୁଳି ଉଠିଲା ତାଙ୍କ ମନରେ । ଘଟଣାଟାକୁ ଏପରି ହାଲୁକା ଭାବରେ ଉଡ଼ାଇଦେଇ ହେଳା କଲେ ହୁଏତ ଅନେକ ଆବଶ୍ୟକୀୟ ତଥ୍ୟ ହରାଇବାକୁ ପଡ଼ିପାରେ । ଏଇ ଆଶଙ୍କାରେ ସେ କହିଲେ, "ଆଚ୍ଛା, ମିଷ୍ଟର ଦୀପ୍ତିଲାଲ ! ଆମେ ଥରେ ସେ ଏରିଆଟା

Digitized by PPRACHIN, SOA

ବୁଲ୍ ଆସିଲେ ତ ସବୁ ସନ୍ଦେହ ମେଣ୍ଟିଯିବ । ହୁଏତ ଆମେ କାନ୍ତିଲାଲଙ୍କୁ ସେଠି ପାଇବା କିମ୍ବା ତାଙ୍କ ବିଷୟରେ ଖବର ଅନ୍ତର କିଛି ପାଇବା ବୋଲି ମୁଁ ଆଶା କରୁଛି ।"

ମିଷ୍ଟର ମହାପାତ୍ର ଖାଲି ଦୀପ୍ତିଲାଲଙ୍କ ମନରେ ସାହସ ଆଣି ଦେବାପାଇଁ ଏପରି କହୁଥିଲେ ସିନା; କିନ୍ତୁ ପ୍ରକୃତରେ ସେ ଯାହା କହୁଥିଲେ, ତାହାର ବିପରୀତହିଁ ଆଶଙ୍କା କରୁଥିଲେ ।

ଦୀପ୍ତିଲାଲ୍ ଆସନ ତ୍ୟାଗ କରିସାରିଥିଲେ । ମିଷ୍ଟର ମହାପାତ୍ର ଟୋପିଟା ମୁଣ୍ଡରେ ଦେଇ ହାତବାଡ଼ିଟା ଟେବୁଲ ଉପରୁ ଉଠାଇ ନେଇ ଆସନ ତ୍ୟାଗ କଲେ ।

ବାହାରେ ଦୀପ୍ତିଲାଲଙ୍କ କାର୍ ଅପେକ୍ଷା କରିଥିଲା । ତଥାପି ମିଷ୍ଟର ମହାପାତ୍ର ପୋଲିସ୍ ଜୀପ୍‌ରେ ଦୁଇଜଣ କନ୍‌ଷ୍ଟେବଲଙ୍କୁ ଧରି ଷ୍ଟାର୍ଟ ଦେଲେ । ଆଗରେ ଜୀପ୍‌ରେ ମିଷ୍ଟର ମହାପାତ୍ର, ପଛରେ ତାଙ୍କୁ ଅନୁସରଣ କରି ଦୀପ୍ତିଲାଲ ଛୁଟି ଚାଲିଲେ ଗନ୍ତବ୍ୟ ସ୍ଥାନ ଅଭିମୁଖରେ ।

ଅଧଘଣ୍ଟାଏରୁ ଅଧିକ ସମୟ ଲାଗିଲା ନାହିଁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ । ସେ ଅଞ୍ଚଳର ଅବସ୍ଥା ଯାହା ଦେଖାଯାଉଥିଲା, ସେଥିରୁ ସ୍ପଷ୍ଟ ଧାରଣା ହେଉଥିଲା ଯେ, କେତେଘଣ୍ଟା ପୂର୍ବରୁ ପ୍ରବଳ ଝଡ଼ତୋଫାନ ବହିଯାଇଛି ସେଠି । ଗଛର ଛୋଟ ବଡ଼ ଡାଳ ଭାଙ୍ଗି ରାସ୍ତା ଅବରୁଦ୍ଧ ପ୍ରାୟ । ଦୀପ୍ତିଲାଲ ଏବଂ ମିଷ୍ଟର ମହାପାତ୍ର ଉଭୟଙ୍କ ମନରେ ଆଶାର ସଞ୍ଚାର ହେଲା । ରାସ୍ତାର ଏଇ ଯେଉଁ ଅବସ୍ଥା, ଏଥିରେ କାନ୍ତିଲାଲ ହୁଏତ ଅଟକିଯାଇଛନ୍ତି କେଉଁଠି, ଟିକିଏ ଆଗେଇ ଗଲେ ଦେଖା ମିଳିଯାଇପାରେ ।

କିନ୍ତୁ ସେ ଅବରୁଦ୍ଧ ରାସ୍ତାରେ କାର୍ ଯିବା ଆଦୌ ସମ୍ଭବ ନ ଥିଲା । ଅଗତ୍ୟା କାରଟିକୁ ସେଇଠି ରାସ୍ତା କଡ଼ରେ ରଖି ଜୀପ୍‌ରେ ଆସନ ଗ୍ରହଣ କଲେ ଦୀପ୍ତିଲାଲ । ଜୀପ୍ ଅବଶ୍ୟ ସବୁ ପ୍ରତିବନ୍ଧକ ଏବଂ ଅବରୋଧକୁ ଦଳି ଧୀର ମନ୍ଥର ଗତିରେ ଆଗେଇ ଚାଲିଲା । ଖୁବ୍ ସତର୍କତାର ସହିତ ଷ୍ଟିଅରିଂ କଣ୍ଟ୍ରୋଲ କରୁଥାନ୍ତି ମିଷ୍ଟର ମହାପାତ୍ର ।

Digitized by PPRACHIN, SOA

କ୍ରମେ କ୍ରମେ ଜଙ୍ଗଲପଥ ଶେଷ ହେଲା । ଆଉ ହୁଏତ ଅଧକିଲୋମିଟର ରାସ୍ତା ଅତିକ୍ରମ କଲେ ନିକଟତମ ପୋଲିସ ଷ୍ଟେସନ । କିନ୍ତୁ ସେଠିକାର କୌଣସି କର୍ମଚାରୀ ତ ଅନ୍ତତଃ ଉପସ୍ଥିତ ଥାନ୍ତେ ଜଙ୍ଗଲ ନିକଟରେ—ଯଦି କୌଣସି ଦୁର୍ଘଟଣା ଘଟିଥାନ୍ତା । ମାତ୍ର ସେ କାହାରିକୁ ଦେଖିବାକୁ ପାଇଲେ ନାହିଁ । ଅଗତ୍ୟା କୌଣସି ଖବର ପାଇବା ଆଶାରେ ସେ ବେଗରେ ଜିପ୍ ଛୁଟାଇଦେଲେ ସେ ।

ପୋଲିସ୍ ଷ୍ଟେସନର ଇନ୍‌ଚାର୍ଜ ଅଫିସର ପରିଚିତ ତାଙ୍କର । ବେଶ୍ ଆଦର କରି ପାଛୋଟି ନେଲେ ଉଭୟଙ୍କୁ । କିନ୍ତୁ ମିଷ୍ଟର ମହାପାତ୍ର ଆଦର ସମ୍ଭାଷଣ କିଛି ଚାହୁଁ ନ ଥିଲେ । ସେ ଚାହୁଁଥିଲେ କେବଳ ଜାଣିବାକୁ, ଗଲା ରାତିରେ କାନ୍ତିଲାଲ ଏହି ରାସ୍ତାରେ ଯାଇଥିଲେ କି ନାହିଁ ।

ଏ କଥାର ଉତ୍ତର ଅବଶ୍ୟ ଇନ୍‌ଚାର୍ଜ ଅଫିସର ଦେଇପାରିଲେ ନାହିଁ; କିନ୍ତୁ ସମସ୍ତ ବିବରଣୀ ସଂଗ୍ରହ ପାଇଁ ଗତ ରାତିର ପହରା ଡ୍ୟୁଟିରେ ଥିବା କନେଷ୍ଟ-ବଲଟିକୁ ସେଠାକୁ ଡକାଇଦେଲେ ।

କନେଷ୍ଟବଲଟି ଅଭିବାଦନ ଜଣାଇ ଆଦେଶ ଅପେକ୍ଷାରେ ଠିଆହୋଇ ରହିଲା । ଇନ୍‌ଚାର୍ଜ ଅଫିସର କିଛି କହିବା ପୂର୍ବରୁ ମିଷ୍ଟର ମହାପାତ୍ର ତାକୁ ପଚାରିଲେ, "ତୁମେ କାଲି ରାତି ଡ୍ୟୁଟିରେ ଥିଲ ?"

—ଆଜ୍ଞା !

—ଅଚ୍ଛା, ମନେ ପକାଇ କୁହ ତ, ଶେଷଥର ପାଇଁ କୌଣସି କାର୍ ବା ଟ୍ରକ୍ ଏହି ରାସ୍ତାରେ ପାସ୍ କରିଥିଲା କେତେବେଳେ ?

କନେଷ୍ଟବଲଟି କିଛି ସମୟ କଣ ମନେ ପକାଇଲା ପରି ହୋଇ କହିଲା, "ଭଲଭାବରେ ମନେ ଅଛି, ଆଜ୍ଞା, ରାତି ପ୍ରାୟ ବାରଟା ହେବ କି କଣ, ସମୟ ଠିକ୍ କହିପାରିବି ନାହିଁ; ଏହି ସାମନା ଦେଇ ସହର୍ ଆଡ଼କୁ ଧଳାରଙ୍ଗର କାର୍‌ଟାଏ ଛୁଟିଥିଲା ଖୁବ୍ ଜୋର୍‌ରେ ।"

ମିଷ୍ଟର ମହାପାତ୍ର ଦୀପ୍ତିଲାଲଙ୍କ ଆଡ଼କୁ ଚାହିଁ ପଚାରିଲେ, "ମିଷ୍ଟର କାନ୍ତିଲାଲଙ୍କର କାର୍‌ର ରଙ୍ଗ ଧଳା ନା ?"

ଉତ୍ତରରେ ଦୀପ୍ତିଲାଲ କେବଳ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ ।

ମ: ଭାରଜନ

Digitized by PPRACHIN, SOA

ମିଷ୍ଟର ମହାପାତ୍ର ପୁଣି କନେଷ୍ଟବଲଟିକୁ ପ୍ରଶ୍ନ କଲେ, ଆଚ୍ଛା, ସେତେବେଳକୁ ଝଡ଼ବର୍ଷା ଆରମ୍ଭ ହୋଇଥିଲା ?"

—ନା, ସାର୍ ! ବର୍ଷା ହୋଇ ନ ଥିଲା; କିନ୍ତୁ ତୋଫାନ ଆରମ୍ଭ ହୋଇଯାଇଥିଲା । ତେବେ ଖୁବ୍ ଶୀଘ୍ର ବର୍ଷା ହେବାର ଜଣାପଡୁଥିଲା । ଆକାଶରେ ବାଦଲ ତ ଖୁବ୍ ଘୋଟିଥିଲା, ତା ଛଡ଼ା ଅଣ୍ଡା ହାଓ୍ୱାବି ଦେଉଥିଲା । ମୁଁ ବାରଣ୍ଡାକୁ ଆସିବାପାଇଁ ଫାଟକ ବନ୍ଦ କରୁଥିଲି ।

—'ସେଆଡ଼ୁ ଆଉ କୌଣସି ଗାଡ଼ି ଫେରିବାର ତୁମ ନଜରରେ ଆସିନି ?' ସାମାନ୍ୟ ବିସ୍ମୟ ପ୍ରକାଶ କରି ମିଷ୍ଟର ମହାପାତ୍ର ପଚାରିଲେ ।

—ନା, ସାର ! ତା ପରେ ତ ପ୍ରଚଣ୍ଡ ତୋଫାନ ଆଉ ବର୍ଷା ମାଡ଼ିଆସିଲା । ତେବେ ମୁଁ ବାରଣ୍ଡାରେ ହାଜର ଥାଏଁ ସବୁବେଳେ । ଏଇ ସାମନା ରାସ୍ତାରେ କୌଣସି ଗାଡ଼ି ଯାଇଥିଲେ ମୋ ଦୃଷ୍ଟିରେ ନିଶ୍ଚୟ ଆସିଥାନ୍ତା । ରାସ୍ତା ମୋଟେ ଏଇ ଏତିକ ଛଡ଼ା ତ ?

ମିଷ୍ଟର ମହାପାତ୍ର ଯେତିକ ଆଶା କରୁଥିଲେ, ସେତିକ ସମ୍ବାଦ ପାଇଲେ । କିନ୍ତୁ ତାଙ୍କର ମୁଖର ଭାବ ବଦଳିଗଲା । ଯେଉଁ ସନ୍ଦେହ ସେ ପୂର୍ବରୁ କରୁଥିଲେ, ତାହା ଆହୁରି ଦୃଢ଼ୀଭୂତ ହୋଇଗଲା ତାଙ୍କ ମନ ଭିତରେ । ଏଠି ବସି ପଚରାପଚରି କରିବା ଦ୍ୱାରା ଲାଭ ବିଶେଷ କିଛି ହେବନି । ବରଂ ଘଟଣାସ୍ଥଳକୁ ସ୍ଥିର କରିବା ଆବଶ୍ୟକ ସର୍ବପ୍ରଥମେ । ତେବେ ଘଟଣାସ୍ଥଳ ସ୍ଥିର କରିବାରେ ପ୍ରଧାନ ପ୍ରତିବନ୍ଧକ ହେଲେ ଘାପ୍ଟିଲାଲ । ଘାପ୍ଟିଲାଲ ଶିକ୍ଷିତ ଏବଂ ଯୁବକ ହେଲେ ବି ଏସବୁ ଦିଗରେ ତାଙ୍କର ଧୈର୍ଯ୍ୟ ଯେ ଅତି ସାମାନ୍ୟ, ସେକଥା ଆଉ ବୁଝିବାରେ କିଛି ବାକି ନ ଥିଲା ମିଷ୍ଟର ମହାପାତ୍ରଙ୍କ ପାଖରେ । ମିଷ୍ଟର ମହାପାତ୍ର ଜଣେ ସୁଦକ୍ଷ, ଅଭିଜ୍ଞ ଏବଂ ସୁବିଚକ୍ଷଣ ପୋଲିସ ଅଫିସର । କଥାବାର୍ତ୍ତା କରି ଏବଂ ଚେହେରା ଦେଖି ଯେକୌଣସି ଲୋକର ପ୍ରକୃତି ସମ୍ବନ୍ଧରେ କେତେକ ନିର୍ଭୁଲ ଧାରଣା କରିପାରିବାର ଦକ୍ଷତା ତାଙ୍କର ଅଛି । ତେଣୁ ଏ କ୍ଷେତ୍ରରେ ଘାପ୍ଟିଲାଲଙ୍କ ବିଷୟରେ ଯେଉଁ ଧାରଣା କଲେ, ତା ବି ନିତାନ୍ତ ଅସମୀଚୀନ ନୁହେଁ ।

ସେ ଯାହାହେଉ, ଆସନ ତ୍ୟାଗ କରି ଉଠୁ ଉଠୁ ଘାପ୍ଟିଲାଲଙ୍କୁ ଲକ୍ଷ୍ୟ କରି ସେ କହିଲେ, "ଆଚ୍ଛା, ମିଷ୍ଟର ପଟ୍ଟନାୟକ ! ଆପଣ ଏଇଠୁ ଘରକୁ

Digitized by PPRACHIN, SOA

ଫେରଯାଆନ୍ତୁ । ମୁଁ ମିଷ୍ଟର କାନ୍ତିଲାଲଙ୍କ ତଲାସ ଦାୟିତ୍ୱ ବର୍ତ୍ତମାନଠାରୁ ନେ ଆଉ ଆପଣ ଯଦି ଇତିମଧ୍ୟରେ ତାଙ୍କର ସନ୍ଧାନ ପାଇଥାନ୍ତି, ତେବେ ତୁରନ୍ତ ପୋଲିସ ଷ୍ଟେସନକୁ ଜଣାଇଦେବେ ।”

ଧାଙ୍ଗିଲାଲଙ୍କ କାର୍ ଥିଲା ଜଙ୍ଗଲ ନିକଟରେ । ମିଷ୍ଟର ମହାପାତ୍ରଙ୍କ ନିର୍ଦ୍ଦେଶରେ ଜଣେ ପୋଲିସ ଡ୍ରାଇଭର ତାଙ୍କୁ ଜିପ୍‌ରେ ନେଇ କାର୍ ନିକଟରେ ପହଞ୍ଚାଇ ଦେବାକୁ ବାହାରିପଡ଼ିଲା । ଧାଙ୍ଗିଲାଲ ଚାଲିଗଲା ପରେ ମିଷ୍ଟର ମହାପାତ୍ର ଟେଲିଫୋନ୍ ରିସିଭର ଉଠାଇ ରିଂ କଲେ ପୋଲିସ ହେଡ଼କ୍ୱାଟର ଉଦ୍ଦେଶ୍ୟରେ ।

ତିନି

ଖଣ୍ଡେ ଦୂରରୁ ପୋଲିସ ଜିପ ଆସୁଥିବା ଦେଖି ଟିକିଏ ଆଶ୍ୱସ୍ତ ହେଲେ ମିଷ୍ଟର ମହାପାତ୍ର । ନିକଟବର୍ତ୍ତୀ ପୋଲିସ ଷ୍ଟେସନକୁ ଫୋନ୍ କରିବାର ଦୀର୍ଘ ସମୟ ବିତିଯାଇଥିଲେ ସୁଦ୍ଧା କୌଣସି ଆଉ କିଛି ଖବର ନ ପାଇ ସେ ଅଧୈର୍ଯ୍ୟ ହୋଇପଡ଼ିଥିଲେ । କାନ୍ତିଲାଲଙ୍କୁ ଖୋଜିବାପାଇଁ ଗୋଟାଏ ଅନୁସନ୍ଧାନକାରୀ ଦଳ ପାଇଁ ସେ ଫୋନ୍ କରିଥିଲେ ଏବଂ ରାସ୍ତା ଉପରେ ଠିଆହୋଇ ଅପେକ୍ଷା କରିଥିଲେ ।

ଜିପ୍‌ଟା ବ୍ରେକ୍ କଲା ତାଙ୍କ ପାଖରେ । ତା ଭିତରୁ ସର୍ବପ୍ରଥମେ ଓହ୍ଲାଇ ଆସିଲେ ରାଜକିଶୋରବାବୁ—ତଦନ୍ତକାରୀ ଅଫିସର, ଆଉ କେତେଜଣ ସହକାରୀ, ପୋଲିସ ଇତ୍ୟାଦି । ମିଷ୍ଟର ମହାପାତ୍ର ସଂକ୍ଷେପରେ ସମସ୍ତ ସମ୍ବାଦ ଏବଂ ସମ୍ଭାବନା ତାଙ୍କୁ ଜଣାଇଲା ପରେ, ସମସ୍ତେ ମିଳିତ ଭାବରେ ଆଲୋଚନା କରିବାକୁ ଲାଗିଲେ ଏହି ଘଟଣା ସମ୍ପର୍କରେ ।

ଏପରି ଗୋଟାଏ ଘଟଣା ପଛରେ ଧୂଳି ବୁଲିବା ଖାଲି ବାତୁଲତା ଛଡ଼ା ଆଉ କିଛି ନୁହେଁ । କାନ୍ତିଲାଲ ଏଠି ଅଛନ୍ତି କି ନାହିଁ ତାର କିଛି ଠିକଣା ନାହିଁ । ତେବେ ଦେଖାଯାଉ, କଣ ହେଉଛି—ଆପାତତଃ ଏହି ଆଶା ରଖି ଅନୁସନ୍ଧାନକାରୀ

Digitized by PPRACHIN, SOA

ଦଳଟିକୁ ଦୁଇ ଭାଗରେ ବିଭକ୍ତ କରିଦେଲେ । ନିଜେ ଗୋଟିଏ ଦଳର ନେତୃତ୍ୱ ନେଇ ଅନ୍ୟ ଦଳଟିର ଦାୟିତ୍ୱ ଅର୍ପଣ କଲେ ରାଜକିଶୋରବାବୁଙ୍କ ଉପରେ । ଦୁଇଟିଯାକ ଦଳ ପରସ୍ପର ମଧ୍ୟରେ ଅଳ୍ପ ବ୍ୟବଧାନ ରଖି ଜଙ୍ଗଲର ବଣୁଆ ଅଂଶଗୁଡ଼ା ତଲାସ କରିବାରେ ଲାଗିଗଲେ ।

ମାଟି ଉପରେ ତ କୌଣସି ଚିହ୍ନବର୍ଣ୍ଣ ନ ଥିଲା । କାରଣ ପ୍ରବଳ ବର୍ଷା ଫଳରେ ସବୁ ନଷ୍ଟ ହୋଇଯାଇଥିଲା ପ୍ରାୟ । ମିଷ୍ଟର ମହାପାତ୍ର କିନ୍ତୁ ଖୁବ୍ ଶୀଘ୍ର ଗୋଟାଏ କିଛି ପାଇଯିବେ ବୋଲି ଆଶା କରୁଥିଲେ ଏବଂ ଦେଖିଲେ ମନେ ହେଉଥିଲା, ପ୍ରକୃତରେ ଯେପରି ସମସ୍ତଙ୍କଠାରୁ ଅଧିକ ମନୋଯୋଗ ଏବଂ ସୂକ୍ଷ୍ମ-ଭାବରେ ସେ ପ୍ରତ୍ୟେକ ସ୍ଥାନ ଅନୁସନ୍ଧାନ କରୁଥିଲେ ।

ଘଣ୍ଟାଏ ଦେଢ଼ ଘଣ୍ଟା ଖୁବ୍ ଘାଣ୍ଟାଘାଣ୍ଟି କଲା ପରେ ମିଷ୍ଟର ମହାପାତ୍ର କଣ ଗୋଟାଏ ମନେ କରି ରାସ୍ତା ଉପରେ ପଡ଼ିଥିବା ଖଣ୍ଡିଏ ଝଙ୍କାଳିଆ ଗଛର ଡାଳ ଉଠାଇନେଲେ । ତା ତଳେ ସ୍ପଷ୍ଟ ଭାବରେ ସେ ମଟର ଚକାର ଚିହ୍ନ ଦେଖିପାରିଲେ ।

ଏଇ ସାମାନ୍ୟ ତଥ୍ୟଟିକକ ଆବିଷ୍କାର ଭାବରେ ତାଙ୍କର ମନକୁ ସନ୍ଦେହାଚ୍ଛନ୍ନ କରିପକାଇଲା । ଘୋର ଅନ୍ଧକାର ଭିତରେ ସେ ଆଲୋକର ରେଖା ଦେଖିବାକୁ ପାଇଲେ ଯେପରି । ଗୋଟାଏ ହାତରେ ଡାଳ ଖଣ୍ଡିକୁ ଧରି ନିତାନ୍ତ ଅନ୍ୟମନସ୍କ ଭାବରେ ଚାହିଁ ରହିଲେ ମାଟିରେ ପଡ଼ିଥିବା ଚିହ୍ନଆଡ଼େ ବହୁତ ସମୟ ପର୍ଯ୍ୟନ୍ତ । ତା'ପରେ ରାଜକିଶୋରବାବୁଙ୍କୁ ଡାକ ପକାଇଲେ ପାଖକୁ ଆସିବା ପାଇଁ । ରାଜକିଶୋରବାବୁ ସେ ପର୍ଯ୍ୟନ୍ତ ତାଙ୍କ ଦୃଷ୍ଟି ଭିତରେ ଏବଂ ଅଳ୍ପ ଦୂରରେ ଥିଲେ । ତତ୍କ୍ଷଣାତ୍ ସେ ଆସିଗଲେ । ତାଙ୍କ ସଙ୍ଗେ ସଙ୍ଗେ ଅନ୍ୟମାନେ ବି ।

ରାଜକିଶୋରବାବୁ ଆସି ମିଷ୍ଟର ମହାପାତ୍ରଙ୍କ ନିକଟରେ ପହଞ୍ଚିଲାବେଳକୁ ସେ ପୁଣି ଭାବନାରେ ବୁଡ଼ିରହିଛନ୍ତି । 'ଘଟଣା କ'ଣ' କଣ ବୋଲି ଦୁଇ ତିନି ଥର ପଚାରିଲା ପରେ ମିଷ୍ଟର ମହାପାତ୍ର ପୁଣି ପୂର୍ବାବସ୍ଥାକୁ ଫେରିଆସିଲେ । ସେ ଡାଳ ଆଉ ମାଟିରେ ପଡ଼ିଥିବା ଚକା ଚିହ୍ନକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, "ଦେଖ, ଏଇ ଡାଳ ଖଣ୍ଡିକ ତଳେ ଏଇ ଚିହ୍ନଟି ମିଳୁଚି; ତମେ କଣ ଏଥିରୁ କିଛି ମନେ କରିପାରୁଛ ?"

Digitized by PPRACHIN, SOA

'ମିଷ୍ଟର ମହାପାତ୍ରଙ୍କର ବକ୍ତବ୍ୟ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ମୁଖମଣ୍ଡଳକୁ ଚାହିଁ ରାଜକିଶୋରବାବୁ ପ୍ରଚଣ୍ଡ ହସରେ ଫାଟିପଡ଼ିଲେ । କିଛି ସମୟ ପରେ ସେ ନିଜକୁ ସଂଯତ କରି କହିଲେ, ମନେ କରିବ ଆଉ କଣ ? ରାସ୍ତାରେ ଅଗଣିତ ଚକା ଚିହ୍ନରୁ ଗୋଟାକୁ ଦେଖି ମିଷ୍ଟର ମହାପାତ୍ରଙ୍କ ପରି ଜଣେ ପ୍ରବୀଣ ପୋଲିସ୍ ଅଫିସର ଭକୁଆ ପାଲଟିଯାଇଛନ୍ତି । ଆଚ୍ଛା, ମିଷ୍ଟର, ତୁମର ମୁଣ୍ଡ ଠିକ୍ ଅଛି ତ ?

ରାଜକିଶୋରବାବୁଙ୍କ ସଙ୍ଗେ ଦଳର ଅନ୍ୟମାନେ ବି ହସରେ ଫାଟିପଡ଼ିଲେ । ଏଥିରେ ତୀବ୍ର ଭାବରେ ଆହତ ହେଲେ ମିଷ୍ଟର ମହାପାତ୍ର । ଅଧିକନ୍ତୁ ରାଜକିଶୋରବାବୁଙ୍କ ଦାୟିତ୍ୱହୀନତା ତାଙ୍କୁ ବିରକ୍ତିର ଚରମ ସୀମାରେ ପହଞ୍ଚାଇ ଦେଇଥିଲା ।

ପଦବୀ ଦୃଷ୍ଟିରୁ ଦେଖିଲେ ରାଜକିଶୋରବାବୁ ତାଙ୍କ ସହିତ ସମାନ; ମାତ୍ର ଅଭିଜ୍ଞତା ଏବଂ ଚାକିରି କାର୍ଯ୍ୟକାଳ ଦିଗରୁ ଦେଖିବାକୁ ଗଲେ ମିଷ୍ଟର ମହାପାତ୍ର ରାଜକିଶୋରବାବୁଙ୍କଠାରୁ ଢେର ପୁରୁଣା । ସେ ଦୃଷ୍ଟିରୁ ତାଙ୍କର ଅଧିକ ସମ୍ମାନ ଦାବୀ ଆଦୌ ଅସଙ୍ଗତ ନୁହେଁ । ସମାନ ସ୍ତରର ହେଲେ ବି ରାଜକିଶୋରବାବୁଙ୍କର ତାଙ୍କୁ ଅନ୍ତତଃ ଟିକିଏ ଖାତିର କରିବାର କଥା । କିନ୍ତୁ ଏ ପରିସ୍ଥିତି ଏପରି ଥିଲା ଯେ, ରାଜକିଶୋର ବାବୁ ସବୁ ଭୁଲିଯାଇଥିଲେ ।

ତଥାପି, ରାଗରେ ଥର ଥର ହେଉଥିଲେ ବି ଯଥେଷ୍ଟ ସଂଯମ ରକ୍ଷାକରି ସେ କହିଲେ, "ବୁଝିଲି, ରାଜକିଶୋରବାବୁ ! ଏଟା ପିଲାଙ୍କ ଫୁଟ୍‌ବଲ ଖେଳ ନୁହେଁ, ଗୋଟାଏ ଗୁରୁତର କେସ୍‌ର ଇନ୍‌ଭେଷ୍ଟିଗେସନ୍ । ଟିକିଏ ପୋଲିସ ଅଫିସରର ଦାୟିତ୍ୱକୁ ଆସି ବିଷୟକୁ ଲକ୍ଷ୍ୟ କର, ଆଉ ଚିନ୍ତା କର—ଏଟା ରାସ୍ତା, ତୋଫାନ ଆଗରୁ ଅନେକ ଗାଡ଼ି ଏବାଟେ ଯାଇଥିବ; କିନ୍ତୁ ସେ ସବୁର ଚିହ୍ନ ତ ଏଠି ନାହିଁ, ବର୍ଷାରେ ସବୁ ଧୋଇ ହୋଇଯାଇଚ । ଶୁଖିଲା, ଟାଙ୍ଗରା ମାଟିର ଚିହ୍ନ ବର୍ଷା ପାଣି ପଡ଼ିଲେ ଲିଭିଯିବା ସ୍ୱାଭାବିକ । ଏ ଚିହ୍ନଟା କିନ୍ତୁ ରହିଚ, କାରଣ ବର୍ଷା ସମୟରେ ଏ ଚିହ୍ନଟା ସୃଷ୍ଟି ହୋଇଛି । ତେବେ ଆମକୁ ମାନିବାକୁ ହେବ ଯେ, ବର୍ଷା ତୋଫାନ ହେଉଥିଲାବେଳେ ଏବାଟେ ଗାଡ଼ିଟିଏ ଯାଉଥିଲା । ଚିହ୍ନରୁ ଜଣାଯାଉଛି —ଚିହ୍ନଟା କାର୍‌ର । ତେବେ—

—ବର୍ଷା, ତୋଫାନ ସମୟରେ ଏ ରାସ୍ତାରେ କାର୍‌ଟିଏ ଯାଉଥିଲା ।

Digitized by PPRACHIN, SOA

"ଏଥର ଆଉ ଟିକିଏ ଖବର୍—

—'ବର୍ଷା ହେଲା ରାତି ଏଗାରଟା ପରେ, ଆମେ ଯେତିକି ଜାଣୁ, ଏବାଟେ ଗୋଟିଏ ଧଳା କାର ଯାଇଥିଲା ସେହି ସମସ୍ତ ମଧ୍ୟରେ । କାନ୍ତିଲାଲବାବୁଙ୍କ କାର ମଧ୍ୟ ଧଳା । ତେଣୁ ସେ ଏଇବାଟେ ତୋଫାନବେଳେ ଯାଇଥିବା ନିଶ୍ଚିତ । ଉପରକୁ ଚକ୍ର ଉପରେ ଡାଳ ଖଣ୍ଡିକ ପଡ଼ିଛି । ଏଥିରୁ ଜଣାଯାଉଛି ଯେ, ସେ ଏ ସ୍ଥାନ ଅତିକ୍ରମ କଲାପରେ ହିଁ ତୋଫାନ ଚାଲିଥିଲା ଏବଂ ଡାଳ ଭାଙ୍ଗିଥିଲା ।"

ମିଷ୍ଟର ମହାପାତ୍ରଙ୍କ ଅନୁମାନ ଯଥାର୍ଥ ବୋଲି ମନେହେଲା ରାଜକିଶୋର ବାବୁଙ୍କର । ସେ ନିଜର ଅଜ୍ଞତା ଏବଂ କରିଥିବା ବ୍ୟବହାର ପାଇଁ ବଡ଼ ଲଜ୍ଜିତ ହୋଇପଡ଼ିଥିଲେ । ମିଷ୍ଟର ମହାପାତ୍ର ତାହା ବୁଝିପାରିଥିଲେ ସୁଦ୍ଧା ସେ ଦିଗକୁ ବିଶେଷ ଲକ୍ଷ୍ୟ ନ ନେଇ କହିଲେ, "ଏଥର ସମସ୍ତେ ଚକା ଚିହ୍ନର ସନ୍ଧାନ କରନ୍ତୁ । ନିଶ୍ଚୟ ଆମେ ଆଶାନୁରୂପ ସଫଳତା ହାସଲ କରିବା ।"

ଖାଲି ରାଜକିଶୋରବାବୁ ନୁହନ୍ତି, ଦଳର ସମସ୍ତେ ମିଷ୍ଟର ମହାପାତ୍ରଙ୍କ କଥାର ଯଥାର୍ଥତା ଉପଲବ୍ଧି କରିଥିଲେ । ତେଣୁ ତାଙ୍କର ନିର୍ଦ୍ଦେଶାନୁସାରେ ଖାଲି ଅନୁମାନ ଉପରେ ନିର୍ଭର କରି ଡାଳପତ୍ର ଆଡ଼େଇ ଚକା ଚିହ୍ନର ଅନୁସନ୍ଧାନରେ ଲାଗିପଡ଼ିଲେ ସମସ୍ତେ ।

ସାମାନ୍ୟ ପରିଶ୍ରମ; କିନ୍ତୁ ଆଶାତୀତ ଫଳ, ବେଶ୍ ଆଶାଜନକ ଭାବରେ ଚକାର ଚିହ୍ନ, କେଉଁଠି ସ୍ପଷ୍ଟ କେଉଁଠି ବା ଅସ୍ପଷ୍ଟ ଭାବରେ ପଡ଼ିଥିବାର ଲକ୍ଷ୍ୟ କରିହେଉଥିଲା । ସେଇଆଡ଼କୁ ଲକ୍ଷ୍ୟକରି ସଫଳତାର ଉତ୍ସାହରେ ଅଗ୍ରଗତି କରୁଥିଲେ ଅନୁସନ୍ଧାନକାରୀ ଦଳଟି । ପ୍ରାୟ ଅଧମାଇଲିଏ ଗଲାପରେ ଡାହାଣହୋଡ଼ ଗୋଟାଏ ଅଣଓସାରିଆ ରାସ୍ତାକୁ ଚକ ଚିହ୍ନ ପଡ଼ିଥିବାର ଦେଖାଗଲା । ଅବଶ୍ୟ ସିଧା ପ୍ରଧାନ ରାସ୍ତା ଛାଡ଼ି ଏ ରାସ୍ତାରେ କାରଟା ଗତି କରିବାର କାରଣ କଣ ହୋଇପାରେ, ସେ କଥା ପ୍ରଥମେ କେହି ଚିନ୍ତା କରିପାରିଲେ ନାହିଁ । ମାତ୍ର ଚକର ଚିହ୍ନ ଅନୁସରଣ କାମ ଚାଲିଲା ।

ଏଣିକି ଆଉ ଅଧିକ ପରିଶ୍ରମ କରିବାକୁ ପଡ଼ିଲା ନାହିଁ, କାରଣ ଏଣିକି ଖାଲି ଛୋଟ ଛୋଟ ବୁଦାଗଛ ଛଡ଼ା ବଡ଼ ଗଛ ନାହିଁ । ତେଣୁ ଡାଳପତ୍ର ଭାଙ୍ଗି

Digitized by PPRACHIN, SOA

ଚଳେ କିଛି ପଡ଼ି ନ ଥିଲା । ପ୍ରଧାନ ରାସ୍ତା ଅପେକ୍ଷା ଏପଟର ମାଟି ମଧ୍ୟ ନରମ । ତେଣୁ କାର୍‌ ଚକ୍‌ର ଗଭୀର ଏବଂ ସ୍ପଷ୍ଟ ଦେଖାଯାଉଥିଲା ।

ଆଉ ଖଣ୍ଡେବାଟ ଗଲା ପରେ ମିଷ୍ଟର ମହାପାତ୍ର ଦେଖିପାରିଲେ, ରାସ୍ତାଠାରୁ ଖଣ୍ଡେ ଛଡ଼ାରେ ଗୋଟାଏ ବୁଦା ଉହାଡରେ, ସାଇନ୍‌ବୋର୍ଡ଼ପରି କଣ ଗୋଟାଏ ପଡ଼ିଛି । ଅନ୍ୟମାନଙ୍କ ଦୃଷ୍ଟିକୁ ଆଣି ସମସ୍ତଙ୍କ ସାହାଯ୍ୟରେ ବୁଦା ଉହାଡ଼ରୁ ସେଇଟିକୁ ଆଣି ଦେଖିଲେ—ଲେଖାଅଛି, 'ଜଙ୍ଗଲ ବିଶ୍ରାମ ସ୍ଥଳ ଆଗରେ ।' ଯଥାର୍ଥରେ ସେଟା ଥିଲା ଗୋଟାଏ ସାଇନ୍‌ବୋର୍ଡ । ମିଷ୍ଟର ମହାପାତ୍ର ନିଶ୍ଚିତ ଭାବରେ ଅନୁମାନ କରିନେଲେ ଯେ, ଏଇ ସାଇନ୍‌ବୋର୍ଡ଼ଟା ଥିଲା, ଅଣଓସାରିଆ ରାସ୍ତାଟା ପ୍ରଧାନ ରାସ୍ତାରୁ ଯେଉଁଠାରୁ ବାହାରିଛି ସେଇଠି । ଏଇଥିର ଓସାରିଆ ରାସ୍ତାରେ ଆଗକୁ ଗଲେ ନିଶ୍ଚୟ ଆଶ୍ରୟ ସ୍ଥାନ ଅଛି କେଉଁଠି । ସମ୍ଭବତଃ କାଲି ରାତିରେ ତୋଫାନ କବଳରେ ପଡ଼ି କାନ୍ତିଲାଲ ବାବୁ ଆଶ୍ରୟ ସ୍ଥାନ ଖୋଜି ଏଇ ସାଇନ୍‌ବୋର୍ଡ଼ର ସୂଚନା ଅନୁସାରେ ଏଇ ରାସ୍ତାରେ ଯାଇଛନ୍ତି । ତା ପରେ ପ୍ରଚଣ୍ଡ ପବନ ସାଇନ୍‌ବୋର୍ଡଟାକୁ ଉଡ଼ାଇଆଣି ଫିଙ୍ଗିଦେଇଛି ଏଠି । ଯାହାହେଉ, ଆଗରେ ନିଶ୍ଚୟ ସେ କୌଣସି ଆଶ୍ରୟସ୍ଥଳ ଦେଖିବେ ଏବଂ ସେଠାରେ ଯେ ନିଶ୍ଚୟ କାନ୍ତିଲାଲଙ୍କ ସମ୍ବାଦ କିଛି ମିଳିଯିବ, ଏପରି ଆଶା ବଦ୍ଧମୂଳ ହୋଇଉଠିଲା ତାଙ୍କ ମନରେ ।

ଅନିଶ୍ଚିତ ଭାବରେ ଅନୁସନ୍ଧାନ କ୍ରମେ ନିଶ୍ଚିତ ଅଙ୍କକୁ ଗତି କରୁଛି, ଏହା ଭାବିବାମାତ୍ରେ ମିଷ୍ଟର ମହାପାତ୍ର ଉତ୍ତେଜିତ ହୋଇପଡ଼ୁଥାନ୍ତି । ଖାଲି ଏଇ କେସ୍‌ରେ ନୁହେଁ, ପ୍ରତ୍ୟେକ କେସ୍‌ରେ ତଦନ୍ତ କଲାବେଳେ ତାଙ୍କଠାରେ ଏପରି ଉତ୍ତେଜନା ପ୍ରକାଶ ପାଏ, ଦେହ ଓ ମନରେ ନୂତନ ଶକ୍ତିର ସଞ୍ଚାର ଅନୁଭବ କରନ୍ତି ସେ । ସେତେବେଳେ ତାଙ୍କୁ ପ୍ରୌଢ଼ ବୋଲି କେହି ଧାରଣା କରିବ ନାହିଁ । ତାଙ୍କର ପ୍ରତ୍ୟେକ କଥା ଏବଂ କାର୍ଯ୍ୟ ସେତେବେଳେ ଯୁବକସୁଲଭ ସ୍ଫୂର୍ତ୍ତି, ଉତ୍ସାହ ଏବଂ ଉତ୍ତେଜନାପୂର୍ଣ୍ଣ ।

ସେଇ ଅଣଓସାରିଆ ଅସମତଳ ରାସ୍ତାରୁ ଆଉ କୌଣସି ଶାଖା ବାହାରି ନ ଥିଲା ତେଣୁ ରାସ୍ତାଏ ରାସ୍ତାଏ ଏକମୁହାଁ ଗତି କରୁଥିଲେ ମିଷ୍ଟର ମହାପାତ୍ର । ବଙ୍କା ସିଧା ହୋଇ ଗୁଡ଼ାଏ ବାଟ ଗଲା ପରେ ଦେଖିଲେ, ରାସ୍ତାଟା ଗୋଟାଏ

Digitized by PPRACHIN, SOA

ଉଠାଣିକୁ ଉଠିଯାଇଚ ଅବଶ୍ୟ ଗଡ଼ାଣିରେ କଣ ଅଛୁ ତାହା ଦେଖିବାର କିଛୁ ଉପାୟ ନ ଥିଲା । ରାସ୍ତାର ଦୁଇକଡ଼ରେ ସତର୍କ ଦୃଷ୍ଟି ଥିଲା ମିଷ୍ଟର ମହାପାତ୍ରଙ୍କର । କ୍ରମେ ଉଠାଣିର ସବା ଉପର ମୁଣ୍ଡରେ ପହଞ୍ଚିଗଲେ ସେ । ସେଠାରୁ ନିମ୍ନ ଆଡ଼କୁ ଦୃଷ୍ଟି ପକାଇ ସେ ଚିତ୍କାର କରିଉଠିଲେ, "ହେଇ କାନ୍ତିଲାଲଙ୍କ କାର୍‌ଟା ।"

ରାଜକିଶୋରବାବୁ ଏବଂ ଅନ୍ୟମାନେ କିଛିଏ ବ୍ୟବଧାନରେ ଆଗପଛ ହୋଇ ଆସୁଥିଲେ । ମିଷ୍ଟର ମହାପାତ୍ରଙ୍କ ଚିତ୍କାର ଶୁଣି ସମସ୍ତେ ଧାଇଁଯାଇ ତାଙ୍କ ପାଖରେ ପହଞ୍ଚି ଦେଖିଲେ, ଯଥାର୍ଥରେ କାରଟା ଅଛି ଠିକ୍ ରାସ୍ତା ମଝିରେ । ଅବଶ୍ୟ ଭିତରେ ଆଉ ରାସ୍ତା ଅଛି କି ନା ଜଣାପଡ଼ୁନି । ତେବେ କାର ପାଖକୁ ଗଲେ ସବୁ ସ୍ପଷ୍ଟ ଜଣାପଡ଼ିଯିବ, ଖୁବ ସମସ୍ତେ ଦ୍ରୁତପଦକ୍ଷେପରେ ଚାଲିଲେ ସେଇ ଦିଗକୁ । କାର୍ ନିକଟରେ ପହଞ୍ଚିବାକୁ ଆଉ ମାତ୍ର କେତେ ପାହୁଣ୍ଡ ବ୍ୟବଧାନ ରହିଛି । ସେମାନଙ୍କର ଦୃଷ୍ଟି ପଡ଼ିଲା ଚାଳକର ଆସନ ତା'ର ସାମନା ପଟ ଷ୍ଟିଅରିଂ ଠିକ୍ ତଳକୁ କେହି ଜଣେ ମୁହଁ ମାଡ଼ି ପଡ଼ିଥିବା ଭଳି । ଦେଖିଲାମାତ୍ରେ ଆଶଙ୍କାରେ ଦମ୍ ଦମ୍ କରିଉଠିଲା ମିଷ୍ଟର ମହାପାତ୍ରଙ୍କ ଗୁଢ ଭିତରଟା । କାର୍ ପାଖକୁ ଯିବା ପଛକୁ ରଖି ସେ ଧାଇଁଗଲେ ସେ ଆଡ଼କୁ—ଯେଉଁଠି କେହି ଜଣେ ପଡ଼ିଥିବା ପରି ଜଣାଯାଉଥିଲା । ପାଖକୁ ଯାଇ ନଇଁପଡ଼ି ଚିହ୍ନିବାକୁ ଚେଷ୍ଟା କଲେ ଲୋକଟାକୁ, ଆଉ ସଙ୍ଗେ ସଙ୍ଗେ ଅବୋଧ ଚିତ୍କାରଟାଏ କରି ହେଇଁପଡ଼ିଲେ କେତେ ପାହୁଣ୍ଡ ପଛକୁ । ଦଳର ଅନ୍ୟମାନେ ପ୍ରତ୍ୟେକେ ଭଲଭାବରେ ଦେଖିନେଲେ ଥରେ ଥରେ । କାହାର ମୁହଁରେ କଥା ନାହିଁ । ଭଏ ତା ମୁହଁକୁ, ଯିଏ ତା ମୁହଁକୁ ଚାହୁଁ ଆନ୍ତି; ମାତ୍ର କେହି ସାହସ କରି ଖୋଲି କହିପାରୁନାହିଁ ଯେ ଏ ଲାସ୍ କାନ୍ତିଲାଲବାବୁଙ୍କର ବୋଲି । ଅବଶ୍ୟ ନିର୍ଭୁଲ ଭାବରେ ସେଟା କାନ୍ତିଲାଲଙ୍କର ଲାସ୍ ଥିଲା । ଦେଖିଲାମାତ୍ରେ ମିଷ୍ଟର ମହାପାତ୍ର ଆଉ ରାଜକିଶୋର ବାବୁ ତାଙ୍କୁ ସ୍ପଷ୍ଟ ଚିହ୍ନି ନେଇଥିଲେ । କାରଣ, ଜଣେ ମାମୁଲି ଲୋକ ସେ ନ ଥିଲେ । ଲାସ୍‌ଟା ସେ ପର୍ଯ୍ୟନ୍ତ ଅବିକୃତ ଥିଲା । ପୋଷାକପତ୍ର ମଧ୍ୟ ଖୁବ୍ ମୂଲ୍ୟବାନ ଥିଲା । ରାତିସାରା ବର୍ଷାପାଣିରେ ଭିଜି ଭିଜି ଲାସ୍‌ଟା ଶେତା ପଡ଼ି ଫୁଲି ଉଠୁଥିଲା ।

ଦୁର୍ଘଟଣାର ଦୃଶ୍ୟ ଦର୍ଶନରେ ସମସ୍ତେ ଏପରି ଅଭିଭୂତ ହୋଇପଡ଼ିଥିଲେ ଯେ କେତେ ମିନିଟ୍ ପର୍ଯ୍ୟନ୍ତ କାହାର ମୁହଁରୁ ପଦେ କଥା ସୁଦ୍ଧା ବାହାରିଲା ନାହିଁ ।

Digitized by PPRACHIN, SOA

ଏ ମର୍ମନ୍ତୁଦ ହତ୍ୟାକାଣ୍ଡଟା ଯେ କିପରି କାହିଁକି ଘଟିଲା ତାର କାରଣ କେହି ସ୍ଥିର କରିବାଭଳି ମାନସିକ ଅବସ୍ଥାରେ ନ ଥିଲେ । ସର୍ବପ୍ରଥମେ ମିଷ୍ଟର ମହାପାତ୍ର ନୀରବତା ଭାଙ୍ଗି ରାଜକିଶୋରବାବୁଙ୍କୁ ଲକ୍ଷ୍ୟ କରି କହିଲେ, 'ଆଚ୍ଛା, ରାଜୁବାବୁ, ତୁମେ ବର୍ତ୍ତମାନ ପୋଲିସ ଷ୍ଟେସନ ଚାଲିଯାଅ, ସେଠାରୁ ଫୋନ କରି ହେଡ଼କ୍ୱାଟରକୁ ଜଣାଇଦେବ । ଖବରଦାର ! ପାପ୍ରିଲାଲଙ୍କୁ ଏ ବିଷୟରେ କିଛି ଜଣାଇବ ନାହିଁ । ହେଡ଼କ୍ୱାଟରରେ 'ଜୟନ୍ତବାବୁ ତ ଥିବେ ନିଶ୍ଚୟ, ସେ ଯଦି ଉଚିତ ମନେକରିବେ ତେବେ ବର୍ତ୍ତମାନ ତାଙ୍କୁ ଜଣାଇବେ ନ ହେଲେ ନାହିଁ ।'

ରାଜକିଶୋରବାବୁ ବିନା ବାକ୍ୟବ୍ୟୟରେ ସେଠାରୁ ଚାଲିଗଲେ । କାନ୍ତିଲାଲଙ୍କ ଲାସ୍‌ଠାରୁ ଖଣ୍ଡେ ଛଡ଼ାରେ ଖଣ୍ଡିଏ ବଡ଼ ପଥର ପଡ଼ିଥିଲା, ତାରି ଉପରେ ମିଷ୍ଟର ମହାପାତ୍ର ଅବଶ ହୋଇ ବସିପଡ଼ିଲେ, ଯେପରି ସେ ହଠାତ୍ ଶକ୍ତିହୀନ ହୋଇପଡ଼ିଛନ୍ତି କୌଣସି କାରଣରୁ । ବାସ୍ତବିକ୍ ଏ ମର୍ମନ୍ତୁଦ ଦୁର୍ଘଟଣା ତାଙ୍କ ମନରେ ଘୋର ଦୁଃଖ ଆଣି ଦେଇଥିଲା ।

ଅନୁସନ୍ଧାନକାରୀ ଦଳର ଅନ୍ୟମାନେ ଆଖପାଖ ସ୍ଥାନଟା ଚତୁର୍ଦ୍ଦିଗରେ ବୁଲି ଖୋଜିବାକୁ ଲାଗିଲେ, କାଳେ କେଉଁଠି କିଛି ପତ୍ତାଆଇପାରେ । ସେମାନଙ୍କ ଭିତରୁ ଜଣେ ଦୁଇ ଜଣ ଘରଭିତରକୁ ପଶିବାକୁ ଯାଉଥିଲେ, ମାତ୍ର ମିଷ୍ଟର ମହାପାତ୍ର ସେଠାକୁ ଯିବାକୁ ବାରଣ କଲେ ସେମାନଙ୍କୁ ।

ପ୍ରାୟ ଦୁଇ ଘଣ୍ଟା ଅପେକ୍ଷା କଲା ପରେ ନିକଟରେ ଗାଡ଼ି ଆସିବାର ଶବ୍ଦ ଶୁଣାଗଲା । ମିଷ୍ଟର ମହାପାତ୍ର କିଛିଏ ଆଶ୍ୱସ୍ତ ହେଲେ, ଯାହାହେଉ ପୋଲିସ ଗାଡ଼ି ଆସିଗଲା ତେବେ । ଠିକ୍ ଦୁଇ ତିନି ମିନିଟ ମଧ୍ୟରେ ପୋଲିସ ଜୀପ୍ ଦୁଇଟା ଆଉ ତା ପଛେ ପଛେ କାର୍‌ରେ ପାପ୍ରିଲାଲ ଆସି ପହଞ୍ଚିଗଲେ ସେଠି । ପୋଲିସ ଜୀପରୁ ଓହ୍ଲାଇଆସିଲେ ରାଜକିଶୋରବାବୁ, ଇନ୍‌ସ୍‌ପେକ୍ଟର 'ଜୟନ୍ତବାବୁ, ଡିଟେକ୍‌ଟିଭ ପ୍ରଦୀପବାବୁ ଆଉ ତାଙ୍କର ସହକାରୀ ଅଜୟବାବୁ । ଓହ୍ଲାଇବା ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ଧାଇଁଗଲେ ସମସ୍ତେ । ପାପ୍ରିଲାଲ କାନ୍ତିଲାଲଙ୍କ ଲାସ୍ ଦେଖିବାମାତ୍ରେ 'ଭାଇ' ବୋଲି ଚିତ୍କାର କରି କାନ୍ଦିଉଠିଲେ । ଝରଝର କରି ତାଙ୍କ ଆଖିରୁ ଲୁହଧାର ବୋହିପଡ଼ିଲା । ପାପ୍ରିଲାଲଙ୍କର ସେ ବିକଳଭାବ ଅନିଚ୍ଛାସତ୍ତ୍ୱେ ବି ଅନ୍ୟମାନଙ୍କ ଆଖିରେ ଲୁହ ଜକେଇ ଆଣିଥିଲା ।

Digitized by PPRACHIN, SOA

ପରିସ୍ଥିତିକୁ ନେଇ ଏପରି ଗୋଟାଏ ଶୋକାଚ୍ଛନ୍ନ ପରିବେଶ ନିତାନ୍ତ ଅସ୍ୱାଭାବିକ ନ ଥିଲା । କାନ୍ତିଲାଲ ଥିଲେ ନିରୀହ ଏବଂ ସରଳ ପ୍ରକୃତିର ଲୋକ । ତାଙ୍କର ଏପରି ଅସ୍ୱାଭାବିକ ମୃତ୍ୟୁ ପୁଣି ଏପରି ଅସହାୟ ଏବଂ ଶୋଚନୀୟଭାବରେ ହେବାଟା ପ୍ରତ୍ୟେକଙ୍କ ମନକୁ ତୀବ୍ରଭାବରେ ଆଘାତ ଦେଇଥିଲା ।

ସମସ୍ତେ ଶୋକବିହ୍ୱଳ ଥିଲେ ବି ପ୍ରଦୀପବାବୁ ଯଥେଷ୍ଟ ଧୈର୍ଯ୍ୟ ରକ୍ଷା କରିପାରିଥିଲେ । ତାଙ୍କ ଦେଖାଦେଖି ତାଙ୍କର ସହକାରୀ ଅଜୟବାବୁ ମଧ୍ୟ । ସେ ଦୁହେଁ କାନ୍ତିଲାଲଙ୍କ ଲାସ୍‌ଟା ପରୀକ୍ଷା କରିବାରେ ଲାଗିପଡ଼ିଥିଲେ । ସେମାନେ ଯାହା ପରୀକ୍ଷା କରିପାରିଥିଲେ ସେତିକିରୁ ଜାଣିପାରିଥିଲେ ଯେ ଖୁବ୍ ଶକ୍ତଭାବରେ ଗଳା ଚିପି ହତ୍ୟା କରାଯାଇଛି । କାରଣ ଅଙ୍ଗୁଳି ଦାଗଗୁଡ଼ା ବେକରେ ସେପର୍ଯ୍ୟନ୍ତ ସୁସ୍ପଷ୍ଟ ରହିଛି । କେତେଟା ଫଟୋ ତାର ଉଠାଇନେଲେ ଅଜୟବାବୁ । ଆଖିର ଡୋଳା ଦି'ଟା ଆଗକୁ ବାହାରିପଡ଼ିଛି । ଏତିକି ଛଡ଼ା ଦେହର କେଉଁଠି କିଛି ବ୍ୟତିକ୍ରମ ନାହିଁ । ତେବେ କେହି ଗଳା ଚିପି ଯେ କାନ୍ତିଲାଲଙ୍କୁ ହତ୍ୟା କରିଛି, ଏହା ସୁସ୍ପଷ୍ଟ ।

ଅଜୟବାବୁ ଏତିକି ସାରିଲାବେଳକୁ ଜୟନ୍ତବାବୁ ଏବଂ ମିଷ୍ଟର ମହାପାତ୍ର ଆସି ଯୋଗ ଦେବାକୁ ପହଞ୍ଚିଗଲେ ତାଙ୍କ ସହିତ । ଲାସ୍‌ର ପକେଟ୍ ଖାନ୍‌ତଲାସ କରାଗଲା । ରିଭଲଭର ଟଣ୍ଡିକ ସେପର୍ଯ୍ୟନ୍ତ ଥିଲା ଲାସ୍ ପକେଟରେ । ପ୍ରଦୀପବାବୁ ସେଇଟି ଫିଟାଇ ଦେଖିଲେ, ଛଅଟି ଗୁଳି ଅବ୍ୟବହୃତ ଅବସ୍ଥାରେ ସେ ପର୍ଯ୍ୟନ୍ତ ଅଛି ତା ଭିତରେ । ଏତିକି ଛଡ଼ା ଆଉ କିଛି ମିଳିଲା ନାହିଁ ।

ସମସ୍ତଙ୍କୁ ତଳେ ଠିଆହେବାକୁ କହି ପ୍ରଦୀପବାବୁ ବୂଳଘରର ପିଣ୍ଡା ଉପରକୁ ଉଠିଗଲେ । ତାଙ୍କର ଦୃଷ୍ଟି ଥିଲା ଖୁବ୍ ସତର୍କଭାବରେ ନିବଦ୍ଧ ତଳ ଆଡ଼କୁ । ଖୁବ୍ ନିରୀକ୍ଷଣ କଲାପରେ ସେ ଅସ୍ପଷ୍ଟ ପାଦଚିହ୍ନ କେତୋଟି ଦେଖିପାରିଲେ । ମାତ୍ର ସେଗୁଡ଼ିକ ଦେଖି ହତାଶ ହେବାଛଡ଼ା ଦ୍ୱିତୀୟ ଉପାୟ ନ ଥିଲା । କାରଣ ବର୍ଷାପାଣି ଛୁଡ଼ିକା ପଡ଼ି ସେଗୁଡ଼ିକ ଆବଶ୍ୟକତା ବାହାରକୁ ଚାଲିଯାଇଥିଲା । ହତାଶ ହୋଇପଡ଼ିଥିଲେ ମଧ୍ୟ ନିରୁତ୍ସାହିତ ହୋଇ ନ ଥିଲେ ସେ । ଧୀରେ ଧୀରେ ଖୋଲା ଦରଜା ଦେଇ ଘରଭିତରେ ପ୍ରବେଶ କଲେ । ତଳକୁ ଦୃଷ୍ଟି ନିକ୍ଷେପ କଲାମାତ୍ରେ ସ୍ପଷ୍ଟଭାବରେ ଗୁଡ଼ାଏ ପାଦଚିହ୍ନ ତାଙ୍କର ଦୃଷ୍ଟି ଗୋଚର ହେଲା ।

Digitized by PPRACHIN, SOA

ବସିପଡ଼ି ମ୍ୟାଗ୍ନିଫାଇଙ୍ଗ୍ ଗ୍ଲାସ୍ ସାହାଯ୍ୟରେ ତନ୍ନ ତନ୍ନ କରି ସେଗୁଡ଼ିକ ସେ ପରୀକ୍ଷା କରିବାରେ ଲାଗିପଡ଼ିଲେ । ଦୀର୍ଘ ପନ୍ଦର ମିନିଟ କାଳ ପରୀକ୍ଷା କଲାପରେ ଅଜୟବାବୁଙ୍କୁ ଡାକିଲେ ପାଖକୁ । ଖୁବ୍ ସତର୍କତାର ସହିତ କେତୋଟି ପାଦଚିହ୍ନ ଦେଖାଇ ତାର ଫଟୋ ଉଠାଇ ନେବାପାଇଁ ନିର୍ଦେଶ ଦେଲେ ତାଙ୍କୁ । ଘର ଭିତରେ ଆସବାବପତ୍ର ଆଉ କିଛି ନ ଥିଲା । ଗୋଟାଏ କୋଣକୁ ଟର୍ଚ୍ଚ ଲାଇଟ୍‌ଟା ପଡ଼ିଥିଲା । ସେଇଟିକୁ ହାତରେ ଗ୍ଲୋଭସ ଦେଇ ଉଠାଇନେଲେ ସେ । ଘରର ପ୍ରତିଟି ଇଞ୍ଚ ସେ ପରୀକ୍ଷା କରି ଆଉ କିଛି ପାଇପାରିଲେ ନାହିଁ । ଅଗତ୍ୟା ଫେରି-ଆସିଲେ ବାହାରକୁ ।

ପ୍ରଦୀପବାବୁ ଏଣେ ଅନୁସନ୍ଧାନ କାର୍ଯ୍ୟରେ ତତ୍ପର ଥିଲେ ମଧ୍ୟ ବାହାରେ ଜୟନ୍ତବାବୁ ପ୍ରଭୃତି ନିଶ୍ଚେଷ୍ଟ ନ ଥିଲେ । ସେମାନେ ଚତୁର୍ଦ୍ଦିଗରେ ଖୋଜତଲାସ କରୁଥିଲେ । ହତ୍ୟାକାରୀ ଗୋଟାଏ ହତ୍ୟାକାଣ୍ଡ ସଂଘଟିତ କଲା ପରେ କିଛି ପବନରେ ଅଦୃଶ୍ୟ ହୋଇଯାଇ ନ ଥିବ । ଅବଶ୍ୟ କିଛି ଟିକିଏ ହେଲେ ସୂତ୍ର ଛାଡ଼ିଥିବ । ହୁଏତ ଖୁବ୍ ସାମାନ୍ୟ ହେଲେ ବି ଅନୁସନ୍ଧାନକାରୀମାନଙ୍କ ପାଇଁ ତାହା ଅସାମାନ୍ୟ ଏବଂ ଅମୂଲ୍ୟର କାମ କରିପାରେ ସେମାନେ କୃତକାର୍ଯ୍ୟ ହୋଇ-ଥିଲେ ମଧ୍ୟ ।

ହତ୍ୟାକାଣ୍ଡ ଯେଉଁ ସ୍ଥାନରେ ସଂଘଟିତ ହୋଇଥିଲା, ସେହି ସ୍ଥାନଠାରୁ ପଶ୍ଚିମକୁ ଜଙ୍ଗଲ କ୍ରମଶଃ ପତଳା ହୋଇଯାଇଛି । ପ୍ରାୟ ଅଧମାଇଲ୍‌ଏ ପର୍ଯ୍ୟନ୍ତ ଏହିପରି କ୍ରମକ୍ଷୟିଷ୍ଣୁ ଜଙ୍ଗଲିଆ ଅଞ୍ଚଳ ପରେ ପାହାଡ଼ିଆ ଅସାମାନ୍ୟ ପଥୁରିଆ ମାଟି । ଅସଂଖ୍ୟ ଛୋଟ ଛୋଟ କଣ୍ଟାଗଛ ଜନ୍ମିଛି ତା ଉପରେ । ସେହିପରି ଭୂମି ପ୍ରାୟ ଅଧମାଇଲ୍‌ଏକୁ ବେଶି ଅତିକ୍ରମ କଲେ ଗୋଟାଏ ରାସ୍ତା—ଯେଉଁଟା କି ଗୋଟାଏ ଦିଗରେ ରାଜପଥ ଏବଂ ଅନ୍ୟଦିଗରେ ସହରକୁ ପଡ଼ିଥିବା ରାସ୍ତାକୁ ସଂଯୋଗ କରିଛି । ସେ ରାସ୍ତାରେ ଯାତାୟାତ ଖୁବ୍ କମ । ତେଣୁ ଉପଯୁକ୍ତ ଯତ୍ନ ଅଭାବରୁ ତାର ଅବସ୍ଥା ନିହାତି ଭଲ ନୁହେଁ । ତଥାପି ସମୟେ ସମୟେ କାଁ ଭାଁ ଟ୍ରକ, ବସ୍ ବା ଟ୍ୟାକ୍‌ସିଟାଏ ଯାଏ ତା ଉପରେ । ସେ ରାସ୍ତାଟା ପୂରାପୂରି ନିର୍ଜନ । ତାର ଆଖପାଖରେ କୌଣସି ଦୋକାନ ବା ଗ୍ରାମ ନାହିଁ, ଏପରିକି ଛାୟାପ୍ରଦ ଗଛଟିଏ ବି ଦେଖିବାକୁ ମିଳେନି ସେଠାରେ ।

Digitized by PPRACHIN, SOA

ମିଷ୍ଟର ମହାପାତ୍ରଙ୍କୁ ସଙ୍ଗରେ ନେଇ ଜୟନ୍ତବାବୁ ସେଇ ଦଗଟାକୁ ତନ୍ନ ତନ୍ନ କରି ଖୋଜିବାରେ ଲାଗିପଡ଼ିଲେ । ଗୁଳଘରର ଖୁବ୍ ପାଖରେ ନିଘଞ୍ଚ ଜଙ୍ଗଲ । ତା ଭିତରେ ଜଣେ ଲୋକ ଅନାୟାସରେ ଯାତାୟାତ କରିପାରେ । ଅନାୟାସରେ ଲୁଚିଯିବାଭଳି ଝଙ୍କାଳିଆ ବୁଦା ମଧ୍ୟ ଅଛି ସେଠାରେ । ଜୟନ୍ତବାବୁଙ୍କୁ ଖୁବ୍ ସନ୍ଦେହଜନକ ବୋଧହେଲା ସ୍ଥାନଟା । ତାଙ୍କୁ ବୋଧହେଲା ଯେପରି ହତ୍ୟାକାରୀ ସେପର୍ଯ୍ୟନ୍ତ ବି ସେଠାରେ ଆତ୍ମଗୋପନ କରି ଘୂରିବୁଲୁଛି ।

ପ୍ରାୟ ଗୃଣଶହ ଗଜ ପର୍ଯ୍ୟନ୍ତ ନିପୁଣ ଅନୁସନ୍ଧାନ ପରେ ମିଷ୍ଟର ମହାପାତ୍ର ଦେଖିପାରିଲେ, ଖଣ୍ଡେ ଦୂରରେ ଗୋଟାଏ ଗଛର ହାତପାହାନ୍ତ ଡାଳରେ କଳା ଚଦର ପରି କଣ ଗୋଟାଏ ଝୁଲୁଛି । ଘଞ୍ଚ ଜଙ୍ଗଲ ଭିତରେ ପରିସ୍ଥିତିକୁ ନେଇ ତାଙ୍କ ମନରେ ସନ୍ଦେହ ଘନୀଭୂତ ହୋଇଉଠିଲା । ଅବଶ୍ୟ ଗୋଟାଏ ହତ୍ୟାକାଣ୍ଡ ଏଠାରେ ଘଟି ନ ଥିଲେ ସେଟା ପ୍ରତି ଦୃଷ୍ଟି ଦେବାର କାରଣ କିଛି ନ ଥିଲା । କାରଣ, ସମୟ ଥିଲା କାଠକଟା ସମୟ । ହୁଏତ କେହି କାଠକଟାଳି ନିଜର ଚଦରଖଣ୍ଡି ସେଠାରେ ରଖି, ନେବାକୁ ଭୁଲିଯାଇଛି । କିନ୍ତୁ ବର୍ତ୍ତମାନ ସବୁକିଛି ସନ୍ଦେହର କୁହେଳିକା ଭିତର ଦେଇ ଗତି କରୁଥିଲା । ତେଣୁ ଜିନିଷଟା ବିଷୟରେ ଟିକିଏ ଅଧିକ ଜାଣିବାପାଇଁ ସେ ପାଖକୁ ଯିବାକୁ ଲାଗିଲେ ।

ଖୁବ୍ ପାଖାପାଖିରେ ପହଞ୍ଚି ସେ ଧାରଣା କଲେ ଯେ, ସେଟା ଗୋଟାଏ କଳା ବୋରଖା କିମ୍ବା ସେହିପରି କିଛି ଜିନିଷ ହେବ । ଖୁବ୍ ପାଖରେ ଥାଇ ସୁଦ୍ଧା ପ୍ରଦୀପବାବୁଙ୍କ ଆସିବାପର୍ଯ୍ୟନ୍ତ ଅପେକ୍ଷା କଲେ ସେ । ଆପାତତଃ ସେ ନ ଆସିବା ପର୍ଯ୍ୟନ୍ତ ସେଥିରେ ହାତ ନ ଦେବା ଭଲ । ପ୍ରଦୀପବାବୁ ଖୁବ୍ ଶୀଘ୍ର ଆସି ସେଠାରେ ପହଞ୍ଚିଗଲେ ମଧ୍ୟ । ସେ ଦେଖିଲେ—ତାଙ୍କର ଖୋଜିଲାଭଳି ଜିନିଷଟାଏ ମିଳିଯାଇଛି ଭାଗ୍ୟକୁ । ଗଛମୂଳକୁ ଲକ୍ଷ୍ୟ କଲେ । କେତେଟା ପାଦଚିହ୍ନ ଓଦା ମାଟି ଉପରେ ସେପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ଅଛି । ସେଗୁଡ଼ିକ ଜୋତାର ଚିହ୍ନ । ଏଠାରେ ସେ ବିସ୍ମିତ ହେଲେ ଗୋଟାଏ ଜିନିଷ ଦେଖି । ତା'ହା ହେଉଛି, ଘର ଭିତରେ ସେ ଏକପ୍ରକାର ଜୋତାର ଚିହ୍ନ ଦେଖିବାକୁ ପାଇଥିଲେ । କିନ୍ତୁ ଏଠାରେ ଦୁଇପ୍ରକାର ଜୋତାର ଚିହ୍ନ ଦେଖାଯାଉଛି । ଯାହାହେଉ, ଏଠାରେ ଦୁଇ ଜଣ

Digitized by PPRACHIN, SOA

ଯେ ଉପସ୍ଥିତ ଥିଲେ, ଏକଥା ନିଃସନ୍ଦେହ ଏବଂ ଜଣେ ତା ମଧ୍ୟରୁ ହତ୍ୟାକାରୀ । ଆଉ ଜଣେ ତାର ସାହାଯ୍ୟକାରୀ, ଯେ କି ତାକୁ ଏଠାରେ ଅପେକ୍ଷା କରିଥିଲା ।

ଏଠାରେ ଆଉ ଗୋଟାଏ ଜିନିଷ ସେ ବିଶେଷକରି ଲକ୍ଷ୍ୟ କଲେ । ଘର ଭିତରେ ଯେଉଁ ପ୍ରକାର ଜୋତାଚିହ୍ନ ସେ ଦେଖିଥିଲେ, ଏଠାରେ ମଧ୍ୟ ସେପ୍ରକାର ଜୋତାର ଚିହ୍ନ ଦେଖିବାକୁ ପାଇଲେ । ଅନ୍ୟ ଜୋତାଚିହ୍ନ ଅପେକ୍ଷା ସେପ୍ରକାର ଜୋତାଚିହ୍ନ ଓଦାମାଟିରେ ଅଧିକ ଗଭୀର ଦାଗ ସୃଷ୍ଟି କରିଥିଲା ଏବଂ ସେହି ଚିହ୍ନର ଡାହାଣ ଗୋଇଠି ଚିହ୍ନ ଅଳ୍ପ ଉଠିଥିଲା । ତାଙ୍କ ମନକୁ ଗୋଟିଏ ତଥ୍ୟ ଛୁଇଁଲା ଏହା ଦେଖି । ଘର ଭିତରେ ଯେ ଲୋକ ଥିଲା ସେ ହତ୍ୟାକାରୀ ନିଶ୍ଚୟ । ଅନ୍ୟ ଲୋକଟି ଅପେକ୍ଷା ସେ ସ୍ଥୂଳ ଏବଂ ତାର ଡାହାଣ ଗୋଡ଼ରେ ସାମାନ୍ୟ ଦୋଷ ଅଛି, ଯାହା ଫଳରେ ଅନ୍ୟ ଅଂଶ ଅପେକ୍ଷା ସେଇଟିର ଚାପ ମାଟିରେ ଅଳ୍ପ ଲାଗୁଚି । କିନ୍ତୁ ତାର ସାହାଯ୍ୟକାରୀର ପାଦଚିହ୍ନ ଦୁଇଟି ସ୍ୱାଭାବିକ ରହିଛି । ଖୁବ୍ ସତର୍କତାର ସହିତ ପାଦଚିହ୍ନ-ଫଟୋଗ୍ରାଫ୍ ଅଲଗା ଅଲଗା ନେବାକୁ ଅଜୟବାବୁଙ୍କୁ ନିର୍ଦ୍ଦେଶ ଦେଇ ଖଣ୍ଡିଏ କାଠ ସାହାଯ୍ୟରେ ଦୋରଖା ଖଣ୍ଡିକ ବାହାର କରିଆଣିଲେ ଡାଳଉପରୁ । ଖଣ୍ଡେ କାଗଜରେ ସେଇଟିକୁ ଗୁଡ଼ାଇ ରଖିଲେ । ଏଇଟି ହତ୍ୟାକାରୀ ହେଉ ବା ତାର ସାହାଯ୍ୟକାରୀ ହେଉ, ଯେତେବେଳେ କିଛି ସମୟ ଧରି ଅପେକ୍ଷା କରିଥିଲା, ଆଉ କିଛି ତଥ୍ୟ ହୁଏ ତ ମିଳିଥାଇପାରେ ତାଙ୍କପାଇଁ, ଏଇ ଆଶାରେ ସେ ଆଖପାଖ ବୁଦା ସବୁ ଭଲଭାବରେ ତଲାସିବାରେ ଲାଗିଲେ । କିନ୍ତୁ ସମସ୍ତ ପରେ ଗୋଟାଏ କଣ୍ଟାବୁଦାତଳେ ଛିନ୍ନଖଣ୍ଡ ଖଣ୍ଡିଆ ସିଗାରେଟ୍ ପଡ଼ିଥିବା ଦେଖି ଆନନ୍ଦରେ ଉଲ୍ଲସିତ ହୋଇଉଠିଲେ ସେ । "ଏହି ଖଣ୍ଡିଆ ସିଗାରେଟ୍ ଛିନ୍ନଖଣ୍ଡର ମୂଲ୍ୟ ଏହାର କାରଖାନାର ମୂଲ୍ୟଠାରୁ ମୋ ନିକଟରେ ଯଥେଷ୍ଟ ଅଧିକ ନିଶ୍ଚୟ," ଏହା ମନକୁ ମନ କହି ସାବଧାନତାର ସହିତ ତାକୁ ଉଠାଇନେଇ ଖଣ୍ଡିଏ କାଗଜରେ ବାନ୍ଧି ରଖିଲେ ।

ଆହୁରି କିଛି ମିଳିପାରେ ଭାବି, ସେ ଅଧିକ ଦୂର ଯିବାକୁ ଉଦ୍ୟମ କରୁଥିଲେ, କିନ୍ତୁ ଆସନ୍ନ ସନ୍ଧ୍ୟାର ସୂଚନା ଦେଇ ଜୟନ୍ତବାବୁ ତାଙ୍କୁ ସେଥିରୁ ନିବର୍ତ୍ତାଇଲେ· ପ୍ରତାପବାବୁ ଦେଖିଲେ—ତେଣିକି ତେଣିକି ଖୋଲା ପଥୁରିଆ ଅସମତଳ ପଡ଼ିଆ ।

ବର୍ଷା ନ ହେଲେ ଆସନ୍ତାକାଲି ବି ସେ ପାଖଟା ଦେଖିନେଇ ହେବ । ସେ ଫେରିଆସିଲେ ସ୍କୁଲଘର ନିକଟକୁ ।

ଦୀପ୍ତିଲାଲ ସେ ପର୍ଯ୍ୟନ୍ତ କାନ୍ତିଲାଲଙ୍କ ଶବ ନିକଟରେ ବସି ନୀରବରେ ଅଶ୍ରୁମୋଚନ କରୁଥାନ୍ତି । ତାଙ୍କୁ ପଦେ ଦୁଇ ପଦ ସାନ୍ତ୍ୱନା ଏବଂ ଆଶ୍ୱାସନା ବାଣୀ ଶୁଣାଇ ଲାସ୍‌ଟାକୁ ଗାଡ଼ିରେ ଉଠାଇବାକୁ ନିର୍ଦ୍ଦେଶ ଦେଲେ ପ୍ରଦୀପ ବାବୁ ।

ଜୟନ୍ତବାବୁ ପଚାରିଲେ, "କ'ଣ ସିଧା ହସ୍‌ପିଟାଲ ?

ପ୍ରଦୀପବାବୁ ମୁହଁରୁ ଝାଳ ପୋଛୁ ପୋଛୁ କହିଲେ, "ତା'ର ଆବଶ୍ୟକତା ନାହିଁ । ପୋଷ୍ଟମର୍ଟମ୍‌ ଅର୍ଥ ଅଯଥା ବିଳମ୍ବ । ହତ୍ୟା ସୁସ୍ପଷ୍ଟ । ଏଥିର ସଂସ୍କାରର ବ୍ୟବସ୍ଥା । ଦୀପ୍ତିଲାଲଙ୍କୁ ତାଙ୍କ ଘରଠେଇଁ ଛାଡ଼ିଦେଇ ଆମେ ଚାଲିଯିବା ହେଡ୍‌-କ୍ୱାଟରକୁ ।"

ନିର୍ଦ୍ଦେଶାନୁସାରେ କାର୍ଯ୍ୟ ଶେଷ ହେବାକୁ ବେଶି ବିଳମ୍ବ ଲାଗିଲା ନାହିଁ ।

ଗାଡ଼ି କେତୋଟି ଜଙ୍ଗଲର ସର୍ପିଳ ରାସ୍ତାରେ ଅତିକ୍ରମ କରିଲାବେଳକୁ ସୂର୍ଯ୍ୟ ଅସ୍ତ ହେବାକୁ ଆଉ ଅଧିକ ବିଳମ୍ବ ନ ଥିଲା । ଗଛପତ୍ରର ଫାଙ୍କେ ଫାଙ୍କେ ଅନ୍ଧକାର ଉଙ୍କି ମାରିଆସୁଥିଲା ।

ଚାରି

ପ୍ରାୟ ପନ୍ଦର ଦିନ ଅତିବାହିତ ହୋଇଗଲାଣି ଏହା ମଧ୍ୟରେ । ସ୍ୱର୍ଗତ କାନ୍ତିଲାଲଙ୍କର ଅନ୍ତ୍ୟେଷ୍ଟିକ୍ରିୟା ଏକ ଶୋକାଚ୍ଛନ୍ନ ପରିବେଶ ମଧ୍ୟରେ ଶେଷ ହୋଇଯାଇଛି । ସୁଲତା ଦେବୀଙ୍କର ବୈଧବ୍ୟ ଏବଂ ସୁବ୍ରତର ପିତୃହୀନତା ଦୀପ୍ତିଲାଲଙ୍କ ପ୍ରାଣକୁ ଖୁବ୍‌ ବାଧୁଛି । ଯେକୌଣସି ପ୍ରକାର ହେଉ, ହତ୍ୟାକାରୀକୁ ସମୁଚିତ ଶାସ୍ତି ଦେବାର ସମସ୍ତ ବ୍ୟବସ୍ଥା କରିବାକୁ ସେ ଦୃଢ଼ସଂକଳ୍ପ । ଏହି କାରଣରୁ ଏ କେସର ଦାୟିତ୍ୱ ନିଜ ପକ୍ଷରୁ ସେ ପ୍ରଦୀପବାବୁଙ୍କୁ ଅର୍ପଣ କରିଛନ୍ତି । ଯାହା ଯେତେ ଖର୍ଚ୍ଚ ହେଉ ପଛେ ସେଥିକୁ ତିଳେ ହେଲେ ଚିନ୍ତା ନାହିଁ ତାଙ୍କର ।

Digitized by PPRACHIN, SOA

ସେ କେବଳ ଗୁହାନ୍ତି ଗୋଟିଏ ଜିନିଷ ତାହା ହେଉଛି, ହତ୍ୟାକାରୀର ଉଚିତ ଶାସ୍ତି ।

ପ୍ରଖ୍ୟାତନାମା ଡ଼ିଟେକ୍ଟିଭ୍ ପ୍ରଦ୍ୟୋତବାବୁ କେସ୍‌ଟିକୁ ଗ୍ରହଣ କରିଛନ୍ତି । ଏଇ କେତେଦିନ ଧରି ସେ କେତୋଟି ବିଷୟରେ ବହୁ ଅନୁସନ୍ଧାନ କରିଛନ୍ତି । ତାଙ୍କର ସନ୍ଧାନୀ କୁକୁର ଟାଇଗରକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସ୍ଥାନରେ ଗୁଣ୍ଡ ତାକୁ ଅନୁସରଣ କରିଛନ୍ତି । କିନ୍ତୁ ଏଥିରେ କିଛି ସୂତ୍ର ପାଇନାହାନ୍ତି । କାନ୍ତିଲାଲଙ୍କ ପରିବାରକୁ ଯାଇ ବାରମ୍ବାର ନାନା ବିଷୟ ଓଲଟପାଲଟ କରି ପଚାରି ବୁଝିଛନ୍ତି । କିନ୍ତୁ ସେଥିରେ ବି କିଛି ଫଳ ହୋଇନି । ତଥାପି ସେ ସମ୍ପୂର୍ଣ୍ଣ ନିରାଶ ହୋଇନାହାଁନ୍ତି । ନିତାନ୍ତ ଖାପଛଡ଼ା ହେଲେ ବି ଯେତେକ ବିଷୟବସ୍ତୁ ସେ ସଂଗ୍ରହ କରିଛନ୍ତି ସେତକ ଯେ ତାଙ୍କର ପରବର୍ତ୍ତୀ ତଦନ୍ତରେ ପାଥେୟ ସ୍ୱରୂପ କାମ କରିବ, ଏଥିରେ ସେ ନିଃସନ୍ଦେହ । ତାଙ୍କର ତଦନ୍ତ ଓ ଅନୁସନ୍ଧାନର ଧାରା ସ୍ୱତନ୍ତ୍ର । ତେଣୁ ଗୁଡ଼ାଏ ବିଶୃଙ୍ଖଳା ସୃଷ୍ଟି ନ କରି, ବେଶି ଲୋକଙ୍କୁ ଗୋଳମାଳରେ ନ ପକାଇ, କେହି ଭିତରକୁ ନ ଟାଣି, ଯେଉଁ କେତେଜଣଙ୍କୁ ଅତି ଆବଶ୍ୟକୀୟ ମନେ କରିଛନ୍ତି ସେଇମାନଙ୍କୁ କିଛି ପଚରାପଚରି କରିଛନ୍ତି । ତା ବି ନିତାନ୍ତ ଘରୋଇ ଭାବରେ, ସେମାନଙ୍କ ପାଖକୁ ଯାଇ । କାହାରିକୁ ପୋଲିସ ଷ୍ଟେସନର ସୀମା ମାଡ଼ିବାକୁ ହୋଇନି । ପୋଲିସ ବିଭାଗ ପକ୍ଷରୁ ମଧ୍ୟ ଏ ବିଷୟରେ ଆଦୌ ହସ୍ତକ୍ଷେପ କରାଯାଇନାହିଁ । ପ୍ରଦ୍ୟୋତବାବୁଙ୍କ ଉପରେ ତଦନ୍ତର ସମସ୍ତ ଦାୟିତ୍ୱ ଲଦିଦିଆଯାଇଛି ।

ପ୍ରଦ୍ୟୋତବାବୁ ତାଙ୍କର ସହକାରୀ ଅଜୟବାବୁଙ୍କ ସାହାଯ୍ୟ ନେଇ ଏପର୍ଯ୍ୟନ୍ତ ଯାହା କିଛି ତଥ୍ୟ ସଂଗ୍ରହ କରିପାରିଛନ୍ତି, ତାହାସଂକ୍ଷେପରେ ହେଲା ଏଇ—

ସ୍ୱର୍ଗତ କାନ୍ତିଲାଲବାବୁଙ୍କ ସ୍ତ୍ରୀ ସୁଲତା ଦେବୀ—

ବୈଧବ୍ୟର ଅଶେଷ ମନସ୍ତାପ ମନରେ ଥିଲେ ସୁଦ୍ଧା ଶାନ୍ତ ନିର୍ବିକାରଭାବରେ ପ୍ରତ୍ୟେକଟି କଥାର ଉତ୍ତର ସେ ଦେଇ ପାରିଛନ୍ତି । ତାଙ୍କ କଥାରୁ ପ୍ରଦ୍ୟୋତବାବୁ ଜାଣିପାରିଛନ୍ତି ଯେ,—କାନ୍ତିଲାଲବାବୁଙ୍କର କୌଣସି ଶତ୍ରୁ ନ ଥିଲେ । ତେବେ ସମୟେ ସମୟେ ସେ ଖୁବ୍ ଚିନ୍ତିତ ରହୁଥିଲେ । ଚିନ୍ତାର କାରଣଟା ସୁଲତା

Digitized by PPRACHIN, SOA

ଦେଖି ତାଙ୍କୁ ବହୁବାର ପଗ୍ଚରିଥିଲେ ସୁଦ୍ଧା ଦିନେ ହେଲେ ଉତ୍ତର ପାଇ ନ ଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଉତ୍ତରରେ ସେ କହିଥିଲେ ଯେ ହରି ପଧାନ ତାଙ୍କ ଘରର ବହୁ ପୁରାତନ ଭୃତ୍ୟ । ସେ ବସ୍ତି ହୋଇ ଏଠାକୁ ଆସିବା ସମୟକୁ ହରି ପଧାନ ଏଠାରେ ଥିଲା । ତାର ଏ ଘରର ପ୍ରତ୍ୟେକ ସ୍ଥାନକୁ ଅବାଧ ଏବଂ ଅବାରିତ ଗତି । ଦିନେ ହେଲେ କେହି କୌଣସି ବିଷୟରେ ତାକୁ ସନ୍ଦେହ କରିନାହାନ୍ତି । ଆଉ ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ହରି ମଝିରେ ମଝିରେ ଛୁଟି ନେଇ ଦିନେ ଦି'ଦିନ ପାଇଁ ଯାଏ । ସେ ବି ବର୍ଷରେ ତିନି ଚାରି ଥରରୁ ଅଧିକ ନୁହେଁ । ତାର ଆତ୍ମୀୟ କଏ କେଉଁଠି ଅଛନ୍ତି, ତାଙ୍କୁ ଜଣା ନାହିଁ । ଦୁର୍ଘଟଣା ଘଟିବା ଦିନ ରାତିରେ ସେ କାନ୍ତିଲାଲଙ୍କୁ କୌଣସି ପ୍ରକାର ଜରୁରୀ କାରଣ ଦେଖାଇ ଆସିବାକୁ ଟେଲିଫୋନ୍ କରିନାହାନ୍ତି । ତାଙ୍କ ଶୋଇଲା ଘରେ ଅବଶ୍ୟ ଫୋନ୍ ଅଛି ।

ଦ୍ୱିତୀୟ ବ୍ୟକ୍ତି ହେଲା—ହରି ପଧାନ ।

ପ୍ରତାପବାବୁ ଦେଖିଲେ, ଲୋକଟାର ବୟସ ୫୫ ରୁ ୬୦ ପର୍ଯ୍ୟନ୍ତ ହେବ । ସେ ଭୃତ୍ୟ ହେଲେ ମଧ୍ୟ ସାଧାରଣ ଭୃତ୍ୟ ନୁହେ । ତାର କଥାବାର୍ତ୍ତା, ଚାଲିଚଳଣି ଏବଂ ବ୍ୟବହାରରେ ଏକ ଆଭିଜାତ୍ୟ ଏବଂ ମାର୍ଜିତ ରୁଚିବୋଧ ଅଛି । କଥାବାର୍ତ୍ତା ସଂକ୍ଷିପ୍ତ, ସଂଯତ ଏବଂ ସୁସ୍ପଷ୍ଟ । ତା ସହିତ କଥାବାର୍ତ୍ତା କରି ପ୍ରତାପବାବୁ ଯାହା ଜାଣିଲେ, ତାର ସାରମର୍ମ ହେଉଛି ସେ (ହରି ପଧାନ) ବହୁକାଳରୁ ଏ ଘରେ ଚାକର ଭାବରେ କାମ କରିଆସିଛି । ପରିବାରର ଅନ୍ୟମାନେ ତାକୁ ଉଚ୍ଚ ଦୃଷ୍ଟିରେ ଦେଖିଲେ ସୁଦ୍ଧା ସେ ଏବେବି ନିଜକୁ ଜଣେ ଚାକର ବୋଲି ମନେ କରେ । ତାର ଏ ଦୁନିଆରେ ଆତ୍ମୀୟ ବୋଲି କେହି ନାହାନ୍ତି । ତେବେ ପରିଚିତ ଲୋକ ଅଛନ୍ତି । ସମୟ ସମୟରେ ସେ ଛୁଟି ନେଇ ସେମାନଙ୍କ ସଙ୍ଗେ ଦେଖା କରି ଆସିବାକୁ ଯାଏ । କାନ୍ତିଲାଲଙ୍କ ଅପମୃତ୍ୟୁ ସମ୍ବନ୍ଧରେ ତାର କାହାରି ଉପରେ ସନ୍ଦେହ ନାହିଁ କି ମତାମତ ଦେବାର ନାହିଁ । ବରଂ କାନ୍ତିଲାଲଙ୍କୁ ଶୈଶବକାଳରୁ କୋଳକାଖରେ ବଢ଼ାଇ ଆଣିଥିଲା ବୋଲି ସେ ଅଧିକ ମର୍ମାହତ । କାନ୍ତିଲାଲଙ୍କ ମୃତ୍ୟୁ ହେବା ଦିନ ରାତିରେ ସେ ଘରେ ଥିଲା ।

ଏପର୍ଯ୍ୟନ୍ତ ପ୍ରତାପବାବୁଙ୍କ ମନରେ ସନ୍ଦେହ ଜାଗ୍ରତ କରାଇଲାଭଳି କୌଣସି ତଥ୍ୟ ପଡ଼ି ନ ଥିଲା । ହଠାତ୍ ତାଙ୍କ ମନରେ ଗୋଟାଏ ବିଷୟର ଉଦୟ ହେଲା

Digitized by PPRACHIN, SOA

ଯେ, ଆପାତତଃ ଫୋନ୍ ଏକ୍ସଚେଞ୍ଜରେ ପଚାରିଲେ ଏ ବିଷୟରେ କିଛି ହୁଏ ତ ସଠିକ ଖବର ମିଳିଯାଇପାରେ । ମନରେ ଗୋଟାଏ ବିରାଟ ଆଶା ନେଇ ସେ ଟେଲିଫୋନ୍ ଏକ୍ସଚେଞ୍ଜ୍‌ରେ ପହଞ୍ଚିଗଲେ । ଅବଶ୍ୟ ନିର୍ଦ୍ଦିଷ୍ଟ ଦିନ ରାତି ଛଅଟିରେ କିଏ ଥିଲା, ତାହା ଖୋଜି ପାଇବାରେ କିଛି କଷ୍ଟ ହେଲା ନାହିଁ ତାଙ୍କୁ । କିନ୍ତୁ ଘଟଣା ଘଟିବା ଦିନ ରାତି ନଅଟା ପରେ କାନ୍ତିଲାଲଙ୍କ ସହରସ୍ଥିତ ଘରୁ ଶତାଧିକ ମାଇଲ୍ ଦୂରରେ ଥିବା ତାଙ୍କର ଖଣି ଅଫିସକୁ କେହି ଟେଲିଫୋନ୍ କରିଥିଲା କି ନାହିଁ, ସେତକ ଜାଣିବାରେ କିଛି ସମୟ ଏବଂ ଶ୍ରମର ଦରକାର ହେଲା । ଯାହାହେଉ, ସେଠାରେ ଅନ୍ତତଃ ଏତକ ନିଶ୍ଚିତଭାବରେ ଜଣାପଡ଼ିଲା ଯେ, ସେଦିନ ରାତି ନଅଟା ପରେ ତାଙ୍କ ସହରସ୍ଥିତ ବାସଭବନରୁ ଟ୍ରଙ୍କ୍‌କଲ୍ ବୁକ୍ କରାଯାଇଥିଲା ପ୍ରାୟ ଦୁଇମିନଟ୍ ପାଇଁ । ଏତକ ମିଳିଗଲା ପରେ ଆଉ ଗୋଟିଏ ସମସ୍ୟା ଠିଆହେଲା ଆଗରେ—ଫୋନ୍ କରିଥିଲା କିଏ ? କାନ୍ତିଲାଲଙ୍କ ଘରେ ତିନୋଟା ଟେଲିଫୋନ୍ । ସେଥିରୁ ଗୋଟିଏ କାନ୍ତିଲାଲଙ୍କ ଅଫିସରେ । ଗୋଟିଏ ତାଙ୍କ ଶୋଇବା ଘରେ,ଗୋଟିଏ ପାପ୍ରିଲାଲଙ୍କ ଅଫିସରେ । ଏ ବିଷୟରେ ସେଆଉ ଟିକିଏ ଘାଣ୍ଟିଚକଟି କରିବାକୁ ଇଚ୍ଛା କଲେ ଏବଂ ଯାହା କିଛି ସବୁ ଗୋପନରେ । କେବଳ ପାପ୍ରିଲାଲଙ୍କୁ ପଚାରି ସେ ବୁଝିଲେ ଯେ ସେଦିନ ରାତି ବାରଟା ପର୍ଯ୍ୟନ୍ତ ସେ ନିଜ ଅଫିସରେ ବସି କାମ କରୁଥିଲେ । ତାଙ୍କ ଅଫିସକୁ ଲାଗି ପାଖ ବଖରାଟା କାନ୍ତିଲାଲଙ୍କ ଅଫିସ । ତେଣୁ ଏ ଦୁଇ ଅଫିସରୁ କୌଣସି ବଖରାରୁ ଫୋନ ହେଲେ ଆର ବଖରାରେ ଜଣାପଡ଼ିବ । କାନ୍ତିଲାଲ ଯାହା କହିଲେ, ସେଥିରୁ ଜଣାଗଲା ଯେ, ସେ ନିଜେ ଫୋନ୍ କରିନାହାନ୍ତି କି ପାଖ ବଖରାରୁ ବି ଫୋନ୍ ହୋଇନି । ଆଉ ରହିଲା ଗୋଟିଏ ଫୋନ୍—ଯାହାକି କାନ୍ତିଲାଲଙ୍କ ଶୋଇବା ଘରେ । ହୁଏତ ସବୁ ଗୋଳମାଳର ମୂଳ ସେଇଠି । କିନ୍ତୁ ସେ ବିଷୟରେ ସେ କାହାରିକୁ କିଛି ପଚାରିଲେ ନାହିଁ । ବରଂ ଟେଲିଫୋନ୍ କରାଯାଇଥିବା ସ୍ଥାନ ଖଣି ଅଫିସରୁ କିଛି ବିବରଣୀ ସଂଗ୍ରହ କରିବା ଉଚିତ ମନେ କଲେ ।

କାନ୍ତିଲାଲବାବୁଙ୍କ ଖଣି ମ୍ୟାନେଜର କାଳିପଦବାବୁଙ୍କ ସହିତ ପୂର୍ବରୁ ଥରେ ସାକ୍ଷାତ ହୋଇଥିଲା ତାଙ୍କର । ସର୍ବପ୍ରଥମ ଅନୁସନ୍ଧାନ ଆରମ୍ଭ ତାଙ୍କର ସେଇଠୁ । କାଳିପଦବାବୁହିଁ ତାଙ୍କୁ ସମ୍ବାଦ ଦେଇଥିଲେ ଯେ, ଏତେ ରାତିରେ ଯିବାପାଇଁ ସମସ୍ତେ ବାରଣ କରିବା ସତ୍ତ୍ୱେ କାନ୍ତିଲାଲବାବୁ ଘରୁ କଣ ଜରୁରୀ ଫୋନ ପାଇ

Digitized by PPRACHIN, SOA

ଚାଲିଗଲେ । କେବଳ ସେତିକ ଖବର ଅବଲମ୍ବନ କରି ତାଙ୍କର ଗଣ୍ଠି କରିବା କଥା ।

ପ୍ରଦୀପବାବୁଙ୍କୁ ପୁନରାୟ ଆସିବା ଦେଖି କାଳିପଦବାବୁ ବିସ୍ମିତ ହେଲେ ନାହିଁ । କାରଣ ଏ ବିରାଟ ଘଟଣାକୁ ସମାଧାନ ଦିଗରେ ଆଗେଇନେବାକୁ ହେଲେ ତାଙ୍କୁ କେତେଥର ଏହିପରି ପୋଲିସର ସମ୍ମୁଖୀନ ହେବାକୁ ପଡିବ । ଯାହାହେଉ, ପ୍ରଦୀପବାବୁଙ୍କୁ ସମାଦର କରି ନେଇ ଅଫିସରେ ବସାଇ, ଆସିବାର କାରଣ ପଚାରି ବସିଲେ ।

ଘଟଣାର ଉପକ୍ରମଣିକା ଦେବାର ଆବଶ୍ୟକତା ନ ଥିଲା । ପ୍ରଦୀପବାବୁ କହିଲେ; "କାନ୍ତିଲାଲଙ୍କ ହତ୍ୟାଦିନ ତାଙ୍କର ରେଷ୍ଟ ହାଉସରେ ଶେଷ ଉପସ୍ଥିତି ପର୍ଯ୍ୟନ୍ତ ଯେଉଁ ଚୌକିଦାର ବା ଦରୱାନ ବା ଅର୍ଡରଲି ତାଙ୍କ ପାଖରେ ଥିଲା, ମୋର ସେଇ ଲୋକଟି ଦରକାର ।"

କାଳିପଦବାବୁ ଅଫିସର ଜଣେ କର୍ମଚାରୀଙ୍କୁ ଡାକ ଡ୍ୟୁଟି ରେକର୍ଡ ଦେଖି ଉପଯୁକ୍ତ ବ୍ୟକ୍ତିଙ୍କୁ ସେଠାକୁ ଡାକଦେବାକୁ ନିର୍ଦ୍ଦେଶ ଦେଲେ ।

ଅଳ୍ପ ସମୟ ପରେ ସେଠାରେ ମଧ୍ୟବୟସ୍କ ଜଣେ ଲୋକ ଆସି ଦୁହିଁଙ୍କୁ ଅଭିବାଦନ ଜଣାଇଲା । ତାର ପୋଷାକପତ୍ର ଦେଖି ପ୍ରଦୀପବାବୁ ଜାଣିଲେ, ଲୋକଟା ଅର୍ଡରଲି । ଚେହେରାରୁ ଯେପରି ଜଣାଯାଏ, ସେ ସରଳ, ମିଥ୍ୟାବାଦୀ ନୁହେଁ ।

ତା' ଉପରେ ଥରେ ତୀକ୍ଷ୍ଣ ଦୃଷ୍ଟି ବୁଲାଇଆଣି ସେ ପ୍ରଶ୍ନ କଲେ, "ତୁମେ ସେଦିନ ରାତିରେ ଡ୍ୟୁଟିରେ ଥିଲ ?

—"ଆଜ୍ଞା, ହଁ ।"

—"କେତେ ରାତି ପର୍ଯ୍ୟନ୍ତ ତୁମେ ଥିଲ ସେଠି ?"

—"ଆଜ୍ଞା, ସାହାବ ଘରକୁ ଯିବା ପର୍ଯ୍ୟନ୍ତ ମୁଁ ଅଫିସ ଦୁଆରେ ଚୌକି ପକାଇ ବସିଥିଲି । ସେ ଗଲା ପରେ ମୁଁ ମୋ ବସାକୁ ଚାଲିଗଲି । ତା'ପରେ ଚୌକିଦାର ଘର ବନ୍ଦ କଲା !"

Digitized by PPRACHIN, SOA

—"ଘଡ଼ି କେତେଟା ହେବ ସେତେବେଳକୁ ?"

ଲୋକଟା ଟିକିଏ ଅଡ଼ମଡ଼ ହୋଇ ଶୁବଚନ୍ଦ୍ର କହିଲା—"ସାଢ଼େ ନଅଟା କି ଦଶଟା ହେବ ।"

"ଆଚ୍ଛା, ତୁମେ ଥିବା ଅବସ୍ଥାରେ ସାହାବ କେଉଁଠିକୁ ଫୋନ୍ କରିଥିଲେ, କହିପାରିବ ?"

—"କେଉଁଠିକୁ ଫୋନ୍ କଲେ, କହିପାରିବି ନାହିଁ, ହଜୁର ! ତେବେ କଥା ଶୁଣିଛି । ସାହାବ ଶୋଇବାକୁ ଯିବା ଆଗରୁ ଫୋନ ରିଂ ହେଲା । ସେ ରିସିଭର୍ ଉଠାଇ କଣ କଥାବାର୍ତ୍ତା କଲେ, ଆଉ 'ଏଇ ସଙ୍ଗେ ସଙ୍ଗେ ଯାଉଛି' ବୋଲି କହି ରିସିଭର୍ ଥୋଇଦେଲେ ।"

—"ଆଚ୍ଛା, ତୁମେ ଶୁବଚନ୍ଦ୍ର, ତୁମ ବିଚାରରେ କୁହ, ସେ କି ପ୍ରକାର ଲୋକ ସହିତ କଥାବାର୍ତ୍ତା କରୁଥିଲେ ?"

ପ୍ରଶ୍ନଟା ଅଖାଡ଼ୁଆ । ପୁଣି ବିଚାର କରି ଦାୟିତ୍ୱପୂର୍ଣ୍ଣ ଉତ୍ତରଟା ଦେବା ଭାର ତା' ଉପରେ । ଏଥିରେ ସମ୍ପୂର୍ଣ୍ଣ ହଡ଼ବଡ଼େଇ ଗଲା ବିଚରା ଅର୍ଦ୍ଦଳିଟି । ତାର ଏ ପ୍ରକାର ଭାବ ଦେଖି ପ୍ରଦୀପବାବୁ ତାକୁ ଯଥେଷ୍ଟ ଆଶ୍ୱାସନା ଏବଂ ସାହସ ଦେଇ ବିଚାର କରି କହିବାକୁ ଉତ୍ସାହିତ କଲେ ।

ଯାହାହେଉ, ବିଚରା ଅର୍ଦ୍ଦଳିଟି ଖୁବ୍ ତଳଉପର ଚିନ୍ତା କରି, ଭଲମନ୍ଦ ବିଚାର କରି ଝାଳନାଳ ହୋଇ ପାଞ୍ଚ ମିନିଟ ପରେ ଡରି ଡରି କହିଲା—"ଆଜ୍ଞା, ଜଣାଯାଉଥିଲା ଯେମିତି ତାଙ୍କ ଅଫିସ୍ ଗୁମାସ୍ତା ସାଥିରେ କଥା ହେଲା ଭଳି ।"

ପ୍ରଦୀପବାବୁ ତାକୁ ଆଶ୍ୱାସନା ଦେଇ କହିଲେ, "ବେଶ୍ ତ ! ଏଥିରେ ଏତେ ଡରିଯିବାର କଣ ଅଛି ? ଆଚ୍ଛା, ଫୋନ୍ ପାଇଲାପରେ ସାହାବ କଣ ଯିବାକୁ ବ୍ୟସ୍ତ ହୋଇଉଠିଲେ ?"

—"ହଜୁର୍ ! ରିସିଭର୍ ଥୋଇବା ସାଙ୍ଗେ ସାଙ୍ଗେ ମ୍ୟାନେଜର ସାହେବଙ୍କୁ ଡାକିବାପାଇଁ ମୋତେ ହୁକୁମ ଦେଇ ସାଙ୍ଗେ ସାଙ୍ଗେ ଉଠିଲେ ।"

Digitized by PPRACHIN, SOA

ପ୍ରଦୀପବାବୁ ଦେଖିଲେ, ଏ ଲୋକଟିଠାରୁ ଆଉ ଅଧିକ କିଛି ବିବରଣୀ ସଂଗ୍ରହ କରିବାର ନାହିଁ । ସେ ତାକୁ ବିଦାୟ କରିଦେଇ କାଳିପଦବାବୁଙ୍କୁ ଚାହିଁଲେ ।

କାଳିପଦବାବୁ କହିଲେ, "ତା'ପରେ ସେ ମୋତେ ଗାଡ଼ି ସଜାଇ କରିବାକୁ କହିଲେ । କିନ୍ତୁ ଡ୍ରାଇଭର୍ ତ ଛୁଟି ନେଇ ଚାଲିଯାଇଥିଲା ତା ଘରକୁ ଗତକାଲି । ଆମ ଅଫିସଗାଡ଼ିର ଡ୍ରାଇଭର୍ ବି ଦେହ ଅସୁସ୍ଥ ଯୋଗୁଁ ଡାକ୍ତରଖାନାରେ । ତେଣୁ ସାହେବ ନିଜେ ଗାଡ଼ି ଚଳାଇ ଯିବାକୁ ପ୍ରସ୍ତୁତ ହେଲେ । ଆମେ ସମସ୍ତେ ମନାକରୁଛୁ, ସାଙ୍ଗରେ ଚାଳିଶି ପଚାଶ ହଜାର ଟଙ୍କାର କ୍ୟାସ୍ ବି ଅଛି !"

"କ୍ୟାସ୍ କଣ ସାଙ୍ଗରେ ନେଇଯାଇଥିଲେ ?" ବିସ୍ମୟ ପ୍ରକାଶ କରି କଥା ମଝିରେ ପଚାରିଲେ ପ୍ରଦୀପବାବୁ ।

"ନା, ନା ! ତରତର ଏବଂ ବ୍ୟସ୍ତ ଥିବା ଯୋଗୁ ଟଙ୍କା ନେଇଯିବା କଥା ସେ ଭୁଲିଯାଇଥିଲେ । ଅବଶ୍ୟ ଠିକ୍ ମନେଥିଲା ସେଇଟା; କିନ୍ତୁ ଏତେ ରାତିରେ ଏକୁଟିଆ ଟଙ୍କା ନେଇ ଯିବାଟା ନିରାପଦ ନୁହେଁ ଭାବି ମୁଁ ସେକଥା ତାଙ୍କର ମନେ ପକାଇଦେଇ ନାହିଁ ।"

ପ୍ରଦୀପବାବୁ କିଛିଟା ଆଶ୍ୱସ୍ତ ହୋଇ ସଂକ୍ଷେପରେ 'ହୁଁ'ଟିଏ ମାରିଲେ ! କାଳିପଦବାବୁଙ୍କଠାରୁ ବୁଝିଲା ଭଳି ଆଉ କିଛି ନ ଥିଲା । ସେ ଖାଲି କାନ୍ତିଲାଲବାବୁ ସେଦିନ ଯେଉଁଘରେ ଥିଲେ ସେଇ ଘରଟା ଥରେ ଦେଖିବାକୁ ଚାହିଁଲେ ।

ବିନା ଆପତ୍ତିରେ କାଳିପଦବାବୁ ତାଙ୍କୁ ନେଇ ସେଠାରେ ପହଞ୍ଚାଇଦେଲେ । ପ୍ରଦୀପବାବୁଙ୍କ ନିର୍ଦ୍ଦେଶରେ ସେ ଘରଟା ଚାବି ବନ୍ଦ ଥିଲା ସେହିଦିନଠାରୁ । ଘରେ ପ୍ରବେଶ କରି ପ୍ରଦୀପବାବୁ ଦେଖିଲେ, ପ୍ରତ୍ୟେକଟି ଜିନିଷ ସେ କେତେଦିନ ତଳେ ଯେଉଁପରି ଦେଖିଥିଲେ, ସେହିପରି ଅଛି । ତା'ପରେ ଯେଉଁ ଚେୟାରରେ ବସି ସେ ଫୋନ୍ ଧରିଥିଲେ, ସେଠାକୁ ଆସିଲେ । ସାମନା ଟେବୁଲ ଉପରେ ଆଲମାରିକା କାଗଜପତ୍ରର ସ୍ତୁପ । ଫାଉଣ୍ଟେନ ପେନ୍‌ଟା ଖୋଲା ହୋଇ ଥୁଆ ହୋଇଚି ଟେବୁଲ ଉପରେ । ପ୍ରଦୀପବାବୁ ଚିନ୍ତା କଲେ ତେବେ କାନ୍ତିଲାଲବାବୁ ଫୋନ୍ ପାଇଲାବେଳକୁ କିଛି ଲେଖାଲେଖି କରୁଥିଲେ ନିଶ୍ଚୟ । ସେ ଲେଖା ବା

Digitized by PPRACHIN, SOA

ନାହିଁ ? ଇତସ୍ତତଃ ଭାବରେ ଆଲମାରିକା କାଗଜଗୁଡ଼ିକୁ ଖୋଲାଖୋଲି ସେ ଖଣ୍ଡିଏ କାଗଜର ଧାରରେ କେତୋଟି ଅକ୍ଷର ତାଙ୍କ ଦୃଷ୍ଟିରେ ପଡ଼ିଲା । ସେ ଖଣ୍ଡିକୁ ଦୃଷ୍ଟି ସମ୍ମୁଖକୁ ଆଣି ଦେଖିଲେ । ଲେଖାଅଛି, 'ସୁବ୍ରତର ଦେହ ଖରାପ ।' ହସ୍ତାକ୍ଷରରୁ ଜଣାଯାଉଥିଲା, ତାହା ଯେପରି ଖୁବ୍ ଅନ୍ୟମନସ୍କ ଥିବା ସମୟରେ ଲେଖା । ଏଥର ତାଙ୍କ ସାମନାରେ ଥିବା ସନ୍ଦେହର ପରଦା କେତେ ପରିମାଣରେ ଅପସାରିତ ହୋଇଗଲା । ତାଙ୍କର ଧାରଣା ହେଲା ଯେ, କାନ୍ତିଲାଲବାବୁଙ୍କୁ ଫୋନ୍ କରାଯାଇଛି, 'ସୁବ୍ରତର ଦେହ ଖୁବ୍ ଖରାପ; ତାଙ୍କର ଆସି ଘରେ ପହଞ୍ଚିବା ନିତାନ୍ତ ଦରକାର ।' ଖବରଟା ପାଇ ଅସ୍ତବ୍ୟସ୍ତ ହୋଇ କାନ୍ତିଲାଲ ଘରମୁହାଁ ଛୁଟିଛନ୍ତି ଏବଂ ପୂର୍ବରୁ ଆୟୋଜିତ ଏକ ଭୀଷଣ ଚକ୍ରାନ୍ତରେ ପଡ଼ି ଶୋଚନୀୟ ଭାବରେ ପ୍ରାଣ ହରାଇଛନ୍ତି ।

ପୁତ୍ରର ଅସୁସ୍ଥତା ଆଳ ଦେଖାଇ ସ୍ନେହଶ୍ରବଣ ପିତାଙ୍କୁ ଘୋର ଷଡ଼ଯନ୍ତ୍ରର ମାୟାଜାଲରେ କିପରି ଛନ୍ଦି ହତ୍ୟା କରାଯାଇଛି, ତାହା ଭାବି ଆର୍ଦ୍ର ହୋଇଆସିଲା ସୁବିଖ୍ୟାତ ଡିଟେକ୍ଟିଭ୍ ପ୍ରଦୀପବାବୁଙ୍କ ଦୁଇ ଆଖି ।

ଦୂର ଅତୀତର ଆଉ ଗୋଟିଏ ଭୀଷଣ ହତ୍ୟାକାଣ୍ଡର ସ୍ମୃତି ତାଙ୍କ ମନରେ ଜାଗ୍ରତ ହୋଇଉଠିଲା । ଏ ଦୁଇଟି ମଧ୍ୟରେ ଯୋଗସୂତ୍ର ରହିଛି ଏବଂ ଦୁଇଟି ଯେ ଏକପ୍ରକାର ଅପରାଧୀର କାମ, ତାହା ଆଉ ସନ୍ଦେହର ପରିସର ମଧ୍ୟରେ ରହିଲା ନାହିଁ ।

ଗଭୀର ଅବଶୋଷ ହୃଦୟରେ ଧରି ସେ ଫେରିଆସିଲେ ନିଜ ବାସଭବନକୁ ସେଦିନ । ଏଇ ସାମାନ୍ୟ ଘଟଣା ତାଙ୍କୁ ଏତେ ମାନସିକ ଦୁଃଖ ଆଣି ଦେଇଥିଲା ଯେ, ସେ ହତୋତ୍ସାହ ହୋଇ ପଡ଼ିଥିଲେ ଆଉ କିଛି କରିବାକୁ ।

ପାଞ୍ଚ

ପ୍ରଦୀପବାବୁ ସାରା ସକାଳଟା ଗୋଟାଏ ପୁରୁଣା ଫାଇଲ ନେଇ ଘଣ୍ଟାଘଣ୍ଟି କରିବାରେ ବ୍ୟସ୍ତ । ତାଙ୍କ ପ୍ରାଇଭେଟ୍ ରୁମ୍‌ର ଆଲମିରାଗୁଡ଼ା ସବୁ ଖୋଲା । ସବୁଥିରୁ ଛିନ୍ନ ନୂତନ, ପୁରାତନ ନାନା ସମୟର ଫାଇଲରେ ପରିପୂର୍ଣ୍ଣ, ସବୁଗୁଡ଼ିକ

Digitized by PPRACHIN, SOA

ତାଙ୍କର ବ୍ୟବସାୟ—ଚୋରି, ଡକାୟତି, ଅପରାଧ ସମ୍ବଳିତ କାଗଜପତ୍ର । ପ୍ରତ୍ୟେକ ଫାଇଲ୍‌ରେ ଅସଂଖ୍ୟ ଖବରକାଗଜର କଟା ପ୍ୟାନେଲ, ଫଟୋଗ୍ରାଫ୍, ଟିପଚିହ୍ନ ପ୍ରଭୃତି ବି ଅଛି । ସେସବୁ ନେଇ ଆଜି ଖୁବ୍ ସକାଳୁ ବ୍ୟସ୍ତ ଅଛନ୍ତି ପ୍ରତାପବାବୁ । ତାଙ୍କର ସହକାରୀ ଅଜୟବାବୁ ମଧ୍ୟ ସେଇଠି ପାଖେ ପାଖେ ରହି ତାଙ୍କୁ ସାହାଯ୍ୟ କରୁଛନ୍ତି । ବାହାରେ ଚାକର ପ୍ରହରୀଙ୍କୁ କଡ଼ା ତାଗିଦ୍, ଯେପରି କେହି ବିଶେଷ ଅନୁମତି ବିନା ଘରେ ପ୍ରବେଶର ସୁବିଧା ନ ପାଆନ୍ତି ।

ଫାଇଲ୍‌ଟା ଥିଲା ବିରାଟ । ସେଇଟାର ପୃଷ୍ଠା ପରେ ପୃଷ୍ଠା ଓଲ୍‌ଟାଇ-ଯାଉଥିଲେ ପ୍ରତାପବାବୁ । ପ୍ରତ୍ୟେକ ପୃଷ୍ଠା ଓଲଟାଇବା ସଙ୍ଗେ ସଙ୍ଗେ ମୁହଁରେ ତାଙ୍କର ଫୁଟି ଉଠୁଥିଲା ପ୍ରସନ୍ନତା । ଫାଇଲ୍‌ଟାର ପ୍ରାୟ ତୃତୀୟାଂଶ ଦେଖିସାରିଲା ପରେ ସେ ଆନନ୍ଦାତିଶଯ୍ୟରେ ଡାକ ପକେଇଲେ, "ଅଜୟ ! ଅଜୟ ! ଏଇ, ଦେଖିବ ଆସ । ଆମେ ଯାହା ଖୋଜୁଥିଲେ, ତାହା ଏଇଠି ।"

ଅଜୟବାବୁ କିଣ ଗୋଟାଏ ଖେଲାଖେଳି କରିବାରେ ବ୍ୟସ୍ତ ଥିଲେ ସେତେବେଳକୁ । ପ୍ରତାପବାବୁଙ୍କ ଡାକ ପୁଣି ସେସବୁ ଛାଡ଼ିଛୁଡ଼ିଦେଇ ଧାଇଁଆସିଲେ । ସେ ଭଲଭାବରେ ଜାଣନ୍ତି, ନିଶ୍ଚିତ କାରଣ ନ ଥିଲେ ପ୍ରତାପବାବୁ ଆନନ୍ଦ ପ୍ରକାଶ କରନ୍ତି ନାହିଁ କେବେ ।

ପ୍ରତାପବାବୁ ଫାଇଲ ଉପରୁ ଦୃଷ୍ଟି ନ ଫେରାଇ ଅଜୟବାବୁଙ୍କୁ ପାଖ ଚୌକିରେ ବସିବାକୁ ନିର୍ଦ୍ଦେଶ ଦେଇ କହିବାକୁ ଆରମ୍ଭ କଲେ, "ଏ କେସ୍‌ଟାର ପୂର୍ବ ମୌଳିକତା ରହିଛି । ପନ୍ଦର ବର୍ଷ ତଳେ କାନ୍ତିଲାଲଙ୍କ ପିତା ଜ୍ୟୋତିପ୍ରସାଦଙ୍କ ମୃତ୍ୟୁ ଘଟିଥିଲା ଠିକ୍ ଏହିପରି ଭାବରେ । ଅଧିକ ଆଶ୍ଚର୍ଯ୍ୟର ବିଷୟ ସେହି ସ୍ଥାନରେ ମଧ୍ୟ ସେ ବି ଥିଲା ସେହିପରି ଗୋଟିଏ ଝଡ଼ବର୍ଷାମୁଖର ରାତି ।"

ଏକଥା ଶୁଣି ଅଜୟବାବୁ ବିସ୍ମୟରେ କହିପକାଇଲେ, "ସତେ ?"

—"ଖାଲି ସେତିକି ନୁହେଁ; ଗୋଟାଏ ରହସ୍ୟପୂର୍ଣ୍ଣ ଢାଲ୍ ଯେପରି ଦେଖାଉଛି ଘଟଣାଟାକୁ । ପନ୍ଦରବର୍ଷ ତଳର ଘଟଣା । ମୁଁ କିନ୍ତୁ ସେତେବେଳେ ଏହା ବିଷୟରେ ଦାୟିତ୍ୱ ନେଇ ନ ଥିଲି । ଜଣେ ଗୋଇନ୍ଦା ଅଫିସର ଏହାର ତଦନ୍ତ

Digitized by PPRACHIN, SOA

କରୁଥିଲେ । ମୁଁ ଖାଲି ସେ ରେକର୍ଡର ନକଲଟା ମଗାଇଦେଖିଥିଲି । ମୋଟାମୋଟି ଭାବରେ କେସ୍‌ଟା ହେଲା ଏଇଆ ।

ପ୍ରାୟ ପନ୍ଦରବର୍ଷ ତଳେ ସେତେବେଳର ଏ ସହରର ଉଲ୍ଲେଖନୀୟ ଶ୍ରେଣୀ ଧନୀ ବ୍ୟକ୍ତି ଥିଲେ କାନ୍ତିଲାଲ ପଟ୍ଟନାୟକଙ୍କ ପିତା ଜ୍ୟୋତିପ୍ରସାଦ ପଟ୍ଟନାୟକ । ସ୍ୱୋପାର୍ଜନରେ ଜ୍ୟୋତିପ୍ରସାଦ ଏକ ବିରାଟ ମାଇନିଂ ଏରିଆ ପଟ୍ଟା ନେଇଥିଲେ ସହରଠାରୁ ଶତାଧିକ ମାଇଲ ଦୂରରେ । ଆଜି ସେହି ଏରିଆକୁ ନେଇ କାନ୍ତିଲାଲ କାମ କରୁଛନ୍ତି । ସେତେବେଳେ ତାର ସର୍ଭେ ଇତ୍ୟାଦି ପ୍ରାଥମିକ କାର୍ଯ୍ୟ ପାଇଁ ଜ୍ୟୋତିପ୍ରସାଦଙ୍କୁ ଦୈନିକ ସହରଘରୁ ସେଠାକୁ ଯାଆସ କରିବାକୁ ହେଉଥିଲା । ସେ ବି ଆତ୍ମନିର୍ଭରଶୀଳ ଥିଲେ । ତେଣୁ ନିଜର ଜୀପ୍ ଖଣ୍ଡିକୁ ଚଳାଇବାପାଇଁ କୌଣସି ଡ୍ରାଇଭର ନିଯୁକ୍ତ ନ କରି ନିଜେହିଁ ଚଳାଉଥିଲେ । ହଠାତ୍ ଦିନେ ତାଙ୍କର ଦୁର୍ଦ୍ଦିନ ଉପସ୍ଥିତ ହେଲା । ଗୋଟିଏ ଝଡ଼ଝଞ୍ଜା ବାରିଷିକାପୂର୍ଣ୍ଣ ରାତିରେ ସେଇ ଘୋର ଜଙ୍ଗଲମୟ ରାସ୍ତାରେ ଆକସ୍ମିକ ଭାବରେ ଦୁର୍ଘଟଣାର ସମ୍ମୁଖୀନ ହେଲେ । ସାଧାରଣ ଭାବରେ ଦେଖିବାକୁ ଗଲେ ଜୀପ୍‌ଟା ତାଙ୍କର ଗୋଟାଏ ଗଛରେ ବାଡେଇହୋଇ ଇଞ୍ଜିନ ଜଳିଉଠିଥିଲା । କିନ୍ତୁ ପୋଲିସ ସେଥିକରେ ବିଶ୍ୱାସ ଗଲା ନାହିଁ । ସେ ବିଷୟରେ ଠିକଣଖି ତଦନ୍ତ ହେଲା । ଫଳରେ ଜଣାଗଲା ଯେ, ଜୀପ୍‌ଚଳାଇ ଆସୁଥିବା ଅବସ୍ଥାରେ ତାଙ୍କର ଗ୍ରୀବାକୁ ଅଜ୍ଞାତ ବ୍ୟକ୍ତି ରିଭଲଭରରୁ ଗୁଳି ଚଳାଇଥିଲା, ଯାହା ଫଳରେ ତତ୍‌କ୍ଷଣାତ୍ ତାଙ୍କର ମୃତ୍ୟୁ ହୋଇଥିଲା । ବେଗବାନ୍ ଜୀପ୍‌ଟା ଅଣାୟତ୍ତ ହୋଇ ଗୋଟାଏ ଗଛରେ ପିଟିହୋଇ ଅଟକିଗଲା ଏବଂ ଜଳିଉଠିଲା । ନିଆଁ ଧାସରେ ଜ୍ୟୋତିପ୍ରସାଦଙ୍କ ଦେହର ବହୁତ ଅଂଶ ପୋଡ଼ି ଯାଇଥିଲେ ବି ପୋଷ୍ଟମର୍ଟମ୍‌ରେ ରିଭଲଭର ଗୁଳିରେ ମୃତ୍ୟୁ ହୋଇଥିବା କଥା ଜଣାପଡ଼ିଯାଇଥିଲା ।

ତାର ପରବର୍ତ୍ତୀ ଘଟଣାବଳୀ ଆହୁରି ରହସ୍ୟାବୃତ । ପୋଲିସ ପକ୍ଷରୁ ଆତତାୟୀର ଧମାଧମ ବ୍ୟାପକ ଅନୁସନ୍ଧାନ ଚାଲିଲା । ମିଳିଲା କେବଳ ଦୁଇଯୋଡ଼ା ପାଦଚିହ୍ନ । ବହୁ କଷ୍ଟରେ ସେଇ ଚିହ୍ନ ଦୁଇଯୋଡ଼ାକୁ ମୂଳ ସୂତ୍ର କରି ଅନୁସନ୍ଧାନ ଚାଲିଲା । ପୋଲିସ କେବଳ ଜଣେ ଗୁରୁତର ପ୍ରଥମଶ୍ରେଣୀର ଅପରାଧୀ ମୁରାଦ ଅଲ୍ଲୀ ଖାଁକୁ ଧରିବାକୁ ସମର୍ଥ ହେଲେ । ତା'ଠାରୁ ସବୁ କଥା ଆଦାୟ

Digitized by PPRACHIN, SOA

କରାଯାଇପାରିଥାନ୍ତା ଏବଂ ତାର ସାଥୀ ଆଉଜଣକୁ ମଧ୍ୟ ଧରିହୋଇଥାନ୍ତା । କିନ୍ତୁ ଘଟଣା ଘଟିଲା ଭିନ୍ନ ପ୍ରକାର । ମୁରାଦ ଅଲ୍ଲୀ ଖାଁ ଙ୍କୁ ପୋଲିସ ଯେଉଁ ସମୟରେ ଧରିନେଲା, ସେତେବେଳେ କୌଣସି କାରଣରୁ ତାର ମାନସିକ ଅବସ୍ଥା ଭଲ ନ ଥିଲା । ସାମାନ୍ୟ ବିକୃତ ଘଟିଥିଲା । ତେଣୁ ତାର ମାନସିକ ପ୍ରଶାନ୍ତ ଫେରିଆସିଲା ପର୍ଯ୍ୟନ୍ତ ତାକୁ ପୋଲିସ ହାଜତରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଗଲା । ପ୍ରାୟ ସପ୍ତାହକ ପରେ ତାର ଅବସ୍ଥାର ସାମାନ୍ୟ ଉନ୍ନତ ଘଟିଲା । ତା ତରଫରୁ କେସ୍ ଚଳାଇବାପାଇଁ ସ୍ୱତ ପ୍ରବୃତ୍ତ ହୋଇ ସେହି ସମୟ ମଧ୍ୟରେ ଦିନେ ପୋଲିସ ହେଡ୍‌କ୍ୱାଟରରେ ଉପସ୍ଥିତ ହେଲେ ବିଖ୍ୟାତ ବାରିଷ୍ଟରଜୋସେଫ୍ ଆଣ୍ଡରସନ୍ ଆଉ ତାଙ୍କର ଜୁନିଅର ଆଡଭୋକେଟ୍ ଗୋଲକଚନ୍ଦ୍ର ପଟ୍ଟନାୟକ । ଜୋସେଫ୍ ଆଣ୍ଡରସନ୍ ଶ୍ୱେତାଙ୍ଗ ହୋଇ ତତ୍କାଳୀନ ପୋଲିସ କମିଶନରଙ୍କଠାରୁ ବିଶେଷ ଅନୁମତି ନେଇ ଅତତାୟୀ ମୁରାଦ ଅଲ୍ଲୀଖାଁ । ସହିତ ସାକ୍ଷାତ ଓ କଥାବାର୍ତ୍ତା କରିବାକୁ ଆସିଥିଲେ । ବ୍ୟବସ୍ଥା ଅନୁଯାୟୀ ସେ ସାକ୍ଷାତ କଲେ । ତାଙ୍କ ସହିତ ସାକ୍ଷାତ ସ୍ଥଳରେ ଜୁନିଅର ଆଡ୍‌ଭୋକେଟ ଗୋଲକବାବୁ ମଧ୍ୟ ଉପସ୍ଥିତ । କି ବିଷୟରେ କଥାବାର୍ତ୍ତା ହେଲା ତାହା ଜାଣିବାର ଉପାୟ ନ ଥିଲା । ମାତ୍ର ନିର୍ଦ୍ଦିଷ୍ଟ ସମୟରେ ସେମାନେ ଫେରିଆସିଲେ । ଏହା ଥିଲା ସେ ଦିନର ପ୍ରାୟ ଦଶଟା ବେଳର ଘଟଣା ।

ସେହିଦିନ ପ୍ରାୟ ବାରଟାବେଳକୁ ମୁରାଦ ଅଲ୍ଲୀ ଖାଁ । ହଠାତ୍ ସମ୍ପୂର୍ଣ୍ଣ ଅଜ୍ଞାନ ଏବଂ ମୂକ ହୋଇପଡ଼ିଲା । ଏକ ଅତି ଉତ୍କଟ ବିଷର ପ୍ରକ୍ରିୟା ଦେଖାଗଲା ତାର ଦେହରେ ଏବଂ ଘଣ୍ଟା ବାଜୁ ନ ବାଜୁଣୁ ସେ ଇହଧାମ ତ୍ୟାଗ କଲା । ଡ଼ାକ୍ତର ଲାସ ପରୀକ୍ଷା କରି ରିପୋର୍ଟ ଦେଲେ ମୁରାଦ ଅଲ୍ଲୀ ଖାଁ । ବିଷ ଖାଇନି; ତା ଦେହର କୌଣସି ସ୍ଥାନରେ କ୍ଷତଚିହ୍ନ ନାହିଁ । ମାତ୍ର ତୀବ୍ର ବିଷର କ୍ରିୟା ତାର ରକ୍ତରେ ପ୍ରଭାବ ବିସ୍ତାର କରିବା ଫଳରେ ତାର ସ୍ନାୟୁମଣ୍ଡଳୀ ନିସ୍ତେଜ ହୋଇପଡ଼ିଛନ୍ତି । ଫଳରେ ତାହାହିଁ ତାର ମୃତ୍ୟୁର କାରଣ ହୋଇଛି । ସେ ଯାହାହେଉ, ମୁରାଦ ଅଲ୍ଲୀ ଖାଁ ।ର ମୃତ୍ୟୁ ସଙ୍ଗେ ସଙ୍ଗେ ସେ ଖୁଣୀ କେସର ତଦନ୍ତର ମଧ୍ୟ ଇତି ହେଲା । ତାର ସାଥିର ପାଦଚିହ୍ନ ଯୋଗାଡ଼ କରିବା ସମ୍ବନ୍ଧରେ ବହୁତ ଅନୁସନ୍ଧାନ ଚାଲିଲା; ମାତ୍ର ଫଳ କିଛି ହେଲାନାହିଁ । କେତେ ମାସ ପରେ ସେ କେସ୍ ଅନ୍ଧକାର ଭିତରେ ବୁଡ଼ିଗଲା ।

Digitized by PPRACHIN, SOA

ଏଇ କେସ୍‌ଟା ହୁଏତ ସେଠିକରେ ଯାଇଥାନ୍ତା, କିନ୍ତୁ ଯା ଉପରକୁ ଆଉ ଗୋଟାଏ କେସ୍ ପୁଣିଥରେ ପୋଲିସକୁ ସଜାଗ କରିଦେଲା । ସେଟା ହେଉଛି ବାରିଷ୍ଟର ଜୋସେଫ୍ ଆଣ୍ଡରସନଙ୍କ ମୃତ୍ୟୁ । ଦିନେ ଖୁବ୍ ସକାଳୁ ବାରିଷ୍ଟର ଆଣ୍ଡରସନଙ୍କ ଭୃତ୍ୟ ତାଙ୍କ ଶୟନାଗାରରେ ତାଙ୍କର ଲାସ୍ ଆବିଷ୍କାର କରି ପୋଲିସକୁ ଜଣାଇଲା । ଏଥର ମଧ୍ୟ ସରଗରମ--ତଦନ୍ତ ଚାଲିଲା ।ବାରିଷ୍ଟର ଗତ ରାତିରେ ତାଙ୍କର ଜୁନିଅର ଗୋଲକବାବୁଙ୍କ ସହିତ ଗୋଟାଏ କେସ ବିଷୟରେ କଣ ପରାମର୍ଶ କରିଛନ୍ତି ବହୁ ରାତି ପର୍ଯ୍ୟନ୍ତ । ତା'ପରେ ସେ ଶୟନ କରିଛନ୍ତି ଅଥଚ ସେଇ ତାଙ୍କର ଶେଷ ନିଦ୍ରା ହୋଇଛି । ମୃତ୍ୟୁର କାରଣ ସାଧାରଣରେ ଧରାପଡ଼ିଲା ନାହିଁ । କାରଣ ଦେହରେ ଏତେ ଟିକିଏ ଦାଗ ପର୍ଯ୍ୟନ୍ତ ନ ଥିଲା । ଖାସ୍ କିଛି ତଥ୍ୟ ପାଇବା ପାଇଁ ପୋଲିସ ଲାସ୍‌କୁ ପୋଷ୍ଟମର୍ଟମ୍ କରାଇଲେ । ଦେଖାଗଲା, ଉତ୍କଟ ବିଷର କ୍ରିୟାରେ ମୃତ୍ୟୁ ହୋଇଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ତାଙ୍କର ମହକିଲ ମୁରାଦ ଅଲ୍ଲୀ ଖାଁର ମୃତ୍ୟୁ କେଉଁ ବିଷଦ୍ୱାରା ହୋଇଥିବାର ଅନୁମାନ କରାଯାଇଥିଲା ଜୋସେଫ୍ ଆଣ୍ଡରସନଙ୍କ ମୃତ୍ୟୁ ମଧ୍ୟ ସେଇ ପ୍ରକାର ବିଷଦ୍ୱାରା ହୋଇଥିବା ଜଣାପଡ଼ିଲା । କିନ୍ତୁ ଜଣାପଡ଼ିଲା ନାହିଁ କେବଳ ସେ ଉତ୍କଟ ବିଷର ପ୍ରୟୋଗ ପ୍ରଣାଳୀ । କେସ୍ କ୍ରମେ ଅନ୍ଧକାରର ଗଭୀର ଗର୍ଭକୁ ଗଡ଼ିଗଲା ।

ଏଥର ମଧ୍ୟ ଖୁବ୍ ତଲାସ ହେଲା । କିନ୍ତୁ କୌଣସି ପତ୍ତା ମିଳିଲା ନାହିଁ ଜୋସେଫ୍ ଆଣ୍ଡରସନଙ୍କ ହତ୍ୟା ବିଷୟରେ । ଅପରାଧୀ ଅନ୍ଧକାରରେହିଁ ରହିଗଲା । ଯା ଭିତରେ ଏକ ସୁଦୀର୍ଘ କାଳ ଅତିବାହିତ ହୋଇଗଲା, ଆଉ ଏ ଦୀର୍ଘକାଳର ବ୍ୟବଧାନ ପରେ ପୁଣି ଜ୍ୟୋତିପ୍ରସାଦଙ୍କ ପୁଅର ହତ୍ୟା । ଠିକ୍ ପୂର୍ବଥରମାନଙ୍କ ଭଳି ଦୁଇଯୋଡ଼ା ପାଦଚିହ୍ନ, ନିର୍ଘୁମ ଝଡ଼ବର୍ଷା ରାତିରେ ହତ୍ୟା ।

ପ୍ରଦୀପବାବୁଙ୍କ କପାଳର ରେଖା କୁଞ୍ଚିତ ହୋଇଉଠିଥିଲା । ଅଜୟବାବୁ ବିସ୍ମିତ ହୋଇ ପଚାରିଲେ, ଜୋସେଫ୍ ଆଣ୍ଡରସନଙ୍କ ପରି ବିଶିଷ୍ଟ ଶ୍ୱେତାଙ୍ଗ ବାରିଷ୍ଟର ମୁରାଦ ଅଲ୍ଲୀ ଖାଁ ପରି ଗୋଟାଏ ନରହନ୍ତା ସପକ୍ଷରେ ଲଢ଼ିବାକୁ କପରି ଆଗ୍ରହ ଦେଖାଇଲେ ତାହାହିଁ ଗୋଟାଏ ବିସ୍ମୟର କାରଣ ।'

ପ୍ରଦୀପ ବାବୁ କହିଲେ, "ନା, ନା, ତାହା ନୁହେଁ । ସେଥିରେ ସନ୍ଦେହ କରିବାକୁ କିଛି ନାହିଁ । କାରଣ ବଡ଼ ବଡ଼ ଓକିଲ ବାରିଷ୍ଟରମାନେ ଗ୍ରେଟ ଗ୍ରେଟ

Digitized by PPRACHIN, SOA

କେଶ ଅପେକ୍ଷା ଜଟିଳତର କେଶ୍‌ଗୁଡ଼ାକ ବେଶି ନାଥନ୍ତି । ସେହି ଦୃଷ୍ଟିରୁ ହୁଏତ ସେ ସ୍ୱତଃପ୍ରବୃତ୍ତ ହୋଇ କେସ ବିଷୟରେ ଆଗ୍ରହ ଦେଖାଇ ପାରନ୍ତି । କିନ୍ତୁ ସେଥିରେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, କେଦାରପ୍ରସାଦଙ୍କର ଓକିଲ ମଧ୍ୟ ଥିଲେ ଜୋସେଫ ଆଣ୍ଡ୍ରସନ୍ । ଜଣେ ଓକିଲ ଏକାଧାରରେ ହତ୍ୟାକାଣ୍ଡ ଆଉ ନିହତ ବ୍ୟକ୍ତି ଦୁହିଁଙ୍କର ଓକିଲ ହେବା ଘୋର ବିସ୍ମୟକର । ମୁଁ ଭାବୁଚି, ଏ ବିଷୟରେ ଯାଇ ଗୋଲକବାବୁଙ୍କୁ କିଛି ପଚାରିବ । ଗୋଲକବାବୁ ତ ବର୍ତ୍ତମାନ ଜୀବିତ । ସେ ମଧ୍ୟ ଜୋସେଫ ଆଣ୍ଡ୍ରସନଙ୍କର ଜୁନିଅର ଥିଲେ ।"

ଅଜୟବାବୁ କହିଲେ, 'ଏ ହତ୍ୟା ଅପରାଧର ବିବରଣୀ ଯେପରି ଧାରାବାହିକ ଜଣାଯାଉଛି, ସେଥିରୁ ତ ମୋର ସ୍ପଷ୍ଟ ଅନୁମାନ ହେଉଛି, ଯେ ଏଥର ମଧ୍ୟ ହତ୍ୟାକାଣ୍ଡ ଧରାପଡ଼ିବ ଏବଂ ତାର ମୃତ୍ୟୁ ସଙ୍ଗେ ସଙ୍ଗେ ଜଣେ ଓକିଲଙ୍କର ମୃତ୍ୟୁ ହେବ । ଭାଗ୍ୟକୁ ସେ ଜଣକ ଗୋଲକବାବୁ ନ ହେଲେ ଆପାତତଃ ରକ୍ଷା । କାରଣ ଆମ ଘଟଣା ଭିତରକୁ କ୍ରମେ ସେ ଗ୍ରୁଲିଆସୁଛନ୍ତି ।"

ପ୍ରଦୀପବାବୁ ମନେ ମନେ ଚମକିପଡ଼ିଲେ । କଥାଟାକୁ ତଉଲି ଦେଖିଲେ— ତାଙ୍କର ସହକାରୀ ଅଜୟ ଯାହା ଅନୁମାନ କରୁଛି, ତାହା ନିତାନ୍ତ ଅମୂଳକ ନୁହେଁ, କାରଣ ଅନେକ ହତ୍ୟାକାଣ୍ଡ ତ ଏପରି ଘଟିବାର ଦେଖାଯାଇଥାଏ ।

ପ୍ରଦୀପବାବୁ କିଛି ସମୟ ନୀରବ ରହି ଅସ୍ପଷ୍ଟ ଭାବରେ ଉଚ୍ଚାରଣ କଲେ କେଦାରପ୍ରସାଦ, ମୁରାଦ ଅଲ୍ଲୀ ଖାଁ, ଜୋସେଫ ଆଣ୍ଡ୍ରସନ, ସେଠି ବି ଯୋଡ଼ାଏ ପାଦଚିହ୍ନ ଅସ୍ପଷ୍ଟ ଆଉ କାନ୍ଥଲାଲ, ଦୁଇଯୋଡ଼ା ପାଦଚିହ୍ନ ଅସ୍ପଷ୍ଟ ।" ପୁଣି ଚମକିପଡ଼ି ସେ କହିଲେ, "ଅଚ୍ଛା ଅଜୟ । ତୁମେ ଆଜି ତାରଜନକୁ ଗୋଟାଏ ଓ୍ୱାର୍ କର ତ !"

—"ତାରଜନ ! ତାର ପୁଣି ଏଠାରେ କଣ ଆବଶ୍ୟକ ?" ଘୋର ବିସ୍ମୟ ପ୍ରକାଶ କରି କହିଲେ ଅଜୟବାବୁ ।

ପ୍ରଦୀପବାବୁ ସାମାନ୍ୟ ହସି କହିଲେ, "ତାରଜନ ପରି ମହୋପକାରୀ ବନ୍ଧୁ ଯେ କେତେବେଳେ ଆବଶ୍ୟକ ନୁହେଁ, ଏକଥା କଣ ତୁମେ କହିପାରିବ ? ତାର ଶକ୍ତି କାର୍ଯ୍ୟକଳାପ, କୌଶଳ ତୁମର ଅପରିଚିତ ନୁହେଁ । ହୁଏତ ଆମେ ତାର

Digitized by PPRACHIN, SOA

ଶକ୍ତି ଆବଶ୍ୟକ କରି ନ ପାରୁଁ, ତଥାପି ତା ପରି ଶକ୍ତିମାନ, କୌଶଳୀ ଲୋକ ଆମ ହାତମୁଠାରେ ଥିବା ଉଚିତ । ମୁଁ ଯେତେଦୂର ଅନୁମାନ କରୁଛି, ଶତ୍ରୁ ଅମର ଶକ୍ତିଶାଳୀ । ତାରଜନହିଁ ତାର ଉପଯୁକ୍ତ ପ୍ରତିଦ୍ୱନ୍ଦୀ ହୋଇପାରିବ ।"

"କିନ୍ତୁ ତାକୁ ନେଇ ଆମେ କିଛି ଅସୁବିଧାରେ ପଡ଼ିବା ନାହିଁ ତ ?" ଅଜୟବାବୁ ପଗ୍ଭରିଲେ ।

—"ଅସୁବିଧା କିଛି ନାହିଁ । ମୁଁ ତାକୁ କାନ୍ତିଲାଲଙ୍କ ପରିବାରଭୁକ୍ତ କରି ରଖାଇଦେବି । ବର୍ତ୍ତମାନ ତାଙ୍କ ପରିବାର ବିପନ୍ନ । ଜ୍ୟୋତିପ୍ରସାଦ, ତା'ପରେ କାନ୍ତିଲାଲ, ତା'ପରେ ହୁଏତ ଦୀପ୍ତିଲାଲ ବୋଲି ମୁଁ ଆଶଙ୍କା କରୁଛି । ମୋର ଯେମିତି ଧାରଣା ହେଉଛି, ଗୋଟାଏ କଳାରୂପୀ ଆତତାୟୀର କଠୋର ଦୃଷ୍ଟି ପଡ଼ିଛି ସେମାନଙ୍କ ଉପରେ । ଆଉ ଯାହା ଫଳରେ—"

ଅବଶିଷ୍ଟ କଥାଗୁଡ଼ିକ ନ କହି ସେ ଚୁପ୍ ରହିଗଲେ । ତଳେ ତାଙ୍କର ସ୍ତ୍ରୀକର କାହା ସହିତ କଥାବାର୍ତ୍ତା କରୁଥିବାର ସେ ଜାଣିପାରିଲେ । ଘଟଣାଟା ଜାଣିବା ପାଇଁ ସେ ଉପର ମହଲାର ଝରକାରୁ ଗ୍ଭହିଁଦେଲେ ତଳକୁ । ଦେଖିଲେ ମିଷ୍ଟର ମହାପାତ୍ର । ସେଇଠାରୁ ଆଇ ସେ ଡକା ପକାଇଲେ ତାଙ୍କୁ ଉପରକୁ ଆସିବାକୁ । ତା'ପରେ ଫାଇଲପତ୍ର ସବୁ ବନ୍ଦବାନ୍ଧ କରିଦେଇ ଯଥାସ୍ଥାନରେ ରଖିଦେବାକୁ ନିର୍ଦ୍ଦେଶ ଦେଲେ ଅଜୟବାବୁଙ୍କୁ ।

ମିଷ୍ଟର ମହାପାତ୍ର କୋଠରିରେ ପ୍ରବେଶ କରି ଅଭିବାଦନାନ୍ତେ ଆସନ ଗ୍ରହଣ କରିସାରିଲା ପରେ ଚମଡ଼ା ବ୍ୟାଗରୁ କେତେଗୁଡ଼ାଏ ଫଟୋଗ୍ରାଫ ବାହାର କରି ଟେବୁଲ ଉପରେ ରଖି ରଖି କହିଲେ, "ଏଗୁଡ଼ା ସେଦିନରୁ ଥିଲା ମୋ ପାଖରେ । ଆଜି ଭାବିଲି, ଏଗୁଡ଼ା ଆପଣଙ୍କ ପାଖରେ ରହିବା ଉଚିତ, କାରଣ କେସ୍ ଦାୟିତ୍ୱରେ ଯେତେବେଳେ ଅଛନ୍ତି । କଣ, କିଛି ଆଗେଇଲେ ?

ମିଷ୍ଟର ମହାପାତ୍ରଙ୍କର କଥାରେ ପ୍ରଦୀପବାବୁ ହୋ ହୋ ହୋଇ ହସିଉଠିଲେ । କିଛି ସମୟ ପରେ ହସ ସମ୍ଭରଣ କରି କହିଲେ, "ବୁଝିଲେ ନା ମିଷ୍ଟର ମହାପାତ୍ର ! ଆପଣ ଏକାବେଳେକେ ଗୁଡ଼ାଏ ପ୍ରଶ୍ନ ଆଉ ତାର ଉତ୍ତର ଏଇ ସମୟରେ କହିପକାଉଛନ୍ତି । ତେବେ କେସ୍‌ଟା ଆଉ ପକେଟର ସିଗାରେଟ୍

Digitized by PPRACHIN, SOA

କେସ୍‌ କ ଟଙ୍କା ପଇସା କେସ୍‌ ନୁହେଁ ଯେ ପକେଟରୁ କାଢି ଟେବୁଲ ଉପରେ ଥୋଇଦେବ । ଏଟା ହେଲା ମର୍ଡରକେସ୍‌ । ଆପଣ ଫଟୋଗ୍ରାଫ୍ କେତେଖଣ୍ଡ ଏପର୍ଯ୍ୟନ୍ତ ଦେଇନାହାନ୍ତି, ଅଥଚ କେସ୍‌ ଆଗେଇବା କଥା ପଚାରିଲେଣି ?"

ମିଷ୍ଟର ମହାପାତ୍ର ସାମାନ୍ୟ ଲଜ୍ଜିତ ହୋଇ କହିଲେ, 'ସେକଥା ଅବଶ୍ୟ ଠିକ୍ ଯେ ତେବେ ଆପଣଙ୍କ ପରି ଜଣେ ସୁଦକ୍ଷ ଗୋଏନ୍ଦା ଅଫିସର ଯେତେବେଳେ ଏ କେସ୍‌ଟା ହାତକୁ ନେଇଛନ୍ତି, ସେତେବେଳେ ଆମେ ଖୁବ୍ ଶୀଘ୍ର ଏହାର ସମାଧାନ ଆଶା କରୁଁ ।"

—"ତା ଅବଶ୍ୟ ଠିକ୍ । ମୁଁ ଆପଣଙ୍କର ଆଶା ନିଶ୍ଚୟ ପୂରଣ କରିବି । ମୋର ତ ଏକରକମ 'କେସ୍‌' ଗୋଟାଏ ଗୋଟାଏ ଦରକାର । ନ ହେଲେ ମୁଁ ଅଳସୁଆ ହୋଇ ବେମାର ହୋଇଯିବି । ଆଚ୍ଛା, ମିଷ୍ଟର ମହାପାତ୍ର, ଆପଣ ଆଜି ରାତି ସାତଟାରେ ମୋତେ ଟିକିଏ ସାକ୍ଷାତ୍ ଦେବେ ?

—"ନିଶ୍ଚୟ, ନିଶ୍ଚୟ, ଖୁବ୍ ଆନନ୍ଦରେ, କଣ ଏଇଠି ।"

—"ହଁ । ତାହାହେଲେ ରାତିଭୋଜନଟା ବି ଏଇଠି ବ୍ୟବସ୍ଥା ହେଉ ।" ତା'ପରେ ପ୍ରତାପବାବୁ ଅଜୟବାବୁଙ୍କୁ ଲକ୍ଷ୍ୟ କରି କହିଲେ, "ଅଜୟ ତୁମେ ଟିକେ ଏହା'ର ବ୍ୟବସ୍ଥା କରିଦେବ ।"

ଅଳ୍ପ ସମୟ ଏଣୁ ତେଣୁ କଥାବାର୍ତ୍ତା ପରେ ମିଷ୍ଟର ମହାପାତ୍ର ବିଦାୟ ନେଇଗଲେ । ସେ ଦେଇଯାଇଥିବା ଫଟୋଗ୍ରାଫଗୁଡ଼ିକୁ ବିଶେଷଜ୍ଞଙ୍କ ରିପୋର୍ଟ ସହିତ ମିଳାଇ ଦେଖୁଥିଲେ; ପ୍ରାୟ ଘଣ୍ଟାଏଖଣ୍ଡେ ପରେ ସେ କିଛି ଗୋଟାଏ କଥା ମନେପକାଇଲାପରି ହୋଇ କହିଲେ; "ହଁ ଅଜୟ ! ତମକୁ ଗୋଟାଏ କଥା ମୁଁ କହିବାକୁ ଭୁଲିଯାଇଛି । ସେ'ଟା ହେଉଛି, ମୁଁ ହତ୍ୟାକାଣ୍ଡ ଘଟିଥିବା ସ୍ଥାନ ନିକଟସ୍ଥ ବୁଦାତଳୁ ଯେଉଁ ଝଣ୍ଡିଆ ସିଗାରେଟ୍ କେତେଖଣ୍ଡି ଖୁଣ୍ଟି ଆଣିଥିଲି ତାକୁ କାଲି ପରୀକ୍ଷା କରି ଦେଖିଥିଲି ।

ଫଳାଫଳଟା କଣ ହେଲା ଜାଣିବାପାଇଁ ଉଦ୍‌ଗ୍ରୀବ ହୋଇ କାନପାତି ଚାହିଁରହିଲେ ଅଜୟବାବୁ ।

Digitized by PPRACHIN, SOA

—"ସିଗାରେଟ୍‌ଟା ତ ଖୁବ୍ ଦାମୀ, ଏଥିରେ କିଛି ସନ୍ଦେହ ନାହିଁ । ଏ ସହରରେ ସେଭଳି ମୂଲ୍ୟବାନ୍ ସିଗାରେଟ୍ ଟାଣିବା ଲୋକ ଖୁବ୍ କମ୍ ଅଛନ୍ତି । କିନ୍ତୁ ଆଉ ଗୋଟିଏ ଆଶ୍ଚର୍ଯ୍ୟର ଜିନିଷ ମୁଁ ପାଇଲି ସେଥିରେ, ତାହା ହେଉଛି, ଦେଶୀ ଜିନ୍ । ସେଥିରେ ଜିନ୍‌ମଦ୍ୟର ସଂସ୍ପର୍ଶ ମୁଁ ପାଇଲି । ମୋର ଅନୁମାନ, ସେ ମୂଲ୍ୟବାନ୍ ସିଗାରେଟ୍ ଯେ ଟାଣିଛି ସେ ସେହି ପ୍ରକାରର ଜିନ ପିଇବାରେ ଅଭ୍ୟସ୍ତ, ଅଥବା ସେଦିନକବେଳେ ସେ ଜିନ୍ ପିଇଥିଲା ।"

ଅଜୟବାବୁ କହିଲେ, "ତା ତ ଅସମ୍ଭବ ହୁଏନା । କାରଣ ଦାମୀ ସିଗାରେଟ ଟାଣିବା ଲୋକ ଯେ ଶସ୍ତା ମଦ ନ ପିଇବ, ଏପରି କଥା ନାହିଁ । ରୁଚି ଆଉ ଅଭ୍ୟାସ ନେଇ କଥା ।"

—"ହଁ, ହଁ, ମୁଁ ଏକମତ ସେଥିରେ । ବର୍ତ୍ତମାନ ଆମେ କେତୋଟି ତଥ୍ୟ ପାଇଲେ "ହତ୍ୟାକାରୀ ବଳବାନ୍ ଏବଂ ତାର ଡାହାଣଗୋଡ଼ଟି ସାମାନ୍ୟ ଛୋଟା, ସେ ପୃଥୁଳ, ଦାମୀ ସିଗାରେଟ୍ ଏବଂ ଜିନମଦର ଅଭ୍ୟାସ ତାର ଅଛି ।' ତାହାହେଲେ ଏହିପରି ଗୋଟାଏ ଲୋକ ଆମକୁ ଖୋଜିବାକୁ ପଡ଼ିବ ।" ପ୍ରତାପବାବୁ ନୀରବ ଏବଂ ଚିନ୍ତାମଗ୍ନ ରହିଲେ କିଛି ସମୟ ପାଇଁ; ତାପରେ ଅଜୟବାବୁଙ୍କୁ ଲକ୍ଷ୍ୟ କରି କହିଲେ, "ତୁମେ ଆଜ ମିଷ୍ଟର ତାରକନଙ୍କୁ ଗୋଟାଏ ଖବର କରିଦିଅ । ସେ ଏଠାରେ ଆସି ଗୋପନରେ ପହଞ୍ଚିଯାଆନ୍ତୁ । ତା'ପର କଣ କରିବାକୁ ହେବ ମୁଁ ଠିକ୍ କରିଦେବି ।"

ଅଜୟବାବୁ ମୌନ ରହି ତାଙ୍କର ଆପତ୍ତି ନ ଥିବା ଜଣାଇଲେ ।

ଛଅ

ପ୍ରତାପବାବୁଙ୍କ ବୈଠକଖାନାରେ ଖୁବ୍ ଗୋପନୀୟ ଆଲୋଚନାରେ ସେଦିନ ଅଂଶ ଗ୍ରହଣ କରିଥିଲେ ଅଜୟବାବୁ, ପୀଟ୍ସିଲ୍ ଆଉ ତାରକନ । ଟେବୁଲ ଉପରେ ଗରମ କଫି ଖୁବ୍ ନିକଟରେ ପରିବେଷଣ କରାଯାଇଥିଲା ନିଶ୍ଚୟ । କାରଣ ସେ ପର୍ଯ୍ୟନ୍ତ ଧୂମାୟିତ ହେଉଥିଲା ପାନପାତ୍ରଗୁଡ଼ିକ । ତାରକନ ସେହି

Digitized by PPRACHIN, SOA

ସନ୍ଧ୍ୟାରେ ଆସି ଉପସ୍ଥିତ ହୋଇଥିଲା ପ୍ରତାପବାବୁଙ୍କ ବାସଭବନରେ । ପ୍ରତାପବାବୁ ତାଙ୍କୁ ଧାଣ୍ଡିଲାଲଙ୍କ ସହିତ ପରିଚୟ କରାଇଦେଇଥିଲେ ।

ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ସମସ୍ତେ ଆଳାପମଗ୍ନ ଥିଲେ । ଆଳାପ ଭିତରେ ଧାଣ୍ଡିଲାଲଙ୍କ ସନ୍ଦେହପୂର୍ଣ୍ଣ ଦୃଷ୍ଟି ବାରମ୍ବାର ଘୂରି ଆସୁଥାଏ ତାରଜନ ଉପରେ । ସେ ଭାବୁଥାନ୍ତି—ଏଇ କଣ ପ୍ରକୃତରେ ଅସୀମ ବଳଶାଳୀ ଏବଂ ବିଚଯକର୍ମା ତାରଜନ, ଯାହାର ଗୁଣାବଳୀ ସେ ବହୁତ ବହୁତ ଶୁଣି ଆସିଛନ୍ତି !

ରାତି ଯେମେ ବଢ଼ି ଉଠୁଥିଲା । ପ୍ରତାପବାବୁ ଦେଖିଲେ, ଏ ଆସର ଯଦି ବନ୍ଦ ନ ହୁଏ, ତେବେ ରାତି ପାହିଯିବ । ସେ ମଝିରେ ଟିକିଏ ସୁବିଧା ଦେଖି ଧାଣ୍ଡିଲାଲଙ୍କୁ ଲକ୍ଷ୍ୟକରି କହିଲେ, "ଦେଖନ୍ତୁ ମିଷ୍ଟର ଧାଣ୍ଡିଲାଲ ! ଏ କେସ୍‌ଟା ବିଷୟରେ ଚିନ୍ତା କରି ଆପାତତଃ ଯାହା ମୁଁ ଧାରଣା କରିପାରିଛି, ସେଥିରୁ ମୁଁ ଜାଣିଛି ଯେ ଆପଣଙ୍କ ପରିବାର ବର୍ତ୍ତମାନ ଘୋର ବିପଦର ସମ୍ମୁଖୀନ । ଯାହାହେଉ, ସେଥିରେ ଭାଙ୍ଗି ନ ପଡ଼ି ତା'ର ମୁକାବିଲା ଧୈର୍ଯ୍ୟର ସହିତ କରିବା-ପାଇଁ ମୁଁ ଆପଣଙ୍କୁ ସାହସ ଦେବି । ତା'ର ସହିତ ବ୍ୟବସ୍ଥା ମୁଁ କରିଛି ଏବଂ କରୁଛି । ସେହି ଯୋଜନାନୁଯାୟୀ ତାରଜନଙ୍କୁ ମଧ୍ୟ ଡକାଇଛି ଆମକୁ ଟିକିଏ ସାହାଯ୍ୟ କରିବାପାଇଁ । ତାଙ୍କ ବିଷୟରେ ଅଧିକଗୁଡ଼ାଏ ମୁଁ କହିବି ନାହିଁ । କାରଣ ଆପଣ ତ ଅନେକ ଶୁଣିଥିବେ, ଆଉ ଯାହାକିଛି କାମରେ ଦେଖିପାରିବେ ! ବର୍ତ୍ତମାନ ପାଇଁ ତାରଜନ ରହିବେ ଆପଣଙ୍କ ପରିବାରଭୁକ୍ତ ହୋଇ । ତାଙ୍କର ପରିଚୟ ଆପଣଙ୍କୁ ସମ୍ପୂର୍ଣ୍ଣ ଗୋପନ ରଖିବାକୁ ହେବ । ସେ ଏକାବେଳକେ ଯୋଡ଼ିଏ କାମ କରିବେ । ଗୋଟିଏ ହେଲା, ଆପଣଙ୍କ ପରିବାରକୁ ଯେକୌଣସି ଆସନ୍ନ ବିପଦରୁ ରକ୍ଷା ଏବଂ ଦ୍ୱିତୀୟଟି ହେଲା, ଆମ ସହିତ ଯୋଗସୂତ୍ର ସ୍ଥାପନ । ଅବଶ୍ୟ ଆପଣଙ୍କ ପରିବାରକୁ ରକ୍ଷା କରିବାପାଇଁ କେତେଜଣ ପୋଲିସର ବ୍ୟବସ୍ଥା ମୁଁ କାହିଁକି ନ କରୁଛି—ତାହା ଆପଣ ପଚାରିପାରନ୍ତି । କିନ୍ତୁ ମୁଁ ଚାହୁଁଛି—ଆତତାୟୀ ଯେଉଁ ଯୋଜନାରେ ଏପର୍ଯ୍ୟନ୍ତ ଅଛି ସେହି ଯୋଜନାରେ ଥାଉ । ଗୁଡ଼ାଏ ପୋଲିସ ନିଯୁକ୍ତ କରିଦେଲେ ସେ ନୂଆ କିଛି ଗୋଟାଏ ଯୋଜନା ହୁଏତ କରି ବସିବ କିମ୍ବା ଅଧିକ ଚାଲାଖ୍ ହୋଇଯିବ । ଆତତାୟୀ ତା'ର କାମ

Digitized by PPRACHIN, SOA

ସ୍ୱାଧୀନ ଭାବରେ କରୁ । ତାର, ଅଜ୍ଞାତରେ ଆମେ ଚତୁର୍ଦ୍ଦିଗରେ ଜାଲ୍ ବିଛାଇଦେବା । ସେ ଆପେ ଆପେ ସେଥିରେ ଛନ୍ଦି ହୋଇପଡ଼ିବ, ଏଇଟା ମୋର ଇଚ୍ଛା । ଏଥର ଅପଣ କୁହନ୍ତୁ ଆପଣଙ୍କର ମତଟା କଣ ?'

ଦୀପ୍ତିଲାଲ କିଛି ସମୟ ଗମ୍ଭୀର ଏବଂ ନୀରବ ରହିଲାପରେ ସ୍ମିତ ହସି କହିଲେ, "ଏଥିରେ ମୋର ମତାମତକୁ ଅପେକ୍ଷା କରିବାର କଣ ଅଛି ଆଉ ? ଏ କେସ୍‌ଟାର ସମସ୍ତ ଦାୟିତ୍ୱ ମୁଁ ଆପଣଙ୍କୁହିଁ ଅର୍ପଣ କରିଦେଇଛି । ତେଣୁ ଆପଣ ଯାହା ଭଲ ମନେ କରିବେ ତାହା କରିପାରିବେ । ବରଂ ମୋତେ ଆପଣଙ୍କୁ ସାହାଯ୍ୟ କରିବା ଦିଗରେ କଣ କରିବାକୁ ହେବ, ସେତକ ନିର୍ଦ୍ଦେଶ ଦିଅନ୍ତୁ, ମୁଁ ଅକ୍ଷରେ ଅକ୍ଷରେ ସେତକ ପାଳନ କରିବାକୁ ଚେଷ୍ଟା କରିବି ।"

ପ୍ରଦୀପବାବୁ ଉତ୍ସାହିତ ହୋଇ କହିଲେ, "ମୋର ସେତିକି ଦରକାର । ଆପଣଙ୍କର ପୂର୍ଣ୍ଣ ସହଯୋଗ ପାଇଲେ ମୁଁ ଆତତାୟୀକୁ ଲୌହ ବଳୟ ପିନ୍ଧାଇ ଦେଇପାରିବି ବୋଲି ନିଶ୍ଚିତ ପ୍ରତିଶ୍ରୁତି ଦେଇପାରେ । ତାରଜନ କାଲିଠାରୁ ଆପଣଙ୍କ ଘରେ ରହିବେ । ସେ ଜଣେ ଗୋଏନ୍ଦା । ସହକାରୀ, ଏ ବିଷୟ ଯେପରି ଆପଣଙ୍କ ବ୍ୟତୀତ ଦ୍ୱିତୀୟ ବ୍ୟକ୍ତି ନ ଜାଣନ୍ତି, ଏପରି କି ସୁଲତା ଦେବୀ ମଧ୍ୟ । ତା'ପରେ ତାରଜନ ଆପଣଙ୍କୁ ଯଦି କୌଣସି ପରାମର୍ଶ ଦିଅନ୍ତି ତେବେ ଆପଣ ତାହା ଗ୍ରହଣ କରିବେ । ଆପାତତଃ ଅଧିକାଂଶ ସମୟ ସେ ଆପଣଙ୍କ ନିକଟରେହିଁ ରହିବେ ।"

ଦୀପ୍ତିଲାଲ ଲଜ୍ଜିତ ହୋଇ କହିଲେ, "ଆପଣ ଅଧିକ ଗୁଡାଏ କହି ମୋତେ ଲଜ୍ଜିତ କରନ୍ତୁ ନାହିଁ । ତାରଜନ ମୋ ପାଖେ ପାଖେ ରହିବେ ଏବଂ ତାଙ୍କର ନିର୍ଦ୍ଦେଶ ମାନି ମୁଁ ଚାଲିବି ଏ ବିଷୟରେ ନିର୍ଭର ପ୍ରତିଶ୍ରୁତି ଦେଉଛି । ସେତକ ଛଡା ଯଦି ଅଧିକ କିଛି କହିବାକୁ ଥାଏ ତେବେ କହନ୍ତୁ ।

ନା, ନା, ଆଉ ଯାହା କରିବାକୁ ଯେତେବେଳେ ଦରକାର ହେବ ସେ କଥା ଚେତାଇଦେବେ ମିଷ୍ଟର ତାରଜନ । ମୁଁ କେବଳ ମିଷ୍ଟର ତାରଜନଙ୍କୁ କେତେକ କଥା କହିବି ତାଙ୍କ କାମ ବିଷୟରେ"—ପ୍ରଦୀପବାବୁ କହିଲେ ।

* * *

Digitized by PPRACHIN, SOA

ତା'ପରଦିନଠାରୁ ଘଟଣା ଯେପରି ଛନ୍ଦରେ ଗଡ଼ି ଚାଲିଲା, ତାହା ଖୁବ୍ ବିଚିତ୍ର । ପ୍ରତାପବାବୁ ନିଜେ ଏ କେସ୍‌ରେ ଦାୟିତ୍ୱ ଗ୍ରହଣ କରିଥିଲେ ସୁଦ୍ଧା ପ୍ରକାଶ୍ୟରେ ସେ କିଛି କରୁ ନ ଥିଲେ । ତାଙ୍କର ଢଙ୍ଗଢାଙ୍ଗରୁ ଜଣା ଯାଉଥିଲା ଯେପରି ସେ ଏ କେସ୍ ବିଷୟରେ ସମ୍ପୂର୍ଣ୍ଣ ଉଦାସ ଏବଂ ନିର୍ଲିପ୍ତ ରହିଛନ୍ତି । ମାତ୍ର ଘଟଣା ଠିକ୍ ତାହା ନ ଥିଲା । ପ୍ରତାପବାବୁଙ୍କପରି ସୁଦକ୍ଷ ଗୋଏନ୍ଦାଙ୍କର ଏ ଥିଲା ଗୋଟିଏ ନୂତନ କୌଶଳର ଖେଳ । ନିଜେ ଅପରାଧୀ ଆଖିରେ ନିରୁଦ୍ୟମୀ ବୋଲି ଧାରଣା ଦିଆଇବା କୌଶଳ ସବୁ ଗୋଏନ୍ଦାଙ୍କୁ ଜଣାନାହିଁ । ଅପରାଧୀ ଯଦି ଗୋଏନ୍ଦାର ତତ୍ପରତା ବା କୌଶଳ ବିଷୟରେ ସମ୍ୟକ୍ ଧାରଣା କରିପାରିଲା ତେବେ ସେ ଖସିଯିବାର ହଜାରେ ପ୍ରକାର ଉପାୟ କରିବସିବ, ଏହା ନିଃସନ୍ଦେହ । ଏଥିପାଇଁ ସେ ନିଜେ ଖୁବ୍ ନିର୍ଲିପ୍ତ ଥିବାର ଅଭିନୟ କରୁଥିଲେ । ଗୋଟାଏ କେସ୍ ତଦନ୍ତ କରିବାରେ ଯେତେ ଧାଁ ଦଉଡ଼ କରିବା କଥା, ସେ ତ ତାର କାଣିଚାଏ ବି କଲା ପରି ଜଣାପଡୁ ନ ଥିଲା । ସାଧାରଣ ଭାବରେ ଥରେ ପୋଲିସ ହେଡ୍ କ୍ୱାର୍ଟରକୁ ଯାଉଥିଲେ ବା ନ ଯାଉଥିଲେ ବି । ତା ଛଡ଼ା କେତେବେଳେ କେମିତି ସହର ବାହାରେ ଟିକେ ଘୁରିଘୁରି କରି-ଆସୁଥିଲେ । କିନ୍ତୁ ସ୍ୱତନ୍ତ୍ର ଗୋଟାଏ ଫୋନ୍ ଲାଇନ୍ ସଦାସର୍ବଦା ସଚଳ ଅବସ୍ଥାରେ ଥିଲା ତାଙ୍କ ପ୍ରାଇଭେଟ୍ ରୁମ୍‌କୁ, ଆଉ ସହକାରୀ ଅଜୟ ଏବଂ ତାଙ୍କ ଦ୍ୱାରା ନିଯୁକ୍ତ ଗୁପ୍ତଚରମାନଙ୍କ ଦ୍ୱାରା ସେ ସମସ୍ତ ଖବର ନେଉଥିଲେ ଏବଂ ପଠାଉଥିଲେ । ଅନୁମାନ ଦ୍ୱାରା ଘଟଣାଗୁଡ଼ିକୁ ବହୁତ ଦୂର ପର୍ଯ୍ୟନ୍ତ ସେ ସମାଧାନ କରିପକାଇଥିଲେ ଏବଂ ଯଥାସମୟ ପାଇଁ ଉପଯୁକ୍ତ ଯୋଜନା ମଧ୍ୟ ପ୍ରସ୍ତୁତ କରିସାରିଥିଲେ । ତେଣୁ ଘରେ ବସି ମଧ୍ୟ ସେ ପ୍ରତ୍ୟେକ କାର୍ଯ୍ୟର ବିବରଣୀ ସଂଗ୍ରହ କରୁଥିଲେ ଏବଂ ସେ ସବୁ ରେକର୍ଡ ଠିକ୍ କରି-ରଖୁଥିଲେ ।

ସେଦିନ ରାତିରେ ପ୍ରାପ୍ତିଲାଲ ପ୍ରତାପବାବୁଙ୍କ ବାସଭବନରୁ ଫେରି ନିଜ ଘରେ ସମସ୍ତଙ୍କ ନିକଟରେ ପ୍ରକାଶ କରିଥିଲେ ଯେ, ବନାରସରୁ ତାଙ୍କର ଜଣେ ବନ୍ଧୁ ଜଳବାୟୁ ପରିବର୍ତ୍ତନରେ ସେହି ସହରକୁ ଆସୁଛନ୍ତି । ସେ ପ୍ରାପ୍ତିଲାଲଙ୍କ ଘରେ ମାସକ ପାଇଁ ଅତିଥି ଭାବରେ ରହିବେ । ତାଙ୍କ ପାଇଁ ନିଜ ଶୋଇବା ଘର ପାଖରେ ଗୋଟାଏ ରୁମ୍ ଖାଲି କରି ସଜାଇଦେବାକୁ କେତେଜଣ ଚାକରଙ୍କୁ ବରାଦ କରିଦେବାପାଇଁ ହରିପଧାନକୁ ନିର୍ଦ୍ଦେଶ ଦେଲେ ।

Digitized by PPRACHIN, SOA

ତହିଁ ପରଦିନ ଖୁବ୍ ସକାଳୁ, ଦୀପ୍ତିଲାଲ ଗାଡ଼ି ନେଇ ବାହାରିଗଲେ ଷ୍ଟେସନ ଅଭିମୁଖେ ବନ୍ଧୁଙ୍କୁ ଆଣିବା ପାଇଁ । ପ୍ରାୟ ଘଣ୍ଟାଏ ଦେଢ଼ଘଣ୍ଟା ପରେ ସେ ବନ୍ଧୁଙ୍କ ସହ ଫେରିଲେ । ନିର୍ଦ୍ଦିଷ୍ଟ ରୁମ୍‌ରେ ତାଙ୍କର ବେଡ଼ିଂ ଇତ୍ୟାଦି ସଜାଇ ରଖିବାରେ ଅଧଘଣ୍ଟା ଏବୁ ବେଶି ଲାଗିଲା ନାହିଁ । ଇତିମଧ୍ୟରେ ଦୁଇବନ୍ଧୁ, ନିତ୍ୟକର୍ମ ଶେଷ କରି ଟୀ' ଟେବୁଲରେ ଆଳାପମଗ୍ନ ଥିଲେ ।

ଦୀପ୍ତିଲାଲଙ୍କ ପରିବାରର ଲୋକେ ଜାଣିଲେ ଯେ, ଏହିଁ ଆଗନ୍ତୁକ ଅତିଥିଙ୍କର ଘର ବନାରସରେ । ତାଙ୍କର ନାମ ସୁକାନ୍ତକୁମାର ରାୟ । ଖୁବ୍ ଧନୀ ଘରର ସନ୍ତାନ, ଶିକ୍ଷିତ ମଧ୍ୟ । ଆସିଛନ୍ତି ଜଳବାୟୁ ପରିବର୍ତ୍ତନରେ ଯେତେବେଳେ, ମାସେଖଣ୍ଡେ ରହିବେ । ଭଲ ଲାଗିଲେ ଆଉ ଅଧିକ ମାସେଟାଏ ବି ରହିପାରନ୍ତି । ସେ ଯାହାହେଉ, ଦିନେ ଦୁଇଦିନ ମଧ୍ୟରେ ନିଜର ସରଳ ବ୍ୟବହାର ଦ୍ୱାରା ସୁକାନ୍ତବାବୁ ସମସ୍ତଙ୍କୁ ଖୁବ୍ ନିଜର କରିନେଇପାରିଛନ୍ତି । ସେଥିପାଇଁ ତାଙ୍କର ଆବଶ୍ୟକୀୟ କାମ କରିଦେବାକୁ ଘରର ପୁଅଝିଅମାନେ ଭାରି ତତ୍ପର ହେଉଥିଲେ । ପାଟିରୁ କିଛି ବଚନ ବାହାରିଲାମାତ୍ରେ ଏଣେ କାମ ହାସଲ୍ ।

ଦୀପ୍ତିଲାଲ ମଧ୍ୟ ଏଇ କେତେଦିନ ମଧ୍ୟରେ ଘରେ କେତେକ ପରିବର୍ତ୍ତନ କରାଇଦେଇଛନ୍ତି । ଘରର ଚତୁର୍ଦ୍ଦିଗରେ ଅନେକ ଗୁଡ଼ିଏ ଆଲୋକ ସର୍ବଦା ଜଳିବାପାଇଁ ବ୍ୟବସ୍ଥା କରିଛନ୍ତି । ତା ଛଡ଼ା ଦୁଇଜଣ ଗୁର୍ଖା ଦରୱାନ ମଧ୍ୟ ନିଯୁକ୍ତ କରିଛନ୍ତି ସାରାରାତି ପହରା ଦେବାପାଇଁ । ଘରଭିତରେ ଯେ ତିନି ତିନିଟା ଟେଲିଫୋନ୍ ରଖିଛନ୍ତି । କାନ୍ତିଲାଲଙ୍କ ପୁଅ ସୁବ୍ରତ ଏବେ ସବୁବେଳେ ଦୀପ୍ତିଲାଲ ଏବଂ ସୁକାନ୍ତବାବୁଙ୍କ ପାଖେ ପାଖେ ରହୁଛି । ସୁକାନ୍ତବାବୁଙ୍କୁ ମଧ୍ୟ ସେ ଖୁବ୍ ଆଦରିଯାଉଛି । ମୋଟାମୋଟି ଭାବରେ ଦୀପ୍ତିଲାଲଙ୍କର ଏପ୍ରକାର ବ୍ୟବସ୍ଥା ସମସ୍ତଙ୍କ ପକ୍ଷେ ଆନନ୍ଦଦାୟକ ହୋଇଛି । କାହାର କୌଣସି ପ୍ରକାର ଅସୁବିଧା ହୋଇନାହିଁ ଏଥିରେ ।

* * * *

ସେଦିନ ସକାଳ ନଅଟା ହେବ ବୋଧହୁଏ ।

ଆଡ଼ଭୋକେଟ୍ ଗୋଲୋକଚନ୍ଦ୍ର ପଟ୍ଟନାୟକ ତାଙ୍କ ବୈଠକଖାନାରେ ବସି ସେଦିନର କେସ୍‌ଗୁଡ଼ିକ ସମ୍ବନ୍ଧରେ ବହିପତ୍ର ଖୋଲାଇବାରେ ବ୍ୟସ୍ତ । ବାରଣ୍ଡା-

Digitized by PPRACHIN, SOA

କଡ଼କୁ ଆଉ ଗୋଟାଏ କୋଠରି ଭିତରେ ତଳେ ଗୋଟାଏ ୯.୬ ଫରାସ୍ ଉପରେ ଗୋଲକବାବୁଙ୍କ ମୋହରିର ବସି ସେଦିନର ଚିଠିପତ୍ର ଲେଖାଲେଖି କରୁଛି । ମହୁରିଲ କେତେଜଣ ବସି ଗୁହିଁଛନ୍ତି ଲେଖାଆଡ଼େ । ତେଣେ ଦଶେରବେଳ ହୋଇଗଲଣି । ମୋହରିର ତରତର, ଏଣେ ମହୁରିଲଙ୍କ କାମ ସରୁନ ।

ଏତିକିବେଳେ ଗୋଟାଏ ଘୋଡ଼ାଗାଡ଼ି ଆସି ଠିଆହେଲା ଫାଟକପାଖରେ । ତା ଭିତରୁ ଓହ୍ଲାଇଆସିଲେ ଜଣେ ଖୁବ୍ ମୋଟାମୋଟି ଭଦ୍ରଲୋକ, ଚେହେରା ବେଶ ପରିପାଟୀରୁ ଜଣାଯାଉଥିଲା, ସେ ଜଣେ ମାରୱାଡ଼ି ବ୍ୟବସାୟୀ ହୋଇଥି । ଭଦ୍ରଲୋକ ଜଣେ କଚର୍ଯ୍ୟାନକୁ ସେଇଠି ତାଙ୍କ ଫେରିବାପର୍ଯ୍ୟନ୍ତ ଅପେକ୍ଷା କରି-ବାକୁ କହି କିଛିଏ ଇତସ୍ତତଃ ହୋଇ ଫାଟକ ଅତିକ୍ରମ କରି ଭିତରକୁ ପଶିଲେ । ତାଙ୍କୁ ଦେଖି ଗୋଲକବାବୁଙ୍କ ମୋହରିର ବାରଣ୍ଡାକୁ ଉଠିଆସି ପାଛୋଟିନେଲେ ।

ଗୋଲକବାବୁ ଏବଂ ଅଗନ୍ତୁକଙ୍କ ମଧ୍ୟରେ ଅଭ୍ୟର୍ଥନା ସମ୍ଭାଷଣ ଗୃଲିଲା କିଛି ସମୟ ଧରି । ଆଗନ୍ତୁକ ମାରୱାଡ଼ି ତାଙ୍କ ବିଷୟରେ ଯାହା ବିବରଣୀ ପ୍ରଦାନ କଲେ, ତାହା ହେଉଛି, ତାଙ୍କର ନାମ ସେଠ୍ ଜଗନ୍ ରାମ୍; ଘର ମହୀଶୂର, ଚନ୍ଦନକାଠ, ଶାଳ, ଗାଲିଗ୍ଭ ପ୍ରଭୃତିର ବଣିକ ସେ । ଏହି ସହରକୁ ଗତମାସ ସେ ପ୍ରାୟ ଲକ୍ଷେ ଟଙ୍କାର ମାଲ ପଠାଇଥିଲେ । ସେ ମାଲ ଉପରେ ସେଲ୍ସ୍ଟ୍ୟାକ୍ସ ନେଇ କିଛି କିଛି ଗୋଳମାଳ ହୋଇଯାଇଛି, ଯାହାର ସମାଧାନ ପାଇଁ ସେ ସରକାରଙ୍କ ଉପରେ ସ୍ଥାନୀୟ କୋର୍ଟରେ ଗୋଟାଏ ମୋକଦ୍ଦମା କରିବାକୁ ଗୃହାନ୍ତି । ଆଉ ସେଇ ମୋକଦ୍ଦମା ଚଳାଇବାପାଇଁ ଗୋଲକବାବୁଙ୍କୁ ଓକିଲ ଭାବରେ ଦେବାକୁ ଇଚ୍ଛା କରୁଛନ୍ତି । ଗୋଲକବାବୁଙ୍କ ପ୍ରଶଂସା ସେ ବହୁତ ଶୁଣିଛନ୍ତି, ଇତ୍ୟାଦି, ଇତ୍ୟାଦି

ଗୋଲକବାବୁ କେସ୍ଟା ବିଷୟରେ କିଛି ଭାବି କେତେକ କାଗଜପତ୍ର ଦେଖିବାକୁ ଗୃହିଁଲେ । ମାତ୍ର ସେଠ୍ ଜଗନ୍ ରାମ୍ ବ୍ୟସ୍ତ ହୋଇ କହିଲେ, "କାଗଜପତ୍ର ଧରି ତ ମୋର ଗୁମାସ୍ତା କାଲିଠୁଁ ଆସିଗଲଣି । ତାକୁ ଯେଉଁ ହୋଟେଲରେ ମୋତେ ସାକ୍ଷାତ୍ କରିବାକୁ କହିଥିଲି, ଆଜ ଏପର୍ଯ୍ୟନ୍ତ ସେଠି ସେ ମୋତେ ସାକ୍ଷାତ୍ କଲା ନାହିଁ । ନୂଆ ଲୋକ । ଭୁଲଭଟକାରେ କୁଆଡ଼େ ଆଉ ଭେଟ ହୋଇଗଲା କି କଣ ! କି ଅବା ମୋତେ ନ ପାଇ ପୁଣି ମହୀଶୂର ଫେରିଗଲା ।"

Digitized by PPRACHIN, SOA

ଗୋଲକବାବୁ କହିଲେ, "ବ୍ୟସ୍ତ ହେବାର କିଛି ଦରକାର ନାହିଁ ସେଥିପାଇଁ । କେସ୍‌ଟା ପୁଟ୍ ଅପ୍ କରିବାକୁ ଆହୁରି ଅନେକ ଦିନ ସମୟ ମଧ୍ୟ ଅଛି । ଯା ମଧ୍ୟରେ ଯଦି ଗୁମାସ୍ତାଙ୍କୁ ଭେଟିପାରନ୍ତି ତେବେ ତା'ର ହାତରେ କାଗଜପତ୍ର ପଠାଇଦେଲେ ଚଳିବ । ତେଣିକି ଆମେ ସବୁ ଚଳାଇନେବୁଁ ।"

"ତେବେ ଆପଣଙ୍କ ଖର୍ଚ୍ଚଟା" କହି ସେଠ୍‌ଜୀ ନିଜର ପର୍ସ ବାହାରକରି ପାଞ୍ଚଖଣ୍ଡ ଶହେଟଙ୍କିଆ ନୋଟ୍ କାଢି ଥୋଇଦେଲେ ଟେବୁଲ୍ ଉପରେ । "ଆଉ ଯାହା ଦରକାର ହେବ, ଚିଠି ଦେଲେ ପଠାଇଦେବି । ଏଇ ମୋର ଠିକଣା..." କହି ପକେଟ୍‌ରୁ ଗ୍ରୁପାକାର୍ଡ଼ ଖଣ୍ଡିଏ ବାହାରକରି ଥୋଇଦେଲେ ।

"ଟଙ୍କା ପାଇଁ ଏତେ ସହସା ବ୍ୟସ୍ତ ହେବାର ବା କଣ ଦରକାର ଥିଲା ?" — କହିବା ସଙ୍ଗେ ସଙ୍ଗେ ସେତକ ଟେବୁଲ ଉପରୁ ଉଠାଇନେଇ ଡ୍ରୟାର ଭିତରେ ନିକ୍ଷେପ କଲେ ଗୋଲକବାବୁ । କେସ୍‌ଟା ପୁଟ୍ ଅପ୍ ନ ହେଉଣୁ ଯେତେବେଳେ ପାଞ୍ଚଶହ ବାହାରିଲାଣି, ଭବିଷ୍ୟତରେ ଅଧିକରୁ ଅଧିକ ମିଳିବାର ସମ୍ଭାବନା ନିଶ୍ଚିତ । ଏପରି ମହକିଲଙ୍କୁ ହାତଛଡ଼ା କରିବା କଥା ନୁହେଁ । ଏହାପରେ ମନେ ମନେ ଖୁସି ହେ ସିଗାରେଟ୍ କେସ୍‌ଟା ଖୋଲି ଧରିଲେ ସେଠ୍‌ଜୀଙ୍କ ଆଗରେ । ସେଠ୍‌ଜୀ କେସ୍ ଭିତରୁ ଖଣ୍ଡିଏ ସିଗାରେଟ୍ ଉଠାଇନେଇ ଧରାଇଲେ ।

ସାଢ଼େ ନଅଟା ବାଜିବାର ସୂଚନା ଦେଲା କାନ୍ଥଘଣ୍ଟା । ଗୋଲକବାବୁ କଚେରୀ ଯିବାକୁ ପ୍ରସ୍ତୁତ ହେବାପାଇଁ ଟିକିଏ ବ୍ୟସ୍ତ ହୋଇପଡ଼ିଲେ । ସେଠ୍ ଜଗନ୍ନାଥ ମଧ୍ୟ ଫେରିଯିବାକୁ ଚାହୁଁଥିଲେ । ତେଣୁ ଉଭୟେ ଉଭୟଙ୍କଠାରୁ ସେଦିନ ପା ବିଦାୟ ନେଇ ଆସିଲେ ।

ସେ ପର୍ଯ୍ୟନ୍ତ ଘୋଡାଗାଡ଼ି ଅପେକ୍ଷା କରିଥିଲା ବାହାରେ ।

Digitized by PPRACHIN, SOA

ସାତ

ସେଦିନ ପାଟଣା ଥିଲା ମେଘୁଆ । ସାରାଦିନ ଖାଲି ବର୍ଷି ବର୍ଷି ଘୋର କ୍ଳାନ୍ତ ଆଉ ଅବଶ ଲାଗୁଥିଲା ଅଜୟବାବୁଙ୍କୁ । ପ୍ରତାପବାବୁ ସନ୍ଧ୍ୟାର ଅନ୍ଧକାର ନ ହେଉଣୁ ବୈଠକଖାନାରେ ଲାଇଟ୍ ଲଗାଇଦେଇ କଣ ଗୋଟାଏ ଫାଇଲ ଦେଖିବାରେ ମଗ୍ନ । ଅଜୟବାବୁଙ୍କ ଦୃଷ୍ଟିରେ ବଡ଼ ଅଦ୍ଭୁତ ଏଇ ପ୍ରତାପବାବୁ । କାମବେଳେ ଖାଇବା ନାହିଁ, ପିଇବା ନାହିଁ, ବିଶ୍ରାମ ନାହିଁ, କ୍ଳାନ୍ତି ନାହିଁ, କଳ ପରି ଖଟୁଥିବେ । ଅଥଚ କାମ ନ ଥିଲାବେଳେ ଫାଇଲପତ୍ର ନେଇ ବ୍ୟସ୍ତ ରହୁଥିବେ । ସେ ପୁଣି ସେଥିରେ ଏତେ ତନ୍ମୟ ହୋଇପଡ଼ୁଥିବେ ଯେ ସେତେବେଳେ ତାଙ୍କର ବାହ୍ୟଜ୍ଞାନ ଥାଏ କି ନା ସନ୍ଦେହ । ଆଉ ଠିକ୍ ସେତିକବେଳେ ଅଜୟବାବୁ ସାହସ କରି କିଛି ପଚାରିପାରନ୍ତି ନାହିଁ ।

ଆଜି ଅବସ୍ଥା ତଦ୍ରୂପ । ଅଜୟବାବୁ ଖୁବ୍ ଚାହୁଁଛନ୍ତି ଟିକିଏ ବାହାରକୁ ଯିବାକୁ । ଅଥଚ ପ୍ରତାପବାବୁଙ୍କ ଅନୁମତି ଲୋଡ଼ା ସେଥିପାଇଁ । ଆଉ ସେ ଅନୁମତି ସେ ମାଗିବାକୁ ସାହସ କରିପାରୁନାହାନ୍ତି । ବାହାରେ ଥଣ୍ଡା ପବନ ସିକ୍ତ । ବର୍ଷାର ସୂଚନା । ଅଜୟବାବୁ ଭାବୁଛନ୍ତି—ଏପରି ଥଣ୍ଡାରେ କୌଣସି ହୋଟେଲ ବା କାଫେରେ ବସି ଗରମ ଗରମ କଫିର ଧୀର ସେବନ କେତେ ଆରାମଦାୟକ ନ ହୁଅନ୍ତା । କିନ୍ତୁ ହାୟ ! ବଡ଼ ନିର୍ମମ ଏ ପ୍ରତାପବାବୁ । ସବୁ ମାଟି କରିଦେଉଛନ୍ତି । ନୂଆ ଧରା ହୋଇଥିବା ଚଢ଼େଇଟିଏ ପିଞ୍ଜରାରେ ବନ୍ଦୀ ହୋଇରହିଲେ ତା'ର ଅବସ୍ଥା ଯାହା ହୁଏ, ବର୍ତ୍ତମାନ ଅଜୟବାବୁଙ୍କ ଅବସ୍ଥା ସେଥିପା । ସେ ଖାଲି ବାରଣ୍ଡାରେ ଏପଟ ସେପଟ ହୋଇ ଟହଲୁଥାନ୍ତି । କାମ ସେତେବେଳେ କିଛି ନାହିଁ···

"ଅଚ୍ଛା, ଅଜୟ ! ତୁମର ଥରେ ସେ 'ମୁନ୍‌ଲାଇଟ୍ ହୋଟେଲ' ଆଡ଼େ ଯିବାକଥା ଥିଲା ନା ? ଆଜି ଯାଅ ତେବେ । ପ୍ରତାପବାବୁ ଅପେକ୍ଷାକୃତ ଉଚ୍ଚସ୍ୱରରେ କହିଲେ, ଯେପରି କି ବାରଣ୍ଡାରେ ଅଜୟବାବୁଙ୍କୁ ଶୁଭିବ ।

କଥା ମଧ୍ୟ ଅଜୟ ବାବୁଙ୍କୁ ଠିକ୍ ଶୁଭିଲା । ତେବେ ଠିକ୍ ଶୁଣିଛନ୍ତି କି ନାହିଁ ପ୍ରଥମେ ବିଶ୍ୱାସ କରିପାରିଲେ ନାହିଁ । ତାଙ୍କର ମନେହେଲା ଯେପରି ଏ

Digitized by PPRACHIN, SOA

ପ୍ରଦୀପବାବୁ ସଙ୍ଗଦଣା । ନ ହେଲେ ମଦନଆଣା ଚଟ୍‌କରି ଜାଣିନେଇ ଏପରି ଗୋଟାଏ ବ୍ୟବସ୍ଥା ବା କପରି ଯୋଗାଇଦିଅନ୍ତେ ?

କଥାଟାର ଆଉ ଟିକିଏ ସ୍ପଷ୍ଟୀକରଣପାଇଁ ସେ ମୋଟର ଭିତରକୁ ପଶିଗଲେ । ତାଙ୍କୁ ଲକ୍ଷ୍ୟକରି ପ୍ରଦୀପବାବୁ କହିଲେ, "ଆଜି ରାତିରେ ସେ ହୋଟେଲଟା ଥରେ ଯେମିତିଏ ବୁଲିଆସ । ପାଗଟା ଅନୁକୂଳ ବି ହୋଇଛି । ମୁଁ ଆଶା କରୁଛି, ତୁମେ ନିରାଶ ହେବ ନାହିଁ ।"

ଅଜୟବାବୁଙ୍କର ସନ୍ଦେହର ଆଉ ଅବକାଶ ନ ଥିଲା । ସେ ପୋଷାକପତ୍ର ସାମାନ୍ୟ ପରିବର୍ତ୍ତନ କରିନେଇ ବାହାରିପଡ଼ିଲେ ମୁନ୍‌ଲାଇଟ୍ ହୋଟେଲ ଅଭିମୁଖେ । ସମ୍ପୂର୍ଣ୍ଣ ଅନ୍ଧକାର ହୋଇ ନ ଥିଲେ ବି ରାସ୍ତାକଡ଼ର ବତୀଗୁଡ଼ା ଜଳିଉଠିଥିଲା ସେତେବେଳକୁ । ସ୍ୱାଭାବିକ ଭାବରେ ଜନଗହଳିଥିଲା ରାସ୍ତାରେ । ଅଜୟବାବୁ ଚିନ୍ତା କଲେ ଗନ୍ତବ୍ୟ ସ୍ଥାନ ଏକ ମାଇଲରୁ ଊର୍ଦ୍ଧ୍ୱ ହେବ । ଖଣ୍ଡେ ଟ୍ୟାକ୍‌ସି କରିଦେଲେ ମନ୍ଦ ହୁଅନ୍ତା ନାହିଁ । ପାଖରେ ଟ୍ୟାକ୍‌ସି ଷ୍ଟାଣ୍ଡ । ଧୀରେ ଧୀରେ ସେଇ ଆଡ଼କୁ ପାଦ ବଢ଼ାଇଲେ ସେ ।

*

'ମୁନ୍‌ଲାଇଟ୍ ହୋଟେଲ'ର ଜନଗହଳି ଆଜି ଟିକିଏ ବଢ଼ିଯାଇଛି । ପ୍ରତିଦିନ ସନ୍ଧ୍ୟାଠାରୁ ରାତି ଗୋଟାଏ ଦୁଇଟା ପର୍ଯ୍ୟନ୍ତ ଗହଳି ଲାଗିଥାଏ । ଆଜି ଥଣ୍ଡା ପାଗ ଯୋଗୁ ଅଧିକ ଲୋକ ହୋଟେଲର ଉଷ୍ମ ପରିବେଶ ଭିତରକୁ ଆକୃଷ୍ଟ ହୋଇ ଆସିଛନ୍ତି । ଖାଦ୍ୟ ପାନୀୟର ସରବରାହ ଚାଲିଛି ଅପର୍ଯ୍ୟାପ୍ତ ଭାବରେ । ହୋଟେଲ ଖାନସାମା, ବୟ୍, ବେହେରା, ବାବୁର୍ଚ୍ଚିଙ୍କର ବ୍ୟସ୍ତତାର ସୀମା ନାହିଁ । କୋଳାହଳ କ୍ରମେ ବଢ଼ୁଛି । ରଙ୍ଗବେରଙ୍ଗର ଆଲୋକ ସାଙ୍ଗକୁ ରେଡ଼ିଓଗ୍ରାମର ସୁମଧୁର ସଙ୍ଗୀତର ମିଶ୍ରଣ ଅପୂର୍ବ ଆବହାଓ୍ୱା ସୃଷ୍ଟି କରିଛି ଗ୍ରାହକମାନଙ୍କ ଅନ୍ତରରେ ।

ଅଜୟବାବୁ ଖଣ୍ଡେ ଦୂରରେ ଟ୍ୟାକ୍‌ସି ଅଟକାଇ ସେଠାରୁ ଓହ୍ଲାଇ ଚାଲି ଚାଲି ଆସିଲେ ହୋଟେଲ ପର୍ଯ୍ୟନ୍ତ । ହୋଟେଲର ପର୍ଯ୍ୟନ୍ତ । ହୋଟେଲର ପ୍ରଧାନ ପ୍ରବେଶ ପଥ ନିକଟରେ ଠିଆହୋଇ ପ୍ରବେଶ କରୁଥିବା ଆଉ ବାହାରି ଆସୁଥିବା ନରନାରୀଙ୍କ ଉପରେ ଦୃଷ୍ଟି ରଖିଲେ କେତେ ସମୟ ପର୍ଯ୍ୟନ୍ତ ଅଲକ୍ଷିତ ଭାବରେ । ତାହାରେ

Digitized by PPRACHIN, SOA

ଯେତେବେଳେ ଅନ୍ଧକାର ଖୁବ୍ ଘନୀଭୂତ ହୋ'ଇଆସିଲା ଏବଂ ବର୍ଷା ଫିସ୍ ଫିସ୍ କରି ପଡ଼ିବାକୁ ଆରମ୍ଭ କଲା, ସେତେବେଳେ ଧୀରେ ଧୀରେ ଝୁଲି ଝୁଲି ଭିତରକୁ ପ୍ରବେଶ କଲେ ଗୋଟାଏ ମାତାଲ ଲୋକ । ମୋଟା ଲୁଗାର ମଫଲରଟାରେ ବେକତଳ ଦେଇ ମୁଣ୍ଡଟାକୁ ଆବୃତ୍ କରିଦେଇଥାନ୍ତି ସେ ଥଣ୍ଡାରୁ ରକ୍ଷା ପା'ଇବାପାଇଁ, ଯାହା ଫଳରେ ତାଙ୍କୁ ସହଜରେ ଚଟ୍ କରି ଚିହ୍ନି ହେଉ ନ ଥାଏ ।

ପ୍ରତ୍ୟେକ କୋଠରିର ସମସ୍ତ ଆସନ ଅଧିକୃତ । କେଉଁଠାରେ ଜଣିକିଆ, କେଉଁଠି ବା ନରନାରୀ ଯୁଗଳ ଖାଦ୍ୟ ପାନୀୟ ସେବନ ସଙ୍ଗେ ସଙ୍ଗେ ମଧୁରାଳାପରେ ନିମଗ୍ନ । ଅଜୟବାବୁ ସବୁ କୋଠରି ଦ୍ୱାରରେ କିଛି ସମୟ ଠିଆ ହୋଇ କୋଠରି ଭିତରେ ଆସନ ଗ୍ରହଣ କରିଥିବା ଗ୍ରାହକମାନଙ୍କ ଉପରେ ଥରେ ଲେଖାଏଁ ଆଖି ବୁଲେଇଆଣି ସେଠାରୁ ଚାଲିଯାଉଥାନ୍ତି ଅନ୍ୟ କୋଠରିକୁ । କ୍ରମେ କ୍ରମେ ବୈରାଗ୍ୟର ମ୍ଳାନ ରେଖା ଫୁଟିଉଠୁଥାଏ ତାଙ୍କ ମୁଖମଣ୍ଡଳ ଉପରେ ।

ସର୍ବାଶେଷ କୋଠରିଟା ବିରାଟ ହଲ୍ । ଏଠା'ରେ ସାଜସଜ୍ଜା ଅନ୍ୟ କୋଠରି ଅପେକ୍ଷା ଟିକିଏ ଭିନ୍ନ ଧରଣର । ଏଠି ସେପରି ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ନାହିଁ । କାରଣ, କାଇଦା କଟକଣା ଏଠି ଟିକିଏ ଅଲଗା । ସାଧାରଣ ଗ୍ରାହକ କେହି ଏଠିକୁ ଆସନ୍ତି ନାହିଁ । ଖୁବ୍ ଚହଳିଆ ଆଉ ପୁରୁଣା ପକ୍କା ଗରାଖମାନଙ୍କର ଆଡ୍ଡା ଏ କଣ୍ଡକରେ, ଯେଉଁମାନଙ୍କର ସମାଜରେ ପ୍ରତିଷ୍ଠା ଟିକେ ଭିନ୍ନ ପ୍ରକାରର । ଅଜୟବାବୁ ଅବଶ୍ୟ ଏସବୁ ବେମାଲୁମ୍ ନୁହନ୍ତି । ଭିନ୍ନ ସମୟରେ ବିଭିନ୍ନ ଉଦ୍ଦେଶ୍ୟ ନେଇ ଅନ୍ତତଃ ହଜାର ଥରରୁ ଅଧିକ ଆସିଥିବେ ସେ ଏଠିକୁ, ବିଶେଷ କରି ଏଇ ହଲ୍‌କୁ । ତେଣୁ ଏଠିକାର ନାଡ଼ିନକ୍ଷତ୍ର, ସ୍ୱଭାବନୀତି ତାଙ୍କୁ ବେଶ୍ ମାଲୁମ ।

ହଲ୍‌ଘର ଭିତରକୁ ପାଦ ବଢ଼ାଇଲା ମାତ୍ରେ କପରି ଗୋଟାଏ ଉତ୍କଟ ପାନୀୟର ଗନ୍ଧରେ ନାକପୁଡ଼ା ଦୁଇଟା ତାଙ୍କର ସଙ୍କୁଚିତ ହୋଇଆସିଲା । ନିର୍ବିକାରରେ ସେତକ ସହିନେଇ ଦ୍ୱାର ପାଖାପାଖିରେ ଗୋଟାଏ ଅନ୍ଧାରୁଆ ସ୍ଥାନ ଦେଖି ଜଣକିଆ ସିଟ୍‌ଟିଏ ବାଛିନେଲେ । ସେ ତାଙ୍କ ପକ୍ଷେ ସ୍ଥାନଟା ଖୁବ୍

Digitized by PPRACHIN, SOA

ଅନୁକୂଳ ଥିଲା । କାରଣ ସେଇଠି ବସି ସେ ଯିବାଆସିବା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ବେଶ୍ ଲକ୍ଷ୍ୟ କରିପାରୁଥିଲେ ।

ରାତି କ୍ରମେ ଗଭୀର ହେଉଥିଲା । ଇତିମଧ୍ୟରେ ବହୁ ନୂତନ ଆଗନ୍ତୁକ ଆସି ବିଦାୟ ନେଇସାରିଥିଲେ । କେତେକ ମଧ୍ୟ ଅଜୟବାବୁଙ୍କ ପୂର୍ବରୁ ଆସି ବସି ରହିଥିଲେ ସେଇଠି । ସେପର୍ଯ୍ୟନ୍ତ ସେମାନଙ୍କର ଉଠିବାର ଉପକ୍ରମ ପର୍ଯ୍ୟନ୍ତ ଜଣାଯାଉ ନ ଥାଏ । ମାତ୍ର ଅଜୟବାବୁ ସମ୍ପୂର୍ଣ୍ଣ ନିର୍ବେଦ ହୋଇ ବସିଥାନ୍ତି । ତାଙ୍କର ହାବଭାବରୁ ଜଣାଯାଉଥାଏ, ଯେପରି ନିର୍ଦ୍ଦିଷ୍ଟ ସମୟରେ କାହାର ସାକ୍ଷାତ୍ ପାଇବେ ବୋଲି ସେ ଅପେକ୍ଷା କରିଛନ୍ତି । ଅନ୍ୟାନ୍ୟ ହୋଟେଲମାନଙ୍କରେ ଗ୍ରାହକମାନଙ୍କର ହାସପରିହାସର ସୁଅ ଛୁଟିଲାବେଳେ ହଲ୍‌ଟିରେ ଥିଲା ପୂରା ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ । ଖାଲି ଚୁପ ଚୁପ କଥା, ସଙ୍କେତ ଓ ଆଖିରେ ଆଖିରେ ନିର୍ଦ୍ଦେଶ । ଯାହା କିଛି ହାସପରିହାସ ହେଉଥିଲା, ସବୁ ନିଃଶବ୍ଦହାସ୍ୟମାନ; ଖାଲି ମାତାଲମି ଛଡ଼ା ଆଉ କିଛି ନୁହେଁ ।

ହଠାତ୍ ଝଁନାତ୍ କରି ଗୋଟାଏ ପ୍ରଚଣ୍ଡ ଶବ୍ଦରେ ହଲ ଘରେ ଉପସ୍ଥିତ ସମସ୍ତେ ଚମକି ପଡ଼ିଲେ । କେତେମୁହୂର୍ତ୍ତ ପାଇଁ ସମସ୍ତଙ୍କ ହାତ ଅଚଳ ହୋଇ ରହିଲା । ଆଗରୁ ଯାହା କିଛି ଚୁପ ଶବ୍ଦ ଶୁଣାଯାଉଥିଲା, ଏହି ଶବ୍ଦ ପରେ ପରେ ତାହା ବି ସବୁ ଶୁନ୍‌ଶାନ୍ ହୋଇଗଲା । କେବଳ ହଲ୍‌ଘରର ଶେଷଆଡ଼କୁ ଅନ୍ଧାରୁଆ କୋଣରେ ଯେଉଁ ବଳିଷ୍ଠ ଲୋକଟି ବସିଥିଲା, ସେ ଖୁବ୍ ଉତ୍ତେଜିତ ହୋଇ ପରିବେଷଣ କାରୀ ବୟଟିକୁ କଣ ଗାଳିଗୁଲଜ କରୁଥାଏ । ଅତ୍ୟଧିକ ପାନ କରିଥିବା ଯୋଗୁ ଲୋକଟା ଏତେଦୂର ଅଶକ୍ତ ହୋଇପଡ଼ିଥାଏ ଯେ, ସେ ଯାହା କହୁଥାଏ ତାହା ପୁରାପୁରି ଅବୋଧ ଜଣାଯାଉଥାଏ । ଯେଉଁ କେତୋଟି ପଦ ସେଥିଭିତରୁ ଅଳ୍ପ ଅଳ୍ପ ବୁଝିହେଉଥାଏ ତାହା ସମ୍ପୂର୍ଣ୍ଣ ଶିଷ୍ଟାଚାରବିରୋଧୀ ଭାଷା । ଲୋକଟାର ପରିଧାନ ବେଶ୍ ସମ୍ଭ୍ରାନ୍ତ ଲୋକର ପୋଷାକ, ଅଥଚ ଆଚରଣ ଏପରି । ବୟଟି ଡରରେ, ଶୂନ୍ୟ ଟ୍ରେଟାକୁ ଧରି ମୂକ ପରି ଛିଡ଼ା ହୋଇଥାଏ । ଟ୍ରେରୁ ଗ୍ଲାସ୍ ବୋତଲ ସବୁ ତଳେ ପଡ଼ି ଭାଙ୍ଗି ଚୂର୍ମାର୍ ହୋଇଯାଇଥାଏ ।

ହଲ୍‌ଘରଟାରେ ଯେତେ ଲୋକ ଥିଲେ ସେମାନଙ୍କ ନିକଟରେ ଏ ଘଟଣା ନିହାତି ମାମୁଲି । ତେଣୁ ସେମାନେ ସେ ଦିଗରେ ବିଶେଷ ମୁଣ୍ଡ ନ ଖେଳାଇ

Digitized by PPRACHIN, SOA

ପୁଣି ନିଜ ନିଜର କାମରେ ଲାଗିଗଲେ । କିନ୍ତୁ ଅଜୟବାବୁ ନିଜର କୌତୂହଳ ଦମନ କରିପାରିଲେ ନାହିଁ । ନିଜ ଆସନରୁ ଉଠି ସେ ସେଠାରେ ଯାଇ ପହଞ୍ଚି ଗଲେ । ଠିକ୍ ସେଇ ମୁହୂର୍ତ୍ତରେ ଲୋକଟା କୁତ୍ସିତ ଭାଷାରେ କଣ ଗୋଟାଏ ଧମକ ଦେଇ ଦରପୋଡ଼ା ସିଗାରେଟ୍‌ଟା ଖୁବ୍ ଜୋରରେ ଫିଙ୍ଗିଲା ସେ ବନ୍ଧୁ ଉପରକୁ । ତା'ପରେ ଦୁମ୍ ଦୁମ୍ ପାହୁଣ୍ଡ ପକାଇ ଆଗେଇଗଲା ଦରଜା ଆଡ଼େ । ଅଜୟବାବୁ ଖୁବ୍ ପାଖାପାଖିରେ ଥିଲେ । ଖୁବ୍ ଜୋରରେ ଗୋଟାଏ ବା'ହା'ତାର·ପିଟିହୋଇଗଲା ଅଜୟବାବୁଙ୍କ ଦେହରେ ।

ଅବଶ୍ୟ ଏ ଚରମ ଅଭଦ୍ରତା ପାଇଁ ଅଜୟବାବୁ ଆଦୌ ପ୍ରସ୍ତୁତ ନ ଥିଲେ । ଚଟ୍ କରି ବୁଲିପଡ଼ି ଲୋକଟାକୁ ଅଟକାଇ କିଛି ପଚାରିବେ ବୋଲି ସେ ପ୍ରସ୍ତୁତ ହେଉଥିଲେ; ମାତ୍ର ବନ୍ଧୁ ଜଣକ ତାଙ୍କ ହାତକୁ ଧରିନେଇ କହିଲା "ଛାଡ଼ନ୍ତୁ, ସାହାବ । ସେ ଲୋକଟା ସେଇପରି ।

"କଣ, ପାଗଳ ?"—ଅଜୟବାବୁ ବିସ୍ମିତ ହୋଇ ପଚାରିଲେ ।

"ନା, ହଜୁର୍ । ପାଗଳ ନୁହେଁ, ବହୁତ ଖତରନାକ । ସ୍ୱା ଆଗରୁ ଆଉଥରେ ଏଇମିତି କରିଥିଲା ଆଜିଠୁ କେଇଦିନ ତଳେ । ଗୁଡ଼ାଏ ଜିନିଷ ଭାଙ୍ଗି ପକାଇଥିଲା ।"

"ହୁଁ, କଣ ହେଲା ସେଠୁ ?'—ପୁଣି ପଚାରିଲେ ଅଜୟବାବୁ ।

—"ହବ ଆଉ କଣ ? ପାହୁ ପାହୁ କରି ଆଦାୟ ହେଲା । ନିଜ ପକେଟରୁ ତ କିଛି ଦେବାକୁ ପଡ଼ୁନି, ଓକିଲ୍ଆ ପଇସା, ଚିନ୍ତା କଣ ?"

ବନ୍ଧୁ ଆଉ କଣ କହୁଥାନ୍ତା କି କଣ, ଏତିକିବେଳେ ଘଟଣାଟା କଣ ବୁଝିବାପାଇଁ ସେହି କୋଠରିକୁ ଲସର ପସର ହୋ'ଇ ପଶିଆସିଲେ ମ୍ୟାନେଜର ସ୍ୱୟଂ । ତାଙ୍କୁ ଦେଖି ବନ୍ଧୁଟା କହିବା ବନ୍ଦ କରିଦେଇ ଭଙ୍ଗା ଗ୍ଲାସ୍ ବୋତଲଗୁଡ଼ା ତଳୁ ଗୋଟାଇବାରେ ଲାଗିଗଲା । ମ୍ୟାନେଜର ସେଠାକୁ ଆସି କ୍ଷତିର ପରିମାଣ ଗୋଟା'ଏ ତାଲିକା କରିନେଇ ସେଠାରୁ ଚାଲିଗଲେ । ତାଙ୍କ ପଛେ ପଛେ ସେ ଚମ୍ପଟି ମଛ ।

Digitized by PPRACHIN, SOA

ଅଜୟବାବୁ ବାହାରକୁ ଆସି ବାରଣ୍ଡାରେ ଠିଆ ହେଲେ କିଛି ସମୟ । ରାତି ହୁଏତ ଏଗାରଟା ହେବ । ବର୍ଷା ଅନ୍ଧାର ଘନୀଭୂତ ହୋଇଆସିଲାଣି ଆକାଶରେ ।

ରାଜପଥ ଉଦ୍ଦେଶ୍ୟରେ ପାଦ ପକାଇଲେ ସେ ବାହାରଆଡ଼େ ।

ଆଠ

"ତୁମେ ଠିକ୍ ଲକ୍ଷ୍ୟ କରିଚ, ସେ ଲୋକଟା ସେଇ ବୋଲି ?"—ପ୍ରଦୀପବାବୁ ଖୁବ୍ ବିସ୍ମିତ ହୋଇ ପ୍ରଶ୍ନ କଲେ ଅଜୟବାବୁଙ୍କୁ ।

—"ହଁ, ସାର୍ । ମୋର ଅନୁମାନଟା ଏତେ ଭୁଲହୋଇ ନ ପାରେ । ତା ପରେ ସେ ଲୋକଟା ଜନ୍ ପିଇବାରେ ଅଭ୍ୟସ୍ତ, ଆଉ ଏ ସିଗାରେଟ୍ ବି ।"

"ହୁଁ", ଗମ୍ଭୀରସ୍ୱରରେ କଣ ଚିନ୍ତା କଲେ ପ୍ରଦୀପବାବୁ କିଛି ସମୟ । ତା ପରେ କୁଞ୍ଚିତ କପାଳରେଖାକୁ ଆଉ ଟିକିଏ ସଂକୁଚିତ କରି ଅଜୟବାବୁଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ କହିଲେ, "ଆଚ୍ଛା, ତୁମ ଅନୁମାନ ସପକ୍ଷରେ ଆଉ କିଛି ?"

—"ପୂର୍ବରୁ ଥରେ ଏଇପରି ଘଟିଥିଲା; କିନ୍ତୁ କ୍ଷତିପୂରଣ ଦିଆଯାଇଛି ଓକିଲିଆ ପକେଟରୁ । ଏଥିରୁ କଣ କିଛି ସନ୍ଦେହଜନକ ମାଲ୍‌ମସଲା ମିଳୁନି ?"

—"ହଁ ମିଳୁଚି ମିଳୁଚି କିଛି ଅଜୟ । ତୁମେ ଯାହା ଅନୁମାନ କରିପାରିଛ ସେସବୁ ମୋ ମନକୁ ମଧ୍ୟ ପାଉଚି ! ଯା ପଛରେ ସେଇ ଭୟାନକ ଷଡ଼ଯନ୍ତ୍ରଟା ଲୁଚିରହିଚି ବୋଲି ମୁଁ ପରିଷ୍କାର ଦେଖିପାରୁଚି ।"

ତେବେ ବର୍ତ୍ତମାନ ତ ଅନେକ କିଛି କରାଯାଇପାରେ ?"—ଅଜୟବାବୁ ଖୁବ୍ ସ୍ୱପାଗଳାରେ ପ୍ରଶ୍ନ କଲେ ।

କିଛି ସମୟ ଚିନ୍ତା କଲାପରେ ହଠାତ୍ ସଚେତନ ହେଲାପରି ହୋଇ ପ୍ରଦୀପବାବୁ କହିଲେ, "ହଁ, କରାଯାଇପାରେ, ପୁଣି କରାଯାଇ ନ ପାରେ ବି ।"

Digitized by PPRACHIN, SOA

"ଅର୍ଥାତ୍ ?" ପ୍ରତାପବାବୁଙ୍କ କଥା ବୁଝି ନ ପାରି ଅଜୟବାବୁ ପ୍ରଶ୍ନ କଲେ ।

—"ଅର୍ଥାତ୍ ଘଟଣାଟା ବର୍ତ୍ତମାନ ଯେଉଁଠିକି ବାଟ ଆସିଛି, ଆମକୁ ଜାଣି-ରଖିବାକୁ ହେବ ଯେ ସେ ମେସିନଟା ପ୍ରସ୍ତୁତ ହୋ'ଇ ରହିଛି । ଖାଲି ଷ୍ଟାର୍ଟ ଦେଲେ ହିଁ ଚାଲିବ । ଅର୍ଥାତ୍ ଆମ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନର ଉପକ୍ରମ ହେଲେ ସେମାନଙ୍କ ପକ୍ଷରୁ ପ୍ରତିକ୍ରିୟା ଚାଲିବ । ସେଇ ମୂହୂର୍ତ୍ତରେ ମଧ୍ୟ ଚାଲିପାରେ ।"

ଘଟଣାଟା ଯଦି ଏପରି, ତେବେ ପ୍ରତାପବାବୁ ଯେ କାହିଁକି ନୀରବ ହୋଇ ହୋଇ ରହିଛନ୍ତି ତାହା ବଡ଼ ଆଶ୍ଚର୍ଯ୍ୟ ବୋଧ ହେଉଥିଲା ଅଜୟବାବୁଙ୍କୁ । ସେ ବୁଝି-ଥିଲେ, କାର୍ଯ୍ୟାନୁଷ୍ଠାନ ଏବଂ ପ୍ରତିକ୍ରିୟା ଉଭୟ ଦିଗରୁ ହେଉ ।

ତାଙ୍କର ମନୋଭାବ ବେଶ୍ ଲକ୍ଷ୍ୟ କରିନେଇଥିଲେ ପ୍ରତାପବାବୁ । ଅଜୟବାବୁଙ୍କୁ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ ସେ କହିଲେ, "ବୁଝିଲ, ଅଜୟ । ଯା'ପର ଘଟଣା ଯାହା ଘଟିବ, ଆମେ ସେଥିକୁ ତ ପ୍ରସ୍ତୁତ ନାହୁଁ ? ଆତତାୟୀ ଜାଣିବାକୁ ନ ପାଉ ଯେ ଆମେ ତା'ର ଅନୁସନ୍ଧାନ କରୁଛୁ ବୋଲି ସେ ନିର୍ଭୟ-ଭାବରେ ତାର କାମ କରୁ । ଆମେ ତାର ସମ୍ପୂର୍ଣ୍ଣ ଅଲକ୍ଷ୍ୟ ଏବଂ ଅଜ୍ଞାତରେ ଜାଲ ପାତି ବସିଯିବା । ସେ ବଳେବଳେ ଆସି ଧରାପଡ଼ିଯିବ ।"

କଥାଟାକୁ ବଡ଼ ଅସ୍ପଷ୍ଟଭାବରେ ବୋଧକଲେ ଅଜୟବାବୁ । ସମ୍ପୂର୍ଣ୍ଣ ଘଟଣାଟା ସେତେ ଖୋଲଖୋଲି ଭାବରେ ତାଙ୍କର ହୃଦ୍‌ବୋଧ ହେଉ ନାହିଁ ।

"ତୁମକୁ ଆଗରୁ ବୁଝାଇଲେ କିଛୁ ବୁଝିପାରିବ ନାହିଁ । କେବଳ ଘଟଣାର ଘଟିବା ସଙ୍ଗେ ସଙ୍ଗେ ତୁମେ ସବୁ ଜାଣିପାରିବ । ଆଚ୍ଛା, ତୁମେ ବର୍ତ୍ତମାନ ପ୍ରସ୍ତୁତ ହୁଅ ବାହାରିକୁ ଯିବାପାଇଁ ଏବଂ ଦେଖ, କଣ ହେଉଚ ।" କହିବା ସଙ୍ଗେ ସଙ୍ଗେ ପ୍ରତାପବାବୁ ପୋଲିସ ହେଡ଼୍‌କ୍ୱାର୍ଟରକୁ ଫୋନ୍ ଉଠାଇ ଡାକଲେ ମିଷ୍ଟର ମହାପାତ୍ରଙ୍କୁ । ଅରେ 'ହୋଟେଲ ମୁନଲାଇଟ'କୁ ଯାଇ ସେଠାରେ ଉପସ୍ଥିତ କେଉଁର ନାମଧାମ ଏବଂ ଏହା ପୂର୍ବରୁ କେଉଁ ଦିନ ଗୋଳମାଳ କରିଥିଲ ଏବଂ କଏ ତାର ଖତିପୂରଣ କେତେ ଦେଇଥିଲ, ତାହା ଜଣାଇବାକୁ

Digitized by PPRACHIN, SOA

ଅନୁରୋଧ କଲେ । ତା'ପରେ ଅଜୟବାବୁଙ୍କୁ ଲକ୍ଷ୍ୟ କରି ଖୁବ୍ ଚୁପାଗଳାରେ କିଛି ଉପଦେଶ ଦେଇ ଫୋନ୍ ଉଠାଇ ସଂଯୋଗ ସ୍ଥାପନ କଲେ ଦୀପ୍ତି ଲଲିଙ୍କ ସହିତ ।

ଅଜୟବାବୁ ପୋଷାକରେ ସମାନ୍ୟ ପରିବର୍ତ୍ତନ କରିନେଇ ଡ୍ରୟାର ଭିତରୁ ରିଭଲଭରଟା ବାହାର କରି ଥରେ ପରୀକ୍ଷା କରିନେଲେ । ତା'ପରେ ଝଡ଼ ପରି ବାହାରିଗଲେ ସେ କୋଠରି ଭିତରୁ । ତା'ର ଦୁଇ ତିନି ମିନିଟ୍ ପରେ ପ୍ରଦୀପବାବୁ ମଧ୍ୟ କଳା ସିଲ୍‌କର ଓଭରକୋଟ୍‌ଟା ପିନ୍ଧି ଆଲମିରାରୁ କେତେ-ଗୁଡ଼ାଏ କାଗଜ ପକେଟରେ ପୂରାଇ ବାହାରିଗଲେ । ବାହାରେ ମୋଟର୍ ସାଇକେଲ ପ୍ରସ୍ତୁତ ଥିଲା ।

ରାତି ବାରଟାରୁ ଅଧିକ ହୋଇଥିଲା ବୋଧହୁଏ । ମେଘ ଆସ୍ତେ ଆସ୍ତେ ପଳାଇବାକୁ ଆରମ୍ଭ କରିଥିଲା ।

ସମଗ୍ର ପ୍ରାସାଦଟି ଅନ୍ଧକାରରେ ବୁଡ଼ିରହିଥିଲେ ସୁଦ୍ଧା ଦ୍ୱିତଳର ବଡ଼ କୋଠରିଟାରେ ଆଲୋକ ଦେଖାଯାଉଥିଲା । ଖାଲି ସେତିକି ନୁହେଁ, ସେଠାରୁ ଖୁବ୍ ଉତ୍ତେଜିତ ସ୍ୱରରେ ଦୁଇଜଣଙ୍କ ମଧ୍ୟରେ କଥାବାର୍ତ୍ତା ମଧ୍ୟ ଶୁଣାଯାଉଥିଲା । ସେଇ ପ୍ରାସାଦଟି ଥିଲା ଆଡ୍‌ଭୋକେଟ୍ ଗୋଲକବାବୁଙ୍କର । ଦୀର୍ଘ ସମୟ ଧରି ଖୁବ୍ ବାଦାନୁବାଦ ପରେ କିଛି ସମୟ ପାଇଁ ସବୁ ଚୁପ୍‌ଚାପ୍ ହୋଇଗଲା । ତା'ର ପ୍ରାୟ ପାଞ୍ଚ ମିନିଟ୍ ପରେ ସଦର ଦରଜା ଖୋଲିବାର ଧୀର ଶବ୍ଦ ଶୁଣାଗଲା । ପରେ ପରେ ଗ୍ୟାରେଜର ମଧ୍ୟ । ତା'ପରେ ଗ୍ୟାରେଜରୁ କଳାରଙ୍ଗର ଟ୍ୟାକ୍‌ସିଟାଏ ବାହାରି ତୀବ୍ରବେଗରେ ଫାଟକ ଅତିକ୍ରମ କରି ଚାଲିଗଲା ରାଜପଥ ଉପର ଦେଇ । ଅଥଚ ସଦର ଦରଜାଟା ସେହିପରି ଖୋଲା ପଡ଼ିରହିଲା ।

ସେଇ ସୁଯୋଗର ସଦ୍‌ବ୍ୟବହାର କରି ଏକ ଭୌତିକ କାଣ୍ଡ ଘଟିଗଲା । କାରଟା ଅତିକ୍ରମ କରିଯିବାର ବେଶ୍ କିଛି ସମୟ ପରେ ବାରଣ୍ଡାର ଗୋଟାଏ କୋଣରୁ ଗାଢ଼ କଳା ପୋଷାକରେ ଆବୃତ ମନୁଷ୍ୟ ମୂର୍ତ୍ତିଟିଏ ପ୍ରବେଶ କଲା ସେ ଘରେ । କେହି ନାହିଁ ଘରେ, ତଥାପି ସତର୍କ । ତାର ହାବଭାବରୁ

Digitized by PPRACHIN, SOA

ଜଣାଯାଉଥାଏ, ଯେପରି ସେ ଜୀବନକୁ ପାଣି ଛଡ଼ାଇଦେଇ ଏ ଘରେ ପ୍ରବେଶ କରିଛି । ତା'ର ଲକ୍ଷ୍ୟ ଅଉ କେଉଁ ଦିଗକୁ ନାହିଁ । ପ୍ରଥମ ତଳ ଅତିକ୍ରମ କରି ସିଡ଼ି ଦେଇ ଦ୍ୱିତଳରେ ପହଞ୍ଚିଗଲା ସେ ।

ସାରା ଦ୍ୱିତଳଟା ବୁଡ଼ିରହିଥିଲା ଘୋର ଅନ୍ଧକାର ଭିତରେ । ଉକ୍ତ ବ୍ୟକ୍ତି ଜଣଙ୍କର କିନ୍ତୁ ଦୃଷ୍ଟି ନ ଥିଲା ଅନ୍ୟ କେଉଁ ଦିଗକୁ ; ସିଧା ସଳଖେ ଗୋଲକବାବୁଙ୍କ ଶୟନ କକ୍ଷରେ ପ୍ରବେଶ କରି ଭିତରୁ କବାଟ ବନ୍ଦ କରିଦେଲା । ମାତ୍ର ପ୍ରତ୍ୟେକଟି କାର୍ଯ୍ୟ ତାର ଏତେ ସତର୍କତାପୂର୍ଣ୍ଣ ଯେ ଘୋର ଅନ୍ଧକାର ଭିତରେ ଏତଗୁଡ଼ାଏ କାଣ୍ଡ ଘଟୁଥିଲେ ସୁଦ୍ଧା ଅନ୍ୟ କାହାରି କିଛି ଜାଣିବାର ଉପାୟ ନ ଥିଲା । ଅବଶ୍ୟ ଚାକର, ପୁଝାରୀ ଦି'ଜଣ ସେ ଘରେ ଥିଲେ, କିନ୍ତୁ ସେମାନେ ଖୁବ୍ ନିଦରେ ଶୋଇଯାଇଥିଲେ ।

ଗୋଲକବାବୁଙ୍କ ଶୟନ କକ୍ଷରେ ପହଞ୍ଚି ଲୋକଟା ଟିକେ ଆଶ୍ଚର୍ଯ୍ୟ ହେଲା । ହଠାତ୍ ତା ହାତରେ ଟର୍ଚ୍ଚ ଜଳିଉଠିଲା । କ୍ରମେ ଆଲୋକଟା ପ୍ରତ୍ୟେକ ଜିନିଷ, କାଗଜପତ୍ର, ଡ୍ରୟାର ଆଲମିରା ଭିତରେ ପଡ଼ିବାକୁ ଲାଗିଲା । ତା ସଙ୍ଗେ ସଙ୍ଗେ ଦୁଇଟା ସତର୍କ ହାତ ବି ତଲାସ କରି ଚାଲିଥିଲା ସବୁ । ପ୍ରାୟ ଅଧଘଣ୍ଟାଏ ଏହିପରି ଭାବରେ ତଲାସି ଚାଲିଲା । ତା'ପରେ ଆଲୁଅ ଲିଭିଲା । ସବୁ ଶୂନ୍‌ଶାନ୍ । ତା'ର ଭିତରେ କିଛି ଦିଶୁ ନ ଥିଲା ; କିନ୍ତୁ ଜଣେ ମନୁଷ୍ୟର ଚାଲବୁଲ କରିବା ସ୍ପଷ୍ଟ ବାରି ହେଉଥିଲା । କିଛି ସମୟ ପରେ ତା ବି ଆଉ ଶୁଭିଲା ନାହିଁ ।

ଏତିକିବେଳେ ତଳ ମହଲାରେ ଚାକର କି ପୁଝାରୀ କେହି ଜଣେ ନିଦରେ ବାଉଳାଇ ହେଲା ପରି ପାଟିକରି ଉଠିଲା, 'କିଏ ? କିଏ?' ତା'ପରେ ପରେ ଆଉ ଜଣେ ଦୁଇଜଣ ବି । ଘରର ଭିତର ବାହାର ବିଜୁଳି ଆଲୁଅରେ ଝଲସିଉଠିଲା । ଚାରିଆଡ଼େ ଖୋଜାଖୋଜି ହେଲା । କିନ୍ତୁ କେହି କେଉଁଠି ନାହିଁ । ଗ୍ୟାରେଜରେ ଗାଡ଼ି ନାହିଁ କି ଗୋଲକବାବୁ ନାହାନ୍ତି । ଏ ଘଟଣାରେ ଅବଶ୍ୟ କେହି ବିଶେଷ ଆଗ୍ରହପ୍ରକାଶ କଲେ ନାହିଁ । କବାଟଟା ସେ ପର୍ଯ୍ୟନ୍ତ ମେଲା ପଡ଼ିଛି । ବାବୁଙ୍କ ଅସାବଧାନତା ସମ୍ପର୍କରେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହୋଇ ପୁଣି ଯେ ଯାହାର ବିଛଣା ଧରିଲେ ।

Digitized by PPRACHIN, SOA

ସେଆଡ଼େ ଦୀପ୍ତିଲାଲ ପଟ୍ଟନାୟକଙ୍କ ଘରେ ଆଜି ଗୋଟାଏ ଘୋର ଷଡ଼ଯନ୍ତ୍ର ପୂର୍ଣ୍ଣ ରୂପନେଇ ନେଇ ଆତ୍ମପ୍ରକାଶ କରୁଥିଲେ ।

ରାତି ଗୋଟାଏ ହେଲାଣି ସେତେବେଳକୁ ।

ପୁଷ୍ପାଶ୍ରୀ, ସ୍ୱଜନ ସମେତ ଦୀପ୍ତିଲାଲଙ୍କ ପରିବାରର ସମସ୍ତେ ଗାଢ଼ନିଦ୍ରାରେ ମଗ୍ନ । ଦୈବଦୁର୍ବିପାକରୁ ହେଉ ବା ଅନ୍ୟ କୌଣସି କାରଣରୁ, କାହିଁକି କେଜାଣି ସେଦିନ ବିଜୁଳି ସରବରାହରେ ବ୍ୟାଘାତ ଯୋଗୁ ଦୀପ୍ତିଲାଲଙ୍କ ପରିବାରକୁ ବିଦ୍ୟୁତ୍ ଯୋଗାଣ ହୋଇପାରିନାହିଁ । ଖୁବ୍ ଶୀଘ୍ର ସେପରି କିଛି ବିପଦର ସମ୍ଭାବନା ନାହିଁ ତେଣୁ ସେଥିପାଇଁ କେହି ବିଶେଷ ଚିନ୍ତିତ ନୁହନ୍ତି । ସାମାନ୍ୟ ଅସୁବିଧା ହେଲେ ସୁଦ୍ଧା, ଖାଇବାପିଇବା ଇତ୍ୟାଦି କାମ ପ୍ରତ୍ୟେକଙ୍କର ସୁରୁଖୁରୁରେ ସମାହିତ ହୋଇଛି । ଆଶା ଅଛି, ହୁଏତ ରାତି ଭିତରେ ବିଜୁଳି ସଂଯୋଗ ଠିକ୍ ହୋଇଯିବ । ଗୁର୍ଖା ପ୍ରହରୀ କେତେଜଣ ସେଇ ଅନ୍ଧକାର ଭିତରେ ଖୁବ୍ ସତର୍କ ଭାବରେ ପହରା ଦେଉଛନ୍ତି ।

ସଦର ପଟ କୋଠରିରେ ଦୀପ୍ତିଲାଲ ବେଶ୍ ଆରାମରେ ନିଦ୍ରିତ । ତାଙ୍କ ପାଖ କୋଠରିରେ ତାରଜନ୍ ଓରଙ୍ଗ ସୁକାନ୍ତବାବୁ ମଧ୍ୟ ନିଦ୍ରିତ ଥିଲେ ପରି ଜଣାଯାଉଛି । ସୁଲତା ଦେବୀ ଏବଂ ତାଙ୍କ କୋଠରିରେ ଗୋଟିଏ ସ୍ୱତନ୍ତ୍ର ଶଯ୍ୟାରେ ସୁବ୍ରତ ଗଭୀର ନିଦ୍ରାରେ ସୁପ୍ତ । ଅନ୍ୟପଟ କୋଠରିରେ ବୃଦ୍ଧ ହରି ପଧାନ ମଧ୍ୟ ନିଦ୍ରିତ । ଅନ୍ୟାନ୍ୟ ସ୍ୱଜନ ପୁଷ୍ପାଶ୍ରୀମାନେ ବଗିଚାରେ ଥିବା ଘରେ ନିଦ୍ରାମଗ୍ନ । କାହାରି ମନରେ କୌଣସି ଆଶଙ୍କା ନାହିଁ । ବେଶ ଶାନ୍ତିଦାୟକ ନିଦ୍ରା ।

ଠିକ୍ ଏତିକିବେଳେ ଘରର ପଛପଟ ପାଚିରିର ଗୋଟାଏ ସ୍ଥାନରେ ଆତ୍ମପ୍ରକାଶ କଲେ ଦଉଟି ମନୁଷ୍ୟ ମୂର୍ତ୍ତି । ସମ୍ପୂର୍ଣ୍ଣ ଭାବରେ ଦେହ ଆବୃତ କଳା ପୋଷାକରେ । ଆଲୋକରେ ବ୍ୟବସ୍ଥା ଥିଲେ ଅବଶ୍ୟ ସେମାନଙ୍କୁ ଦେଖିହୋଇଥାନ୍ତା ସହଜରେ । କିନ୍ତୁ ଅନ୍ଧକାରହିଁ ତାଙ୍କୁ ଅଦୃଶ୍ୟ କରି ରଖିଥିଲା କହିଲେ ଚଳେ । ସେହି ମନୁଷ୍ୟ ମୂର୍ତ୍ତି ଦଉଟିର ଅସ୍ତିତ୍ୱ ପର୍ଯ୍ୟନ୍ତ ଜାଣିହେଉ ନ ଥିଲା । ଖାଲି ଦୁଇଟା ଛାୟା ପରି ପାଚିର ଦେହକୁ ଲାଗି କିଛି ସମୟ ଚୁପ୍‌ଚାପ୍ ଠିଆ ହୋଇ ରହିଲେ ଦୁଇଜଣଯାକ ।

Digitized by PPRACHIN, SOA

ପ୍ରାୟ ପାଞ୍ଚ ମିନିଟ ଗତ ହୋଇଗଲା ଏହିପରି । ତା’ପରେ ଗୋଟିଏ ମୂର୍ତ୍ତି ଖୁବ୍ ସତର୍କର ସହିତ ପାଚେରି ଅତିକ୍ରମ କରି ଭିତର ପଟକୁ ଚାଲିଆସିଲା । ନିଜକୁ ଯେତେଦୂର ବଞ୍ଚାଯାଇପାରେ’ ତା ଠାରୁ ଅଧିକ ସାବଧାନତାର ସହିତ ସେ ମାଟି ସହିତ ନିଜକୁ ସମାନ ରଖି ଧାମ୍ପ୍ରିଲଙ୍କ କୋଠରି ପଛଆଡ଼କୁ ଆଗେଇ ଗଲା ।

ତିଥିଟା କଣ ଥିଲା କେଜାଣି, ଆକାଶରେ ଚନ୍ଦ୍ର ଅସ୍ତ ହୋଇଯାଇଥିଲେ ସେତେବେଳକୁ । ରାତିର ଅନ୍ଧକାର ଆହୁରି ଘନୀଭୂତ ହୋଇଆସୁଥିଲା । ଠିକ୍ ସେତିକିବେଳେ ଖୁବ୍ ଧୀର ସ୍ୱରରେ ଧାମ୍ପ୍ରିଲଙ୍କ ବାଡ଼ିପଟ ଦରଜାରେ ଠକ୍ ଠକ୍ ଶବ୍ଦ ଶୁଣାଗଲା । ଶବ୍ଦଟା ଯେପରି କୌଣସି ସାଙ୍କେତିକ ତାଳରେ ସୃଷ୍ଟି ହେଉଥିଲା । ତିନି ଚାରି ଥର ଶବ୍ଦ ହେଲା ପରେ ଆସ୍ତେ ଆସ୍ତେ ବାଡ଼ିପଟ ଦ୍ୱାରଟା ଖୋଲିଗଲା । ଖୋଲା ଦ୍ୱାର ଦେଇ କଳା ମୂର୍ତ୍ତିଟା ଘରଭିତରେ କେଉଁଠି ଅଦୃଶ୍ୟ ହୋଇଗଲା ।

ପ୍ରାୟ ପାଞ୍ଚ ମିନିଟ ପରେ ଖୁବ୍ ଦ୍ରୁତପଦରେ ଧଇଁ ସଇଁ ହୋଇ ବାହାରି ଆସିଲା ଲୋକଟା । ଖାଲି ନୁହେଁ, କାନ୍ଧରେ ତାର ଗୋଟାଏ ଶକ୍ତ ବୋଝ ଥିଲା । ଏଥର ଗତିଟା କିନ୍ତୁ ଥିଲା ବଜୁଳି ପରି । ବଗିଚା ଭିତର ଦେଇ ସେ ପାଚେରିର ଯେଉଁ ସ୍ଥାନରେ ଡେଇଁ ଭିତରକୁ ଆସିଥିଲା ସେଇଠି ପହଞ୍ଚିଗଲା । ତା’ପରେ କାନ୍ଧରେ ଥିବା ବୋଝଟା ପାଚେରିର ଆରପଟରେ ଥିବା ଲୋକଟାକୁ ବଢ଼ାଇଦେଇ ନିଜେ ସେପଟକୁ କୁଦିପଡ଼ିଲା ।

ଏତେବେଳେ ବାହାରେଥିବା ପହରାବାଲା ସାମାନ୍ୟ ଶବ୍ଦ ଶୁଣିପାରିଲା ବୋଧହୁଏ । ସେଇ ଅନ୍ଧକାରକୁ ଲକ୍ଷ୍ୟ କରି ସେ ଚିତ୍କାର କରିଉଠିଲା—“କୌନ୍ ହୈ ?

ତା’ପରେ ସବୁ ଶୂନ୍‌ଶାନ୍ ।

ପ୍ରାୟ ପାଞ୍ଚ ମିନିଟ ପରେ ଖଣ୍ଡେଦୂରରେ ଗୋଟାଏ ମଟରକାର୍ ଷ୍ଟାର୍ଟ ହେବାର ଶବ୍ଦ କିଛି ସମୟ ପାଇଁ ନୈଶ ନୀରବତା ଭଙ୍ଗ କରିଥିଲା ।

Digitized by PPRACHIN, SOA

ନଅ

"ସୁବ୍ରତ କାହିଁ ?"

ସକାଳୁ ସୁଲତା ଦେବୀ ବିଛଣାରୁ ଉଠିଲାମାତ୍ରେ ତାଙ୍କ ମନରେ ହଠାତ୍ ଏଇ ପ୍ରଶ୍ନଟି ଜାଗିଉଠିଲା । ସୁବ୍ରତ ଏତେ ସକାଳୁ କେବେ ଉଠେନା । ପ୍ରତ୍ୟେକ ଦିନ ସୁଲତା ଦେବୀ ତାକୁ ଉଠାନ୍ତି । କିନ୍ତୁ ଆଜି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପରୀତ । ସୁବ୍ରତ ଆଗରୁ ଉଠିଯାଇଛି, ଅଥଚ ତାଙ୍କୁ ଡାକି ଉଠାଇ ନାହିଁ ! ଏକଥା ଭାବିଲାକ୍ଷଣି ମନଟା ବିମର୍ଷ ହୋଇଉଠିଲା, ଆଉ ତା ସଙ୍ଗେ ସଙ୍ଗେ ଦେହଟା ଝିମ୍ ଝିମ୍ ହୋଇଗଲା । ମନର ଭାବକୁ ସଂଯତ ରଖି ସେ ବାହାରକୁ ଉଠିଆସିଲେ । ଘରର ପ୍ରତ୍ୟେକ କୋଠରି, ତା'ର ପଢ଼ାଘର, ବଗିଚା ପ୍ରଭୃତି ଖୋଜିସାରିଲା ପରେ ମନଟା ଅଥୟ ହୋଇ ଉଠିଲା ତାଙ୍କର । ସୁବ୍ରତ ବିଷୟ ସେ ଘରର ଚାକରାଣୀଙ୍କୁ ଜଣ ଜଣ କରି ପଚାରିବସିଲେ । କିନ୍ତୁ ସମସ୍ତଙ୍କର ସେଇ ଏକା ଉତ୍ତର, "ସେମାନେ ତାକୁ ସକାଳୁ ଆଦୌ ଦେଖିନାହାନ୍ତି ।"

ଖବରଟା କ୍ରମେ ଦୀପ୍ତିଲାଲଙ୍କ କାନକୁ ଗଲା । ସେ ଖୁବ୍ ବ୍ୟସ୍ତ ଏବଂ ବିବ୍ରତ ହୋଇପଡ଼ିଲେ । ତା' ସଙ୍ଗେ ସଙ୍ଗେ ସୁକାନ୍ତବାବୁ ମଧ୍ୟ । ଏଇ କେତେଦିନ ହେବ ସୁବ୍ରତ ସୁକାନ୍ତବାବୁଙ୍କୁ ଖୁବ୍ ଆଦରିଯାଇଥିଲା । ପ୍ରାୟ ସବୁବେଳେ ସେ ତାଙ୍କର ପାଖରେ ଥିଲା କହିଲେ ଚଳେ । ଖବରଟା ଶୁଣିଲାମାତ୍ରେ ଆଖପାଖର ଯେତେଟା ସ୍ଥାନ ସୁବ୍ରତର ଯିବା ଏବଂ ପରିଚିତ ସ୍ଥାନ, ସେ ସବୁ ଜାଗା ଖୋଜି ପକାଇଲେ ଦୀପ୍ତିଲାଲ । କିନ୍ତୁ ବୃଥା; ଏତେ ସକାଳୁ ସେ କେଉଁଠାକୁ ଯାଇନାହିଁ କି କେବେ ଯାଏ ନାହିଁ ମଧ୍ୟ । ସବୁଠାରେ ନିରାଶ ହେଲା ପରେ ଦୀପ୍ତିଲାଲ ହତାଶ ହୋଇପଡ଼ିଲେ ।

ସମସ୍ତଙ୍କର ହତାଶ ହେବା ଦେଖି ସୁଲତା ଦେବୀ ନିତାନ୍ତ ଅସହାୟଙ୍କ ପରି କାନ୍ଦିଉଠିଲେ । ବର୍ତ୍ତମାନ ସଂସାରରେ ତାଙ୍କର ଆଉ କେହି ନାହିଁ । ସ୍ୱାମୀ ଥିଲେ, ସେ ଗଲେ ଶୋଚନୀୟ ଦୁର୍ଘଟଣାରେ । ଅବଶିଷ୍ଟ ସମ୍ବଳ ଟିକକ ଥିଲା ସୁବ୍ରତ, ଯାହାର ମୁହଁକୁ ଚାହିଁ ସେ ଦିନ କଟାଉଥିଲେ ଏବଂ ଭବିଷ୍ୟତ ପାଇଁ କେତେ

Digitized by PPRACHIN, SOA

କଳ୍ପନାଜଳ୍ପନା କରୁଥିଲେ । ସେ ବି କୁଆଡ଼େ ଚାଲିଗଲେ । ବର୍ତ୍ତମାନ ତାଙ୍କର ସଂସାରରେ ଆଉ କିଏ ଅଛି ?

ସୁବ୍ରତ ମଣିଷ ପିଲା, ହୁଏତ କେଉଁଆଡ଼େ ଚାଲିଯାଇଛି । ଖୋଜିଲେ ଅବଶ୍ୟ ସେ ମିଳିବ, ଏପରି ସ୍ୱାଭାବିକ ଆଶା ସମସ୍ତଙ୍କର ହେବାର କଥା । ମାତ୍ର ଏ କ୍ଷେତ୍ରରେ ସେପରି ଧାରଣା କେହି ମନରେ ସ୍ୱପ୍ନରେ ସୁଦ୍ଧା ରଖୁ ନ ଥିଲେ କାରଣ, ପରିସ୍ଥିତି ଥିଲା ସମ୍ପୂର୍ଣ୍ଣ ଭିନ୍ନ । ସୁବ୍ରତ ଯେ ହାତଛଡ଼ା ହୋଇଯାଇଛି, ସେ ସବୁଦିନ ପାଇଁ । ତାର ଫେରିଆସିବା କଥା ଆଉ ନୁହେଁ । ତା ଛଡ଼ା ସୁଲତା ଦେବୀ ଖାସ୍ ଏଇ ଦୁଃଖରେ ଯେ କୌଣସି ମୁହୂର୍ତ୍ତରେ ଆତ୍ମହତ୍ୟା କରିଦେବା ମଧ୍ୟ ଅସମ୍ଭବ ନୁହେଁ । ସବୁ ବାସ୍ତବତା ଭିତରେ ଦୀପ୍ତିଲାଲ ସୁଲତା ଦେବୀଙ୍କ ଉପରେ ମଧ୍ୟ କଡ଼ା ନଜର ରଖିଥିଲେ । ଯେପରି ସେ ଆଖିର ଅନ୍ତରାଳକୁ ଚାଲି ନ ଯାଆନ୍ତି ।

ସୁକାନ୍ତବାବୁ ଦୀପ୍ତିଲାଲଙ୍କ ପରିବାରର ଏ ଦୁର୍ଦ୍ଦିନରେ ନିତାନ୍ତ ମ୍ରିୟମାଣ ହୋଇପଡ଼ିଥିଲେ । ଦିନ ଦଶଟା ହେଲାଣି ସେତେବେଳକୁ । ସୁବ୍ରତର ଫେରିବା ଆଶା ନାହିଁ । ଏଣିକି ପୋଲିସର ସାହାଯ୍ୟ ନେବା କଥା । ସୁକାନ୍ତବାବୁ ଦୀପ୍ତିଲାଲଙ୍କୁ ଘରେ ସାବଧାନରେ ରହିବାକୁ କହି ପ୍ରଦୀପବାବୁଙ୍କ ପରାମର୍ଶ ନେବା ପାଇଁ ଅଧଘଣ୍ଟାଏ ବାହାରକୁ ଚାଲିଗଲେ । ଦୀପ୍ତିଲାଲଙ୍କୁ ପାଖଛଡ଼ା କରିବା ଅବଶ୍ୟ ତାଙ୍କର କର୍ତ୍ତବ୍ୟର ବିରୋଧ କରୁଥିଲା । ତଥାପି ନିରୁପାୟ ସେ ! ଦୀପ୍ତିଲାଲଙ୍କୁ ସାଙ୍ଗରେ ନେଇଆସିଲେ ତେଣେ ସୁଲତା ଦେବୀ ହୁଏତ କିଛି ନା କିଛି ଗୋଟାଏ ଅଘଟଣ କରିବସିବେ ।

ସୁକାନ୍ତବାବୁଙ୍କ ପ୍ରସ୍ତାବରେ କୌଣସି ପ୍ରତିବାଦ କରିପାରିଲେ ନାହିଁ ଦୀପ୍ତିଲାଲ ।

ସୁକାନ୍ତବାବୁ ଚାଲିଗଲା ପରେ ହରି ପଧାନ ଗୋଟିଏ ଲୋକକୁ ଆଣି ପହଞ୍ଚାଇଲା ଦୀପ୍ତିଲାଲଙ୍କ ପାଖରେ । ଉଦ୍ଦେଶ୍ୟ—ସେ ଲୋକଟି ଆଜି ଖୁବ୍ ସକାଳୁ ସୁବ୍ରତକୁ 'ଚନ-ମୁହାଣୀ' ପାହାଡ଼ ପାଖରେ ଦେଖିଛି ! ସୁବ୍ରତକୁ ଅବଶ୍ୟ ଆଗରୁ କେବେ ସେ ଦେଖିନ କି ଚିହ୍ନିନି; କିନ୍ତୁ ଯେପରି ଚେହେରା,ପୋଷାକପତ୍ରର ବର୍ଣ୍ଣନା

Digitized by PPRACHIN, SOA

ସେ କରୁଛି, ସେ ଯେ ନିଃସନ୍ଦେହ ଭାବରେ ସୁବ୍ରତ କଥା କହୁଛି, ସେଥିରେ ଆଉ କିଛି ସନ୍ଦେହ କରିବାର ନ ଥିଲା ।

ଖବରଟା ଶୁଣିବାମାତ୍ରେ ଦୀପ୍ତିମାନ ଏତେ ବ୍ୟସ୍ତ ହୋଇପଡ଼ିଲେ ଯେ, ଘରେ କାହାରିକୁ କିଛି ନ ଜଣାଇ ଲୋକଟାକୁ ସାଙ୍ଗରେ ଧରି କାର୍ ନେଇ ବାହାରିପଡ଼ିଲେ, 'ଛିନ୍ନମୁଣ୍ଡାଣ' ପାହାଡ଼ ଅଭିମୁଖେ । 'ଛିନ୍ନ ମୁଣ୍ଡାଣୀ' ମୋଟେ ରାସ୍ତା ଦଶ ମାଇଲ ହେବ । ସେଠାକୁ ଯିବାଆସିବା ହୁଏତ ଅଧଘଣ୍ଟାରୁ ଅଧିକ ହେବ ନାହିଁ । ଏଇ ସମୟଟିକ ଖାଲି ସୁଲତା ଦେବୀଙ୍କ ଉପରେ ଟିକିଏ ନଜର ରଖିବାପାଇଁ ଘରି ପଧାନକୁ ବିଶେଷ କରି ତାଗିଦ କରି ଦେଇଗଲେ ।

'ଛିନ୍ନମୁଣ୍ଡାଣୀ ସ୍ଥାନଟା ଆଦୌ ଭଲ ନୁହେଁ । ଭୀଷଣ ଜଙ୍ଗଲିଆ ଜାଗା ସେଇଟା । ଅବଶ୍ୟ ସେପରି ମାରାତ୍ମକ ହିଂସ୍ରଜନ୍ତୁ ନାହାନ୍ତି ସେଠି । ତଥାପି ସାମାନ୍ୟ ପ୍ରକାରର ଜୀବଜନ୍ତୁ ଅଛନ୍ତି, ପ୍ରକାଣ୍ଡ ପାହାଡ଼ଟା ଅଛି । ଛିନ୍ନ ହୋଇଥିବା ଶୃଙ୍ଗ ତାର ମୁଣ୍ଡ ପରି ଥିବାରୁ ସ୍ଥାନଟା ଏବଂ ପାହାଡ଼ଟାର ନାମ ଛିନ୍ନମୁଣ୍ଡାଣୀ ବୋଲି ବିଖ୍ୟାତ । ସାଧାରଣତଃ ଗୁଣ୍ଡା, ବଦମାସ ଏବଂ ଅସାମାଜିକ ଶ୍ରେଣୀର ବ୍ୟକ୍ତିମାନଙ୍କର ଆଡ୍ଡାସ୍ଥଳୀ ସେ ଜାଗାଟା । ଭଦ୍ରସମାଜର କୌଣସି ବ୍ୟକ୍ତିର ପାଦ କେବେହେଲେ ପଡ଼େ ନାହିଁ ସେ ଅଞ୍ଚଳରେ ।

ସୁବ୍ରତ ଯେ କାହିଁକି, କେଉଁ ଉଦ୍ଦେଶ୍ୟରେ ସେଆଡ଼କୁ ଚାଲିଯାଇଛି, ତାର କିଛି କୂଳକିନାରା ପାଇ ନ ଥିଲେ ଦୀପ୍ତିମାନ । ଖୁବ୍ ଶୀଘ୍ର ତାର ସନ୍ଧାନ ନ ନେଲେ ସେ ହୁଏତ ଆଉ କେଉଁଆଡ଼େ ଚାଲିଯାଇପାରେ । ଏଇଆ ଭାବି ତୀବ୍ର ବେଗରେ କାର୍ ଛୁଟାଇଦେଇଥାନ୍ତି ସେ ।

'ଛିନ୍ନମୁଣ୍ଡାଣୀ ପାହାଡ଼ ପାଖରେ ପହଞ୍ଚି କାର୍‌ର ଗତି ମନ୍ଥର କରି ସ୍ଥାନଟି କେଉଁଠି ବୋଲି ପଚାରିଲେ ଦୀପ୍ତିମାନ ।

"ଏଇଠି ଗାଡ଼ି ରଖିବାକୁ ହେବ, ଆଜ୍ଞା, ଏଇଠୁ ବାଁ ହାତ ଗଲେ ଖଣ୍ଡେବାଟ ପରେ ଜାଗାଟା ପଡ଼ିବ ।" ଲୋକଟା ଉତ୍ତର ଦେଲା ।

ଦୀପ୍ତିମାନ ସେଇଠୁ ଓହ୍ଲାଇପଡ଼ିଲେ । ଲୋକଟା ଚାଲିଲା ଆଗେ ଆଗେ । ରାସ୍ତା ଛାଡ଼ି ବଣେ ବଣେ ପ୍ରାୟ ଫର୍ଲଙ୍ଗେ ବାଟ ଗଲାପରେ ଆଉ କେତେ

Digitized by PPRACHIN, SOA

ବାଟ' ବୋଲି ପୁଣି ଥରେ ପ୍ରଶ୍ନ କଲେ ଦୀପ୍ତିଲାଲ । 'ଆଜ୍ଞ ଅଳ୍ପବାଟ'. ସେଇ ଏକା ଉତ୍ତରର ପୁନରାବୃତ୍ତି ବ୍ୟତୀତ ଅନ୍ୟ କିଛି କଥା ନ ଥିଲା ଲୋକଟାର । କ୍ରମେ ସେ ଦୁହେଁ ପାହାଡ଼ର ପାଦପାଖରେ ଖୁବ୍ ଜଙ୍ଗଲିଆ ଏବଂ ନିର୍ଜନ ସ୍ଥାନରେ ପହଞ୍ଚିଯାଇଥିଲେ । ଏପରି ଗୋଟାଏ ସ୍ଥାନରେ ଯେକୌଣସି ଲୋକ ମନରେ ସ୍ୱାଭାବିକ ଭୟ ଜାତ ହେବାର କଥା । ଦୀପ୍ତିଲାଲ ଅବଶ୍ୟ ଭୟର କାରଣ ସମ୍ବନ୍ଧରେ କିଛି ଭାବୁ ନ ଥିଲେ । ସେ ଖାଲି ଭାବୁଥିଲେ ଯେ, ସୁବ୍ରତ ଏପରି ଏକ ଭୀତିପ୍ରଦ ଜଙ୍ଗଲିଆ ସ୍ଥାନକୁ ଆସିଲା କାହିଁକି ?

ନିତାନ୍ତ ଅନ୍ୟମନସ୍କଭାବରେ ଚାଲୁ ଚାଲୁ ହଠାତ୍ ପଛପଟରୁ ତାଙ୍କର ଗଳା ଉପରେ କାହାର ହସ୍ତର ସ୍ପର୍ଶ ଅନୁଭବ କଲେ ସେ । ଚଟ୍‌କରି ଚମକିପଡ଼ି ବୁଲିପଡ଼ିବାକୁ ଚେଷ୍ଟା କଲେ; କିନ୍ତୁ, ସେଥିରେ ସଫଳ ହୋଇପାରିଲେ ନାହିଁ । ସେହି ସଙ୍ଗେ ସଙ୍ଗେ ଆଉ ଦୁଇଜଣ ଲୋକ ବୁଦାଗହଳ ଭିତରୁ ବାହାରିଆସି ତାଙ୍କୁ କାବୁ କରିଦେଲେ ।

ଘଟଣାଟା ଏତେ ଅଳ୍ପ ସମୟ ମଧ୍ୟରେ ଘଟିଗଲା ଯେ ଦୀପ୍ତିଲାଲ କିଛି ବୁଝିବାକୁ ସମୟ ସୁଦ୍ଧା ପାଇଲେ ନାହିଁ । ଉପସ୍ଥିତ ତିନି ଚାରିଜଣ ପ୍ରତ୍ୟେକ ଷଣ୍ଢମାର୍କା ଏବଂ ଅପରିଚିତ । ଏତେବେଳେ ସେ ଜାଣିଲେ ଯେ ସେ କି ଘୋର ଷଡ଼ଯନ୍ତ୍ରର ସମ୍ମୁଖୀନ ହୋଇଛନ୍ତି ଏବଂ ଏକୁଟିଆ ଚାଲିଆସିବା ଦ୍ୱାରା କେଡ଼େ ଭୁଲ କରିପକାଇଛନ୍ତି । ସେମାନଙ୍କ ଖାପଚରୁ ଉଦ୍ଧାର ପାଇବାର କୌଣସି ଉପାୟ ଚିନ୍ତା କରିପାରିଲେ ନାହିଁ ସେ । ଚିତ୍କାର କରି ଡାକିବା ଛଡ଼ା ଆଉ କିଛି ଉପାୟ ସେ ଭାବିପାରିଲେ ନାହିଁ । କିନ୍ତୁ, ଚିତ୍କାର କଲେ ଶୁଣିବ ବା କିଏ ? ଲୋକାଳୟ ସେଠାରୁ କାହିଁ କେତେ ଦୂରରେ !

ନିଜର ଅବସ୍ଥା ବୁଝି ଦୀପ୍ତିଲାଲ କୌଣସି ପ୍ରକାର ବାଧା ଦେଲେ ନାହିଁ ବା ପ୍ରତିବାଦ କଲେ ନାହିଁ । ସେମାନେ ତାଙ୍କୁ ଘୋଷାରି ନେଇ ଚାଲିଗଲେ ବଣେ ବଣେ ।

ବଣ ଭିତରୁ ପାହାଡ଼ ଉପରକୁ ଗୋଟାଏ ଅପ୍ରଶସ୍ତ, ବଙ୍କୁଆ ଏବଂ ଅସମାନ ରାସ୍ତା । ତା ଉପର ଦେଇ ଏକ ସମୟରେ ପାଖକୁ ପାଖ ଦୁଇଜଣ ଲୋକ ଯିବା ଅସମ୍ଭବ । ଦୀପ୍ତିଲାଲଙ୍କୁ ଆଗପଛ ଦୁଇପଟରୁ ଜଗି ଉପରକୁ ଉଠିବାକୁ

Digitized by PPRACHIN, SOA

ହୁକୁମ ଦେଲା ଭଙ୍ଗୀରେ ନିର୍ଦ୍ଦେଶ ଦେଲା ଜଣେ । ସାମ୍ପ୍ରିଲ ବାଧ ହୋଇ ସେ ନିର୍ଦ୍ଦେଶ ମାନିନେଲେ ।

ପାହାଡ଼ର ମଝାମଝି ପର୍ଯ୍ୟନ୍ତ ଗଲାପରେ ଗୋଟାଏ ବିରାଟ ପଥରଚଟାଣରେ ସମସ୍ତଙ୍କୁ ପହଞ୍ଚିବାକୁ ହେଲା । ଚଟାଣର ଚତୁର୍ଦ୍ଦିଗ ଘନ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ । ଗୋଟାଏ କଡ଼କୁ ବଡ଼ ବଡ଼ ଝଙ୍କାଳିଆ ବୁଦା କେତୋଟି ଉହାଡରେ ପଥରର ପ୍ରକାଣ୍ଡ ଗୁମ୍ଫାଟିଏ, ଭିତରଟା ଘୋର ଅନ୍ଧକାରଛନ୍ନ । ସାମ୍ପ୍ରିଲଙ୍କୁ ସେଇ ଲୋକମାନଙ୍କ ସହିତ ତା'ର ଭିତରେ ବାଧ ହୋଇ ପଶିବାକୁ ହେଲା । ସେଠାରେ ପ୍ରବେଶ କରିବାମାତ୍ରେ ମୁକ୍ତିର ଯେଉଁ କ୍ଷୀଣ ଆଶା ଟିକକ ତାଙ୍କ ମନରେ ଥିଲା ସେତକ ଲୋପ ପାଇଗଲା । ଏ ନିବିଡ଼ ଜଙ୍ଗଲ ଭିତରେ ଏ ଯେଉଁ ଗୁପ୍ତଗୁହା, ସେଠେ କେହି କଣ ସ୍ୱାର ସନ୍ଧାନ ପାଇ ତାଙ୍କୁ ମୁକ୍ତ କରିବ ?—ଏପରି ଆଶଙ୍କା ତାଙ୍କ ମନରେ ସ୍ଥାନ ଅଧିକାର କଲା ।

ଗୁମ୍ଫାଟା ଥିଲା ଖୁବ୍ ବିଶାଳ । ଭିତରକୁ ତାରି ଆଉ ଗୋଟାଏ ଦ୍ୱାର କାନ୍ଥ ଉପରେସ୍ଥ ଗ୍ରେଟ । ମୁଣ୍ଡ ନୁଆଁଇ ସେ ଦ୍ୱାର ଅତିକ୍ରମ କରି ଭିତରକୁ ଯିବାକୁ ହେଲା । ସାମ୍ପ୍ରିଲ ଦେଖିଲେ, ବର୍ତ୍ତମାନ ସେ ଖୁବ୍ ପ୍ରଶସ୍ତ ସ୍ଥାନରେ ଆସି ପହଞ୍ଚିଯାଇଛନ୍ତି । ସ୍ଥାନଟାର ଉପରଟା ଫାଙ୍କା । ପାହାଡ଼ର ଉଚ୍ଚା ଉଚ୍ଚା କାନ୍ଥ ଘେରିରହିଛି ଚାରିପଟେ । ସେ ଯେଉଁଠାରେ ଠିଆ ହୋଇଥିଲେ ସେଇଟା ଖୁବ୍ ବଡ଼ ଅଗଣାଟାଏ । ତା'ର ଗୋଟାଏ ପଟରେ କେତେଗୁଡ଼ାଏ ବଡ଼ ବଡ଼ ଗୁମ୍ଫା । ସେଗୁଡ଼ାକରେ କେହି ବସବାସ କରି ରହୁଥିବାର ସେ ଅନୁମାନ କଲେ ।

ଆଜିକାଲି ସଭ୍ୟ, ଶିକ୍ଷିତ ଯୁଗରେ, ବିଶେଷତଃ ସହରର ଏତେ ନିକଟବର୍ତ୍ତୀ ସ୍ଥାନରେ ଯେ ଏପରି ଭୀଷଣ ଦସ୍ୟୁ ଆଡ଼୍ଡା ସୃଷ୍ଟି ରହିଛି, ତାହା ସେ ଚିନ୍ତା କରିପାରିଲେ ନାହିଁ । ହୁଏତ ଅଳ୍ପ ସମୟ ପରେ ତାଙ୍କର କି ଦଶା ହେବ, ତାହାହିଁ ଥିଲା ତାଙ୍କର ପ୍ରଧାନ ଚିନ୍ତା । ସୁବ୍ରତ ହୁଏତ ସେଇଠି, ସେମାନଙ୍କ ହାତରେ ବନ୍ଦୀ । ତାଙ୍କୁ ସେ ମନେ ମନେ ଖୋଜୁଥିଲେ ଆଉ ପ୍ରଦୀପବାବୁ ଯେ ତାଙ୍କ ଭବିଷ୍ୟତ ସମ୍ପର୍କରେ ଯଥାର୍ଥ ଅନୁମାନ କରି ସତର୍କ ରହିବାକୁ ତାଙ୍କୁ ଉପଦେଶ ଦେଇଥିଲେ, ସେକଥାର ମୂଲ୍ୟ ସେ ବର୍ତ୍ତମାନ ବୁଝିପାରିଲେ ।

Digitized by PPRACHIN, SOA

ଆଉ ଅବକାଶ ନ ଥିଲା । ଯମ ପରି ଲୋକ କେତେ ସେଠି ଆଦେଶର ଅପେକ୍ଷା କରି ରହିଥିଲେ । ଏତିକବେଳେ ଜଣେ ଆସି ଖୁବ୍ ଆସ୍ତେ ଆସ୍ତେ କଣ କହିଦେଇଗଲା ସେମାନଙ୍କ ଭିତରୁ ଜଣକ କାନ ପାଖରେ । ଘୁଞ୍ଚୁ ଘୁଞ୍ଚୁ ତାଙ୍କୁ ସେମାନେ ଘୋଷାରିନେଲେ ପାଖର ଗୋଟାଏ ଗୁମ୍ଫା ଭିତରକୁ । ତା'ପରେ ଗୋଟାଏ ପଥର ଗଡ଼ାଇ ବନ୍ଦ କରିଦିଆଗଲା ସେ ଗୁମ୍ଫା ଦ୍ୱାର ।

ଗୁମ୍ଫା ଭିତରର ଘୋର ଅନ୍ଧକାରରେ କିଛି ଦେଖି ପାରୁ ନଥିଲେ ଦୀପ୍ତିଲାଲ । ତେବେ ଗୁମ୍ଫାଟା ଯେ ଖୁବ୍ ସଙ୍କୀର୍ଣ୍ଣ, ତାହା ସେ ଅନୁମାନ କରିପାରୁଥିଲେ । ସନ୍ତସନ୍ତିଆ ବାଷ୍ପରେ ପୂରିରହିଥିଲା ଗୁମ୍ଫା ଭିତରଟା । ତା ଭିତରେ ଶ୍ୱାସରୁଦ୍ଧ ହେଲାପରି ବୋଧ ହେଉଥିଲା ଦୀପ୍ତିଲାଲଙ୍କୁ । ଭୟ, ଦୁଃଖ, ଲଜ୍ଜା ଏବଂ ଭବିଷ୍ୟତ ଆଶଙ୍କାରେ ତାଙ୍କର ଏକପ୍ରକାର ମାନସିକ ବିକୃତି ଘଟିଥିଲା କହିଲେଚଳେ । ତଥାପି ଧୈର୍ଯ୍ୟକୁ ଆଦରି ତା'ଭିତରେ ବସିରହିବା ଛଡ଼ା ଅନ୍ୟ ଉପାୟ ନ ଥିଲା ତାଙ୍କର ।

*   *

ରାତି ପ୍ରାୟ ଅଢ଼େଇଟାବେଳେ ଅଜୟବାବୁ ଫେରିଆସି ଦେଖିଲେ ଯେ ପ୍ରଦୀପବାବୁ ଘରେ ନାହାନ୍ତି । ବୈଠକଖାନା ଖୋଲା ଅଛି । କେବଳ ଟାଇଗର୍ ସତର୍କ ପ୍ରହରୀ ପରି ସେ କୋଠରି ଦ୍ୱାରରେ ଶୋଇଛି । ସବୁଦିନେ ଶୋଇବାକୁ ଯିବା ଆଗରୁ ସ୍ୱହସ୍ତରେ ବୈଠକଖାନା ବନ୍ଦ କରନ୍ତି ପ୍ରଦୀପବାବୁ ଏବଂ ଟାଇଗରକୁ ସାଙ୍ଗରେ ନିଅନ୍ତି । ସେ ତାଙ୍କ ଶୋଇବା ଘର ଦ୍ୱାରରେ ଶୁଏ । ଆଜି କିନ୍ତୁ ସେ ବ୍ୟବସ୍ଥାର ଅତିକ୍ରମ ଦେଖି ଅଜୟବାବୁ ଅନୁମାନ କଲେ, ପ୍ରଦୀପବାବୁ କେଉଁଆଡେ ଚାଲିଯାଇଛନ୍ତି । ତଥାପି ଅନୁମାନ ଉପରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହେବାପାଇଁ ସେ ଗ୍ୟାରେଜ ପାଖକୁ ଯାଇ ଦେଖିଲେ, ମୋଟର ସାଇକେଲଟି ନାହିଁ । ଏଥର ଆଉ ତାଙ୍କର କିଛି ସନ୍ଦେହ ରହିଲା ନାହିଁ । ସେ ନିଶ୍ଚିତଭାବରେ ଜାଣିଲେ ଯେ ପ୍ରଦୀପବାବୁ ମୋଟର ସାଇକେଲ ନେଇ କେଉଁଆଡେ ଯାଇଛନ୍ତି ।

ଗୋଟିଏ ପ୍ରଶ୍ନର ସମାଧାନ ହେବା ସଙ୍ଗେ ସଙ୍ଗେ ଆଉ ଗୋଟିଏ ପ୍ରଶ୍ନ ତାଙ୍କ ମନରେ ଉଦୟ ହେଲା—ତେବେ ସେ ଗଲେ କୁଆଡେ ? ଅନ୍ତତଃ ତାଙ୍କୁ ଜଣାଇ ଯାଇଥାନ୍ତେ ନିଶ୍ଚୟ । କଣ ଏମିତି ଜରୁରୀ ଦରକାର ପଡ଼ିଲା ତାଙ୍କର ?—ଏହିପରି ନାନା ପ୍ରଶ୍ନ ବାରମ୍ବାର ବ୍ୟତିବ୍ୟସ୍ତ କଲା ତାଙ୍କୁ । କିନ୍ତୁ କୌଣସି ପ୍ରଶ୍ନର

Digitized by PPRACHIN, SOA

ସମାଧାନରେ ସେ ପହଞ୍ଚିପାରିଲେ ନାହିଁ । ହୁଏତ ପୋଲିସ୍ ହେଡ୍‌କ୍ୱାର୍ଟରକୁ ଯାଇପାରିଥାନ୍ତି କିମ୍ବା ସେଠାରୁ କିଛି ଖବରଅନ୍ତର ମିଳିପାରେ, ଏଇ ଆଶାରେ ସେ ଫୋନ୍ ଉଠାଇ ରିଂ କଲେ ପୋଲିସ ହେଡ୍‌କ୍ୱାର୍ଟରକୁ । ସେଠାରୁ ଅବଶ୍ୟ ସଙ୍ଗେ ସଙ୍ଗେ ଉତ୍ତର ମିଳିଗଲା, କିନ୍ତୁ ଆଶାଜନକ ନୁହେଁ । ସେମାନେ ମଧ୍ୟ କିଛି ଜାଣନ୍ତି ନାହିଁ ତାଙ୍କ ବିଷୟରେ ; ତା ସଙ୍ଗେ ସଙ୍ଗେ ପ୍ରଦୀପବାବୁଙ୍କର ଅନିର୍ଦ୍ଦିଷ୍ଟ ଯାତ୍ରା ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କଲେ ଇନ୍‌ଚାର୍ଜ ଅଫିସର ମହାପାତ୍ରବାବୁ ।

ବୈଠକଖାନାରେ ଅପେକ୍ଷା କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ପାଗଟା ଥିଲା ଖୁବ୍ ଥଣ୍ଡା । ଘରରେ ବାହାରେ ଖୁବ୍ ବୁଲାବୁଲି କରିବାଦ୍ୱାରା ଅଜୟବାବୁ ବଡ଼ ଅବସନ୍ନ ବୋଧ କରୁଥିଲେ । ଚୌକିରେ ବସିଲା ମାତ୍ରେ ତାଙ୍କର ଅବସନ୍ନତା ବହୁଗୁଣରେ ବଢ଼ିଗଲା । କ୍ରମେ ଆଖିପତା ଦୁଇଟି ମୁଦି ହୋଇଆସିଲା । ସେଇ ଚୌକି ଉପରେହିଁ ଗାଢ଼ ନିଦ୍ରାଭିଭୂତ ହୋଇପଡ଼ିଲେ ସେ ।

ରାତି ପାହାନ୍ତା ହୋଇଆସିଲାଣି ସେତେବେଳକୁ । ବାହାରେ ମୋଟର ସାଇକେଲ ଖୁବ୍ ଜୋରରେ ଗର୍ଜିଉଠିଲା । ସଙ୍ଗେ ସଙ୍ଗେ ଷ୍ଟାର୍ଟ ବନ୍ଦହେବାର ଜଣାଗଲା । ଅଜୟବାବୁଙ୍କ ନିଦ ଭାଙ୍ଗିଗଲା ସେ ଶବ୍ଦରେ । ସେ ଜାଣିନେଲେ ଯେ ପ୍ରଦୀପବାବୁ ଆସିଗଲେ ଏଥର । ନିଦ ମଳମଳ ଆଖିରେ ସେ ଉଠିଯାଇ ଦ୍ୱାର-ପାଖରେ ପହଞ୍ଚିଲାବେଳକୁ ସେଆଡ଼ୁ ପ୍ରଦୀପବାବୁ ପଶିଆସୁଥିଲେ ।

ଅଜୟବାବୁ ଦେଖିଲେ, ରାତିସାରା ଅନିଦ୍ରା ଅଛନ୍ତି ବୋଧହୁଏ ପ୍ରଦୀପବାବୁ । ତାଙ୍କର ଚେହେରା ତାହାହିଁ ସ୍ପଷ୍ଟ ଜଣାଉଥିଲା । ସେ ଖଣ୍ଡିଏ ଚୌକିରେ ଆସନ ଗ୍ରହଣ କରି ଆଉ ଖଣ୍ଡିକରେ ବସିବାକୁ ଅଙ୍ଗୁଳିରେ ଇଙ୍ଗିତ କଲେ ଅଜୟବାବୁଙ୍କୁ । ଅଜୟବାବୁ ଆସନ ଗ୍ରହଣ କଲା ପରେ ତାଙ୍କୁ ଖୁବ୍ ଚାପା ଗଳାରେ 'କଣ ହେଲା' ବୋଲି ପ୍ରଶ୍ନ କଲେ ।

ଅଜୟବାବୁ ପ୍ରଦୀପବାବୁଙ୍କର ଖୁବ୍ ପାଖକୁ ଆସନଟା ଟାଣିନେଇ ଚାପା ଗଳାରେ ଫିସ୍‌ଫିସ୍ କରି କିଛି ସମୟ ପର୍ଯ୍ୟନ୍ତ କଣ କହିଲେ । ତାଙ୍କ କଥା ଶେଷ ହେବାମାତ୍ରେ ପ୍ରଦୀପବାବୁ କହିଲେ—"ତେଣିକି ଯାଇ ଦେଲି, ମୁଁ ଜାଣେ ?"

Digitized by PPRACHIN, SOA

"ଆପଣ ଜାଣନ୍ତି ? ଅର୍ଥାତ୍—?" ଅଜୟବାବୁ ଖୁବ୍ ବିସ୍ମିତ ହୋଇ ପ୍ରଶ୍ନ କଲେ ।

—"ମୁଁ ବି ଯାଇଥିଲି ତୁମ ପଛେ ପଛେ, କାରଣ, ତୁମେ କେଉଁଠିଆ ଯେ ଯାଇପାରିବ ନାହିଁ, ତା ମୁଁ ତୁମେ ଗଲା ପରେ ପରେ ବୁଝିପାରିଲି । ଏବେ ଘଟଣାଟା ଯାହା କହୁଛ, ମୋତେ ଜଣାଯାଉଛି, ତାହା ଯେପରି ଖୁବ୍ ଦ୍ରୁତଗତିରେ ଘଟନାକୁ ଆଗକୁ ଗଢ଼ କରୁଚ । ଅଚ୍ଛା, ଦେଖାଯାଉ କଣ ହେଉଛି । ତୁମେ ବର୍ତ୍ତମାନ କର୍ତ୍ତବ୍ୟକର୍ମ ଶେଷ କରି ଟିକିଏ ବିଶ୍ରାମ କର । ଆଉ ଗୋଟାଏ କାମ କରିବାକୁ ହେବ ।"

ବନାକ୍ରି ଧାରେ ଅଜୟବାବୁ ଉଠିଗଲେ ।
ତାଙ୍କ ପଛେ ପଛେ ପ୍ରଦୀପବାବୁ ବି ।

ଦଶ

ସୁକାନ୍ତବାବୁ ଓରଫ୍ ତାରକନାଥଠାରୁ ଟେଲିଫୋନ୍ ପାଇଲାମାତ୍ରେ ପ୍ରଦୀପବାବୁଙ୍କ ମୁଣ୍ଡରେ ଆକାଶ ଛିଣ୍ଡି ପଡ଼ିଲା ଯେପରି । କାନ୍ତିଲାଲଙ୍କ ପରେ ପରେ ପାଳି ପାର୍ଥିଲାଲଙ୍କର । ତାଙ୍କୁ ରକ୍ଷା କରିବାପାଇଁ ଏତେ ପ୍ରଚେଷ୍ଟା । ଅଥଚ ବର୍ତ୍ତମାନ ସେ ଘରେ ଅନୁପସ୍ଥିତ । ଏଇ ସମୟ ମଧ୍ୟରେ ତାଙ୍କ ଉପରେ ଯେ କିଛି ଗୋଟାଏ ବିପଦ ଘଟି ନ ଥିବ, ତାହା କିଏ କହିବ ? ଯଦି ସେପରି କିଛି ଘଟେ, ତେବେ ତ ସର୍ବନାଶ ! ସେ ବ୍ୟତିବ୍ୟସ୍ତ ହୋଇ ଅଜୟବାବୁଙ୍କୁ ଡାକି ପକାଇଲେ ।

ଅଜୟବାବୁଙ୍କ ନିଦ ଟିକେ ପାତଳ ଧରିଆସିଲାଣି ସେତେବେଳକୁ । ସେ ତରବର ହୋଇ ହୋଇ ଧାଇଁଆସିଲେ । ଘଟଣାଟା ସଂକ୍ଷେପରେ ତାଙ୍କୁ ବୁଝାଇଦେଇ ସେ ଶୀଘ୍ର ପ୍ରସ୍ତୁତ ହୋଇଥିବା ପାଇଁ ନିର୍ଦ୍ଦେଶ ଦେଲେ ତାଙ୍କୁ । ପ୍ରାୟ ପନ୍ଦର ମିନିଟ ମଧ୍ୟରେ ଦୁହେଁ ପ୍ରସ୍ତୁତ ହୋଇ ବାହାରି ପଡ଼ିଲେ ପାର୍ଥିଲାଲଙ୍କ ଗୃହାଭିମୁଖେ ।

ପାର୍ଥିଲାଲଙ୍କର ସୁଦୃଶ୍ୟ, ବିଶାଳ ପ୍ରାସାଦଟା ଗୃହପଟେ ଗୋଟାଏ ଭୌତିକ ନୀରବତା ଘେରି ରହିଥିବା ପରି ଜଣାଯାଉଥିଲା । ଘରେ ଗୁରୁକର ପୁଂଖାର ମିଶି

Digitized by PPRACHIN, SOA

ଯେ କେତେଜଣ ଥିଲେ ତାହାଙ୍କ ମୁହଁରୁ କଥା ବାହାରୁ ନ ଥିଲା । ପୁରାତନ ଏବଂ ବୃଦ୍ଧ ଭୃତ୍ୟ ହରି ପଧାନ ସଦର ବାରଣ୍ଡାର ଗୋଟାଏ କୋଣକୁ ଅନ୍ୟମନସ୍କ-ଭାବରେ ଠିଆ ହୋଇଥିଲା । ସୁକାନ୍ତବାବୁ ଫାଟକ ପାଖରେ ଠିଆ ହୋଇ ପ୍ରଦୀପବାବୁଙ୍କୁ ଅପେକ୍ଷା କରୁଥିଲେ । ଆଉ କଉ । ସୁଲତାଦେବୀଙ୍କର ସେତେବେଳର ଅବସ୍ଥା ବୁଝାଯାଇ ନ ପାରେ । ସେ କାନ୍ଦି କାନ୍ଦି ଯନ୍ତ୍ରଣାରେ ମୂର୍ଚ୍ଛା ପରି ଲାଗିଯାଉଥିଲେ ପ୍ରାୟ ।

ପ୍ରଦୀପବାବୁଙ୍କ କାର ଫାଟକ ପାଖରେ ପହଞ୍ଚିଲା ମାତ୍ରେ ସୁକାନ୍ତବାବୁ ଟିକେ ଆଗେଇଆସି ପ୍ରଦୀପବାବୁ ଅଳ୍ପ କେଇପଦ କଣ କଥା ଖୁବ୍ ଚୁପ୍ ଗଳାରେ କହିଦେଲେ । ଆଖିର ସାମାନ୍ୟ ଇଙ୍ଗିତରେ ତା'ର ଉତ୍ତର ଦେଲେ ପ୍ରଦୀପବାବୁ ।

ଦୁର୍ଘଟଣା ଥିଲା ଦୁଇଟା—ଗୋଟାଏ ହେଉଛି ସୁବ୍ରତର ହରଣଚାଲ, ଅନ୍ୟଟି ହେଉଛି ଦୀପ୍ତିନୀଳଙ୍କ ନିରୁଦ୍ଦିଷ୍ଟତା । ପ୍ରଦୀପବାବୁ ସେ ସବୁ ଉପରେ ଗୁରୁତ୍ୱଦେଲାପରି ବୋଧ ହେଉ ନ ଥିଲା । ସେ ଖୁବ୍ ହାଲୁକାଭାବରେ ସୁକାନ୍ତବାବୁଙ୍କୁ ଦୁଇ ଚାରି କଥା ପଚାରିଦେଇ ସାରା ପ୍ରାସାଦଟି ଥରେ ବୁଲିଆସିଲେ । ସର୍ବଶେଷରେ ସୁଲତା ଦେବୀଙ୍କ ଶୟନକକ୍ଷରେ ପହଞ୍ଚିଲେ ।

ପ୍ରଦୀପବାବୁଙ୍କ ଆସିଥିବା ଖବର ଶୁଣି ସୁଲତାଦେବୀ ନିଜକୁ ଟିକେ ସଂଯତ କରିନେଇ ଉଠି ବସିଥିଲେ । ତଥାପି ପ୍ରଦୀପବାବୁଙ୍କୁ ଦେଖିଲାମାତ୍ରେ ଶୋକୋଚ୍ଛ୍ୱାସ ତାଙ୍କର ଆଉ ସଂଯତ ହୋଇ ରହିପାରିଲା ନାହିଁ । କହିଁ କହିଁ ହୋଇ କାନ୍ଦି ଉଠିଲେ । କଥାରେ ସାନ୍ତ୍ୱନା ଦେବା ଛଡ଼ା କାର୍ଯ୍ୟତଃ କିଛି କହିବାର କ୍ଷମତା ନ ଥିଲା ପ୍ରଦୀପବାବୁଙ୍କର । ସୁଲତା ଦେବୀ ସ୍ୱାମୀ, ପୁଅ, ଝିଅର ସମସ୍ତଙ୍କୁ ହରାଇ ଯେଉଁ ଦୁଃସହ ମାନସିକ ଅଶାନ୍ତିରେ ଜଳିପୋଡ଼ି ହେଉଥିଲେ, ତାକୁ ପ୍ରାଣେ ପ୍ରାଣେ ଅନୁଭବ କରିପାରୁଥିଲେ ପ୍ରଦୀପବାବୁ ।

ସୁଲତା ଦେବୀଙ୍କୁ ସାନ୍ତ୍ୱନାଦେବା ସଙ୍ଗେ ସଙ୍ଗେ ଘରଭିତରର ପ୍ରତ୍ୟେକ ପଦାର୍ଥ ଉପରେ ତାଙ୍କର ସତର୍କ ଦୃଷ୍ଟି ବୁଲିଆସୁଥିଲା । କକ୍ଷରେ ଥିବା ଟେବୁଲ ଉପରେ ଯୋଡ଼ାଏ କାଚଗ୍ଲାସ ରଖାଯାଇଥିଲା । ସେପର୍ଯ୍ୟନ୍ତ ତାକୁ କେହି ସ୍ଥାନଚ୍ୟୁତ

Digitized by PPRACHIN, SOA

କରି ନଥିଲେ । ଗ୍ଲାସରେ ଖୁବ୍ ଅଳ୍ପ ପରିମାଣ ଦୁଧ ଲାଗିରହିଥିଲା । ପ୍ରଦୀପବାବୁଙ୍କର ଆଉ କିଛି ସନ୍ଦେହ ରହିଲା ନାହିଁ ଯେ ଏହି ଗ୍ଲାସ ଦୁଇଟିରେ ଗତ ରାତିରେ ସୁଲତା ଦେବୀ ଏବଂ ସୁବ୍ରତ ଦୁଧ ପିଇଥିଲେ । ଖୁବ୍ ସବାଙ୍କ ଖୋଜାଖୋଜି ଗୋଳମାଳରେ ସେ ଦୁଇଟିକୁ କେହି ଉଠାଇନେଇନାହାନ୍ତି । ଗ୍ଲାସର ନିମ୍ନ ଅଂଶରେ ଜମି ରହିଥିବା ଅତି ସାମାନ୍ୟ ପରିମାଣର ଦୁଧକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ ପ୍ରଦୀପବାବୁ । ତାହା ଅଳ୍ପ ବାଦାମୀ ରଙ୍ଗ ଧରିଆସିଥିଲା । ସେହି ଦୃଶ୍ୟ ଦେଖିବା ସଙ୍ଗେ ସଙ୍ଗେ ତାଙ୍କର ଚକ୍ଷୁ ଉଜ୍ଜ୍ୱଳ ହୋଇଉଠିଲା ।

କିଛି ସମୟ ଧରି ସେ ସୁଲତା ଦେବୀଙ୍କ ସହିତ ଖୁବ୍ ଆଶ୍ୱାସନାପୂର୍ଣ୍ଣ କଥାବାର୍ତ୍ତା କରି ସେଠାରୁ ବିଦାୟ ନେଲେ । ବାହାରକୁ ଆସି ହରି ପଧାନକୁ ପାଖକୁ ଡ଼ାକି ଆସ୍ତେ ଆସ୍ତେ କହିଲେ, 'ହରି ! ତୁମେ ବର୍ତ୍ତମାନ ଏ ଘରର ମୁରବି କହିଲେ ଚଳେ । ସୁଲତା ଦେବୀଙ୍କର ମାନସିକ ଅବସ୍ଥା ତ ଯାହା ଦେଖୁଛ, ସେ କେତେବେଳେ ଯେ କଣ କରିବସିବେ ତା'ର କିଛି ଠିକଣା ନାହିଁ । ସବୁ ଦିଗକୁ ଦୃଷ୍ଟି ଦେଇ ଆପାତତଃ ଘରଟାକୁ ତୁମେ ସମ୍ଭାଳିଥାଅ ! ଦୀପ୍ତିଲାଲ ଫେରି ନ ଆସିଲା ପର୍ଯ୍ୟନ୍ତ କିଛି ତ କରିହେଉନି ।"

ହରି ପଧାନ ନୀରବରେ ସମ୍ମତି ଜଣାଇଲା । ସୁକାନ୍ତବାବୁଙ୍କୁ ସାଙ୍ଗରେ ନେଇଗଲେ ପ୍ରଦୀପବାବୁ । ପୂର୍ବ ପରି ଅଖଣ୍ଡ ଏବଂ ଭୌତିକ ନୀରବତା ବିରାଜିଛି ଦୀପ୍ତି କାନ୍ତିଲାଲଙ୍କ ପ୍ରାସାଦର ଚତୁର୍ଦ୍ଦିଗରେ ।

* *

ପ୍ରଦୀପବାବୁ ତାଙ୍କ ବାସଭବନରେ ପହଞ୍ଚିଲାମାତ୍ରେ ଟେଲିଫୋନ୍‌ର ଘନ ଘନ ରିଂ ଶବ୍ଦ ଶୁଣିପାରିଲେ । ଖୁବ୍ ଆଶାନ୍ୱିତ ହୋଇ ସେ ଧାଇଁଯାଇ ରିସିଭର ଲଗାଇଲେ କାନରେ । ପୋଲିସ ହେଡକ୍ୱାର୍ଟର୍ସରୁ ମିଷ୍ଟର ମହାପାତ୍ର କହିଲେ—"ପାର୍କଗ୍ରେଡରୁ ଦୀପ୍ତିଲାଲଙ୍କ କାର୍‌ଟା ମିଳିଛି । କିନ୍ତୁ ଆଖପାଖ ଖୋଜାଖୋଜି ପଚରାପଚରି କଲେ ସୁଦ୍ଧା ଦୀପ୍ତିଲାଲଙ୍କ ପତ୍ତା ମିଳିନି ।"

ପ୍ରଦୀପବାବୁ ହସି ହସି କହିଲେ, "ସେଠି ତ ମିଳିବା କଥା ନୁହେଁ । ତେବେ କାର୍‌ଟା ପୋଲିସ ହେପାଜତରେ ରଖନ୍ତୁ । ଆଉ ଆପଣ ଖୁବ୍ ଶୀଘ୍ର ଆସି ଏଠି ମୋତେ ସାକ୍ଷାତ କରନ୍ତୁ ।" ଧନ୍ୟବାଦ ଜଣାଇ ସଂଯୋଗ ଛିନ୍ନକଲେ

Digitized by PPRACHIN, SOA

ପ୍ରଦୀପବାବୁ । ତା'ପରେ ଆଉ କେତେଜଣ ସହିତ ଫୋନ୍ ସଂଯୋଗ କରି କିଛି ସମୟ କଥାବାର୍ତ୍ତା କଲେ ।

ସମୟ ଥିଲା ଅଳ୍ପ ଏବଂ ମୂଲ୍ୟବାନ । ଏଇ ସାମାନ୍ୟ ଅବସର ମଧ୍ୟରେ ଭୋଜନାଦି କାର୍ଯ୍ୟ ଶେଷ କରିଦେଲେ ପ୍ରଦୀପବାବୁ ପ୍ରଭୃତି । ପ୍ରଦୀପବାବୁ, ଅଜୟବାବୁ ଏବଂ ସୁକାନ୍ତବାବୁଙ୍କ ମଧ୍ୟରେ ନିଭୃତ ଆଲୋଚନା ଚାଲିଲା କିଛି ସମୟ ଧରି ।

କିଛି ସମୟ ପରେ ଜଣ ଜଣ କରି କେତେ ଜଣ ଉଚ୍ଚପଦସ୍ଥ ପୋଲିସ ଅଫିସର ଆସି ଏକତ୍ରିତ ହୋଇଗଲେ ପ୍ରଦୀପବାବୁଙ୍କ ବାସଭବନରେ । ଦୀର୍ଘ ସମୟ ଧରି ଖୁବ ଗୋପନୀୟ ଆଲୋଚନା ଚାଲିଲା କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ । ତା ପରେ ଗୋଟି ଗୋଟି ହୋଇ ଯେ ଯେଉଁଆଡେ ଚାଲିଗଲେ । ଅଜୟବାବୁ ଆଉ ସୁକାନ୍ତବାବୁ ଟାଇଗରକୁ ସାଙ୍ଗରେ ଧରି ଖଣ୍ଡିଏ କାର୍‌ରେ ବାହାରିଗଲେ କେଉଁଆଡେ । ପ୍ରଦୀପବାବୁ ଏ ନାଟକର ଅଚଳ ନିର୍ଦ୍ଦେଶକ ପରି ଟେଲିଫୋନ୍ ରିସିଭର ଉଠାଇ ପୁଣି ସଂଯୋଗ ସ୍ଥାପନ କରିବାରେ ଲାଗିଗଲେ କେତେଜଣଙ୍କ ସହିତ ।

*

ଆସନ୍ନ ସନ୍ଧ୍ୟାର ଘୋର ଅନ୍ଧାର ସବୁଆଡ଼େ ବିସ୍ତୃତ ହୋଇ ପଡ଼ିବା ଆଗରୁ ଅଜୟବାବୁ ଆଉ ସୁକାନ୍ତବାବୁ ଟାଇଗରକୁ ସାଙ୍ଗରେ ଧରି ଉଦ-ମୁହାଣୀ ପାହାଡ଼କୁ ଘେରିଥିବା ଜଙ୍ଗଲ ଭିତରେ ପଶିଲେ । ପ୍ରଦୀପବାବୁଙ୍କ ନିର୍ଦ୍ଦେଶାନୁସାରେ ଜଙ୍ଗଲର ସୀମାରେ ପ୍ରବେଶ କରିବା ପୂର୍ବରୁ ଅଜୟବାବୁ ଟାଇଗରକୁ ଦୀପ୍ତିଲାଲଙ୍କ ବ୍ୟବହୃତ ରୁମାଲ ଖଣ୍ଡିଏ ଭଲକରି ଦୁଇ ଚାରିଥର ଶୁଙ୍ଘାଇଦେଲେ । ଟାଇଗର ଦୁଇ ଚାରିଥର ରୁମାଲକୁ ଶୁଙ୍ଘିନେଇ ଉପରକୁ ମୁହଁ ଟେକି କେତେଥର ଶୁଙ୍ଘିଲା । ତା'ପରେ ଗୋଟାଏ ଦିଗକୁ ଲକ୍ଷ୍ୟକରି ଶୁଙ୍ଘି ଶୁଙ୍ଘି ଚାଲିଲା । ନୀରବରେ ସତର୍କଭାବରେ ଚତୁର୍ଦ୍ଦିଗକୁ ଦୃଷ୍ଟିଦେଇ ତାକୁ ଅନୁସରଣ କଲେ ଅଜୟବାବୁ ଆଉ ସୁକାନ୍ତବାବୁ ।

କ୍ରମେ ଅନ୍ଧକାର ଘୋଟିଆସୁଥିଲା । ଜଙ୍ଗଲ ଭିତରେ ଯିବା ଆଉ ସହଜସାଧ୍ୟ ମନେ ହେଉ ନ ଥିଲା । ତଥାପି ଟାଇଗର ଯେ ଠିକ୍ ରାସ୍ତା ଧରିପାରିଛି ଏଥିରେ

Digitized by PPRACHIN, SOA

ଆଉ ସନ୍ଦେହ ନ ଥିଲା । ଟାଇଗର କ୍ରମେ ଗଭୀର ଜଙ୍ଗଲରେ ପ୍ରବେଶ କରୁଥିଲା । ସମସ୍ତ ହୋଇ ନ ଥିଲେ ବି ଜଙ୍ଗଲ ଭିତରେ ଅମାବାସ୍ୟାର ଗାଢ଼ ଅନ୍ଧାର ପୂର୍ବରହିଥିଲା । ତେଣୁ ଖାଲି ଅନୁମାନ କରି ବାଟ ଚାଲିବା ଛଡ଼ା ଅନ୍ୟ ଉପାୟ ନ ଥିଲା ସେ ଦୁହିଁଙ୍କର ।

ଦୀର୍ଘ ଘଣ୍ଟାଏ ଦେଢ଼ଘଣ୍ଟା ସତର୍କ ଯାତ୍ରା ପରେ ପାହାଡ଼ର ଅଧାଅଧିରେ ଗୋଟାଏ ସ୍ଫୁଟ-ଚଟାଣ ଉପରେ ପହଞ୍ଚିଗଲେ ଦୁହେଁ । ଟାଇଗର ତଥାପି ଚାଲିଛି କେଉଁ ଏକ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥାନ ଉଦ୍ଦେଶ୍ୟରେ । ତାକୁ ଅନିଶ୍ଚିତ ଭାବରେ ଅନୁସରଣ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା ଏ ଦୁହିଁଙ୍କର । ତା ଛଡ଼ା ଏତେ ବାଟ ଟାଇଗର ଉପରେ ନିର୍ଭର କରି ଆସିଲା ପରେ ଆଉ ଫେରିବା ଚିନ୍ତା ବି ମନକୁ ଆସୁ ନ ଥିଲା, କିଛି ଗୋଟାଏ ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ।

ହଠାତ୍ ଅଜୟବାବୁ ଅନୁଭବ କଲେ, ଯେପରି ତାଙ୍କ ସାମନାଦେଇ କେହିଜଣେ ଦ୍ରୁତଗତିରେ ଚାଲିଯାଉଛି । ଟାଇଗର ବି ଥପ୍ କରି ଅଟକିଗଲା । ଲୋକଟା ସମ୍ବନ୍ଧରେ ଅଜୟବାବୁଙ୍କ ମନରେ ଯାହା କିଛି ସନ୍ଦେହ ଥିଲା, ଟାଇଗର ଅଟକିବା ଦେଖି ସେ ସନ୍ଦେହ ତାଙ୍କ ମନରୁ ଦୂର ହୋଇଗଲା ।

ସେପର୍ଯ୍ୟନ୍ତ ତାଙ୍କ ଦୃଷ୍ଟିସୀମାରୁ ଅନ୍ତର୍ହିତ ହୋଇ ନ ଥିଲା ଲୋକଟା । ତାକୁ ଛାଡ଼ିଦେଲେ ବିପଦ, ଏହା ଭଲଭାବରେ ବୁଝିପାରିଥିଲେ ଦୁହେଁ । ଅଜୟବାବୁ ଖୁବ୍ ସତର୍କ ଭାବରେ ଅଙ୍ଗୁଳି ସାହାଯ୍ୟରେ ଲୋକଟାକୁ ଦେଖାଇ ଦେଲେ ସୁକାନ୍ତବାବୁଙ୍କୁ । ସୁକାନ୍ତବାବୁ ଅପେକ୍ଷା କରିବାର ପାତ୍ର ନ ଥିଲେ । ଦୁଇଟା ଡିଆଁ ରେ ସେ ଧାଇଁଯାଇ ପଛପାଖରୁ ଲୋକଟାର ଗଳାକୁ ଏପରି ଜୋରରେ ଚିପିଧରିଲେ ଯେ, ତାର ଆଉ ଚିତ୍କାର କରିବାର ସାମର୍ଥ୍ୟ ନ ଥିଲା । ତଥାପି ନିଜର ସମସ୍ତ ଶକ୍ତି ଠୁଳ କରି ସେ ମୁକୁଳି ପଳାଇବାକୁ ବସିଥିଲା । କିନ୍ତୁ ସୁକାନ୍ତ ବାବୁଙ୍କର ବଳିଷ୍ଠ ବାହୁ ଦୁଇଟି ତାକୁ ଅକ୍ଳେଶରେ କାବୁ କରିଦେଲା । ଏହି ଅବସରରେ ଅଜୟବାବୁ ଗୋଟାଏ ରୁମାଲରେ କିଛି ତରଳ ପଦାର୍ଥ ଢାଳି ଚିପି-ଧରିଲେ ତାର ନାକ ଉପରେ । ବାସ୍ ! ସେତିକି ଯଥେଷ୍ଟ । ଲୋକଟା ସଂଜ୍ଞାହୀନ ହୋଇ ଲୋଟିଗଲା ସେଇଠି । ସୁକାନ୍ତବାବୁ ସେଟାକୁ ଶୋଆଇଦେଇ ଗୋଟାଏ

Digitized by PPRACHIN, SOA

ପ୍ରକାଣ୍ଡ ପଥର ହୁଡ଼ାଡ଼ରେ ଗଡ଼ାଇଦେଲେ । ତା’ପରେ ପୁଣି ଟାଇଗରକୁ ଅନୁସରଣ କରିବାରେ ଲାଗିଗଲେ ।

ଟାଇଗର ଝଙ୍କାଳିଆ ବୁଦା ପଛଦେଇ ଗୁମ୍ଫାଦ୍ୱାର୍‌ରେ ପହଞ୍ଚିଗଲା । ଆଗରେ ଭୟଙ୍କର ଅନ୍ଧକାର ଦେଖି ଅଜୟବାବୁ ଜାଣି ନେଲେ ଯେ ସେଇଟା ଗୋଟାଏ ଗୁମ୍ଫା ହେବ ବୋଲି । ବିନା ଆଲୋକରେ ତା ଭିତରେ ପାଦ ଦେବାକୁ ସାହସ ହେଉ ନ ଥିଲା ତାଙ୍କର । ଆଲୋକ ପାଖରେ ଥିଲେ ସୁଦ୍ଧା ଜାଳିବାକୁ ଭୟ ହେଉଥିଲା । ଏ ସ୍ଥଳରେ ଏକମାତ୍ର ଭରସା ଟାଇଗର । ସେ କେବଳ ଏ ଘୋର ଅନ୍ଧକାର ଭିତରେ ସବୁ ଦେଖିପାରୁଥିବ । ତେଣୁ ଅଜୟବାବୁ ତା ପିଠି ଉପରେ ହାତ ପକାଇ ନଇଁ ନଇଁ ଚୁହିଁଲେ । ତାଙ୍କର ଆର ହାତଟିକୁ ଧରି ସୁକାନ୍ତବାବୁ ଧୀରେ ଧୀରେ ଅନୁସରଣ କଲେ ତାଙ୍କୁ ।

କେତୋଟି ମିନଟ୍ ମଧ୍ୟରେ ଗୁମ୍ଫାଟା ନିର୍ବିଘ୍ନରେ ଅତିକ୍ରମ କରିଗଲେ ସେମାନେ । ଗୁମ୍ଫାର ଶେଷ ଦ୍ୱାରରେ ପହଞ୍ଚି ସେ ପାଖର ଗୁଇଅନ୍ଧାର ଆଉ ଶୀତଳ ପବନ ସ୍ପର୍ଶରୁ ସ୍ଥାନଟାର ଅବସ୍ଥିତି ସମ୍ବନ୍ଧରେ କିଞ୍ଚିତ ଧାରଣା ହେଲା ସେମାନଙ୍କର । ଖୁବ୍ ପାଖରେ ମନୁଷ୍ୟର କଣ୍ଠସ୍ୱର ଶୁଣାଯାଉଥିଲା । ତାହା ଶୁଣିବାମାତ୍ରେ ଦୁହେଁ ନିଜକୁ ଖୁବ୍ ସତର୍କ ଆଉ ସଂଯତ କରିନେବା ସଙ୍ଗେ ସଙ୍ଗେ ରିଭଲଭର ବାଗେଇ ଧରିଲେ । ଶବ୍ଦଟା ଆସୁଥିଲା ସେମାନଙ୍କର ବାମପଟରୁ । ଏଣେ ଟାଇଗରର ଗତି ଥିଲା ଡାହାଣଆଡ଼େ । ଯାହାହେଉ, ସ୍ଥାନ କାଳ ଦୃଷ୍ଟିରୁ ଦୀପ୍ତିଲାଲଙ୍କ ସମ୍ପର୍କରେ ସେମାନଙ୍କର ଉଦ୍‌ବେଗ କ୍ରମଶଃ ବୃଦ୍ଧି ପାଇଥିଲା । ତେଣୁ ସେ ଦୁହେଁ ଟାଇଗରକୁହିଁ ଅନୁସରଣ କରିବାରେ ଲାଗିପଡ଼ିଲେ । ଆଉ ଅଧିକ ଦୂର ଅନୁସରଣ କରିବାକୁ ହେଲା ନାହିଁ । ପ୍ରକାଣ୍ଡ ଗୋଟାଏ ପଥର ପାଖରେ ଅଟକିଯାଇ ଟାଇଗର ଇତସ୍ତତଃ ହେବାକୁ ଲାଗିଲା । ପଥରଟାକୁ ଏପଟ ସେପଟ ଶୁଙ୍ଘାଶୁଙ୍ଘି କରି ସାମାନ୍ୟ ଫାଙ୍କବାଟେ ଭିତରକୁ ପଶିଯିବାକୁ ଚେଷ୍ଟା କଲା ।

ଟାଇଗରର ଢଙ୍ଗଢାଙ୍ଗ ଦେଖି ଅଜୟବାବୁ ଆଉ ସୁକାନ୍ତବାବୁ ବୁଝିପାରିଲେ ଯେ ସେଇ ବିରାଟ ପଥରଟାର ପଛପଟରେହିଁ ଦୀପ୍ତିଲାଲଙ୍କୁ ଗୋପନ କରାଯାଇଛି । ତେବେ ପଥରଟା ତଳେ ତାଙ୍କ ଜୀବନ ସମାଧି ହୋଇଯାଇ ନାହିଁ ତ ! ଏ ଆଶଙ୍କା

Digitized by PPRACHIN, SOA

ବୁଦ୍ଧିଙ୍କ ମନରେ ଘନେଇଉଠିଲା । ଆଉ ଚିନ୍ତା କରିବାର ସମୟ ନଥିଲା । ସୁକାନ୍ତବାବୁ ଶଭଲଭରଟା ଅଜୟବାବୁଙ୍କ ହାତକୁ ବଢ଼ାଇଦେଇ ପଥରଟାକୁ ସ୍ଥାନାନ୍ତରିତ କରିବାକୁ ଚେଷ୍ଟା କଲେ । ସାମାନ୍ୟ ପରିଶ୍ରମ ପରେ ଏତେ ବଡ ପଥରଟାକୁ ସେ କିଛି ଘୁଞ୍ଚାଇ ଦେବାକୁ ସକ୍ଷମ ହେଲେ । ଏଥର ଟାଇଗର୍ ଯିବାପାଇଁ ବେଶ୍ ପ୍ରଶସ୍ତ ବାଟ ଫାଇଗଲା । ସେ ଭିତରକୁ ଗଳିଯିବା ମାତେ ତା ପଛେ ପଛେ ଅଜୟବାବୁ ଆଉ ସୁକାନ୍ତବାବୁ ବି ଗୁରୁଣ୍ଡି ଗୁରୁଣ୍ଡି ଚାଲିଗଲେ ।

ସେତେବେଳକୁ ଦୀପ୍ତିଲାଲଙ୍କର ବାହ୍ୟ ଜ୍ଞାନ ପ୍ରାୟ ଲୋପ ହୋଇ ଆସୁଥିଲା । କ୍ଷୁଧା, ତୃଷା, ଦୁଶ୍ଚିନ୍ତା, ଦୁଃଖ ସବୁ ମିଶି ତାଙ୍କୁ ଅବଶ କରି ପକାଉଥିଲା । କେହି ମନୁଷ୍ୟ ପଥର ଫାଙ୍କ ଦେଇ ଆସୁଥିବାର ସେ ଜାଣି ପାରୁଥିଲେ । ତାଙ୍କର ଶେଷ ସମୟ ଯେ ଆସନ୍ନ ଏବଂ ଆଗନ୍ତୁକ ଯେ ଆତତାୟୀ, ଏକଥା ଆଉ ବୁଝିବାରେ କିଛି ବାକି ନ ଥିଲା । ସେ ଗୋଟାଏ ଭୟାବହ ମୃତ୍ୟୁର କଳ୍ପନା କରୁଥିଲେ । ଆଖିରେ ଲୁହ ଜକେଇ ଆସୁଥିଲା ତାଙ୍କର ।

ଅଜୟବାବୁଙ୍କ ହାତରେ ଗୁପ୍ତ ଆଲୋକଟି ଜଳିଉଠିଲା । ଆଲୋକର କ୍ଷୀଣ ରେଖାଟି ଗୁମ୍ଫା ଭିତର ପଥର ଚଟାଣ ଉପରେ ବିସ୍ତୃତ ହୋଇ ପଡ଼ିବା ସଙ୍ଗେ ସଙ୍ଗେ ସେ ଚମକିପଡ଼ିଲେ । ତାଙ୍କ ଆଗରେ ସେ ଯାହାକୁ ଦେଖୁଛନ୍ତି ସେ ଦୀପ୍ତିଲାଲ କି ନୁହେଁ, ତାହା ସେ ଠିକ୍ କରି ବୁଝିପାରିଲେ ନାହିଁ । ଦେହ ଶୁଷ୍କ । ମୁଣ୍ଡର ବାଳଗୁଡ଼ା ଆଲୁରି ପଡ଼ିଛି ମୁହଁ ଉପରକୁ । ଚଟାଣର ଗୋଟାଏ କୋଣକୁ ଆଉଜି ବସିଛନ୍ତି । ତାଙ୍କ ଦେହରେ ଜୀବନ ଥିଲା କି ନାହିଁ, ତାହା ଜାଣି ହେଉ ନ ଥିଲା ।

ଅଜୟବାବୁ ତାଙ୍କ ନିକଟକୁ ନିତାନ୍ତ ବ୍ୟଗ୍ର ହୃଦୟରେ ଧାଇଁଯାଇ ତାଙ୍କୁ ହଲାଇଦେଇ ଚାପା ଗଳାରେ ଡାକିଲେ—"ମିଷ୍ଟର ଦୀପ୍ତି ! ଦୀପ୍ତିଲାଲ !"

ଦୁଇତିନି ଥର ଡାକିଲା ପରେ ଦୀପ୍ତିଲାଲ ଆଖି ଖୋଲି ଚାହିଁଲେ । ଅଜୟବାବୁ ବୁଝିଲେ ସବୁ କଥା । ସେ ପାଣି ବୋତଲରୁ କିଛି ପାଣି ଅଜାଡ଼ି ପିଆଇଲେ ତାଙ୍କୁ । ଏଥର କିଞ୍ଚିତ୍ ସୁସ୍ଥ ବୋଧ କଲେ ଦୀପ୍ତିଲାଲ । ସେ ଗୁମ୍ଫା ଭିତରର ସନ୍ତସନ୍ତିଆ ବାମ୍ଫି ଭିତରେ ଆଉ ଅଧିକ ସମୟ ରହିବାକୁ ଉଚିତ ମନେ କରୁ ନ ଥିଲେ । ଅଜୟବାବୁଙ୍କୁ ସେ ସେଠାକୁ କପଟ ଆସିଲେ—ସେ

Digitized by PPRACHIN, SOA

କଥା ସଂକ୍ଷେପରେ ଶୁଣାଉଥିଲେ । ସବୁ ଶୁଣିସାରି ଅଜୟବାବୁ ବିସ୍ମୟରେ ପ୍ରଶ୍ନ କଲେ—"ଆପଣ ଏଠିକୁ ଆସିଛନ୍ତି ବୋଲି ହରି ପ୍ରଧାନ ଜାଣିଥିଲା ?"

ଧୀପ୍ତିଲାଲ କ୍ଷୀଣ ସ୍ୱରରେ କହିଲେ—"ହଁ, ସେଇ ତ ଲୋକଟାକୁ ସାଙ୍ଗରେ ନେଇ ଆସିଥିଲା ମୋ ନିକଟକୁ ।"

ଅଜୟବାବୁ ହରି ପ୍ରଧାନ ଉଦ୍ଦେଶ୍ୟରେ ଦାନ୍ତ କଡମଡ଼ କଲେ । କିନ୍ତୁ କିଛି କହିଲେ ନାହିଁ । ଧୀପ୍ତିଲାଲ ସେହି ଅନ୍ଧକାରମୟ ଦୂଷିତ ଗହ୍ୱରରେ ଆଉ ରହିବାକୁ ଇଚ୍ଛା କରୁ ନ ଥିଲେ । ସେଠାରୁ ଖଣ୍ଡେ ଛଡ଼ାରେ କୌଣସି ସ୍ଥାନରୁ ମନୁଷ୍ୟର କଣ୍ଠସ୍ୱର ସେପର୍ଯ୍ୟନ୍ତ ଶୁଣାଯାଉଥିଲା । ଅଜୟବାବୁ ସାଙ୍ଗରେ କିଛି ଖାଦ୍ୟ ବି ଆଣିଥିଲେ । ସେଥିରୁ କିଛି ଧୀପ୍ତିଲାଲଙ୍କୁ ଦେଇ ସେ ତାଙ୍କର ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଲେ । ତା ପରେ ସୁକାନ୍ତବାବୁଙ୍କୁ ସାଙ୍ଗରେ ନେଇ ବାହାରିଗଲେ ।

ଘୋର ଅନ୍ଧକାରର ଏକଗୁଣ୍ଠିଆ ଗଜ୍ଢ ତା ଭିତରେ ଥିଲା କହିଲେ ଚଳେ । କଣ୍ଠସ୍ୱର ବେଳେବେଳେ ଶୁଣାଯାଉଥିଲା, ପୁଣି ଶୁଣିଯାଉ ନ ଥିଲା ବି । ଯାହାହେଉ, ସେଇଆକୁ ଲକ୍ଷ୍ୟକରି ଅଜୟବାବୁ ଆଉ ସୁକାନ୍ତବାବୁ ଚାଲିଲେ ଡାହାଣ ହାତ ମୋଡ଼ଟା ବୁଲିଗଲା ପରେ ସେ ଆଲୋକର ରେଖା ଦେଖିପାରିଲେ । ଗୋଟାଏ ପଥର ଫାଙ୍କରେ କିଛି କିଛି ଆଲୋକ ଦେଖାଯାଉଥିଲା । ତା'ର ପାଖକୁ ଯାଇ ପଥର ଫାଙ୍କରେ ଆଖି ଦେଇ ସେ ଦେଖିଲେ—ଗୋଟାଏ ଟେବୁଲର ଦୁଇ ପାଖରେ ଦୁଇଜଣ ଲୋକ ବସି ମନଇଚ୍ଛା ପାନୀୟ ସେବନରେ ବ୍ୟସ୍ତ । ମଝିରେ ମଝିରେ ସେମାନଙ୍କ ଭିତରେ ଯେଉଁ ଅସଂଲଗ୍ନ ଆଳାପ ଚାଲିଥିଲା, ତାହାହିଁ ଶୁଣା-ଯାଉଥିଲା ବାହାରକୁ । କଥା ବି ଯାହା ଶୁଣାଯାଉଥିଲା, ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ବିଷୟକୁ କେନ୍ଦ୍ର କରି ନୁହେଁ । ଖାଲି ମଦନିଶା ପ୍ରକୋପରେ ପ୍ରଳାପ ! ଏଇ ଦୁଇ ତିନି ଜଣ ତେବେ ଆଡ୍ଡାର ଜଗୁଆଳୀ ! ତାହା ହେଲେ ସୁବ୍ରତ ଗଲା କେଉଁଆଡ଼େ ? ଡେରି କଲେ କାଳେ ସେଆଡ଼େ ଗଡ୍ ବଡ୍ ହୋଇଉଠିବ, ଏଇ ଆଶଙ୍କାରେ ସେ ସୁକାନ୍ତ ବାବୁଙ୍କୁ ସାଙ୍ଗରେ ନେଇ ଅପସରି ଆସିଲେ ସେଠାରୁ ।

Digitized by PPRACHIN, SOA

ଘାପ୍ତିଲାଲ କିଛି ଖାଦ୍ୟ ଖାଇ କେତେକ ପରିମାଣରେ ସୁସ୍ଥ ବୋଧ କରୁଥିଲେ । ଅଜୟବାବୁ ତାଙ୍କ ପାଖକୁ ଯାଇ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, "ମିଷ୍ଟର ଘାପ୍ତି ! ତମକୁ ଅନ୍ତତଃ କାଲି ପର୍ଯ୍ୟନ୍ତ ଏଠି ରହିବାକୁ ହେବ । କାରଣ ତୁମକୁ ନେଇଗଲେ ଆତତାୟୀ ମହଲରେ ଗୋଟାଏ ଆତଙ୍କ ସୃଷ୍ଟି ହୋଇଯିବ, ଯେଉଁଟା କି ସୁବ୍ରତକୁ ପାଇବା ଦିଗରେ ଅସୁବିଧା କରିବ । ବରଂ ତୁମେ ଧୈର୍ଯ୍ୟ ଧରି ଏଠି ରହ, କାଲିସୁଦ୍ଧା ସବୁ ସମସ୍ୟାର ସମାଧାନ ହେବ । ତୁମର ଭୟ କରିବାର କୌଣସି କାରଣ ନାହିଁ । କାରଣ ସେମାନେ ତୁମର କିଛି କ୍ଷତି କରିବେ ନାହିଁ । କ୍ଷତି କରିବାର ଥିଲେ ହୁଏତ ବହୁତ କରିପାରିଥାନ୍ତେ ।"

ଘାପ୍ତିଲାଲ କିଛି କହିବା ଆଗରୁ ସୁକାନ୍ତବାବୁ କହିଲେ—"ସେଥିପାଇଁ ଲୋକଟାକୁ ବୋଲିହେବାକୁ ହେବ ଯେ !"

ଅଜୟବାବୁ ଘାପ୍ତିଲାଲଙ୍କ ହାତକୁ ଚିପିଦେଇ ଖୁବ୍ ଦ୍ରୁତପଦରେ ଚାଲିଆସିଲେ ।

ଏଗାର

ବିଜୟନଗରରେ ପ୍ରତାପବାବୁଙ୍କୁ ଅଜୟବାବୁ ଶୁଣାଉଥିଲେ ସମସ୍ତ କଥା । ତା ଛଡ଼ା ଅଜୟବାବୁ ଏବଂ ସୁକାନ୍ତବାବୁ ଯେଉଁ ଲୋକଟାକୁ ଚିନ୍ମୁୟାଣୀଠାରେ କାବୁ କରି ବେହୋସ କରାଇ ଦେଇଥିଲେ ତାକୁ ବି ବନ୍ଦୀ କରି ନେଇ ଆସିଥିଲେ । ପ୍ରତାପବାବୁ ନାନାପ୍ରକାର ପଚରାପଚରି କରି ଦଳର ଠିକଣାଠି ଖବର ଏବଂ ଭବିଷ୍ୟତ ଯୋଜନା ଜାଣିନେଇଥିଲେ । ଗୋଟିଏ ଷଡ଼ଯନ୍ତ୍ର ବିଷୟରେ ତାଙ୍କର ଯାହା କିଛି ସନ୍ଦେହ ଥିଲା ତାହା ଦୂର ହୋଇଯାଇଥିଲା ।

ଏଥର ଏ ନାଟକର ଯବନିକା କିପରି ଶୀଘ୍ର ପଡ଼ିବ, ତାର ବ୍ୟବସ୍ଥା କରିବା ଦିଗରେ ତତ୍ପର ହୋଇ ଉଠିଥିଲେ ପ୍ରତାପବାବୁ । ସୁକାନ୍ତବାବୁ ପୁଣି ଫେରି ଯାଇଥିଲେ ଘାପ୍ତିଲାଲଙ୍କ ବାସଭବନକୁ, କେଉଁ ଏକ ଗୁରୁତର ଏବଂ ଗୋପନୀୟ ନିର୍ଦ୍ଦେଶ ନେଇ । ପ୍ରତାପବାବୁ ସତର୍କତା ଏବଂ ଗୋପନୀୟତାର

Digitized by PPRACHIN, SOA

ସହିତ ଅଜୟବାବୁ ବନ୍ଦୀ କରିଆଣିଥିବା ଲୋକଟାକୁ ପୋଲିସ ହେପାଜତରେ ଛାଡ଼ିଦେଇଥିଲେ ।

ଦିନସାରା ଗୋଟାଏ ବନ୍ଦୋବସ୍ତ ପ୍ରସ୍ତୁତ ଖୁବ୍ ଗୋପନରେ ଚାଲିଥିଲା । ସନ୍ଧ୍ୟା ପରେ ପରେ ଗୋଟାଏ ପୋଲିସ ଲରିରେ ସୁଶିକ୍ଷିତ, ସଶସ୍ତ୍ର ପୋଲିସମାନଙ୍କ ଗହଣରେ ଲକ୍ଷ୍ୟସ୍ଥଳ ଅଭିମୁଖେ ଯାତ୍ରା କଲେ ପ୍ରତାପବାବୁ, ଅଜୟବାବୁ, ଆଉ କେତେଜଣ ପୋଲିସ ଅଫିସର । ପ୍ରତ୍ୟେକଙ୍କ ମୁହଁରେ ଫୁଟି ଉଠୁଥିଲା ବିଜୟ କରିବାର ଅଦମ୍ୟ ଆକାଂକ୍ଷା ବୀରତ୍ୱର ଦୃପ୍ତ ଦୃଷ୍ଟି ।

ତିନିମୁହାଣୀ ପାହାଡ଼ ପାଖରେ ଲରିରୁ ଅବତରଣ କଲେ ସମସ୍ତେ । ଅଜୟବାବୁ ପଥପ୍ରଦର୍ଶକ ଭାବରେ ସମସ୍ତଙ୍କୁ ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଇ ଦେଇଥିଲେ । ସ୍ଥାନଟା ଥିଲା ସମ୍ପୂର୍ଣ୍ଣ ଶାନ୍ତ, ନିର୍ଜନ । ବାହାରୁ ତିଳେହେଲେ ଜାଣି ହେଉ ନ ଥିଲା ଯେ, ଅଳ୍ପ ସମୟ ପରେ ସେଇଠି ଗୋଟାଏ ଘୋର ପୈଶାଚିକ କାଣ୍ଡ ଘଟିବାର ଆୟୋଜନ ଚାଲିଛି ବୋଲି ।

ଅଜୟବାବୁ ଗୁମ୍ଫା ବାହାରେ କେତେଜଣଙ୍କୁ ରଖାଇଦେଇ ସଙ୍କେତର ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦେଲେ । ତା'ପରେ ଅବଶିଷ୍ଟ ପୋଲିସ୍ ଏବଂ ପ୍ରତାପ ବାବୁ ପ୍ରମୁଖଙ୍କ ସହ ଭିତରକୁ ଚାଲିଲେ । ଆଗରେ ଅଜୟବାବୁ, ତାଙ୍କ ପଛେ ପଛେ ପ୍ରତାପବାବୁ ଏବଂ ପୋଲିସ୍ ଅଫିସର୍ କେତେଜଣ । ସମସ୍ତେ ମାରଣାସ୍ତ୍ରରେ ସୁସଜ୍ଜିତ । ଘୋର ସଂଘର୍ଷ ପାଇଁ ବି କାହାର ମନରେ ତିଳେହେଲେ ଭୟ ନାହିଁ । ମାତ୍ର କେତୋଟି ମିନିଟ୍ ମଧ୍ୟରେ ଗୁମ୍ଫାର ଅନ୍ଧକାରପୂର୍ଣ୍ଣ କୋଣଗୁଡ଼ିକ ସଶସ୍ତ୍ର ପୋଲିସଙ୍କ ଦ୍ୱାରା ପୂର୍ଣ୍ଣ ହୋଇଗଲା ।

ଗୁମ୍ଫାର ଯେଉଁ ଅଂଶଟା ଖୁବ୍ ପ୍ରଶସ୍ତ, ସେ ଅଂଶଟାରେ ଗୁଡ଼ାଏ ଆଲୋକର ବ୍ୟବସ୍ଥା କରାଯାଇଥାଏ । ଆଲୋକ କହିଲେ ଖାଲି ମଶାଲ, ଯେଉଁଗୁଡ଼ା କି ଯଥେଷ୍ଟ ଆଲୋକିତ ଦେଉ ନ ଥାଏ, ବରଂ ଧୂଆଁରେ ନିଃଶ୍ୱାସ ରୁନ୍ଧିହୋଇଥାଏ । ତା'ରି ଭିତରେ ଦସ୍ୟୁଦଳର ଧାଁ ଦଉଡ଼, କଥାବାର୍ତ୍ତା, ଖିଆପିଆ, ଆନନ୍ଦକୋଳାହଳ ଲାଗିରହିଥାଏ । ପ୍ରତ୍ୟେକ ଯେ ଅତ୍ୟଧିକ ମଦ୍ୟପାନ ଯୋଗୁଁ ମାତାଲ ହୋଇଯାଇଥାନ୍ତି ସେ କଥା ଭଲଭାବରେ ଲକ୍ଷ୍ୟ କରିପାରୁଥିଲେ ପ୍ରତାପବାବୁ ।

* * *

Digitized by PPRACHIN, SOA

ପ୍ରଦୀପବାବୁ ଯଦି କାଗଜରେ ନକ୍ସା କାଟି ସେହି ସ୍ଥାନକୁ ଭଲଭାବରେ ଚହ୍ନିତ କରି ଦେଇ ନ ଥାନ୍ତେ ତାହାହେଲେ ଜାଗାଟାକୁ ଲକ୍ଷ୍ୟ କରିବାରେ କିଛି ଭୁଲ୍ ହେବାର ସମ୍ଭାବନା ଥିଲା । କିନ୍ତୁ ପ୍ରଦୀପବାବୁ ଏତେ ଅଳ୍ପ ଦାୟିତ୍ୱଜ୍ଞାନସମ୍ପନ୍ନ ଲୋକ ନ ଥିଲେ । ବିଶେଷତଃ ଏପରି ଏକ ଜୀବନମରଣ ସମସ୍ୟା ସମୟରେ ତାଙ୍କର ଭୁଲ ହେବା ସ୍ୱପ୍ନରେ ବି ସମ୍ଭବ ନୁହେଁ । ସେ ସୁକାନ୍ତବାବୁ ଓରଫ ତାରକନାଥଙ୍କୁ କାଗଜରେ ନକ୍ସା କାଟି ସ୍ଥାନଟା ଭଲଭାବରେ ଦେଖାଇ ଦେଇଥିଲେ ।

ରାତି ଏଗାରଟାରୁ ବଳେଇପଡ଼ୁଲାଣି । ଏ ରାସ୍ତାରେ ଲୋକ ସମାଗମ ପ୍ରାୟ ନାହିଁ । ତେଣୁ ଏ ବିଜୁଳିବତୀ ଦିଆଯାଇନି । ରାସ୍ତାର ଉଭୟ ଦିଗରୁ ବହୁ ଦୂର ପର୍ଯ୍ୟନ୍ତ ଲକ୍ଷ୍ୟ କଲେ ବି କୌଣସି ଆଉ କାର୍‌ର ହେଡ୍‌ଲାଇଟ୍ ଦିଶୁନି । ସମୟ କ୍ରମେ ଅଧିକରୁ ଅଧିକ ହେଉଛି । ତେଣେ ଝୋପ ଭିତରେ ମିଷ୍ଟର ମହାପାତ୍ର ବି ଅତିଷ୍ଠ ହୋଇଉଠିଲେଣି । କାହାରି ନ ଆସିବା ଯୋଗୁ ମନରେ ନାନାପ୍ରକାର ଆଶଙ୍କା ଜାତ ହେଉଛି—ହୁଏତ ସେମାନେ ଆଜି ଆସୁନାହାନ୍ତି, ପ୍ରଦୀପବାବୁ ଭୁଲ ସମ୍ବାଦ ପାଇଛନ୍ତି କିମ୍ବା ଆଗରୁ ବୁଲିଗଲେଣି, ଅଥବା ତାଙ୍କର ଏଠାରେ ଜଗିବା ଖବର ପାଇ ଅନ୍ୟ କେଉଁବାଟରେ ଖସିଗଲେଣି । ପୁଣି ପର ମୁହୂର୍ତ୍ତରେ ମନକୁ ସାନ୍ତ୍ୱନା ଦେଉଛନ୍ତି—ନାଃ ! ଯାହା ହେଉ ପଛେ ପ୍ରଦୀପବାବୁଙ୍କ ନିର୍ଦ୍ଦେଶ ଠିକ୍ ଠିକ୍ ପାଳନ କରିବାକୁ ହେବ, ତେଣିକି ଫଳାଫଳ ଯାହା, ହେଉ ପଛେ ।

ଆହୁରି ବି ବିତିଗଲା ଅଧଘଣ୍ଟାଏ । ମିଷ୍ଟର ମହାପାତ୍ର ସ୍ୱୟଂ ଝୋପ ଭିତରୁ ଦୁଇ ତିନି ଥର ଆସି ବାହାରେ ଦେଖିଗଲେଣି । କ୍ରମେ ତାଙ୍କର ଧୈର୍ଯ୍ୟ ଲୋପ ହୋଇଆସୁଛି । ଠିକ୍ ଏତିକିବେଳେ ବହୁଦୂରରେ ଜୁଳୁଜୁଳୁ ପୋକ ପରି କଣ ଦୁଇଟା ଦେଖାଗଲା । ତାରକନ୍ ଖୁବ୍ ଆଶାନ୍ୱିତ ହୋଇ ଲକ୍ଷ୍ୟ କଲା ସେ ଆଲୋକକୁ । ଆଲୋକ ଦୁଇଟା ସମାନ ଭାବରେ ବହୁ କ୍ରମେ ପରିଷ୍କାର ହୋଇଆସୁଛି । ଏଥର ଆଉ ବୁଝିବାକୁ କିଛି ବାକି ରହିଲା ନାହିଁ ଯେ କାର୍‌ଟାଏ ସେଆଡ଼କୁ ଆସୁଛି ବୋଲି । ବେଗରୁ ଜଣାଯାଉଥାଏ, ଯେପରି ତାହା ଉଲ୍କା ବେଗରେ ଧାଉଁଛି ।

Digitized by PPRACHIN, SOA

ତାରଜନ୍ ଚୁପା ଗଳାରେ ଭଣ କହିଲା ମିଷ୍ଟର ମହାପାତ୍ରଙ୍କୁ । ମିଷ୍ଟର ମହାପାତ୍ର ତତ୍‌କ୍ଷଣାତ୍ ଆପଣା ଜିପ୍‌ଟା ରାସ୍ତା ଉପରେ ସିଧା ଭାବରେ ରଖିଦେଇ ରାସ୍ତାଟାକୁ ବନ୍ଦ କରିଦେଲେ । ତା'ପରେ ଦୁହେଁ ଯାକ ପକେଟରୁ ରିଭଲଭର ବାହାର କରି ପରୀକ୍ଷା କରିନେଲେ—ଠିକ୍ ଅଛି କି ନାହିଁ ।

ବେଗଗାମୀ ଗାଡ଼ିଟା ଅଧିକ ଦୂରରେ ନ ଥିଲା । ପ୍ରଧାନ ରାସ୍ତା ଛାଡ଼ି ତାହା ସେହି ରାସ୍ତାରେ ମୁହାଁଇବା କ୍ଷଣି ତାରଜନ ଇସାରା କଲା ମିଷ୍ଟର ମହାପାତ୍ରଙ୍କୁ । ମିଷ୍ଟର ମହାପାତ୍ର ଆଉ ସେ ଦୁହେଁ ପାଖର ଗୋଟାଏ ବୁଦା ଉହାଡ଼ରେ ଲୁଚିଗଲେ । ଗାଡ଼ିଟା ଆଉ ଅଧିକ ଦୂରରେ ନ ଥିଲା । ତଥାପି ତାର ଦୁରନ୍ତ ଗତି ଢିଲେ ହେଲେ କମିବାକୁ ନାହିଁ । ଆଶଙ୍କା ହେଲା—ଅନ୍ଧ କଣ ଗାଡ଼ିର ଚାଳକ ଦେଖିପାରୁନାହିଁ ସାମନାରେ ଥିବା ଜିପ୍‌ଟାକୁ । ଯେପରି ମନେହୁଏ, ଏଇ ମୁହୂର୍ତ୍ତକ ମଧ୍ୟରେ ଛିଟିକୋଇଯିବ ଜିପ୍ ସହିତ । ବୁଦା ଉହାଡରେ ଥାଇ ଏକ ଅଜଣା ବିପଦ ଆଶଙ୍କାରେ ଶିହରିଉଠିଲେ ଦୁହେଁ ।

ବିକଟ ଶବ୍ଦରେ ଗାଡ଼ିର ଯନ୍ତ୍ରବଦ୍ଧତାକୁ ଛତବିକ୍ଷତ କରି ବ୍ରେକ୍ କଲା କାର୍‌ଟା, ଆଉ ତା ସଙ୍ଗେ ସଙ୍ଗେ ଭୀଷଣ ଭାବରେ ଡେଇଁଉଠିଲା । ଏ ପ୍ରଚଣ୍ଡ ଧକ୍‌କାରେ କାର୍ ଭିତରୁ ଚିତ୍କାର କରିଉଠିଲା ଗୋଟିଏ ବାଳକ । ବୋଧହୁଏ ଖୁବ୍ କଷ୍ଟ ହୋଇଥିଲା ତାକୁ ଏ ଧକ୍‌କାରେ । ସେ ଚିତ୍କାର କରିବା ସଙ୍ଗେ ସଙ୍ଗେ ତାକୁ ଚୁପ୍ ହେବା ପାଇଁ ଖୁବ୍ କଡ଼ା ଗଳାରେ ଧମକ ଦେଲା କେହି ଜଣେ । ପିଲାଟି ଅବଶ୍ୟ ଚୁପ୍ ହୋଇଗଲା; କିନ୍ତୁ ତାର ଧକେଇ ଧକେଇ କାନ୍ଦିବାର ଶବ୍ଦ ଶୁଣାଯାଉଥିଲା ବାହାରକୁ ।

—"ତୁ ତାକୁ ଜଗିଥା, ରହିମ୍ ! ମୁଁ ଦେଖେଁ, ଏ ଶାଳା ଡ୍ରାଇଭର ଗାଡ଼ିଟା ଛାଡ଼ି କୁଆଡେ ଯାଇଛି,"—କହୁ କହୁ ଖୁବ୍ ହୃଷ୍ଟପୁଷ୍ଟ ଦୀର୍ଘକାୟ ଲୋକଟା କାର ଦରଜା ଖୋଲି ବାହାରିଆସିଲା ପଦାକୁ । ଅତ୍ୟଧିକ ନିଶା ସେବନ ହେତୁ କଥା ଅସଂଯତ, ପାଦ ମଧ୍ୟ ବେତାଳିଆ, ଟଳଟଳ ହେଉଥାଏ ।

ମିଷ୍ଟର ମହାପାତ୍ର ଆଉ ତାରଜନ୍ ଦୁହେଁ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ଥିଲେ ମଧ୍ୟ ପରବର୍ତ୍ତୀ ଘଟଣା କଣ ଘଟୁଛି ତାହା ଦେଖିବାପାଇଁ ଅପେକ୍ଷା କରି ରହିଲେ ବୁଦା ପଛରେ । ଲୋକଟା ନିତାନ୍ତ ଅଶ୍ଳୀଳ ଭାଷାରେ ଗାଳି

Digitized by PPRACHIN, SOA

ଦେଇ ଜୀପ୍ ପାଖରେ ଆସି ପହଞ୍ଚି ଦେଖିଲା, ଡ୍ରାଇଭର କେହି ନାହିଁ । ଗାଡ଼ିରେ ଚାବି ପଡ଼ିଛି । ବିନା ଡ୍ରାଇଭରରେ ଚଳାଇନେବାର କୌଣସି ଉପାୟ ନାହିଁ । ଲୋକଟା ଜୀପ୍‌ର ହର୍ଣ୍ଣ କେତେଥର ବଜାଇଲା । କିନ୍ତୁ ଏତେ ରାତିରେ କିଏ ଅଛି ଯେ, ଶୁଣୁଛି ! ଅଗତ୍ୟା ଆଗପରି ଗାଳି ଦେଇ ଦେଇ ସେ ଜୀପ୍‌ଟାକୁ ପଛଆଡ଼ୁ ଠେଲି ରାସ୍ତାକଡ଼କୁ ଗଡ଼ାଇଦେବାକୁ ଚେଷ୍ଟା କରିବାକୁ ଉଦ୍ୟତ ହେଲା । ସେତିକି କାର୍ଯ୍ୟରେ ପରିଣତ କରିବା ବିଶେଷ କଷ୍ଟକର ବ୍ୟାପାର ନ ଥିଲା । କିନ୍ତୁ ବଳପ୍ରୟୋଗ କଲେ ସେତିକି ସହଜରେ କରିଯାଇପାରିବ । ତାରିଜନ୍ ଏଥର ଅନ୍ଧକାରରେ ଛପି ଛପି ଆସି ଜୀପ୍‌ର ସାମନାପଟୁ ଠେଲି ଧରିଲା । ଲୋକଟା ସେତେବେଳକୁ ପଛପଟରୁ ଠେଲିବାକୁ ଆରମ୍ଭ କରିଥିଲା । ମାତ୍ର ତାରିଜନ୍‌ର ଶକ୍ତି ନିକଟରେ ତା'ର ବା ଶକ୍ତି କେତେ ? ଫଳରେ ଲୋକଟା ତା'ର ସମସ୍ତ ଶକ୍ତି ଦେଇ ପଛରୁ ଠେଲୁଥିଲେ ବି ଜୀପ୍‌ଟା ଟିକେ ହେଲେ ଆଗକୁ ଚାଲିଲା ନାହିଁ ।

ଏହି ଘଟଣାଟା ଥିଲା ତା ପକ୍ଷରେ ଖୁବ୍ ବିସ୍ମୟକର । ଆଗ ଚକ ଆଗରେ କିଛି ଇଟା ପଥର ଦିଆଯାଇଛି କି କଣ ତାହା ଦେଖିବା ପାଇଁ ସେ ସାମନା ପଟକୁ ଆସିଲା । ତାହା ଲକ୍ଷ୍ୟ କରି ଲୋକଟାର ଦୃଷ୍ଟି ଅନ୍ତରାଳରେ ନିଜକୁ ରଖି ତାରିଜନ୍ ବୁଲିଗଲା ପଛଆଡ଼କୁ । ଲୋକଟା ଏଥର ଜୀପ୍‌ଟାକୁ ଆଗଆଡ଼ୁ ଠେଲିବାକୁ ଲାଗିଲା ପଛଆଡ଼କୁ । କିନ୍ତୁ ପଛପଟରେ ତାରିଜନ୍ ରହି ଜୀପ୍‌କୁ ଆଗକୁ ଠେଲିରଖିଲା । ଫଳରେ ଏଥର ବି ଲୋକଟା ସମର୍ଥ ହେଲା ନାହିଁ ଜୀପ୍‌ଟାକୁ ତା ସ୍ଥାନରୁ ଟିକେହେଲେ ଘୁଞ୍ଚାଇବା ପାଇଁ । ଲୋକଟା ତା'ର କାମରେ ଅକୃତକାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଅଶ୍ଳୀଳ ଗାଳି ବର୍ଷଣ କରୁଥାଏ ଡ୍ରାଇଭର ଉଦ୍ଦେଶ୍ୟରେ । ତାରିଜନ ଆହୁରି କିଛି ସମୟ ମଜା ଦେଖିବା ଉଦ୍ଦେଶ୍ୟରେ ଆତ୍ମପ୍ରକାଶ କରୁ ନ ଥାଏ । ମିଷ୍ଟର ମହାପାତ୍ର ମଧ୍ୟ ।

ଏଣେ ସମୟ ଗଡ଼ିଯାଉଛି । ଲୋକଟାର କ୍ରମେ ଧୈର୍ଯ୍ୟଚ୍ୟୁତି ଘଟୁଥିଲା କି କଣ, ସେ ଚିତ୍କାର କରି କାର୍‌ରେ ବସିଥିବା ରହିମ୍ ବୋଲି ଲୋକଟାକୁ ଡାକି ପକାଇଲା ଟିକେ ସାହାଯ୍ୟ କରିବାକୁ । କାର୍ ଭିତରେ ସୁବ୍ରତ ଟାଣିଓଟାର ହେଉଥିଲା ବୋଧହୁଏ ମୁକ୍ତି ପାଇବା ପାଇଁ । ରହିମ୍ ଉଚ୍ଚ ସ୍ୱରରେ ଡାକି କହିଲା, "ଏ ଗ୍ରେକ୍‌ରଟାକୁ କଣ ଛାଡ଼ିଦେଇଯିବ ନା କ'ଣ ?"

Digitized by PPRACHIN, SOA

—"ଥାରେ ନା, ସେଇଟାକୁ ଦରଜା ବନ୍ଦ କରିଦେଇ ଆ । ସେ କଣ ଏଠୁ ଉଡ଼ିଯାଇଚ ?"

ରହିମ୍ ଏଥର ଇଚ୍ଛା ବିରୁଦ୍ଧରେ ସୁବ୍ରତକୁ କାର୍ ଭିତରେ ଠେଲିଦେଇ ବାହାରିଆସିଲା କାର୍ ଭିତରୁ, ଆଉ ସାଙ୍ଗେ ସାଙ୍ଗେ ଧଡ଼ାସ୍ କରି ଦରଜାଟା ବନ୍ଦ କରିଦେଲା । ମିଷ୍ଟର ମହାପାତ୍ର ଏହି ସୁଯୋଗର ଅପେକ୍ଷା କରୁଥିଲେ, ସେ ବୃଦା ହହାଡ଼ଟାକୁ ବାହାରିଆସି ଚାଳକ ଆସନ ପାଖରେ ବାହାରୁ ହାତ ଗଳାଇ କାର୍ ସ୍ୱିଚଟା ହସ୍ତଗତ କରିନେଲେ ।

ଏଥର ରହିମ୍ ଆଉ ଇନ୍‌ସପେକ୍ଟର୍ ଲୋକଟି ଲାଗିପଡ଼ି ଜିପ୍‌ଟାକୁ ତଳକୁ ଗଡ଼ାଇବାରେ ଲାଗିଗଲେ । କିନ୍ତୁ ଦୁହିଁଙ୍କ ବିସ୍ମୟର ସୀମା ରହିଲା ନାହିଁ । ସେମାନେ ଠେଲୁଥିଲେ ସିନା ଜିପ୍‌ଟା ଆଗକୁ ଯିବା ବଦଳରେ ଓଲଟି ତାଙ୍କରି ଆଡ଼କୁ ମାଡ଼ିଆସୁଥିଲା । ଉଗ୍ର ନିଶାରେ ଉନ୍ମତ୍ତ ଥିଲେ ବି ଉଭୟେ ଏ କାଣ୍ଡରେ ଘୋର ବିସ୍ମିତ ହୋଇ ପଡ଼ିଥିଲେ ।

ଏଥର ପ୍ରଥମ ଲୋକଟି ପକେଟରୁ ରିଭଲଭର ବାହାର କରି ଆଗେଇ ଆସିଲା । ତାରଜନ୍ ସ୍ପଷ୍ଟ ଦେଖି ପାରୁ ନ ଥିଲେ ବି ଅନୁମାନ କରିନେଲା ପରିସ୍ଥିତିଟା । ସେ ଜିପ୍‌ର ଗୋଟାଏ କଡ଼ରେ ନିଜକୁ ଲୁଚାଇନେଲା । ଲୋକଟା ରିଭଲଭର ବାଗେଇ ଧରି କାହାକୁ ଖୋଜିଲା ପରି ସେଠାରେ ଆସି ପହଞ୍ଚିଗଲା ମାତ୍ରେ ତାରଜନର ପ୍ରଚଣ୍ଡ ଆଘାତରେ ତା'ର ହାତରୁ ରିଭଲଭରଟା ଛିଟିକିଯାଇ ପଡ଼ିଲା ଖଣ୍ଡେ ଦୂରରେ । ହଠାତ୍ କିଛି ବୁଝି ନପାରି ଗୋଟାଏ ଅଶ୍ରାବ୍ୟ ଶବ୍ଦ ପ୍ରୟୋଗ କଲା ଯନ୍ତ୍ରଣାରେ ଚିତ୍କାର କରିବା ସଙ୍ଗେ ସଙ୍ଗେ ।

ତାର ଚିତ୍କାର ଶୁଣି ରହିମ୍ ପଛପଟରୁ ଧାଇଁ ଆସୁଥିଲା । ପ୍ରଥମ ଲୋକଟିର ଠିକ୍ ପଛରେ ସେ ପହଞ୍ଚିଲା ମାତ୍ରେ ସାମନା ପଟରୁ ତାରଜନ ଏପରି ପ୍ରଚଣ୍ଡ ଧକ୍କାଏ ଦେଲା ଯେ ଦୁଇଜଣଯାକ ପରସ୍ପର ଦେହରେ ପିଟାପିଟି ହୋଇ ଆଠ ଦଶ ହାତ ଦୂରରେ ଗ୍ରୁଟିହୋଇ ପଡ଼ିଲେ । ଦୁଇଟାଯାକ ଉଠୁ ନ ଉଠୁଣୁ ରହିମ ବୋଲି ଲୋକଟା ରିଭଲଭର ବାହାର କରି ସାମନା ପଟକୁ ଲକ୍ଷ୍ୟ କରି ଦୁଇଟା ଫାୟାର କରିଦେଲା । ତାରଜନ୍ ଦେଖିଲା, ଆର ଲୋକଟା ହାତରେ ବି ରିଭଲଭର ଅଛି । ସେଟା ଛଡ଼ାଇ ନ ନେବା ପର୍ଯ୍ୟନ୍ତ ବିପଦ । ସେ ଆଉସାମନା ପଥ ଦେଇ ନ ଯାଇ

Digitized by PPRACHIN, SOA

ଜୀପ୍‌ର କଡ଼ ଦେଇ ପଛଆଡ଼କୁ ଚାଲିଗଲା । ରହିମ୍ ଆଉ ଆଗ ଲୋକଟା ସେହି ଢଗରେ ଥିଲେ ।

ସେତେବେଳକୁ ରହିମ୍ ଆଗ ଲୋକଟାକୁ ପଛକୁ ଦେଇ ରିଭଲଭର ଧରି ଆଗେଇ ଆସୁଥିଲା । ତାରଜନ୍ ଦେଖିଲା, ଏଇ ସୁବର୍ଣ୍ଣସୁଯୋଗ । ସେ ଡେଇଁପଡ଼ି ଖପ୍ କରି ଧରିନେଲା ଲୋକଟାର ରିଭଲଭର ଧରା ହାତଟାକୁ । ସେ ପ୍ରବଳ ଚାପ ରହିମ୍ ସମ୍ଭାଳିବାକୁ ସକ୍ଷମ ହୋଇପାରିଲା ନାହିଁ । ତା'ର ମନେହେଲା, ଯେପରି ଲୁହାର ଖାଇ ଭିତରେ ହାତଟା ତା'ର ପେଷିହୋଇଯାଉଛି । ଯନ୍ତ୍ରଣାରେ ଚିତ୍କାର କରିବା ପୂର୍ବରୁ ତା'ର ହାତରୁ ରିଭଲଭରଟା ଖସିପଡ଼ିଲା । ତାରଜନ ତାକୁ ଠେଲିଦେଇ ନଇଁପଡ଼ି ଲକ୍ତୁ ରିଭଲଭରଟା ଉଠାଇନେଲା । ସେଇ ଠେଲାରେ ରହିମ୍ ଏତେ ଦୂରରେ ଆସି କଚାଡ଼ିହୋଇ ପଡ଼ିଲା ଯେ ପୁଣି ଥରେ ଉଠିଯାଇ ତାରଜନ୍‌ର ସମ୍ମୁଖୀନ ହେବାକୁ ତା'ର ସାହସ ନ ଥିଲା । ସେଇ ଅନ୍ଧକାରରେ ସେ ଜୀବନ ରକ୍ଷା କରିବାପାଇଁ ଅଦୃଶ୍ୟ ହୋଇଗଲା କେଉଁଆଡ଼େ ।

ଇତି ମଧ୍ୟରେ ଗୋଟାଏ ଅସମ୍ଭାବିତ ଘଟଣା ବଡ଼ ଆକସ୍ମିକ ଭାବରେ ଘଟିଗଲା । ତାରଜନ୍ ଯେଉଁ ମୁହୂର୍ତ୍ତରେ ରିଭଲଭରଟା ଉଠାଇନେବାକୁ ନଇଁପଡ଼ିଲା ସେହି ମୁହୂର୍ତ୍ତରେ ଆର ଲୋକଟା ବାଘ ପରି କୁଦିପଡ଼ିଲା ତା ଉପରକୁ ଏକାବେଳେକେ ଦୁଇ ହାତରେ ସମସ୍ତ ଶକ୍ତି ଲଗାଇ ତାର୍‌ଜନ୍‌ର ବେକକୁ ଚିପି ଧରିଲା । ଲୋକଟା ଜୀବନମୃତ୍ୟୁ କରି ଏତେ ଜୋର୍‌ରେ ତାର ଗଳା ଚିପି ଧରିଲା ଯେ ତାରଜନ୍‌ର ଶ୍ୱାସରୁଦ୍ଧ ହେବାର ଉପକ୍ରମ ହେଲା । ସେ ଭାବିଲା ଯଦି ଖୁବ୍ ଶୀଘ୍ର ଏ ଚାପରୁ ନିଜକୁ ମୁକ୍ତ ନ କରେ ତେବେ ମୃତ୍ୟୁ ସୁନିଶ୍ଚିତ ।

ସେ ଲୋକଟାର ଦୁଇ ବାହୁକୁ ଧରି ପ୍ରବଳ ଭାବରେ ଚାପ ଦେବା ସଙ୍ଗେ ସଙ୍ଗେ 'ଲୋକଟାକୁ ବାହାର କରିଦେବାକୁ ଠେଲିଲା । ସେ ଉପାୟରେ ସଫଳ ହେଲା ମଧ୍ୟ । ପ୍ରାୟ ଦଶପନ୍ଦର ସେକେଣ୍ଡ ମଧ୍ୟରେ ଲୋକଠାର ବାହୁ ଶିଥିଳ ହୋଇପଡ଼ିଲା । ତାର ହାତମୁଠା କୋହଳ ହୋଇଗଲା । ସେ ତାରଜନର ଗଳା ଛାଡ଼ିଦେଲା । ତାରଜନ୍ କିନ୍ତୁ ତା'ର ଦୁଇବାହୁକୁ ଛାଡ଼ିଦେଲା ନାହିଁ । ଲୋକଟା ଖସିଯିବା ପାଇଁ ପ୍ରାଣପଣେ ଚେଷ୍ଟା କଲା । ମାତ୍ର ବାହୁ ଦୁଇଟି ତା'ର ବନ୍ଦୀ । ଗୋଡ଼ରେ ଯଥେଚ୍ଛା ଗୋଇଠା, ନାତ ମାରି ଅସ୍ତବ୍ୟସ୍ତ କରି ପକାଇଲା ତାରଜନକୁ ।

Digitized by PPRACHIN, SOA

ତାରଜନ୍ ଦେଖିଲା—ଏ ଖେଳରେ ଖାଲି ସମସ୍ତ ନଷ୍ଟ ଛଡ଼ା ଆଉ କିଛି ନୁହେଁ । ସେ ଲୋକଟାର ଦୁଇ ବାହୁକୁ ଧରି ଟେକି ଦୁଇଥର ଥର କମ୍ପାଇଦେଲା ତଳେ । ଏତେବେଳକେ ବୋଧହୁଏ ଲୋକଟାର ନିଶା ଛୁଟିଗଲା । ସେ ଜାଣିପାରିଲା ଯେ ଆଜି ଯାହା ହାବୁଡ଼ରେ ପଡ଼ିଛି, ସେ ସାମାନ୍ୟ ବ୍ୟକ୍ତି ନୁହେଁ—ଅସାଧାରଣ ବଳବାନ୍ ବ୍ୟକ୍ତି । ଦ୍ୱିତୀୟ ବାର ଆଉ ବଳ ଦେଖାଇବାକୁ ତାର ସାମର୍ଥ୍ୟ ନଥିଲା ।

ତାରଜନର ଇଙ୍ଗିତମତେ ମିଷ୍ଟର ମହାପାତ୍ର ଆସି ହାତଗୋଡ଼ରେ ତାର ହେଣ୍ଡ୍ କପ୍ ପିନ୍ଧାଇଦେଲେ । ଏଣେ ସୁବ୍ରତ ଚକ୍କର କରି ତଳେ ହାଲିଆ ହୋଇ ପଡ଼ିଥିଲା କାର୍ ଭିତରେ । ତାରଜନ୍ ଓରଫ ସୁକାନ୍ତବାବୁ ଯାଇ ତାକୁ ଆଶ୍ୱାସନା ଦେଲେ । ସୁକାନ୍ତବାବୁଙ୍କୁ ଦେଖି ସୁବ୍ରତ ତାଙ୍କୁ କୁଣ୍ଢାଇଧରି ଭେଁ ଭେଁ ହୋଇ କାନ୍ଦିଉଠିଲା । ତାରଜନ୍ ମିଷ୍ଟର ମହାପାତ୍ରଙ୍କ ଜିମାରେ ସେମାନଙ୍କୁ ଦେଇ କହିଲା, "ଆପଣ ଏମାନଙ୍କୁ ନେଇ ପୋଲିସ ହେଡ୍‌କ୍ୱାର୍ଟର୍ସକୁ ଚାଲିଯାଆନ୍ତୁ । ଏ ଲୋକଟାକୁ ହାଜତ ଭିତରେ କଡ଼ା ପହରାରେ ରଖିବେ, ଆଉ ସୁବ୍ରତକୁ ପାଖରେ ହେପା-ଜତରେ ରଖିବେ । ତା'ର ଖିଆପିଆ କଥା ବୁଝିବେ । ବିଚରା କିଛି ଖାଇ ନ ଥିବ ବୋଧହୁଏ ।"

"ଆଉ, ଆପଣ ?"—ବିସ୍ମିତ ହୋଇ ପ୍ରଶ୍ନ କଲେ ମିଷ୍ଟର ମହାପାତ୍ର ।

—"ମୁଁ ଚାଲିଲି ଦୀପ୍ତିଲାଲଙ୍କ ଘରକୁ । ସେଠି ବି ଏ ନାଟକର ଆଉ ଗୋଟାଏ ଦୃଶ୍ୟ ଆରମ୍ଭ ହୋଇଯିବଣି । ଆପଣ ମୋ' ଠାରୁ ଫୋନ୍ ପାଇଲେ ସୁବ୍ରତକୁ ଘେନି ଆସିବେ । ନ ହେଲେ ସେ ଆପଣଙ୍କ ହେପାଜତରେ ରହିଲା । ଦସ୍ୟୁର କାର୍‌ଟା ବି ।"

ଦସ୍ୟୁ କାର୍‌ରେ ମିଷ୍ଟର ମହାପାତ୍ର ହାତଗୋଡ଼ ବନ୍ଧା ଅବସ୍ଥାରେ ଲୋକଟାକୁ ସିଟ୍ ସହିତ ଦୃଢ଼ଭାବରେ ବାନ୍ଧିଦେଇ ପଛସିଟ୍‌ରେ ଗଡ଼ାଇଦେଲେ । ଆଗସିଟ୍‌ରେ ସୁବ୍ରତକୁ ବସାଇ କାର୍‌ରେ ଷ୍ଟାର୍ଟ ଦେଇ ପୋଲିସ ଷ୍ଟେସନ ଅଭିମୁଖେ ଛୁଟାଇ-ଦେଲେ ।

ତାରଜନ୍ ବି ଜୀପ୍‌ଟା ବୁଲାଇ ତୀବ୍ରବେଗରେ ଛୁଟାଇଦେଲା ଦୀପ୍ତିଲାଲଙ୍କ ବାସଭବନ ଅଭିମୁଖେ । ମନରେ ତାର ଅସମ୍ଭବ ବ୍ୟଗ୍ରତା । ତା' ଉପରେ ପ୍ରଦୀପ-ବାବୁ ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ସେ ତାକୁ ବହନକରି ପାରିବ ତ ?

* * * *

Digitized by PPRACHIN, SOA

ପ୍ରାୟ ଅଧଘଣ୍ଟାକ ପରେ ହଠାତ୍ ବ୍ୟସ୍ତ ଏବଂ ଚଞ୍ଚଳ ହୋଇଉଠିଲେ ସମଗ୍ର ଦସ୍ୟୁଦଳଟା । ତା' ପରେ ପରେ ସେଠାକୁ ପଶିଆସିଲା ଜଣେ କଳାପୋଷାକ-ଧାରୀ ବ୍ୟକ୍ତି । କିନ୍ତୁ ଆଶ୍ଚର୍ଯ୍ୟ ! ତା'ର ମୁହଁରେ ଗୋଟାଏ ବିକୃତ ମନୁଷ୍ୟମୁଖା । ମୁଖାଟା ଦେଇ ମୁହଁଟା ଲୁଚାଇବାର ଆବଶ୍ୟକତାଟା ବୁଝିପାରିଲେ ଦୀପବାବୁ । ରିଭଲଭର ଟ୍ରିଗାର ଉପରେ ଅଙ୍ଗୁଳି ତାଙ୍କର ଚାପ ଦେବାପାଇଁ ସବୁବେଳେ ପ୍ରସ୍ତୁତ ଥିଲା । କିନ୍ତୁ ସେ ଘଟଣାର ଗତି ପ୍ରତି ଲକ୍ଷ୍ୟ କରୁଥିଲେ ସତର୍କତାର ସହିତ ।

ଲୋକଟା ପଶିଆସିବା କ୍ଷଣି 'ସର୍ଦ୍ଦାର, ସର୍ଦ୍ଦାର' ବୋଲି ଗୋଟିଏ ଚାପା ଗୁଞ୍ଜନ ଶୁଣାଗଲା ସମସ୍ତଙ୍କ ମୁହଁରେ । ତା ସଙ୍ଗେ ସଙ୍ଗେ ମଦର ଅତିରିକ୍ତ ପ୍ରଭାବ ସତ୍ତ୍ୱେ ସମସ୍ତେ ଟିକିଏ ସଙ୍କୁଚିତ ହୋଇଗଲେ । ଗୋଟାଏ ଚେୟାର ଉପରେ ସର୍ଦ୍ଦାର ଆସନ ଗ୍ରହଣ କଲାପରେ ଦଳର ପ୍ରତ୍ୟେକଙ୍କୁ ଜଣ ଜଣ କରି ଡାକି ସେମାନେ ଉପସ୍ଥିତ ଅଛନ୍ତି କି ନାହିଁ ତାର ଖବର ବୁଝିଗଲା । ସେତେବେଳେ ଅନୁପସ୍ଥିତ କେବଳ ମଦନଲାଲ । ସର୍ଦ୍ଦାର ରାଗରେ ଦାନ୍ତ କଡ଼ମଡ଼୍ କରି ପଚାରିଲା—"କାହିଁ ? କୁଆଡ଼େ ଯାଇଛି ସେ ?"

ସଠିକ୍ ଖବର କେହି ଦେଇପାରିଲେ ନାହିଁ ତାର । ଖାଲି ଏତିକି ଜଣାଗଲା ଯେ କାଲି ରାତିରେ ସେ ଏଇଠି ଥିଲା । ତା'ପରେ ଆଉ ତାର ପତ୍ତା ନାହିଁ ।

ରିଭଲଭରଟା ପକେଟରୁ ବାହାର କରି ସର୍ଦ୍ଦାର ପୁଣି ପ୍ରଶ୍ନ କଲା ପାଖରେ ଠିଆ ହୋଇଥିବା ଦସ୍ୟୁଙ୍କୁ, "ଅଚ୍ଛା, କଏଦୀ ?"

—"ସେ ଠିକ୍ ଅଛି, ସର୍ଦ୍ଦାର !"

—"ଘେନିଆସ ତାକୁ ।"

ହୁକୁମମାତ୍ରେ ତିନି ଚାରି ଜଣ ଧାଇଁଗଲେ ଦୀପ୍ତିଲାଲ ବନ୍ଦୀଥିବା ଗୁମ୍ଫା କକ୍ଷଟିକୁ । ତା ପର ମୁହୂର୍ତ୍ତରେ ବଡ଼ଟ ପଥରଟା ଗଡ଼ାଇଦେବାର ଶବ୍ଦ । ପ୍ରାୟ ମିନିଟକ ପରେ ସେମାନେ ଦୀପ୍ତିଲାଲଙ୍କୁ ଅତି ଶୋଚନୀୟ ଅବସ୍ଥାରେ ଟାଣିଟାଣି ଆଣିଲେ । ଦେଖିଲେ ମନେ ହେଉଥିଲା ଯେପରି ଏ ଲୋକ ଦୀପ୍ତିଲାଲ ନୁହନ୍ତି । ତାଙ୍କର ପ୍ରେତ । ଦେହ ରୁକ୍ଷ, ଶୀର୍ଣ୍ଣ ଏବଂ ଦୁର୍ବଳ । ଠିଆହେବାର ଶକ୍ତି

Digitized by PPRACHIN, SOA

ନାହିଁ । ଟାଣିଟାଣି ନେଲାବେଳେ ନିତାନ୍ତ ଅସହାୟ ଦୃଷ୍ଟିରେ ଚାହୁଁଥିଲେ ସେ ସୁବ୍ରତଆଡ଼କୁ । ଭାବେ ତାଙ୍କୁ ଉଦ୍ଧାର କରିବା ପାଇଁ ଅଜୟବାବୁ ଆସିଥିବେ । କିନ୍ତୁ ବୃଥା ତାଙ୍କର ଆଶା, କେହି ଜଣେ ହେଲେ ନ ଥିଲେ ଏ ବିପଦରେ ତାଙ୍କୁ ସାହସ ଦେବାପାଇଁ ।

ଦୀପ୍ତିଲାଲଙ୍କ ଦୟନୀୟ ଅବସ୍ଥା ଦେଖି ସର୍ଦ୍ଦାର ଭୟଙ୍କର ସ୍ୱରରେ ହସିଉଠିଲା । ତା'ର ହସରେ ସାରା ଗୁମ୍ଫାଟା ଥରିଉଠିବା ସଙ୍ଗେ ସଙ୍ଗେ ଦସ୍ୟୁଦଳଟା ଚୁପ୍‌ଚାପ୍ ହୋଇଗଲେ । ସର୍ଦ୍ଦାର ଅଛା କଲା ପରେ ଦୀପ୍ତିଲାଲଙ୍କୁ ଲକ୍ଷ୍ୟ କରି କହିଲା—"ନୂଆ କାରଖାନା କାମ ଏଥର ଦ୍ରୁତଗତିରେ ଆଗେଇଚାଲିବ ନା ଦୀପ୍ତିଲାଲ ! ମୋର ପ୍ରତିଶୋଧର କ୍ରମ ଠିକ୍ ରହିବ । ପ୍ରଥମେ ଜ୍ୟୋତିପ୍ରସାଦ, ତା'ପରେ କାନ୍ତିଲାଲ, ତ'ପରେ ତୁମେ ଦୀପ୍ତିଲାଲ । ତାପରେ ସୁଲତାଦେବୀ, ସର୍ବଶେଷରେ ସୁବ୍ରତ ଦାସ ! ଗୋଟିଏ ବଂଶର ସମାଧି ଉପରେ ଗଢ଼ିଉଠିବ ଆଉ ଗୋଟିଏ ବଂଶର ସୌଧ । କିଛି ବୁଝିପାରୁଚ ?

ଦୀପ୍ତିଲାଲ କିଛି ବୁଝିପାରୁ ନ ଥିଲେ । ତାଙ୍କର କେବଳ ମନେ ପଡ଼ୁଥିଲା, ତ୍ରିଦୀପବାବୁ ଥରେ ଏହିପରି ସମୟରେ ବିପଦର ସମ୍ଭାବନାର ସୂଚନା ଦେଇଥିଲେ ତାଙ୍କୁ । ଆଜି ଦସ୍ୟୁ ସର୍ଦ୍ଦାର ମୁହଁରେ ସେହିଆର ପୁନରାବୃତ୍ତି ଶୁଣି ସେ ଥରି-ଉଠିଲେ ।

ଦସ୍ୟୁ ସର୍ଦ୍ଦାର ଆଉ କଣ କହିବାକୁ ଉଦ୍ୟତ ହେଉଥିଲା, କିନ୍ତୁ ହଠାତ୍ ଏତିକିବେଳେ ଧଇଁସଇଁ ହୋଇ ଗୋଟାଏ ଲୋକ ଧାଇଁଆସି କହିଲା, "ପିଲାଟା ହାତଛଡ଼ା ହୋଇଯାଇଚି, ସର୍ଦ୍ଦାର !

ସର୍ଦ୍ଦାର ମୁଣ୍ଡରେ ପାହାଡ଼ଟା ଛିଣ୍ଡିପଡ଼ିଲା ଯେମିତି । ସେ ବିକୃତ ସ୍ୱରରେ ଗର୍ଜିଉଠିଲା, "କଣ ହେଲା ? ପିଲାଟା ହାତଛଡ଼ା ହୋଇଯାଇଚି ? ଆଉ ତୁମମାନେ ? କିପରି ?"

—"ହାଜତରେ ସର୍ଦ୍ଦାର ! ପାର୍କ ଡେଇଁ ଏପାଖ ନାଲିରାସ୍ତା ଧରିବା ମାତ୍ରେ ରାସ୍ତାଟା ବନ୍ଦ ହୋଇଥିଲା ଆଉ ଗୋଟେ ଜୀପ୍‌ଦ୍ୱାରା । ହମିଦୁଲ୍ଲା ଯିମିତି ଗାଡ଼ି ବ୍ରେକ୍ ଦେଇଚି, ପିଲାଟା ହାଲ୍ଲା କଲା । ପାଟି ଶୁଣି ଆଗ ଜୀପ୍‌ରୁ ଦୁଇଜଣ ଲୋକ ବାହାରିଆସିଲେ । ତା ଭିତରୁ ଗୋଟାଏ ଲୋକ ବାହାରିଆସି ପିଲାଟିକୁ

Digitized by PPRACHIN, SOA

ବାହାରକୁ ନେବାକୁ ବସିଲା । ହମିଦୁଲ୍ଲା ତା'କୁ ଖୁବ୍ ବାଧା ଦେଲା । ଫଳରେ ଦୁହିଁଙ୍କ ଭିତରେ ଖୁବ୍ ଧସ୍ତାଧସ୍ତି ଲାଗିଗଲା । ହେଲେ କଣ ହେବ ସର୍ଦ୍ଦାର, ପହଲମାନ ହମିଦୁଲ୍ଲାକୁ ଖୁବ୍ ସହଜରେ କାବୁ କରିଦେଲା ଲୋକଟା । ବାପ୍‌ରେ, ଗୋଟାଏ ହାତୀର ବଳ ତ !"

—"ଚୁପ୍ କର ବଦମାସ୍" ଗର୍ଜିଉଠିବା ସଙ୍ଗେ ସଙ୍ଗେ ପଟାସ୍ କରି ଗୋଟାଏ ଚାପୁଡ଼ା ଦେଲା ଲୋକଟାର ଗାଲରେ ସର୍ଦ୍ଦାର ।

ଘୋର ନୀରବତା ଖେଳିଗଲା ଏ ଅସମ୍ଭାବିତ ଘଟଣା ଆଉ ସମ୍ବାଦରେ । ସର୍ଦ୍ଦାର ବି କିଂ କର୍ତ୍ତବ୍ୟବିମୂଢ଼ ହୋଇ ଠିଆହୋଇ ରହିଲା କିଛି ସମୟ ପର୍ଯ୍ୟନ୍ତ । ତା ପରେ ଲୋକଟା ଆଡ଼କୁ ଧୀର ଭାବରେ ଗୃହିଁ ପ୍ରଶ୍ନ କଲା, "ଅଚ୍ଛା, ସେ କଣ ପୋଲିସ ?"

ଲୋକଟା ଏତେ ଭୟଭୀତ ହୋଇ ଯାଇଥିଲା ଯେ ମୁହଁରୁ ତା'ର କଥା ବାହାରୁ ନ ଥିଲା । ନିତାନ୍ତ ଭୀତବିହ୍ୱଳ କଣ୍ଠରେ ସେ ଉତ୍ତର ଦେଲା, "ସାଦା-ପୋଷାକ ତ ଥିଲା; ପୋଲିସ କି କଣ ଜାଣେନା ।"

ସର୍ଦ୍ଦାର କିଛି ସମୟ କଣ ଚିନ୍ତା କଲା, ତା'ପରେ ଧଡ଼୍ କରି ଆସନରୁ ଉଠି ଠିଆହୋଇପଡ଼ି ପାର୍ଶ୍ୱ ଲୋକଙ୍କୁ ଦେଖାଇ କହିଲା, "ଆଚ୍ଛା, ମୁଁ ଆସିଲା ପର୍ଯ୍ୟନ୍ତ ଏମାନଙ୍କୁ ବାନ୍ଧିରଖ । ଘଣ୍ଟାକ ଭିତରେ ମୁଁ ଆସୁଛି । ଖୁବ୍ ଲମ୍ବା ପାହୁଣ୍ଡ ପକାଇ ସେ ଆଗେଇବା ମାତ୍ରେ ଆଗ ପଟରୁ ପ୍ରଦୀପବାବୁଙ୍କ ଗମ୍ଭୀର ସ୍ୱର ଶୁଣାଗଲା, "ଏକା ଏକା ଯିବାର ଆବଶ୍ୟକ ନାହିଁ, ସର୍ଦ୍ଦାର ! ମୁଁ ସାଙ୍ଗରେ ନେଇଯିବାକୁ ଆସିଛି ।"

ସର୍ଦ୍ଦାର ସମେତ ଦଳଟାସାରା ଚମକିପଡ଼ି ଦେଖିଲେ ଆଗରେ ପ୍ରଦୀପବାବୁ ଆଉ ଅଜୟବାବୁ, ପଛରେ ସଶସ୍ତ୍ର ପୋଲିସବାହିନୀ । ସମସ୍ତଙ୍କ ହାତରେ ଉଦ୍ୟତ ମାରଣାସ୍ତ୍ର । ଦସ୍ୟୁଦଳ ଅପ୍ରସ୍ତୁତ ଏବଂ ନିରସ୍ତ୍ର ମଧ୍ୟ । ସର୍ଦ୍ଦାର ରିଭଲଭର ଉଠାଇବାକୁ ଚେଷ୍ଟା କରୁଥିବା ଲକ୍ଷ୍ୟ କରି ପ୍ରଦୀପବାବୁ କହିଲେ, "ସେ ଚେଷ୍ଟା କର ନାହିଁ ସର୍ଦ୍ଦାର, ଗୋଟିଏ ଗୁଳିର ଜବାବ ଦେବାକୁ ଏକ ମୁହୂର୍ତ୍ତରେ ପଚିଶଟି ରିଭଲଭର ପ୍ରସ୍ତୁତ ।" ଆଗେଇଆସି ସର୍ଦ୍ଦାର ହାତରୁ ରିଭଲଭରଟି ଛଡ଼ାଇନେଲେ ସେ । ସେହି ମୁହୂର୍ତ୍ତରେ ଅଜୟବାବୁ ତା ହାତରେ ହାତକଡ଼ା

Digitized by PPRACHIN, SOA

ପିନ୍ଧାଇଦେଲେ । ଦଳର ଅନ୍ୟମାନଙ୍କ ହାତରେ ବି ହାତକଡ଼ି ପିନ୍ଧାଇଦେବାକୁ ବିଳମ୍ବ ହେଲା ନାହିଁ ।

ଦୀପ୍ତିଲାଲ ଆନନ୍ଦରେ ଉତ୍ଫୁଲ୍ଲ ହୋଇଉଠିଲେ । ଆସନ୍ନ ମୃତ୍ୟୁମୁଖରୁ ସେ ଯେ ଉଦ୍ଧାର ପାଇଛନ୍ତି, ଏକଥା ଚିନ୍ତାକରି ମନେ ମନେ ଚିରକୃତଜ୍ଞତା ଜ୍ଞାପନ କରୁଥିଲେ ସେ ଭଗବାନଙ୍କଠାରେ । ସର୍ଦ୍ଦାରର ମୁଖାଟା ସେପର୍ଯ୍ୟନ୍ତ ସେହିପରି ଥିଲା । ଲୋକଟା କିଏ ହୋଇପାରେ ତାହା ଜାଣିବାକୁ ବ୍ୟଗ୍ର ହୋଇ ଉଠୁଥିଲା ତାଙ୍କର ମନ । ବାରମ୍ବାର ସେଆଡ଼କୁ ଚାହୁଁଥିଲେ ସେ । ତାଙ୍କର ଭାବ ଲକ୍ଷ୍ୟ କରି ପ୍ରଦୀପବାବୁ ହସି ହସି କହିଲେ, "ଉଦ୍ଭେନେତାଙ୍କୁ ଦେଖିବାକୁ ଚାହୁଁଛ, ଦୀପ୍ତିଲାଲ ! ଭୟ କରିବ ନାହିଁ ତ । ଅଚ୍ଛା, ଏଇ ଦେଖ ?" କହିବା ସଙ୍ଗେ ସଙ୍ଗେ ମୁଖାଟାକୁ ବାହାର କରିଦେଲେ ସେ ।

ଦୀପ୍ତିଲାଲ ସେଆଡ଼କୁ ଚାହିଁଦେଇ ପ୍ରଥମେ ବିଶ୍ୱାସ କରିପାରିଲେ ନାହିଁ । କିଛି ସମୟ ପରେ ନଜର ଦେଖିବା ନିର୍ଭୁଲ ଜାଣି ସେ ଉତ୍କଟଭାବରେ ଚିତ୍କାର କରିଉଠିଲେ, "ଏଁ ! ଆଡ୍‌ଭୋକେଟ୍ ଗୋଲକ ପଟ୍ଟନାୟକ !"

—"ଏଇ ଶିକ୍ଷିତ ଉଦ୍ଭେନେତାଙ୍କ ଗିରଫଦାରୀରେ ଏ ନାଟକର ଯବନିକା ନୁହେଁ । ଅନ୍ତିମ ଦୃଶ୍ୟ ଉନ୍ମୀତ ହେବ ଅଉଠାଏ । ତୁମେ ଦେଖିପାରିବ ତାକୁ ନିଶ୍ଚୟ ! ଚାଲ ଏଥର !"

ଏଥର ଆଉ ଅନ୍ଧକାରମୟ ଅରଣ୍ୟପଥ ଅତିକ୍ରମ କରିବାକୁ ହେଲା ନାହିଁ । ପଥ ଆଲୋକିତ କରିବାପାଇଁ ଦସ୍ୟୁଦଳର ମଶାଲ ଯଥେଷ୍ଟ ଥିଲା । କେତେଜଣ ପୋଲିସ ଏବଂ ପୋଲିସ ଅଫିସରଙ୍କୁ ବନ୍ଦୀର ରକ୍ଷଣାବେକ୍ଷଣ ଭାର ଦେଇ ପ୍ରଦୀପବାବୁ ଚାଲିଆସିଲେ ଶୃଙ୍ଖଳାବଦ୍ଧ ଦସ୍ୟୁମାନଙ୍କୁ ନେଇ ।

× × × ×

ସୁକାନ୍ତବାବୁ ଓରଫ୍ ତାର୍‌କନ ସ୍ୱଦଳକୁ ମୁକ୍ତ କରିସାରି ଦୀପ୍ତିଲାଲଙ୍କ ପ୍ରାସାଦ ସମ୍ମୁଖରେ ପହଞ୍ଚି ଦେଖିଲେ ସମ୍ପୂର୍ଣ୍ଣ ଅନ୍ଧକାର । ବାହାର ଦରୱାନ୍ କେହି ଜଣେ ହେଲେ ନାହାନ୍ତି । ଖୁବ୍ ଆଶ୍ଚର୍ଯ୍ୟ ବୋଧହେଲା ତାଙ୍କୁ । ତାଙ୍କ ମନରେ ଆଶଙ୍କା ହେଲା— ଘରେ କଣ କେହି ନାହାନ୍ତି ? ସୁଲତା ଦେବୀ ଗଲେ କୁଆଡ଼େ ?

Digitized by PPRACHIN, SOA

ହରି ପଧାନ ଉପରେ ଘରର ସବୁ ଭାର ଦିଆଯାଇଥିଲା । ସେ ମଧ୍ୟ ଗଲା କୁଆଡ଼େ ? ଫାଟକ ପାଖରେ ଗାଡ଼ି ଅଟକାଇ ସେ ଧୀରେ ଧୀରେ ଭିତରକୁ ପାଦ ବଢ଼ାଇଲେ । ପ୍ରଦୀପବାବୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏଇଠି ଅପେକ୍ଷା କରିବାକୁ । ସେ ବା କାହାଁନ୍ତି ?

ତାଙ୍କର ଚିନ୍ତାଧାରା ଏହିପରି ଦ୍ୱନ୍ଦରେ ଦୋଦୁଲ୍ୟମାନ ହେଉଥିବାବେଳେ ହଠାତ୍ ନାରୀକଣ୍ଠର ଚିତ୍କାରରେ ସେ ଚମକିପଡ଼ିଲେ । ଥରେ ନୁହେଁ, ଲଗେ ଲଗେ ଦୁଇଥର ବି ସେହି ଶବ୍ଦ ତାଙ୍କ କାନରେ ପ୍ରତିଧ୍ୱନିତ ହୋଇଉଠିଲା । ଶେଷଥର ସେ ଅନୁମାନ କରିପାରିଲେ ଯେ, ଏ ଚିତ୍କାର ସୁଲତା ଦେବୀଙ୍କର ହେବ ବୋଧହୁଏ । ଆଉ ଅପେକ୍ଷା କରିବାକୁ ସମୟ ନ ଥିଲା । ବିଜୁଳି ଝଲକ ପରି ଆଖିଆଗରେ ତାଙ୍କର ଖେଳିଗଲା ସମସ୍ତ ଘଟଣା । ସେ ଦୌଡ଼ିଯାଇ ସଦରଦରଜା ଠେଲି ଦେଖିଲେ, ଭିତରୁ ବନ୍ଦ । ବଜ୍ରବେଗରେ ସେ ଧାଇଁଗଲେ ପଛପଟକୁ । ସେଠାରେ ମଧ୍ୟ ସେହି ଅବସ୍ଥା । ଘର ଭିତରକୁ ଯିବାକୁ ଆଉ ଦ୍ୱିତୀୟ ଦ୍ୱାର ନାହିଁ । ତାଙ୍କର ଶକ୍ତି ଆଗରେ ଦରଜାର ବଳ ସାମାନ୍ୟ ମାତ୍ର । ଅଗତ୍ୟା ବଳପ୍ରୟୋଗ କରିବାକୁ ହେଲା । ଗୋଟିଏ ପ୍ରଚଣ୍ଡ ଧକ୍କାରେ ଦରଜାଟା ଭାଙ୍ଗିପଡ଼ିଲା ।

ସୁକାନ୍ତବାବୁ ଧାଇଁଗଲେ ଭିତରକୁ । ଭିତରଟା ଥିଲା ନିରନ୍ଧ୍ର ଅନ୍ଧକାର । କେବଳ ସୁଲତା ଦେବୀଙ୍କ ଶୟନକକ୍ଷରୁ ଟିକିଏ ଆଲୋକ ଆସୁଥିଲା । ଅଧାଖୋଲା ଦ୍ୱାର ଦେଇ ସେଇ କକ୍ଷ ଭିତରୁ ପୁଣି ଥରେ ସୁଲତା ଦେବୀଙ୍କର ଚିତ୍କାର ଭାସି ଆସିଲା ।

ସୁକାନ୍ତବାବୁ ଧାଇଁଗଲେ ଦ୍ୱାର ପାଖକୁ । ଅଧାଖୋଲା ଦ୍ୱାରର ବାହାର-ପଟେ ରହି ସେ ଯେଉଁ ଦୃଶ୍ୟ ଦେଖିଲେ ସେଥିରେ ତାଙ୍କର ଦେହ ଶିହରି ଉଠିଲା । ସୁଲତା ଦେବୀ ପ୍ରଶସ୍ତ କକ୍ଷର ଗୋଟାଏ କୋଣରେ ଲାଗିଯାଇ ଭୀତ ବିସ୍ଫାରିତ ଚକ୍ଷୁରେ ଚାହିଁଛନ୍ତି । ଆଉ ତାଙ୍କର ସମ୍ମୁଖରେ ସର୍ବାଙ୍ଗ କଳାବୋରଖାରେ ଆବୃତ ହୋଇ ପ୍ରେତପରି ଗୋଟାଏ ମୂର୍ତ୍ତି ପ୍ରକାଣ୍ଡ ଛୁରୀଟାଏ ହାତରେ ଧରି ଆଗେଇ ଯାଉଛି ଧୀରେ ଧୀରେ । ସୁଲତା ଦେବୀ ଭୟବିକଳିତ ଦୃଷ୍ଟିରେ ଚାହିଁଛନ୍ତି ସେଇ-ଆଡ଼େ । ଲୋକଟାର ହାତର ଛୁରୀଟା ଉପରକୁ ଉଠିଲା । ସୁଲତାଦେବୀ ଚିତ୍କାର କରି ଉଠିଲେ । ଏଥର ବୋଧହୁଏ ଶେଷ । ଆଖି ମୁଦି ହୋଇ ଆସିଲା ତାଙ୍କର ।

Digitized by PPRACHIN, SOA

ସୁକାନ୍ତବାବୁଙ୍କ ପକ୍ଷରେ ଆଉ ଅପେକ୍ଷା କରିବାର ସମୟ ନ ଥିଲା । ସେ ଗୋଟାଏ ଲମ୍ଫରେ ଯାଇ କଳାପୋଷାକଧାରୀ ଲୋକଟା ଉପରେ ପଡ଼ିଗଲେ । ହଠାତ୍ ଏ ଆକ୍ରମଣ ପାଇଁ ଲୋକଟା ପ୍ରସ୍ତୁତ ନ ଥିଲା । ସେ ଆଗରୁ ମୁହଁମାଡ଼ି ପଡ଼ିଯିବା ସଙ୍ଗେ ସଙ୍ଗେ ଛୁରୀଟା ତା ହାତରୁ ଛିଟିକିଯାଇ କାନ୍ଥ ପାଖରେ ପଡ଼ିଗଲା । ସେ ଉଠୁ ନ ଉଠୁ ସୁକାନ୍ତବାବୁଙ୍କ ପ୍ରଚଣ୍ଡ ଘୁଷି ଆଘାତରେ ଘାଉଁରି ଖାଇ ଯାଇ କାନ୍ଥ ଦେହରେ ପିଟି ହୋଇଗଲା । ଏତିକିବେଳେ ବାହାରେ ଭାରି ବୁଟ୍‌ଜୋତାର ଆବାଜ ଶୁଣାଗଲା । ଠିକ୍ ତା ପରେ ପରେ ସଦଳବଳେ ଘର ଭିତରକୁ ପଶି ଆସିଲେ ପ୍ରତାପବାବୁ ।

—“ତୁମେ ଡା’ହେଲେ ଠିକ୍ ସମୟରେ ଆସିଯାଇଛ ସୁକାନ୍ତବାବୁ ! ଟିକିଏ ଡେରି କରିଥିଲେ ତ ସର୍ବନାଶ ହୋଇଥାନ୍ତା !” ପ୍ରତାପବାବୁ ଖୁସି ହୋଇ ଯାଇଥିଲେ ।

ଅଜୟବାବୁ ଲୋକଟାର ହାତରେ ହାତକଡ଼ି ଦେଇ ବୁରଖାଟା ଖୋଲିବାକୁ ଯାଉଥିଲେ । କିନ୍ତୁ ପ୍ରତାପବାବୁ ବାଧା ଦେଇ କହିଲେ—“ନା, ଥାଉ, ସେଟା ପାଣ୍ଡିଲଙ୍କ କାମ ।”

ପାଣ୍ଡିଲ ଆଗେଇଆସି ଭୟକମ୍ପିତ ହାତରେ ଲୋକଟାର ମୁହଁ ଉପରୁ ତାଙ୍କଣୀଟା କାଢ଼ିଦେଇ ସର୍ପାହତ ପରି ଚମକିପଡ଼ି ପଛକୁ ଦୁଇ ପାହୁଣ୍ଡ ହଟି-ଆସିଲେ । ମୁହଁରୁ ତାଙ୍କର ଅସ୍ପଷ୍ଟ ଆର୍ତ୍ତସ୍ୱର ବାହାରିଆସିଲା—“ହରି ପ୍ରଧାନ !”

ପ୍ରତାପବାବୁ ହସି ହସି କହିଲେ—“ଯବନିକା ଏଇଠି ।”

ବାର

ଦୁଇମାସ ପରେ······

ଗୋଟିଏ ଶାନ୍ତ ମଧୁର ସନ୍ଧ୍ୟା ।

ପାଣ୍ଡିଲଙ୍କ ବାସଭବନରେ ପ୍ରତାପବାବୁଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଏକ ସାନ୍ଧ୍ୟବୈଠକର ଆୟୋଜନ କରିଥାନ୍ତି ପାଣ୍ଡିଲ । ଖାଲି ପ୍ରତାପବାବୁ ନୁହନ୍ତି, ତାଙ୍କର ସାହାଯ୍ୟକାରୀ ଅନ୍ୟାନ୍ୟ କର୍ମୀ, ଉଚ୍ଚ ପୋଲିସ କର୍ମକର୍ତ୍ତା ଏବଂ ସହରର ସମ୍ମାନିତ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥାନ୍ତି ସେଠାରେ । ସମସ୍ତଙ୍କ ମୁହଁରେ

Digitized by PPRACHIN, SOA

ତ୍ରିପୁରାବାବୁ, ଅକ୍ଷୟବାବୁ ଆଉ ସୁକାନ୍ତବାବୁଙ୍କ ପ୍ରଶଂସା । ଦସ୍ୟୁ ସର୍ଦ୍ଦାର ସମେତ ଦଳଟାର ବଗୃର ଶେଷ ହୋଇଚ ଇତିମଧ୍ୟରେ । ବହୁ ମୂଲ୍ୟବାନ ଏବଂ ଗୁରୁତର ତଥ୍ୟ ପଦା'ରେ ପଡ଼ିଯାଇଚ । ଦସ୍ୟୁମାନେ ଅପରାଧ ଅନୁସାରେ କାରାଦଣ୍ଡ ଭୋଗୁଛନ୍ତି । ଏଥର ସମସ୍ତେ ଆଶ୍ୱସ୍ତ ।

ଏତିକବେଳେ ପୋଲିସ କମିଶନର ସାହେବ ଠିଆ ହୋଇ କିଛି କହିବେ ବୋଲି ସମସ୍ତଙ୍କୁ ନୀରବ ରହିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦେଶାନୁସାରେ ସମସ୍ତେ ଚୁପ୍ ହୋଇଗଲେ । କମିଶନର ସାହେବ କହିଲେ "ଏ ରହସ୍ୟମୟ ଘଟଣା ଭେଦ କରିବା ବଗରେ ତ୍ରିପୁରାବାବୁ ଆଉ ତାଙ୍କର ସାହାଯ୍ୟକାରୀମାନେ ଯେଉଁ ଅପୂର୍ବ ଦକ୍ଷତା ଦେଖାଇଛନ୍ତି ତାହା ପ୍ରଶଂସାର୍ହ । ମୁଁ ଅନୁରୋଧ କରୁଛି ପ୍ରିପୁରାବାବୁ ଏ ଘଟଣାଟି ସମ୍ବନ୍ଧରେ ତାଙ୍କର ଅନୁମାନ, ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରି ଆମ୍ଭମାନଙ୍କର ଆନନ୍ଦବର୍ଦ୍ଧନ କରନ୍ତୁ ।"

ଉପସ୍ଥିତ ଅତିଥିମାନଙ୍କର ସମ୍ମତିସୂଚକ କରତାଳି ଓ ଗୁଞ୍ଜନରେ କିଛି ସମୟ ପାଇଁ କୋଳାହଳ ଆରମ୍ଭ ହୋଇଗଲା ।

ପ୍ରିପୁରାବାବୁଙ୍କର ଆପତ୍ତି କରିବାର କିଛି ନ ଥିଲା । ସେ ଉପସ୍ଥିତ ଅତିଥି-ଗଣଙ୍କ ଆଡ଼କୁ ଚାହିଁ ହସ ହସ ହୋଇ କହିଲେ, "ଶୁଣନ୍ତୁ ।"

—"ଏଇ ନିର୍ମମ ହତ୍ୟାକାଣ୍ଡ ଘଟଣାଟା ଗୋଟାଏ ଶିକ୍ଷିତ, ସୁସ୍ଥମସ୍ତିଷ୍କ, ଚିନ୍ତାଶୀଳ ବ୍ୟକ୍ତିର କାମ । ପ୍ରଥମେ ମୁଁ ଘଟଣାଟା ନ କହି ତାର ଆରମ୍ଭରୁ ହିଁ କହୁଛି ଜ୍ୟୋତିପ୍ରସାଦ ପଟ୍ଟନାୟକ ସ୍ୱୟଂ ବଡ଼ ଉଦ୍ୟୋଗୀ ଥିଲେ ଏବଂ ଶ୍ରମ ଓ ବୁଦ୍ଧିବଳରେ ଗୁଡ଼ାଏ ଧନ ଅର୍ଜନ କରି ପାରିଥିଲେ । ଏହା ତାଙ୍କର ଅବିବାହିତ ଜୀବନର ସଫଳତା । ଏହି ସମୟରେ ହରି ପ୍ରଧାନ ତାଙ୍କର ଘରର ଖାନସାମା ନିଯୁକ୍ତ ପାଇଥିଲା । ଜ୍ୟୋତିପ୍ରସାଦ ଜଣେ ଆଦର୍ଶ ପୁରୁଷ ଥିଲେ ସତ୍ୟ ତାଙ୍କର ଚରିତ୍ରରେ ସାମାନ୍ୟ ତ୍ରୁଟି ଥିଲା । ତାରି ସୁଯୋଗ ନେଇ ହରି ପ୍ରଧାନ ଲକ୍ଷ୍ମୀ ନାମକ ଗୋଟିଏ ସ୍ତ୍ରୀ ଲୋକକୁ ଆଣି ଜୁଟାଇଥିଲା ତାଙ୍କ ପାଖରେ । ହରି ପଧାନର ମଧ୍ୟ ଲକ୍ଷ୍ମୀ ସହିତ ଭଲ ସମ୍ପର୍କ ଥିଲା । ଜ୍ୟୋତିପ୍ରସାଦ ଲକ୍ଷ୍ମୀକୁ ଖୁବ୍ ସୁଖରେ ରଖିଥିଲେ ଏବଂ ବର୍ଷେ ଦୁଇ ବର୍ଷ ପରେ ତାଙ୍କର ଗୋଟିଏ ପୁଅ ହୋଇଥିଲା । ମା'ଙ୍କ ଜିଦ୍ ଓ ବନ୍ଧୁମାନଙ୍କର ଅନୁରୋଧ ଓ ଚାପ ଫଳରେ ଜ୍ୟୋତିପ୍ରସାଦ କୁଳୀନା

Digitized by PPRACHIN, SOA

କନ୍ୟାଟିଏ ବାଧ୍ୟ ହୋଇ ବିବାହ କଲେ । ଫଳରେ ଲକ୍ଷ୍ମୀ ଉପରୁ ତାଙ୍କର ସ୍ନେହ କମିଗଲା ଏବଂ ତାକୁ ସେ ସାହାଗଞ୍ଜଠାରେ ଘରଦ୍ୱାର କରାଇ ରଖାଇ ଦେଇଥିଲେ ଏବଂ ଯଥେଷ୍ଟ ଅର୍ଥ ମଧ୍ୟ ଦେଇଥିଲେ ତାର ଚଳାଚଳପାଇଁ । ପୁଅଟିର ଶିକ୍ଷାଦୀକ୍ଷାର ବ୍ୟବସ୍ଥା ମଧ୍ୟ କରିଦେଇଥିଲେ । କେବେକେବେ ଖୁବ୍ ଗୋପନରେ ସେଠାକୁ ଯାଉଥିଲେ ମଧ୍ୟ ।

"କ୍ରମେ କାନ୍ତିଲାଲ ଏବଂ ଦୀପ୍ତିଲାଲ ଜନ୍ମ ହେଲେ । ଜ୍ୟୋତିପ୍ରସାଦଙ୍କ ଜଞ୍ଜାଳ ବଢ଼ିଗଲା । ଲକ୍ଷ୍ମୀ ଏକ ସୁଯୋଗରେ ଏକକାଳୀନ ଗୁଡ଼ାଏ ଟଙ୍କା ଜ୍ୟୋତିପ୍ରସାଦଙ୍କଠାରୁ ହାତ କରିନେଲା । ଏଥିରେ ହରି ପଧାନର ପରାମର୍ଶ ଥିଲା । କ୍ରମେ ଲକ୍ଷ୍ମୀ ଉପରୁ ଜ୍ୟୋତିପ୍ରସାଦଙ୍କର ସ୍ନେହ କମିଆସିଲା । ସନ୍ଦେହ କରି ସେ ହରି ପଧାନ ଏବଂ ଲକ୍ଷ୍ମୀକୁ ଥରେ ଏକ ଅସତର୍କ ମୁହୂର୍ତ୍ତରେ ସାହାଗଞ୍ଜଠାରେ ଦେଖିଲେ ମଧ୍ୟ । ସେହିଦିନଠାରୁ ଜ୍ୟୋତିପ୍ରସାଦ ନିଜର ଏବଂ ପିଲା ଦୁଇଟିଙ୍କର ତଥା ସମ୍ପତ୍ତିର ନିରାପତ୍ତାପାଇଁ ବ୍ୟାକୁଳ ହୋଇ ଉଠିଥିଲେ ।

"ଲକ୍ଷ୍ମୀ ଜ୍ୟୋତିପ୍ରସାଦଙ୍କଠାରୁ ପ୍ରାପ୍ତ ଅର୍ଥରେ ପୁଅକୁ ପାଠ ପଢ଼ାଇ ଶିକ୍ଷିତ କଲା । ସେ ପୁଅ ହେଉଛନ୍ତି ଆମର ଏ ନାଟକର ମୁଖ୍ୟ ଅଭିନେତା ଆଡ୍‌ଭୋକେଟ ଗୋଲକ ପଟ୍ଟନାୟକ । ଗୋଲକବାବୁ ଓକିଲାତି ପାସ୍ କରି ଆସିଲେ । ଏହି ସମୟରେ ଜ୍ୟୋତିପ୍ରସାଦ ତାଙ୍କ ଓକିଲ ଜୋସେଫ୍ ଆଣ୍ଡରସନ୍‌ଙ୍କ ଦ୍ୱାରା ଏକ ଉଇଲ ସମ୍ପାଦନ କରାଇଲେ । ସେଥିରେ ସର୍ତ୍ତ ଥିଲା ଯେ, ତାଙ୍କ ଅନ୍ତେ ତାଙ୍କ ସକଳ ସ୍ଥାବର ଅସ୍ଥାବର ସମ୍ପତ୍ତିର ମାଲିକ କାନ୍ତିଲାଲ ପଟ୍ଟନାୟକ ଦୀପ୍ତିଲାଲ ପଟ୍ଟନାୟକ ଏବଂ ତାଙ୍କର ପୁତ୍ରପୌତ୍ରାଦିଗଣ ।

"ମାତ୍ର ହରି ପଧାନ ଏଇଠି ଖେଳ ଖେଳିଲା । ଗୋଲକ ପଟ୍ଟନାୟକ ତାଙ୍କର ଔରସଜାତ ସନ୍ତାନ ବୋଲି ଦାବୀକରି ସେ ତାର ମଧ୍ୟ ସମ୍ପତ୍ତିରେ ଗୋଟାଏ ଅଂଶ ରହୁ ବୋଲି ଆପତ୍ତି କଲା । ନ ହେଲେ ସବୁ କଥା ସେ ପ୍ରକାଶ କରିଦେବ ବୋଲି ଧମକ ଦେଲା । ଜ୍ୟୋତିପ୍ରସାଦ ଏଥିରେ ଭୀତ ହୋଇ ତାର ନାମ ମଧ୍ୟ ଉଇଲରେ ଉଲ୍ଲେଖ କଲେ ଏବଂ ସର୍ତ୍ତ ଥିଲା ଯେ ଏମାନେ କେହି ଜୀବିତ ନ ରହିଲେ ଗୋଲକ ପଟ୍ଟନାୟକ ସକଳ ସମ୍ପତ୍ତିର ମାଲିକ ହେବ । ହରି ପଧାନ ଅବଶ୍ୟ ଏତେ କଥା ବୁଝିପାରିଲା ନାହିଁ । କିନ୍ତୁ ଉଇଲରେ ଗୋଲକ ପଟ୍ଟନାୟକଙ୍କ ନାମ ରହିଲା ଜାଣି ଆଶ୍ୱସ୍ତ ହେଲା ।

Digitized by PPRACHIN, SOA

"ଗୋଲକ ପଟ୍ଟନାୟକ ଦୁର୍ଭାଗ୍ୟକ୍ରମେ ଜୋସେଫ୍ ଆଣ୍ଡରସନ୍‌ଙ୍କ ନିକଟରେ ଜୁନିୟର ଭାବରେ କାମ ଶିଖିଲେ । ହରି ପଧାନର ପ୍ରରୋଚନାରେ ଆଣ୍ଡରସନ୍‌ଙ୍କଠାରେ ଥିବା ଫାଇଲ୍ ସେ ଗୋପନରେ ଦେଖିଲେ ଏବଂ ତାର ବିଚିତ୍ର ସର୍ତ୍ତାବଳୀରେ ବିସ୍ମିତ ହେଲେ । ତା ପରେ ହରି ପଧାନଠାରୁ ସମସ୍ତ ବିବରଣୀ ଶୁଣି ଗୋଟାଏ ମାରାତ୍ମକ ସମ୍ଭାବନା ଭାବରେ ପ୍ରଭାବିତ ହୋଇ ପଡ଼ିଲେ ଏବଂ ବିରାଟ ସମ୍ପତ୍ତି ପ୍ରତି ପ୍ରଲୁବ୍ଧ ଦୃଷ୍ଟି ପକାଇଲେ ।

"ଜ୍ୟୋତିପ୍ରସାଦଙ୍କ ଗତିବିଧି ଉପରେ ଦୃଷ୍ଟି ରଖି ସେ ତାଙ୍କୁ ହତ୍ୟା କରିବାପାଇଁ ମୁରାଦ ଅଲ୍ଲୀ ଖାଁ ନାମରେ ଏକ ନରହନ୍ତାକୁ ନିଯୁକ୍ତ କଲେ । ମୁରାଦ ଅଲ୍ଲୀ ଖାଁକୁ ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଦିଷ୍ଟ ସ୍ଥାନରେ ହରି ପ୍ରଧାନ ସାହାଯ୍ୟ କରିଥିଲା । ଜ୍ୟୋତିପ୍ରସାଦ ନିହତ ହେଲା ପରେ ଯେଉଁ ବ୍ୟାପକ ତଦନ୍ତ ହେଲା, ସେଥିରେ ମୁରାଦ ଅଲ୍ଲୀ ଖାଁ ସନ୍ଦେହରେ ଧରାଗଲା । ପୋଲିସ ପକ୍ଷରୁ କିଛି ପଚରାପଚରି ହେବା ଆଗରୁ ଜୋସେଫ୍ ଆଣ୍ଡରସନ୍ ଏବଂ ଗୋଲକ ପଟ୍ଟନାୟକ ତାକୁ ସାକ୍ଷାତ କରିବାକୁ ଯାଇଥିଲେ । ଜୋସେଫ୍ ଆଣ୍ଡରସନ ଅବଶ୍ୟ ଏପରି ଏକ ନରହନ୍ତାର ଓକିଲ ହେବାକୁ ଇଚ୍ଛା କରୁ ନ ଥିଲେ । କିନ୍ତୁ ତାଙ୍କର ଜୁନିୟର ଆଡ଼ଭୋକେଟ ଗୋଲକବାବୁଙ୍କ ଶତ ଅନୁରୋଧ ସେ ଏଡ଼ାଇ ଦେଇପାରି ନ ଥିଲେ । ସେପର୍ଯ୍ୟନ୍ତ ଗୋଲକବାବୁଙ୍କ ଉପରେ ତାଙ୍କର ଉଚ୍ଚ ଧାରଣା ଥିଲା ।

"ହାଜତରେ କଥାବାର୍ତ୍ତାଛଳରେ ଏକପ୍ରକାର ବିଷାକ୍ତ ଆଲପିନ୍ ଦ୍ୱାରା ଗୋଲକବାବୁ ମୁରାଦର ହାତକୁ ସମସ୍ତଙ୍କ ଅଲକ୍ଷ୍ୟରେ ଆଘାତ କରିଥିଲେ, ଯାହା ଫଳରେ ମୁରାଦକୁ ପୋଲିସ କିଛି ପଚାରିବା ଆଗରୁ ତାର ମୃତ୍ୟୁ ହୋଇଥିଲା । ମାତ୍ର ପିନ୍ ଫୋଡ଼ିଦେବା ସମୟରେ ଆଣ୍ଡରସନ ଦେଖିଥିଲେ ଏବଂ ସେକଥା ସେ ଘରେ ଗୋଲକବାବୁଙ୍କୁ ପଚାରିଲେ । ଅନେକ ରାତି ପର୍ଯ୍ୟନ୍ତ ଉଭୟଙ୍କର ବଚସା ହୋଇଥିଲା । ସକାଳ ହେଲେ ଆଣ୍ଡରସନ୍ ଯେ ଏ ଘଟଣା ପୋଲିସ କାନକୁ ନେବେ, ଏଥିରେ ଆଉ ସନ୍ଦେହ ନ ଥିଲା । ତେଣୁ ଆଣ୍ଡରସନ୍ ଶୋଇଥିବାବେଳେ ଗୋଲକବାବୁ ସେହି ପିନ୍‌ଦ୍ୱାରା ତାଙ୍କୁ ମଧ୍ୟ ହତ୍ୟା କଲେ । ତେଣୁ ମୁରାଦ ଅଲ୍ଲୀଖାଁ ଓ ଜୋସେଫ୍ ଆଣ୍ଡରସନ୍ ଉଭୟଙ୍କ ମୃତ୍ୟୁ ଏକପ୍ରକାର ହୋଇଥିଲା । ଏହି ପିନ୍‌ରୁ କେତୋଟି ଗୋଲକବାବୁଙ୍କ ଆଲମୀରାରୁ ମୁଁ ସଂଗ୍ରହ କରିପାରିଛି । ତା ହୁଏତ ଆଉ କେତେଜଣଙ୍କୁ ହତ୍ୟା କରିବାରେ ଲାଗି ପାରିଥାନ୍ତା ।

Digitized by PPRACHIN, SOA

"ମୁରାଦ ଅଲ୍ଲୀ ଖାଁ ମନପରେ ତାର ସାହାଯ୍ୟକାରୀ ରହିଲା ଅନ୍ଧକାରରେ । କାରଣ ସେ ଥିଲା ହରି ପଧାନ, ଯାହାଙ୍କୁ କ ଘୃଣାକ୍ଷରେ ସୁଦ୍ଧା କେହି ସନ୍ଦେହ କରୁ ନ ଥିଲେ । କିନ୍ତୁ, ଅତି ନିକଟତମ ବ୍ୟକ୍ତି ଛଡ଼ା ଏପରି ଜଗି ରଖି ହତ୍ୟା ହୁଏ ନାହିଁ, ଏକଥା ଠିକ୍ । ସେ ନିକଟତମ ବ୍ୟକ୍ତି ଯେ ହରି ପଧାନ, ତାହା ମୁଁ ଆରମ୍ଭରୁ ହିଁ ସନ୍ଦେହ କରିଥିଲି ।

"ଦ୍ୱିତୀୟ ହତ୍ୟା ହେଲା କାନ୍ତିଲାଲଙ୍କର । ତାଙ୍କର ଘରେ ଅନୁପସ୍ଥିତିର ସୁଯୋଗ ନେଇ ସେଦିନ ହରି ପଧାନ ସାହାଗଞ୍ଜ ଯାଇ ସମସ୍ତ ବ୍ୟବସ୍ଥା କରି ସନ୍ଧ୍ୟାକୁ ଫେରିଆସିଥିଲା । ଗୋଲକବାବୁ ହତ୍ୟାକାରୀ ଖବରେ ହମିଦ ଅଲ୍ଲୀକୁ ନିଯୁକ୍ତ କରିଥିଲେ । ସେ ହୋଟେଲ ମୁନ୍‌ଲାଇଟ୍‌ରୁ ମାତାଲ ଅବସ୍ଥାରେ ଆସି ଗୋଲକବାବୁଙ୍କ ସହ ଘଟଣାସ୍ଥଳକୁ ଯାଇଥିଲା ।" ଏହି ଉକ ହୋଟେଲରେ ମାତଲାମୀ କରି ସେ କେତେକ କ୍ଷତି ଘଟାଇଥିଲା ଏବଂ ଗୋଲକବାବୁ ସେ କ୍ଷତିପୂରଣ କରିଥିଲେ । ଦୈବଯୋଗକୁ ରାତିରେ ଝଡ଼ବର୍ଷା ବି ହେଲା । ଖୁବ୍ ଗୁପ୍ତରେ ହରି ପଧାନ କାନ୍ତିଲାଲଙ୍କୁ ଫୋନ୍ କରିଥିଲା ଯେ, "ସୁବ୍ରତ ଅସୁସ୍ଥ । ସେ ଶୀଘ୍ର ଫେରିଆସନ୍ତୁ ।" ସେ ଖବର ପାଇ କାନ୍ତିଲାଲ ବ୍ୟସ୍ତ ହୋଇ ପଳାଇ-ଆସିଲେ ଏବଂ ବାଟରେ ଝଡ଼ବର୍ଷା ସମୟରେ କାନ୍ତିଲାଲଙ୍କୁ ଗୋଟାଏ ଭୁଲ ସାଇନ-ବୋର୍ଡ଼ ଦେଖାଇ ଅଜାଗାକୁ ନେଇ ହତ୍ୟା କଲେ । ଏହି ହତ୍ୟା ହମିଦ ଅଲ୍ଲୀ ଦ୍ୱାରା ହୋଇଥିଲା ଏବଂ ଗୋଲକବାବୁ ସାହାଯ୍ୟକାରୀଭାବରେ ଯାଇ ଖଣ୍ଡେ ଦୂରରେ ଅପେକ୍ଷା କରିଥିଲେ । ସେଠାରୁ ମିଳିଥିବା ପାଦଚିହ୍ନ ଏବଂ ଖଣ୍ଡିଆ ଦାମୀ ସିଗାରେଟ୍ ତାର ପ୍ରମାଣ ଦେଉଛି । ହତ୍ୟା ପରେ ହମିଦ ଅଲ୍ଲୀକୁ ହାତମୁଠାରେ ରଖିବାପାଇଁ ଗୋଲକବାବୁ ତାଙ୍କୁ ନିଜ ଘରେ ରଖାଇଥିଲେ ।

"ହମିଦ ଅଲ୍ଲୀ ପୁଣି ଥରେ ଯେଉଁଦିନ ହୋଟେଲ ମୁନ୍ ଲାଇଟ୍‌ରେ ଭଙ୍ଗାରୁଜା କଲା, ସେଦିନ ତା'ର ଦ୍ୱିତୀୟ ପ୍ରୋଗ୍ରାମ ଥିଲା । ସେ ଆସି ଗୋଲକ-ବାବୁଙ୍କ ସହିତ ଖୁବ୍ ପାଟିତୁଣ୍ଡ କରିଥିଲା । ତା ପରେ ଘଟଣାସ୍ଥଳକୁ ଦୁହେଁ ଆସିଥିଲେ । ପୂର୍ବ ଆୟୋଜନ ଅନୁଯାୟୀ ହରି ପଧାନ ଦୁଧ ସହିତ କଡ଼ା ନିଦ ଔଷଧ ଦେଇଥିଲା ସୁଲତା ଦେବୀ ଆଉ ସୁବ୍ରତଙ୍କୁ । ରାତିଅଧରେ ବିଜୁଳୀଲାଇନ ସେ ଜାଣି ଜାଣି ଅଫ କରିଥିଲା ଏବଂ ରାତି ଅଧରେ ବାଡ଼ପଟ ଦରଜା ଖୋଲି-ଦେଇଥିଲା, ଯାହା ଫଳରେ ସୁବ୍ରତ ହରଣଗ୍ଲାନ ହୋଇଗଲା । ମୁଁ ଅଜସ୍ରକୁ

Digitized by PPRACHIN, SOA

ପଠାଇଦେଲି ପରେ କେ ଆସି ସବୁ ଘଟଣା ସେଇଠି ଲକ୍ଷ୍ୟ କରୁଥିଲି ଏବଂ ଗୋଲକବାବୁଙ୍କ କାର୍ ଉପରେ ଆତ୍ମଗୋପନ କରିଥିଲି । ଗୋଲକବାବୁ ସୁବ୍ରତଙ୍କୁ ବନ୍ଦୀ ଅବସ୍ଥାରେ ସାହାଗଞ୍ଜରେ ଗାଡ଼ୀରୁ ପଠାଇ ଥିଲେ । ମୁଁ ସେଇଠି କାର୍‌ରୁ ଖସିଆସିଲି । ସେଇଠି ଲକ୍ଷ୍ମୀଘରେ ମୁଁ ଏମାନଙ୍କ ଚକ୍ରାନ୍ତ ଶୁଣିପାରିଥିଲି ।

"ପରଧନ ସକାଶୁ ହରି ପଧାନର ଚକ୍ରାନ୍ତରେ ପାପ୍ରିଲିଲ ହାତଛଡ଼ା ହେଲେ । ଯଥାସମୟରେ ସୁବ୍ରତ ଓ ପାପ୍ରିଲିଲ ଏବଂ ସୁଲତା ଦେବୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟ ଥିଲା ଗୋଲକବାବୁଙ୍କର । କିନ୍ତୁ ତାହା ହୋଇପାରିଲା ନାହିଁ ।

"ଏ ନାଟକରେ ଆମକୁ ବିଶେଷ ଭାବରେ ସାହାଯ୍ୟ କରିଛନ୍ତି ସୁକାନ୍ତବାବୁ ଓରଫ୍ ତାରକନ । ସାରା ରାତି ଅନିଦ୍ରା ରହି ସେ ହରି ପଧାନର କାର୍ଯ୍ୟକଳାପ ଲକ୍ଷ୍ୟ କରିଛନ୍ତି ଏବଂ ଯଥାଯଥ ସମ୍ବାଦ ସମୟାନୁସାରେ ଯୋଗାଇ ଦେଇଛନ୍ତି । ସେ ନ ଥିଲେ ଦସ୍ୟୁଗୃହାରେ ପ୍ରବେଶ କରି ପାପ୍ରିଲିଲଙ୍କୁ ସଶରୀରରେ ଦେଖିବା ସମ୍ଭବ ହୋଇ ନ ଥାନ୍ତା, ହମିଡ ଅଲ୍ଲୀ ପରି ବଳବାନ ନରହନ୍ତା ହାତରୁ ସୁବ୍ରତଙ୍କୁ ମୁକ୍ତ କରି ହୋଇ ନ ଥାନ୍ତା କି ସୁଲତା ଦେବୀଙ୍କୁ ମଧ୍ୟ ହରି ପଧାନର ଶନିଦୃଷ୍ଟିରୁ ଜୀବିତ ରକ୍ଷା କରାଯାଇ ପାରି ନ ଥାନ୍ତା । ତେଣୁ ତାରକନ ହିଁ ନାଟକର ସଫଳତା ପାଇଁ ମୁଖ୍ୟତଃ ଦାୟୀ । ମୁଁ ସମସ୍ତଙ୍କ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଉଛି ।"

ପୋଲିସ କମିଶନର ସାହେବ ତାଳିମରି ବନ୍ଦ କରି କହିଲେ—"ଆଚ୍ଛା, ପ୍ରଦୀପବାବୁ ! ଯେଉଁ ତାରକନ୍ ଚନ୍ଦ୍ରଦୀପ ଅଭିଯାନରେ ଅସାଧାରଣ ବୀରତ୍ୱ ଦେଖାଇଥିଲେ, ଏ କଣ ସେଇ ?

ପ୍ରଦୀପବାବୁ ଉଚ୍ଚସ୍ୱରରେ ହସି ହସି କହିଲେ—"ଏଇ ! ନିଃସନ୍ଦେହ-ଭାବରେ ।"

କମିଶନର ସାହେବ ଧାଇଁଆସି ତାରକନଙ୍କୁ କୁଣ୍ଢାଇପକାଇଲେ; କହିଲେ —"ଏଥର ଏ ମହାନଗରୀରେ ତାରକନ ଯେଉଁ କାର୍ଯ୍ୟାବଳୀ ଦେଖାଇଲେ ତାହା ନଗରବାସୀଙ୍କର ସ୍ମରଣୀୟ ହୋଇ ରହିବ ।"

ସମସ୍ତେ ତାଳି ଦେବା ସଙ୍ଗେ ସଙ୍ଗେ ଆନନ୍ଦ କୋଳାହଳ କରି ଉଠିଲେ ।

—✱—

Digitized by PPRACHIN, SOA

ତାରଜନ୍ ସିରଜ—

୧ମ ଜଙ୍ଗଲ ସମ୍ରାଟ ତାରଜନ
୨ୟ ରତ୍ନଦ୍ୱୀପରେ ତାରଜନ
୩ୟ ମହାନଗରରେ ତାରଜନ
୪ର୍ଥ ପାତାଳପୁରରେ ତାରଜନ
୫ମ ସାଗରବୁକୁରେ ତାରଜନ
୬ଷ୍ଠ ଆକାଶପଥେ ତାରଜନ
୭ମ ଆଫ୍ରିକା ଜଙ୍ଗଲରେ ତାରଜନ
୮ମ ଓଡ଼ିଶା ରାଜ୍ୟରେ ତାରଜନ
୯ମ ସାହାରାପଥେ ତାରଜନ
୧୦ମ ଜାମ୍ବେଜକୂଳେ ତାରଜନ

[illegible]
ସାଥୀ ପକେଟ୍ ବୁକ୍
ମୂଲ୍ୟ : [illegible]

ସଇତାନ ମହଲ ସିରଜ—

୧ମ ସଇତାନ ମହଲ
୨ୟ ଅଭ୍ରାନ୍ତା ଖୁଣୀ
୩ୟ ରକ୍ତ କମଳ
୪ର୍ଥ ମୃତ୍ୟୁ ମଣ୍ଡପ
୫ମ ଅଣ୍ଡଳ ଲିପି
୬ଷ୍ଠ ଯମ ଦ୍ୱାର
୭ମ ଦୁର୍ଦ୍ଦାନ୍ତ ନାୟିକା
୮ମ ନାଗ କଙ୍କଣ
୯ମ ଅଗ୍ନି ଚକ୍ର
୧୦ମ ଅଳକା ନଦ

ଚରିତ୍ର ଗଠନ ପାଇଁ
"ଗୀତା"
ପଢନ୍ତୁ

ଦୀପକ ସିରଜ

୧ମ ଦସ୍ୟୁ ଦୀପକ
୨ୟ ଦସ୍ୟୁ ସଙ୍ଗେ ସାଥୀ ଦୀପକ
୩ୟ ଧର୍ମସୀ ଦୀପକ
୪ର୍ଥ କାଶ୍ମୀରର ଦୀପକ
୫ମ ସୀମାନ୍ତରେ ଦୀପକ
୬ଷ୍ଠ ଜେଲର ଅଗ୍ନିମୁଖେ ଦୀପକ
୭ମ ସାଗରପଥେ ଦୀପକ
୮ମ ବୈଜ୍ଞାନିକ ଦୀପକ
୯ମ ଆଫ୍ରିକା ଜଙ୍ଗଲରେ ଦୀପକ
୧୦ମ ମରୁ ଉଦ୍ୟାନରେ ଦୀପକ

ଲେଖକଙ୍କ
ନାଟକ
[illegible]
[illegible]

Digitized by PPRACHIN, SOA